# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 22/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 116 | ମୂଲ୍ୟ ₹୭/-




## ଧୂରନ୍ଧର-୨: ଦୁଇଦିନରେ ଆୟ ୨୨୬ କୋଟି

ଆଦିତ୍ୟ ଧର୍ଙ୍କ ନିର୍ଦ୍ଦେଶିତ ଓ ରଣବୀର ସିଂଙ୍କ ଅଭିନୀତ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ଧୂରନ୍ଧର-୨' ମୁକ୍ତିଲାଭ କରିବାର ୨ ଦିନ ମଧ୍ୟରେ ୨୨୬.୨୭ କୋଟି ଟଙ୍କା ଆୟ କରିଛି।

୦୪

୦୮

## ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ

ଚଣ୍ଡିଗଡ଼ରେ ଚାଲିଥିବା ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଓଡ଼ିଶାର ପାର୍ବତୀ ସେଠୀ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।





୩ ମାସର ବକେୟା ଦରମା ସମେତ ୭ ଦଫା ଦାବି ନେଇ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକପାଚିକା ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନବେଳେ ଶନିବାର ଜଣେ ପାଚିକା ରାସ୍ତାରେ ଶୋଇ କାନ୍ଦି ନିଜ ଦୁଃଖ ଜଣାଉଛନ୍ତି। **(ଫଟୋ– ମନୋରଞ୍ଜନ ମିଶ୍ର)**

# କ୍ରସ୍ ଭୋଟିଂ: ବିଜେଡିର ୬ ବିଧାୟକ ନିଲମ୍ବିତ

- **ସମସ୍ତଙ୍କ ବିଧାନସଭା ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଜଣାଇବୁ: ପ୍ରମିଳା**
- **ପିଏସି ବୈଠକରେ ନିଆଗଲା ନିଷ୍ପତ୍ତି**

**ଭୁବନେଶ୍ୱର, ୨୧।୩ (ସୁନିତ୍ ମିଶ୍ର)**

କ୍ରସ୍ ଭୋଟିଂ କରିଥିବା ବିଜେଡିର ୬ ବିଧାୟକଙ୍କୁ ଶନିବାର ଦଳରୁ ନିଲମ୍ବନ କରାଯାଇଛି। ବିଧାୟକ ଚକ୍ରମଣି କହଁର, ନବ କିଶୋର ମଲିକ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଏବଂ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି। ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକରେ ନିଷ୍ପତ୍ତି ହେବାପରେ ଏନେଇ ଘୋଷଣା କରାଯାଇଛି। ପିଏସି ଅଧ୍ୟକ୍ଷ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏହି ନିଲମ୍ବନ ଆଦେଶ ପ୍ରକାଶ ପାଇଛି।

ଗତ ୧୬ ତାରିଖରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନରେ ନିର୍ବାଚନ ହୋଇଥିଲା। ଏଥିରେ ମିଳିତ ବିରୋଧୀ ଦଳ ପକ୍ଷରୁ ସ୍ୱାଧୀନ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ପ୍ରାର୍ଥୀ ହୋଇଥିଲେ। ବିଜେଡି ସବୁ ବିଧାୟକଙ୍କୁ ନେଇ ବୈଠକ କରିବା ସହ ଦତ୍ତେଶ୍ୱରଙ୍କୁ ଭୋଟ ଦେବା ଲାଗି ହ୍ୱିପ୍ ଜାରି ☞ପୃଷ୍ଠା–୪



ଚକ୍ରମଣି କହଁର



ନବ କିଶୋର ମଲିକ



ସୌଭିକ ବିଶ୍ୱାଳ



ସୁବାସିନୀ ଜେନା



ରମାକାନ୍ତ ଭୋଇ



ଦେବୀରଞ୍ଜନ ତ୍ରିପାଠୀ

ଇରାନ ତୈଳ ଉପରୁ କଟକଣା ହଟାଇଲେ ଟ୍ରମ୍ପ୍
........୩........

**ଆଜିର ସମ୍ପାଦକୀୟ**

ପ୍ରକୃତ ଖଳନାୟକ

# ଅଖା ଭିତରେ ନିଖୋଜ ନାବାଳିକାଙ୍କ ମୃତଦେହ

**ଘର ନିକଟରୁ ଜଣେ ୧୫ବର୍ଷୀୟା ନାବାଳିକା ନିଖୋଜ ହେବାର ୧୨ଘଣ୍ଟା ପରେ ଅଖା ଭିତରୁ ତାଙ୍କର ମୃତଦେହ ଜବତ ହୋଇଛି। ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସିଅଧୀନ ୧୫ନଂ.ୱାର୍ଡବଣସାହିରେ ଶନିବାର ସକାଳେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତା ନାବାଳିକା ହେଲେ ମନସା ବିନ୍ଧାଣୀ। ନାବାଳିକାଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ କଠୋର ଦଣ୍ଡ ଦେବାକୁ ପରିବାର ଲୋକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷରେ ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।**

**କରଞ୍ଜିଆ,୨୧।୩ (କବିତା ମହାନ୍ତ)**

ମନସା କରଞ୍ଜିଆର ଏକ ଘରୋଇ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢ଼ନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ମନସା ଘରେ ରୋଷେଇ କରୁଥିଲେ। ଏହାର କିଛି ସମୟ ପରେ ସେ ନିଖୋଜ ହୋଇଯାଇଥିବା ନେଇ ବାପା ରଞ୍ଜନ ବିନ୍ଧାଣୀ କରଞ୍ଜିଆ ଥାନାରେ ରାତିରେ ଏତଲା ଦେଇଥିଲେ। କରଞ୍ଜିଆ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଉପରେ ତାଙ୍କର ସନ୍ଦେହ ହେଉଥିବା ରଞ୍ଜନ ଏତଲାରେ ଦର୍ଶାଇଥିଲେ। ପରିବାର ଲୋକେ ରାତିରେ ଗାଁ ନିକଟରେ ପୋଲିସ ଓ ପଡ଼ୋଶୀଙ୍କ ସହଯୋଗରେ ଝିଅକୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ବଣସାହିସ୍ଥିତ କାଠଡିପୋ ନିକଟରେ ଥିବା ଏକ ବାଉଁଶ ବୁଦା ପାର୍ଶ୍ୱରେ ଏକ ଅଖାବସ୍ତାରେ ମନସାଙ୍କ ମୃତଦେହ ☞ପୃଷ୍ଠା–୪







## ଦିଲ୍ଲୀରେ ଆଜି



ଇଦ୍-ଉଲ୍-ଫିତର ଅବସରରେ ଶନିବାର ଦିଲ୍ଲୀର ଜାମା ମସ୍‌ଜିଦଠାରେ ପିଲାମାନେ ଉତ୍ସବ ମନାଉଛନ୍ତି। (ଫଟୋ: ଚମନ ଗୌତମ)

# ପୋଲିସର ଅନ୍‌ଲାଇନ ଭିଡିଓ ଅପ୍‌ଲୋଡ୍ ନିରପେକ୍ଷ ବିଚାରରେ ବାଧକ

## ଚିନ୍ତାବ୍ୟକ୍ତ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୩(ପି.ଟି.)

ଲୋକେ ମୋବାଇଲ୍ ଫୋନ୍‌ରେ ଭିଡିଓ ଶୁଟ୍ କରି ତତ୍‌କ୍ଷଣାତ୍ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିଦେଉଥିବାରୁ ସୁପ୍ରମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଲୋକମାନଙ୍କ ଏଭଳି କାର୍ଯ୍ୟ ନିରପେକ୍ଷ ତଦନ୍ତ ପ୍ରତି ବାଧକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି।

ପୋଲିସ ଅଭିଯୁକ୍ତଙ୍କ ଭିଡିଓ ଏବଂ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଜନସାଧାରଣଙ୍କ ମନରେ ପକ୍ଷପାତିତା ସୃଷ୍ଟି କରୁଥିବା ଅଭିଯୋଗରେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ବେଳେ ଖଣ୍ଡପୀଠ ଉପରୋକ୍ତ ମତ ଦେଇଛନ୍ତି। ପୋଲିସ ଗଣମାଧ୍ୟମକୁ କୌଣସି ଅପରାଧ ମାମଲା ସମ୍ପର୍କରେ ସୂଚନା ଦେବା ନେଇ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ଅନ୍ୟ ଏକ ମାମଲାରେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ସୋସିଆଲ ମିଡିଆ ପୋଷ୍ଟକୁ ମଧ୍ୟ ଏଥିରେ ସାମିଲ କରାଯିବା ଆବଶ୍ୟକ। ଖଣ୍ଡପୀଠ ଶୁଣାଣି ଅବସରରେ ଆବେଦନକାରୀ



ହେମେନ୍ଦ୍ର ପଟେଲଙ୍କୁ କହିଥିଲେ, ଗାଇଡ୍‌ଲାଇନ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କର। ଆଜିକାଲି ମୋବାଇଲ୍ ଫୋନ୍ ଥିବା ପ୍ରତ୍ୟେକ ବ୍ୟକ୍ତି ଗଣମାଧ୍ୟମ ବନିଯାଉଛନ୍ତି ବୋଲି ପଟେଲଙ୍କ ଓକିଲ ଗୋପାଳ ଶଙ୍କରନାରାୟଣନ କହିଥିବାବେଳେ ଖଣ୍ଡପୀଠ ଏଥିରେ ସହମତ ହୋଇଥିଲେ।

## ୬୦ ବର୍ଷ ମଧ୍ୟରେ ପ୍ରଥମ: ଇଦ୍‌ରେ ବନ୍ଦ ହେଲା ଅଲ୍ ଆକ୍‌ସା ମସ୍‌ଜିଦ୍

ଜେରୁଜେଲମ୍ ,୨୧।୩

ଇରାନ୍-ଆମେରିକା ଯୁଦ୍ଧକୁ ନେଇ ଏବେ ସମଗ୍ର ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇପଡ଼ିଛି। ଇରାନ୍‌ଠାରୁ ଇସ୍ରାଏଲ ଯାଏ ସବୁଠି ଭୟର ବାତାବରଣ ଦେଖାଯାଇଛି। ଇତିମଧ୍ୟରେ ଇଦ୍‌ରେ ଜେରୁଜେଲମ୍‌ସ୍ଥିତ ଅଲ୍ ଆକ୍‌ସା ମସ୍‌ଜିଦ୍‌କୁ ବନ୍ଦ କରିଦିଆଯିବା ଘଟଣା ଇସ୍‌ଲାମିକ୍ ଜଗତରେ ଉଦ୍‌ବେଗ ସୃଷ୍ଟି କରିଛି। ମକ୍କା ଏବଂ ମଦିନା ପରେ ଜେରୁଜେଲମ୍‌ସ୍ଥିତ ଏହି ମସ୍‌ଜିଦ୍ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ପାଇଁ ବହୁ ଗୁରୁତ୍ୱବହନ କରେ। କିନ୍ତୁ ଇଦ୍ ସମୟରେ ଏହି ମସ୍‌ଜିଦ୍‌ରେ ଶ୍ରଦ୍ଧାଳୁମାନଙ୍କୁ ନମାଜପାଠ ଲାଗି ଅନୁମତି ଦିଆଯାଇ ନାହିଁ। ୧୯୬୭ରେ ଇସ୍ରାଏଲ ଓ ଆରବ ଦେଶସମୂହଙ୍କ ଯୁଦ୍ଧ ପରେ ପ୍ରାୟ ୬୦ ବର୍ଷ ପରେ ଇଦ୍ ସମୟରେ ଏହି ମସ୍‌ଜିଦ୍‌କୁ ବନ୍ଦ ରଖାଯାଇଛି। ସୁରକ୍ଷା ଦୃଷ୍ଟିରୁ ଇସ୍ରାଏଲ ସରକାର ଏହାକୁ ବନ୍ଦ ରଖିଥିବା କହିଛନ୍ତି। ଶନିବାର ଇରାନ୍ ଜେରୁଜେଲମ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲାବେଳେ ଅଲ୍ ଆକ୍‌ସା ମସ୍‌ଜିଦ୍‌ଠାରୁ ମାତ୍ର କିଛି ଶହ ମିଟର ଦୂରରେ ଏହି କ୍ଷେପଣାସ୍ତ୍ର ମାଡ଼ ହୋଇଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି।

# ବଦଳିପାରେ ଯୁଦ୍ଧ ସ୍ଥିତି

## ଇରାନ ଅଭିମୁଖେ ୨୨୦୦ ମେରିନ୍

ତେହରାନ୍,୨୧।୩

ଇରାନ୍-ଆମେରିକା ଯୁଦ୍ଧ ଶନିବାର ୨୨ ଦିନରେ ପହଞ୍ଚିଛି। ଇତିମଧ୍ୟରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ୍‌ର ୮୦୦୦ ଗୁରୁତ୍ୱପୂର୍ଣ୍ଣ ସ୍ଥଳରେ ଆକ୍ରମଣ କରିସାରିଥିବା ପ୍ରକାଶ କରିଛନ୍ତି। ଇରାନ୍‌ର ଆଣବିକ କେନ୍ଦ୍ରଠାରୁ ଆରମ୍ଭ କରି ତୈଳ ଓ ଗ୍ୟାସ୍ ଉତ୍ପାଦନ କେନ୍ଦ୍ର ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରାଯାଇ ସେଗୁଡ଼ିକୁ ଧ୍ୱସ୍ତ ବିଧ୍ୱସ୍ତ କରିଦିଆଯାଇଛି। ଏପରିକି ଇରାନ୍‌ର ନୌସେନା ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇଛି ବୋଲି ଆମେରିକା ଦାବି କରିଛି। ଏହାପରେ ଆମେରିକା ଇରାନ୍‌ରେ ସ୍ଥଳସେନା ମୁତୟନ କରି ଇରାନ୍‌ର ପ୍ରଶାସନିକ ଭିତ୍ତିଭୂମିକୁ ଧ୍ୱଂସ କରିବାକୁ ଉଦ୍ୟମ କରିବ ବୋଲି ସାମରିକ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ପ୍ରାୟ ୨୨୦୦ ଦୁର୍ଦ୍ଧର୍ଷ ମେରିନ୍ କମାଣ୍ଡୋଙ୍କୁ ନେଇ ଜାପାନରୁ ଇରାନ୍ ଅଭିମୁଖେ ଆସୁଥିବା ଆମେରିକାର ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ତ୍ରିପୋଲି ଏହି ଆକଳନକୁ ସ୍ପଷ୍ଟ କରିଛି। ଉପଗ୍ରହ ଚିତ୍ର ସଙ୍କେତ ଅନୁଯାୟୀ ଏହି ଯୁଦ୍ଧ ଜାହାଜ ଏବେ ଭାରତ ମହାସାଗରର ଦକ୍ଷିଣ ଭାଗ ଦେଇ ଗତି କରୁଛି। ଇରାନ୍‌ରେ ପହଞ୍ଚିବାକୁ ଏହି ଯୁଦ୍ଧ ଜାହାଜକୁ ଆଉ ଅଳ୍ପ କିଛି ଦିନ ଲାଗିବ। ଏହାପରେ ଇରାନ୍‌ରେ ଯୁଦ୍ଧ ସ୍ଥିତି ବଦଳିଯିବ ବୋଲି କୁହାଯାଉଛି।



ଦକ୍ଷିଣ ଭାରତ ମହାସାଗର ଅତିକ୍ରମ କରିସାରିଥିବା ଆମେରିକା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ତ୍ରିପୋଲି।

ଇରାନ୍‌ରେ ସ୍ଥଳସେନା ମୁତୟନକୁ ନେଇ ଟ୍ରମ୍ପ ପ୍ରଶାସନ ପକ୍ଷରୁ କୌଣସି ସଙ୍କେତ ଦିଆଯାଇ ନ ଥିଲେ ମଧ୍ୟ ବିଚଳିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୌଣସି ସମୟରେ କିଛି ବି ନିଷ୍ପତ୍ତି ନେଇପାରନ୍ତି। ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା କାରଣରୁ ଆମେରିକା ସମେତ ବୈଶ୍ୱିକ ସ୍ତରରେ ଯେଉଁଳି ଅର୍ଥନୈତିକ ଅସଙ୍ଗତି ବଢ଼ିଚାଲିଛି , ତାହା ଏବେ ଟ୍ରମ୍ପଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। କାରଣ ଅନ୍ତର୍ଜାତୀୟ ସ୍ତରରେ କ୍ରୁଡ୍ ତୈଳ ବ୍ୟାରେଲ ପିଛା୧୨୦ ଡଲାର ନିକଟବର୍ତ୍ତୀ ହୋଇଥିବାରୁ ଆମେରିକା ସମେତ ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ସ୍ଥିତି ଉତ୍କଟ ହେବା ଆଶଙ୍କା ବଢ଼ାଇଛି। ଆମେରିକାରେ ଆଗକୁ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଥିବାରୁ ମହଙ୍ଗାମାଡ଼ ଟ୍ରମ୍ପଙ୍କ ପାଇଁ କାଳ ହେବ ବୋଲି ଆଶଙ୍କା କରାଯାଉଥିବାରୁ ରାଷ୍ଟ୍ରପତି ଟ୍ରମ୍ପ ହର୍ମୁଜ୍ ଦେଇ ତୈଳ ଯୋଗାଣକୁ ନିଶ୍ଚିତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଇରାନ୍ ଉପକୂଳ ସମେତ ଖର୍ଗ ଦ୍ୱୀପରେ ଇରାନ୍‌ର ତୈଳ ଭିତ୍ତିଭୂମିକୁ କବ୍‌ଜା କରିବାକୁ ଟ୍ରମ୍ପ ସ୍ଥଳସେନା ମୁତୟନ କରିପାରନ୍ତି ବୋଲି କୁହାଯାଉଛି।

## ୧ କୋଟି ମୂଲ୍ୟବର୍ଗର ରିଆଲ୍ ଛାପିଲା ଇରାନ୍



ତେହରାନ୍,୨୧।୩

ଇରାନ୍ ବିରୋଧରେ ଗତ କିଛି ବର୍ଷ ଧରି ଆମେରିକା ଆର୍ଥିକ କଟକଣା ଲାଗୁ କରିଆସିଥିଲାବେଳେ ଇରାନ୍‌ର ଅର୍ଥନୀତି ବହୁମାତ୍ରାରେ ପ୍ରଭାବିତ ରହିଆସିଛି। ଏବେ ଯୁଦ୍ଧକୁ ନେଇ ଇରାନ୍‌ର ଆର୍ଥିକ ସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି। ଯୁଦ୍ଧ ସ୍ଥିତିରେ ଇରାନ୍ କେନ୍ଦ୍ରୀୟ ବ୍ୟାଙ୍କ ୧୦ ନିୟୁତ ବା ୧ କୋଟି ମୂଲ୍ୟବର୍ଗର ନୋଟ୍(ରିଆଲ୍) ଛାପିଥିବା ଦେଖିବାକୁ ମିଳିଛି। ଇରାନ୍‌ରେ ବର୍ତ୍ତମାନ ମୁଦ୍ରାସ୍ଫୀତି ବଢ଼ିବା ସହ ନୋଟ୍‌ର ମାତ୍ରାଧିକ ଅଭାବ ଦେଖାଯାଇଛି। ସାଧାରଣରେ ଦୈନିକ ଅର୍ଥ କାରବାରକୁ ଦୃଷ୍ଟିରେ ରଖି ଇରାନ୍ ସରକାର ଏହି ମୂଲ୍ୟବର୍ଗର ନୋଟ୍ ଛାପିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଏହି ନୋଟ୍ ଆସିବା ପରେ ବ୍ୟାଙ୍କ ଏବଂ ଏଟିଏମ୍ କାଉଣ୍ଟରଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କିନ୍ତୁ ପ୍ରକୃତରେ ଏହି ନୋଟ୍‌ର ମୂଲ୍ୟ ଅନ୍ତର୍ଜାତୀୟ ସ୍ତରରେ ବହୁତ୍ କମ୍ ରହିଛି। ୧ କୋଟି ମୂଲ୍ୟବର୍ଗର ଏହି ରିଆଲ ଆମେରିକୀୟ ୭ ଡଲାର ଏବଂ ଭାରତର ୬୫୦ ଟଙ୍କା ସହ ସମାନ ବୋଲି ଜଣାପଡ଼ିଛି।

## ଏଆଇ ପ୍ରସ୍ତୁତ ମୋଦିଙ୍କ ଆପତ୍ତିଜନକ ଫଟୋ ଶେୟାର କରିଥିବା ଯୁବକ ଗିରଫ

ନୂଆଦିଲ୍ଲୀ,୨୧।୩

ଏଆଇ ସହାୟତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆପତ୍ତିଜନକ ଫଟୋ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ଶେୟାର କରିଥିବା ବିହାରର ସିଦ୍ଧନାଥ କୁମାରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରି ଜେରା ପାଇଁ ନେଇଛି। ଅଭିଯୁକ୍ତ ଜଣକ ପୂର୍ବରୁ ଭାଜପାର ଜଣେ ବିଧାୟିକା ଏବଂ ଜଣେ ବିଦେଶୀ ମହିଳା ନେତ୍ରୀଙ୍କ ପରିବର୍ତ୍ତିତ ଫଟୋ ଶେୟାର କରିଥିଲେ ବୋଲି ପୋଲିସ କହିଛି।

## ହର୍ମୁଜ ପାରହେବ ଆଉ ୨ ଭାରତୀୟ ଟ୍ୟାଙ୍କର

ନୂଆଦିଲ୍ଲୀ,୨୧।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ଅବରୋଧ କରିଥିବାବେଳେ ଭାରତରେ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଯୋଗାଣ ସମସ୍ୟା ସୃଷ୍ଟି ହୋଇଛି। ତେବେ ସମୁଦ୍ରରେ ଅଟକି ଥିବା ୨ଟି ଏଲ୍‌ପିଜି ବୋଝେଇ ଭାରତୀୟ ଟ୍ୟାଙ୍କର ଉକ୍ତ ସାମୁଦ୍ରିକ ପଥ ଅତିକ୍ରମ କରିବାକୁ ଯାଉଛି। ସମୁଦ୍ରରେ ଅନେକ ଶହ ଜାହାଜ ଅଟକି ରହିଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସର ଶାରଜା ନିକଟରେ ଅଟକି ରହିଥିବା



୨ ଭାରତୀୟ ଟ୍ୟାଙ୍କର ପାଇନ୍ ଗ୍ୟାସ୍ ଏବଂ ଜାଗ୍ ବସନ୍ତ ଖୁବ୍‌ଶୀଘ୍ର ଭାରତ ଅଭିମୁଖେ ଯାତ୍ରା କରିବାକୁ ଯାଉଥିବା ଜାହାଜ ଚଳାଚଳ ତଥ୍ୟ ଓ ବାଣିଜ୍ୟିକ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ୩ଟି ଏଲ୍‌ପିଜି ଟ୍ୟାଙ୍କର ଭାରତ ଆସିଥିଲା।

## ଉପସାଗରୀୟ ଶାନ୍ତି, ସ୍ଥିରତା ପାଇଁ ମୋଦି-ପେଜେଶ୍‌କିଆନ ଆଲୋଚନା

ନୂଆଦିଲ୍ଲୀ ,୨୧।୩

ଇରାନ୍-ଆମେରିକା ଯୁଦ୍ଧ ୪ ସପ୍ତାହରେ ପହଞ୍ଚିଥିବାବେଳେ ଉପସାଗରୀୟ ଅଞ୍ଚଳ ସ୍ଥିତି ବେଳକୁ ବେଳ ଗମ୍ଭୀର ହେବାରେ ଲାଗିଛି। ଏହାଛଡ଼ା ତୈଳ ଓ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ଅଧିକ ମାତ୍ରାରେ ବାଧାପ୍ରାପ୍ତ ହୋଇଥିବାରୁ ବୈଶ୍ୱିକ ସମସ୍ୟା ମଧ୍ୟ ଉତ୍କଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେଶ୍‌କିଆନଙ୍କ ସହ କଥାବାର୍ତ୍ତା କରିଛନ୍ତି। ଇଦ୍ ଏବଂ ଫାର୍ସୀ ନବବର୍ଷ ନୋରୁଜ୍ ପାଳନ ଅବସରରେ ମୋଦି ପେଜେଶ୍‌କିଆନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାକୁ କାମନା ଜଣାଇଛନ୍ତି। ଇରାନ୍‌ର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣକୁ ମୋଦି ନିନ୍ଦା କରିଥିଲାବେଳେ ଆରବ ଦେଶ ସମୂହରୁ ଇନ୍ଧନ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହେବା ଉଚିତ ବୋଲି କହିଛନ୍ତି। ହର୍ମୁଜ୍ ସମେତ ଅନ୍ୟ ସାମୁଦ୍ରିକ ପଥରେ ଜାହାଜ ଚଳାଚଳର ସ୍ୱାଧୀନତା ଏବଂ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଯୋଗାଣ ଶୃଙ୍ଖଳକୁ ସ୍ୱାଭାବିକ କରିବାକୁ ମୋଦି ଆହ୍ୱାନ ଜଣାଇଛନ୍ତି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରେ ମୋଦି ରାଷ୍ଟ୍ରପତି ପେଜେଶ୍‌କିଆନଙ୍କ ସହ ଦ୍ୱିତୀୟଥର ଲାଗି ଆଲୋଚନା କରିଛନ୍ତି।

## କଲେଜ ଛାତ୍ରଙ୍କୁ ଗୁଳିକରି ହତ୍ୟା

ବାରାଣସୀ,୨୧।୩

ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଉଦୟ ପ୍ରତାପ କଲେଜ କ୍ୟାମ୍ପସ୍‌ରେ ବ୍ୟକ୍ତିଗତ ଶତ୍ରୁତାରୁ ସୂର୍ଯ୍ୟପ୍ରତାପ ସିଂ ନାମକ ୨୩ ବର୍ଷୀୟ ସ୍ନାତକ ଛାତ୍ରଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ସହପାଠୀ ମନଜିତ ଚୌହାନ ଗୁଳିକରି ହତ୍ୟା କରିଛନ୍ତି। ଘଟଣାକୁ ନେଇ କଲେଜରେ ଗୋଷ୍ଠୀ ସଂଘର୍ଷ ଘଟିଥିବାବେଳେ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯିବାକୁ ସିଂଙ୍କ ବାପା ଦାବି କରିଛନ୍ତି।

## ଗୋରକ୍ଷକ ଫାର୍ସା ବାବାଙ୍କୁ ଟ୍ରକ୍ ମଡ଼ାଇ ହତ୍ୟା ଅଭିଯୋଗ

### ମଥୁରାରେ ଜୋର୍‌ଦାର ବିକ୍ଷୋଭ

ମଥୁରା,୨୧।୩

ଉତ୍ତରପ୍ରଦେଶର ମଥୁରା ନିକଟ ଆଗ୍ରା-ଦିଲ୍ଲୀ ରାଜପଥରେ ଏକ ଟ୍ରକ୍ ମାଡ଼ିଯିବାରୁ ଫାର୍ସା ବାବା ଭାବେ ପରିଚିତ ଗୋରକ୍ଷକ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ଘଟିଛି। ଶନିବାର ଭୋର ୪ଟା ବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ବାବାଙ୍କୁ ଟ୍ରକ୍ ମଡ଼ାଇ ହତ୍ୟା କରାଯାଇଥିବା ଅଭିଯୋଗରେ ଉତ୍ୟକ୍ତ ଲୋକେ ଅପରାହ୍ନରେ ଆଗ୍ରା-ଦିଲ୍ଲୀ ରାଜପଥ ଅବରୋଧ କରିବା ସହ ଜୋର୍‌ଦାର ବିକ୍ଷୋଭ କରିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।



ଚନ୍ଦ୍ରଶେଖର ଓରଫ ଫାର୍ସା ବାବା

ବାବାଙ୍କ ସମର୍ଥକମାନଙ୍କ ଅଭିଯୋଗ ଅନୁଯାୟୀ, ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଅଟକାଇବାକୁ ଫାର୍ସା ବାବା ଓ ତାଙ୍କ ଅନୁଗାମୀମାନେ ଉଦ୍ୟମ କରୁଥିବାବେଳେ ଚୋରାଚାଲାଣକାରୀମାନେ ଟ୍ରକ୍ ମଡ଼ାଇ ଦେଇଥିଲେ। ମଥୁରା ଜିଲା ପ୍ରଶାସନ କହିବା ଅନୁଯାୟୀ, ଗୋରୁ ଚାଲାଣ ସନ୍ଦେହରେ ବାବା ଓ ତାଙ୍କ ସମର୍ଥକମାନେ ରାଜପଥରେ ଏକ କଣ୍ଟେନର ଟ୍ରକ୍‌କୁ ଅଟକାଇଥିଲେ, ଯେଉଁଥିରେ ନାଗାଲାଣ୍ଡ ପଞ୍ଜୀକୃତ ନମ୍ବର ରହିଛି। ତେବେ ଯାଞ୍ଚ ବେଳେ ଟ୍ରକ୍‌ରେ ସାବୁନ୍, ଫିନାଇଲ ଓ ସାମ୍ପୋ ଯାଉଥିବା ଜଣାପଡ଼ିଥିଲା। ଏହି ସମୟରେ ରାଜସ୍ଥାନ ପଞ୍ଜୀକୃତ ଅନ୍ୟ ଏକ ଟ୍ରକ୍ ଆସିଥିଲା। ଭୋର ସମୟରେ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ କମ୍ ହେଉଥିବାରୁ ଟ୍ରକ୍‌ଟି ଗୋରକ୍ଷକ ଟିମ୍‌କୁ ଧକ୍କା ଦେଇଥିଲା ବୋଲି ଜିଲାପାଳ ଚନ୍ଦ୍ରପ୍ରକାଶ ସିଂ କହିଛନ୍ତି। ଏହା ସତ୍ତ୍ୱେ ବାବାଙ୍କୁ ଜାଣିଶୁଣି ଟ୍ରକ୍ ମଡ଼ାଇ ଦିଆଯାଇଥିବା ଅଭିଯୋଗରେ ଲୋକେ ରାସ୍ତା ଅବରୋଧ କରିବା ସହ ଟେକାମାଡ଼ କରିଥିଲେ। ପ୍ରଶାସନ ଓ ପୋଲିସ ଅଧିକାରୀମନେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଭାରତୀୟ ନୌସେନାରେ ସାମିଲହେବ 'ଫ୍ରିଗେଟ୍ ତାରାଗିରି'

ନୂଆଦିଲ୍ଲୀ ,୨୧।୩

ଏପ୍ରିଲ ୩ରେ ଭାରତୀୟ ନୌସେନାରେ ଅତ୍ୟାଧୁନିକ ଯୁଦ୍ଧ ଜାହାଜ 'ଷ୍ଟେଲ୍ଥ ଫ୍ରିଗେଟ୍ ତାରାଗିରି(ଏଫ୍ ୪୧)' ସାମିଲ ହେବ। ବିଶାଖାପାଟନାମ ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜନ ହେବାକୁ ଥିବା ଏକ ବିଶେଷ କାର୍ଯ୍ୟକ୍ରମରେ ଏହାର ଲୋକାର୍ପଣ କରାଯିବ। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ କରାଯାଇଥିବା ଏହି ଯୁଦ୍ଧ ଜାହାଜ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରଠାରୁ ଆରମ୍ଭ କରି ଏମ୍‌ଆର୍‌ଏସ୍‌ଏମ୍ ଏୟାର ଡିଫେନ୍ସ ସିଷ୍ଟମ୍, ଅତ୍ୟାଧୁନିକ ରାଡାର୍ , ଗନ୍ ଏବଂ ଟର୍ପିଡୋ ଭଳି ବହୁ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ରହିଛି। ଷ୍ଟେଲ୍ଥ ଟେକ୍‌ନୋଲୋଜି ଆଧାରିତ ଏହି ଯୁଦ୍ଧ ଜାହାଜକୁ ଶତ୍ରୁପକ୍ଷ ଚିହ୍ନଟ କରିବା ମଧ୍ୟ ଦୁଃସାଧ୍ୟ। ଅପରପକ୍ଷେ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣକୁ ପ୍ରତିହତ କରିବା ସହ ଯୁଦ୍ଧ ବିମାନ ଏବଂ ଗଭୀର ଜଳ ମଧ୍ୟରେ ଆକ୍ରମଣକୁ ଟାର୍ଗେଟ କରିବାକୁ ମଧ୍ୟ ଏହା ସକ୍ଷମ। ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ଭାରତୀୟ ନୌସେନାର ୧୭ଏ କ୍ଲାସ୍ ପ୍ଲାଟଫର୍ମରେ ଏହାକୁ ନିର୍ମାଣ କରାଯାଇଛି। ନୌସେନାରେ ଏହି ଯୁଦ୍ଧ ଜାହାଜ ସାମିଲ ହେବା ପରେ ଭାରତର ଶକ୍ତି ଆହୁରି ମଜଭୁତ ହେବ ବୋଲି କୁହାଯାଇଛି।



ଧରିତ୍ରୀ
DHARITRI
52 Years



# ଲକ୍ଷ୍ୟଭେଦ କ୍ଷମତା ଲୁଚାଇଥିଲା ଇରାନ୍

## ୪,୦୦୦ କି.ମି. ଦୂର ଆମେରିକା-ବ୍ରିଟେନ୍ ସେନାଘାଟିକୁ ମିଶାଇଲ ମାଡ଼

ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମିବାର ନାଁ ନେଉନାହିଁ, ବରଂ ଦିନକୁଦିନ ଅଧିକ ଉଗ୍ର ହେବାରେ ଲାଗିଛି । ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍ ଜାରି ରହିଥିବାବେଳେ ତେହରାନ୍ ଏହାର ମୁହଁତୋଡ଼ ଜବାବ ଦେବାକୁ ପଛାଉ ନାହିଁ। ଏହି କ୍ରମେ ଶନିବାର ଇରାନ୍ ପକ୍ଷରୁ ଭାରତୀୟ ମହାସାଗରସ୍ଥିତ ଡିଏଗୋ ଗାର୍ସିଆରେ ଥିବା ଆମେରିକା-ବ୍ରିଟେନ୍‌ର ସାମରିକ ଘାଟି ଉପରେ ବାଲିଷ୍ଟିକ୍ ମିଶାଇଲ୍ ଆକ୍ରମଣ କରାଯାଇଛି। ତେହରାନ୍ ନିଜ ଦୂରଗାମୀ କ୍ଷେପଣାସ୍ତ୍ରର ଭେଦ କ୍ଷମତାକୁ ୨,୦୦୦ କି.ମି. ଭିତରେ ସୀମିତ ରଖିଥିବା ନେଇ ପୂର୍ବରୁ ପ୍ରକାଶ କରିଥିବାବେଳେ ଇରାନ୍‌ରୁ ପ୍ରାୟ ୪,୦୦୦ କି.ମି. ଦୂରରେ ଥିବା ପାଶ୍ଚାତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସେନାଘାଟିକୁ ଟାର୍ଗେଟ କରିଛି। ତେହରାନ୍‌ର ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଏହାର ଅଘୋଷିତ ମାରକ କ୍ଷମତାକୁ ନେଇ ପ୍ରଶ୍ନ ଉଠିଛି । ଏଭଳି ସ୍ଥିତିରେ ଇରାନ୍‌ର ନତାଞ୍ଜ ଆଣବିକ ସମ୍ବର୍ଦ୍ଧନ କେନ୍ଦ୍ରକୁ ଆକାଶମାର୍ଗରୁ ପୁଣି ଟାର୍ଗେଟ କରାଯାଇଛି। ଯୁଦ୍ଧ ୨୨ତମ ଦିନରେ ପହଞ୍ଚିଥିବାବେଳେ ଆଗକୁ ଆକ୍ରମଣ ଆହୁରି ତୀବ୍ରତର ହେବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ ଚେତାବନୀ ଦେଇଛନ୍ତି ।




ଦୁବାଇ,୨୧।୩(ଏ.ପି./ଅଲ୍-ଜଜିରା)

ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ଚତୁର୍ଥ ସପ୍ତାହରେ ପ୍ରବେଶ କରିବା ସହ ଏହାର ପରିସର ବୃଦ୍ଧି ପାଇଛି। ଇରାନ୍ ପକ୍ଷରୁ ଶନିବାର ପ୍ରାୟ ୪,୦୦୦ କି.ମି. ଦୂରରେ ଥିବା ଆମେରିକା-ବ୍ରିଟେନ୍‌ର ସେନାଘାଟି ଉପରେ ଦୂରଗାମୀ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି। ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ବେସ୍‌ରେ ମିଶାଇଲ୍ ମାଡ଼ର ତାତ୍ପର୍ଯ୍ୟ ହେଉଛି ଏହି ଯୁଦ୍ଧ ଏବେ ରଣନୈତିକ ଭୂଗୋଳ ପରିସୀମା ଅତିକ୍ରମ କରିସାରିଛି। ପୂର୍ବରୁ ଇରାନ୍ ନିଜ ଲକ୍ଷ୍ୟଭେଦ କ୍ଷମତା ୨,୦୦୦ କି.ମି.ରେ ସୀମିତ ବୋଲି ଘୋଷଣା କରିଥିବାବେଳେ ଏହାର ୨ ଗୁଣ ଦୂରରେ ଥିବା ସେନାଘାଟିକୁ ଆକ୍ରମଣ କରିବା ପରେ ବିଶ୍ୱ ବିସ୍ମିତ ହୋଇଛି। ସମ୍ଭବତଃ ଇରାନ୍ ଇଣ୍ଟରମିଡିଏଟ୍ ରେଞ୍ଜ ବାଲିଷ୍ଟିକ୍ ମିଶାଇଲ (ଆଇଆର୍‌ବିଏମ୍) ପ୍ରୟୋଗ କରି ଅଧିକ ଦୂରରେ ଥିବା ସ୍ଥାନରେ ଆକ୍ରମଣ କରିପାରେ ; ଏହି ଆଶଙ୍କା ଏବେ ଦୃଢ଼ୀଭୂତ ହେବାରେ ଲାଗିଛି। ରଣନୈତିକ ଦୃଷ୍ଟିକୋଣରୁ ଡିଏଗୋ ଗାର୍ସିଆକୁ ଆକ୍ରମଣ ଛୋଟ କଥା ନୁହେଁ, ବରଂ ଆମେରିକାର ବୈଶ୍ୱିକ ଶକ୍ତି ଭାବମୂର୍ତ୍ତି ଉପରେ ପ୍ରଚଣ୍ଡ ପ୍ରହାର। କାରଣ ଏହି ସେନାଘାଟିରେ ଆମେରିକା ନିଜ ଭାରି ବମ୍ୱର ଓ ସର୍ଭିଲାନ୍ସ ଏୟାରକ୍ରାଫ୍ଟଗୁଡ଼ିକୁ ମହଜୁଦ ରଖିଥାଏ। ଶତ୍ରୁପକ୍ଷର କଳ୍ପନା ବାହାରେ ତେହରାନ୍ ଆକ୍ରମଣ କରିବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଇରାନ୍‌ର ଜଣେ ମନ୍ତ୍ରୀ କହିଛନ୍ତି। କେବଳ ଏତିକି ନୁହେଁ, ଡିଏଗୋ ଗାର୍ସିଆକୁ ଟାର୍ଗେଟ ☞ପୃଷ୍ଠା-୪

## ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା-ଇସ୍ରାଏଲ୍‌ର ବୋମାମାଡ଼

ତେହରାନ୍,୨୧।୩

ଇରାନ୍‌ର ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ଆମେରିକା ଏବଂ ଇସ୍ରାଏଲ ଶନିବାର ବୋମାମାଡ଼ କରିଛନ୍ତି। ଏହି ଆଣବିକ କେନ୍ଦ୍ରର ୟୁରାନିୟମ୍ ଏନରିଚ୍‌ମେଣ୍ଟ ୟୁନିଟ୍‌କୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି ବୋଲି ଇରାନ୍‌ର ଆଣବିକ ଶକ୍ତି ସଂଗଠନ ପକ୍ଷରୁ କୁହାଯାଇଛି। ତେବେ ଏହି ୟୁନିଟ୍‌ରୁ କୌଣସି ରେଡିଓ ଆକ୍ଟିଭ୍ ବିକିରଣ ହୋଇ ନାହିଁ ବୋଲି କୁହାଯାଇଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଇରାନ୍ ଉପରେ ମିଳିତ ଆକ୍ରମଣ କରାଯିବା ପରେ ଏହି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରାଯାଇଥିଲା। ସେତେବେଳେ ଏହି କେନ୍ଦ୍ରର ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ଡିଂ ଏବଂ ଭିତ୍ତିଭୂମି ନଷ୍ଟ ହୋଇଯାଇଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଥିଲା। ଏହାଛଡ଼ା ଏହି ଘଟଣାକୁ ଜାତିସଂଘର ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ଦ୍ୱାରା ମଧ୍ୟ ସ୍ପଷ୍ଟ କରାଯାଇଥିଲା। ତେବେ ଶନିବାର ଦ୍ୱିତୀୟଥର ପାଇଁ ନତାଞ୍ଜ କେନ୍ଦ୍ର ଉପରେ ଆକ୍ରମଣ କରାଯାଇଥିବାରୁ ଆଇଏଇଏ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ବାରମ୍ବାର ଆକ୍ରମଣ ଦ୍ୱାରା ରେଡିଓ ଆକ୍ଟିଭ୍ ରଶ୍ମି ବିକିରଣ ହେବାର ଭୟ ରହିଥିବାରୁ ଏହା ମାନବସମାଜ ପାଇଁ ଭୟଙ୍କର ସ୍ଥିତି ଉତ୍ପନ୍ନ କରିବ ବୋଲି ଆଇଏଇଏ କହିଛି। ଯେକୌଣସି ସ୍ତରରେ ଆଣବିକ ଦୁର୍ଘଟଣା ଏଡ଼ାଇବାକୁ ଇସ୍ରାଏଲ ଏବଂ ଆମେରିକା ସମ୍ପୃକ୍ତ ଅଞ୍ଚଳରେ ଆକ୍ରମଣ ନ କରିବାକୁ ଉକ୍ତ ଏଜେନ୍ସି ପରାମର୍ଶ ଦେଇଛି।

## ଇରାନ୍ ତୈଳ ଉପରୁ କଟକଣା ହଟାଇଲେ ଟ୍ରମ୍ପ୍

ୱାଶିଂଟନ/ତେହରାନ୍,୨୧।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହୁ ହୁ ହୋଇ ବଢ଼ିଚାଲିଥିବାବେଳେ ଏହାକୁ ପ୍ରଶମିତ କରିବା ପାଇଁ ଆମେରିକା ସମୁଦ୍ରରେ ଅଟକି ରହିଥିବା ଇରାନୀୟ ତୈଳ ବିକ୍ରି ଉପରୁ ସାମୟିକ ଭାବେ କଟକଣା ହଟାଇଛି। ମାସକ ପାଇଁ କଟକଣା ହଟାଯାଇଥିବାବେଳେ ବିଶ୍ୱ ବଜାରେ ୧୪୦ ନିୟୁତ ବ୍ୟାରେଲ୍ ଇରାନୀୟ ତୈଳ ଉପଲବ୍ଧ ହେବ ବୋଲି ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି। ତେବେ ଏହି ସାମୟିକ ରିହାତି କେବଳ ଜାହାଜରେ ଲୋଡ୍ ହୋଇଥିବା ତୈଳ ପାଇଁ ସୀମିତ। ନୂଆ କ୍ରୟ କିମ୍ବା ଉତ୍ପାଦନକୁ ଅନୁମତି ମିଳିବ ନାହିଁ ବୋଲି ବେସେଣ୍ଟ Xରେ ଲେଖିଛନ୍ତି।

ଇରାନ୍ ଯୁଦ୍ଧ ପୂର୍ବରୁ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ୍ ପ୍ରତି ୭୦ ଡଲାର ରହିଥିବାବେଳେ ଏବେ ତାହା ୧୧୯.୫୦ ଡଲାରରେ ପହଞ୍ଚିଛି। ଦର ହ୍ରାସ ଲକ୍ଷ୍ୟରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ସୀମିତ ସମୟ ପାଇଁ ଇରାନ୍ ତୈଳ ଉପରୁ କଟକଣା ହଟାଇଥିବାରୁ ଭାରତୀୟ ରିଫାଇନେରି କମ୍ପାନୀଗୁଡ଼ିକ ସେଠାରୁ ତୈଳ କିଣା ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ଭାରତ ଏବେ ସମୁଦ୍ରରେ ଅଟକି ରହିଥିବା ରୁଷିଆ ତୈଳ କିଣୁଛି। ସେହିପରି ଅନ୍ୟ କେତେକ ଦେଶ ମଧ୍ୟ ଇରାନ୍ ତୈଳ ☞ପୃଷ୍ଠା-୪

## ଆଉ ଦୁଇଦିନ ବର୍ଷା, କମିଲା ତାତି

ଭୁବନେଶ୍ୱର,୨୧।୩(ବନ୍ଦନା ସେଠୀ)

ପଶ୍ଚିମା ବାୟୁ ତଥା ଝଡ଼ ପ୍ରବାହ ସହ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆହୁରି ଦୁଇଦିନ ବର୍ଷା ହେବ। ରବିବାର କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ବର୍ଷା ପବନ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ଓ ମଙ୍ଗଳବାର ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ଘଡ଼ଘଡ଼ି ସହ ବର୍ଷା ପବନ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଝାରସୁଗୁଡା ଲଇକେରାଠାରେ ସର୍ବାଧିକ ୧୦୪ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ କିର୍‌ମିରାଠାରେ ୯୬.୪ ମି.ମି., ☞ପୃଷ୍ଠା-୪

## ଖୁବ୍‌ଶୀଘ୍ର ସକାଳୁଆ ସ୍କୁଲ

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ଖୁବ୍‌ଶୀଘ୍ର ସକାଳୁଆ ହେବ ସ୍କୁଲ। ରାଜ୍ୟରେ ତାପମାତ୍ରା ସହ ଖରା ପ୍ରକୋପ ଅଧିକ ରହୁଛି। ମାର୍ଚ୍ଚରେ ବିଭିନ୍ନ ସ୍ଥାନରେ ଅସହ୍ୟ ଗରମ ଅନୁଭବ ହେଉଛି। ଏମିତିକି କିଛି ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲାଣି। ଏଥିପାଇଁ ସରକାର ସକାଳୁଆ ସ୍କୁଲ ପାଇଁ ଚିନ୍ତା କରୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପାଣିପାଗ ବିଭାଗର ଆକଳନ ଅନୁସାରେ ଆଗକୁ ଖରାର ପ୍ରକୋପ ଅସହ୍ୟ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ପାଇଁ ନିଷ୍ପତ୍ତି ନିଆଯିବ। ତେବେ କେବେ ସ୍କୁଲରେ ସକାଳୁଆ ପାଠପଢ଼ା ହେବ ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀମାନେ ସ୍ଥିତିକୁ ଦେଖି ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି।

## କମର୍ସିଆଲ୍ ଏଲ୍‌ପିଜି ଆବଣ୍ଟନ କୋଟା ୫୦%କୁ ବୃଦ୍ଧି

ଉପକୃତ ହେବେ ହୋଟେଲ, ରେଷ୍ଟୁରାଣ୍ଟ, ଶିଳ୍ପସଂସ୍ଥା

ନୂଆଦିଲ୍ଲୀ,୨୧।୩(ପି.ଟି.)



ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁ ବିଶ୍ୱ ଶକ୍ତି ବଜାର ଅସ୍ଥିର ହୋଇପଡ଼ିଛି। ଏହି ସଙ୍କଟ ସମୟରେ ଭାରତ ସରକାର ଦେଶର ବ୍ୟବସାୟିକ କ୍ଷେତ୍ରକୁ ଆଶ୍ୱସ୍ତି ଦେବା ପାଇଁ କମର୍ସିଆଲ୍ ଏଲ୍‌ପିଜି ଆବଣ୍ଟନ କୋଟାକୁ ଅତିରିକ୍ତ ୨୦% ବଢ଼ାଇ ମୋଟ ୫୦% କରିଛନ୍ତି। ଏହାଦ୍ୱାରା ହୋଟେଲ, ରେଷ୍ଟୁରାଣ୍ଟ, ଶିଳ୍ପ ସଂସ୍ଥା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟଗୁଡ଼ିକ ଉପକୃତ ହେବେ। ସେଗୁଡ଼ିକୁ ଏହି ଅତିରିକ୍ତ ଗ୍ୟାସ୍ ଯୋଗାଇ ଦିଆଯିବ। ପୂର୍ବରୁ ଏହି କମର୍ସିଆଲ୍ ଏଲ୍‌ପିଜି ଆବଣ୍ଟନ କୋଟାକୁ କମାଇ ଦିଆଯାଇଥିଲା। ସରକାର ସ୍ପଷ୍ଟ କରିଛନ୍ତି ଯେ ରୋଷେଇ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ଅଛି। ଲୋକଙ୍କୁ ପ୍ୟାନିକ ବୁକିଂ ନ କରିବାକୁ ଏବଂ ହୋମ୍ ଡେଲିଭରି ଉପରେ ଭରସା ରଖିବାକୁ ପରାମର୍ଶ ଦିଆଯାଇଛି। ତେବେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ଅଧିକ ଗ୍ୟାସ୍ ଚାହୁଁଛନ୍ତି, ସେମାନଙ୍କୁ ପାଇପ୍ ପ୍ରାକୃତିକ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ପାଇଁ ଆବେଦନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ସରକାର ଦୀର୍ଘକାଳୀନ ଭାବେ ସିଲିଣ୍ଡର ଉପରୁ ନିର୍ଭରଶୀଳତା କମାଇବାକୁ ଚାହୁଁଛନ୍ତି। କଳାବଜାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଗ୍ୟାସ ଚୋରାଚାଲାଣ ଏବଂ କଳାବଜାର ରୋକିବା ପାଇଁ ଦେଶସାରା ପ୍ରାୟ ୩,୫୦୦ ଚଢ଼ାଉ କରାଯାଇଛି ଏବଂ ଅନେକ ସିଲିଣ୍ଡର ଜବତ କରାଯାଇଛି। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଗ୍ୟାସ ମହଜୁଦ ଏବଂ କଳାବଜାର ଉପରେ ତୀକ୍ଷ୍ଣ ନଜର ରଖିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାୟ ସମସ୍ତ ରାଜ୍ୟରେ କଣ୍ଟ୍ରୋଲ ରୁମ୍ ଏବଂ ଜିଲାସ୍ତରୀୟ ମନିଟରିଂ କମିଟି ଗଠନ କରାଯାଇଛି। ଏହି କମିଟିଗୁଡ଼ିକ ପ୍ରତିଦିନ ଗ୍ୟାସ ଯୋଗାଣ ଏବଂ ସମୁଚିତ ବଣ୍ଟନ ବ୍ୟବସ୍ଥାର ତଦାରଖ କରୁଛନ୍ତି। ଏହି ପଦକ୍ଷେପ ଯୋଗୁ ବଜାରରେ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି କିଛିମାତ୍ରାରେ ନିୟନ୍ତ୍ରଣକୁ ଆସିପାରେ।

## ଓଡ଼ିଶୀ ନୃତ୍ୟାଙ୍ଗନା ମଧୁମିତାଙ୍କ ପରଲୋକ

ନୂଆଦିଲ୍ଲୀ,୨୧।୩ (ପି.ଟି.)

ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ମଧୁମିତା ରାଉତଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥାଇ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ସକାଳ ୬ଟା ୨୨ ମିନିଟ୍ ସମୟରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା ବୋଲି ତାଙ୍କ ଭାଇ ମନୋଜ ରାଉତ କହିଛନ୍ତି। ଶନିବାର ଅପରାହ୍ନରେ ଦିଲ୍ଲୀର ଲୋଧି କ୍ରେମେଟୋରିୟମ୍‌ରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

ମଧୁମିତା ତାଙ୍କ ୨ ସାନଭାଇ ମନୋଜ ଓ ମନ୍ମଥଙ୍କ ସହ ରହୁଥିଲେ।


ମଧୁମିତା ରାଉତ

ଓଡ଼ିଶୀ ଗୁରୁ ମାୟାଧର ରାଉତଙ୍କ କନ୍ୟା ମଧୁମିତା ଓଡ଼ିଶୀ ନୃତ୍ୟର ପ୍ରସାର ପାଇଁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଓ ସ୍ୱୀକୃତି ପାଇଛନ୍ତି। ୧୯୯୭ରେ ତାଙ୍କୁ ଭାରତ ନିର୍ମାଣ ପୁରସ୍କାର, ୨୦୧୦ରେ ଓଡ଼ିଶା ରାଜ୍ୟ ଘୁଙ୍ଗୁର ସମ୍ମାନ ଏବଂ ୨୦୧୧ରେ ଓଡ଼ିଶା ଲିଭିଂ ଲିଜେଣ୍ଡ ଆୱାର୍ଡ ମିଳିଥିଲା। ସେ ଭାରତର ବିଭିନ୍ନ ନୃତ୍ୟୋତ୍ସବରେ ଅଂଶଗ୍ରହଣ କରିବା ସହ ଆୟର୍ଲାଣ୍ଡ, ନେଦରଲାଣ୍ଡସ୍, ଜର୍ମାନୀ, ବେଲ୍‌ଜିୟମ, ହଙ୍ଗେରି, ଅଷ୍ଟ୍ରିଆ, ସ୍ପେନ୍, ମରକ୍କୋ, ଫ୍ରାନ୍ସ, ପର୍ତ୍ତୁଗାଲ, ଜାପାନ ଓ ଆମେରିକାରେ ନୃତ୍ୟ ପରିବେଷଣ କରିଥିଲେ।

ମଧୁମିତା କେବଳ ନୃତ୍ୟଶିଳ୍ପୀ ନ ଥିଲେ, ସେ କବିତା ରଚନା କରିବା ସହ ଗୋଏଥେଙ୍କ କବିତା ଉପରେ ନୃତ୍ୟ ସଂଯୋଜନା ଏବଂ ନେଦରଲାଣ୍ଡସ୍‌ରେ ବାଲିନୀୟ ନୃତ୍ୟଶିଳ୍ପୀ ଦିଆ ତାନ୍ତ୍ରିଙ୍କ ସହ ଫ୍ୟୁଜନ ଡ୍ୟାନ୍ସ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଖିଳ ଭାରତୀୟ ବ୍ରାହ୍ମଣ ସମ୍ମିଳନୀ, ସ୍ଥାନ: ଓଡ଼େସା ସଭାଗୃହ, କେଶରୀ ଟକିଜ୍ ପଛ, ସମୟ: ସକାଳ ୯ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୨୬ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଦଧିଚି କଲେଜ ଅଫ୍ ଫାର୍ମାସି ପକ୍ଷରୁ ଫାର୍ମା ଅନ୍ୱେଷଣ-୨୦୨୬ କାର୍ଯ୍ୟକ୍ରମ, ସ୍ଥାନ: ଦ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ଓଡ଼ିଶା ଷ୍ଟେଟ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ମହାନ ବିପ୍ଳବୀ ଶହୀଦ ଭଗତ ସିଂହଙ୍କ ବଳିଦାନ ଦିବସ ଉପଲକ୍ଷେ ଏକ ସଭା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଧଉଳି ଚାରୁକଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ଭାଗବତ ପାରାୟଣ, ସ୍ଥାନ: ଶ୍ରୀ ରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଦା, ବସ୍ତା, ସମୟ: ସକାଳ ୮ଟା।
- ଖଇରା ସାହିତ୍ୟ ସଂସଦର ବୈଠକ, ସ୍ଥାନ: ନଟପଡ଼ା ଛକ, ଖଇରା, ସମୟ: ସକାଳ ୮ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ବୋଇତା ୟୁଜିୟୁପି ସ୍କୁଲ, ମହାରାଜପୁର, ବାହାନଗା, ସମୟ: ସକାଳ ୯ଟା।
- ଅମର ଯବାନ ଯୁବ ସଙ୍ଗଠନର ବାର୍ଷିକ ଉତ୍ସବ ଓ ସ୍ୱେଚ୍ଛା ରକ୍ତଦାନ ଶିବିର, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ପିଞ୍ଚାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ବାର୍ଷିକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଇନଭେଷ୍ଟିଗେଶନ୍ ଟ୍ରେନିଂ ପ୍ରୋଗ୍ରାମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅନନ୍ତ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କୋରାପୁଟ

- ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ, ସ୍ଥାନ: ଶିକ୍ଷକ ଭବନ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ମା'ଗୁମା ଭୈରବୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ଚାରୁଆ ଖେଳପଡ଼ିଆ, ନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ସମ୍ବଲପୁର

- ବାବା ବିଶାସହେ କୁଲତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ : ଠେମରା ସ୍ଥିତ ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ସକାଳ ୮ଟା।
- ମା'କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ କୁଷ୍ମାଣ୍ଡା ପୂଜାଳ, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ସକାଳ ୮ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା, ସ୍ଥାନ : ଭୂତାପଡା, ସମୟ : ସକାଳ ୮ଟା ।
- ମାତା ସାବିତ୍ରୀବାଇ ମହିଳା ସଂଘ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- କୁଚିଣ୍ଡା ବ୍ଲକ ଚନ୍ଦନନୀମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅମୃତ ମହୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ସିଦ୍ଧେଶ୍ୱେରୀ ଧର୍ମ ସଂସଦ ପକ୍ଷରୁ କବି ପ୍ରଭାକର ପାଣିଗ୍ରାହୀଙ୍କ ସାହିତ୍ୟ କୃତୀ ଉପରେ ଆଲୋଚନା, ସ୍ଥାନ: ପାଣିଟାଙ୍ଗିସ୍ଥିତ ଜୀବନ କ୍ଲବ, ସମୟ: ଅପରାହ୍ନ ୫ଟା।
- ଶ୍ରୀକଲଚରାଲ ଆସୋସିଏଶନ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମରେ କଲକୋତା କଳାକାରଙ୍କ ନାଟକ ଡାଳିଆ ମଞ୍ଜନ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା
- ସହରାଞ୍ଚଳ ଡୁମାଳ ସମାଜ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଦିଶା ଇଂଲିଶ ମିଡିୟମ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, କଣ୍ଟାବାଞ୍ଜି ଏନ୍‌ଏସି, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଚୈତ୍ର ନବରାତ୍ରୀ, ୪ର୍ଥ ଦିବସ, ସ୍ଥାନ: ଜଗଦା ମା'ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ୨୫ତମ କୁଣ୍ଡିୟ ବିଶ୍ୱ କଲ୍ୟାଣ ଯଜ୍ଞ, ସ୍ଥାନ: ସେକ୍ଟର-୧୩ ଦୁର୍ଗାପୂଜା ପଡିଆ, ସମୟ: ସକାଳ ୮ଟା।
- ଚୈତ୍ର ଛଟ୍ ପର୍ବ ପ୍ରଥମ ଦିବସ, ସ୍ଥାନ: କୋଏଲନଦୀ କୂଳ, ସମୟ: ସକାଳ ୮ଟା।
- ସାଇବର ଅପରାଧ କର୍ମଶାଳା, ୩ୟ ଦିବସ, ସ୍ଥାନ: ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୧ଟା।
- ସରହୁଲ ଉତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ଅପରାହ୍ନ ୨ଟା।
- ସ୍ୱର୍ଗତ କଣ୍ଠଶିଳ୍ପୀ ଆପ୍ରୋଜଙ୍କ ସ୍ମୃତିସଭା, ସ୍ଥାନ: ସେକ୍ଟର-୨ ସାହାନାଇ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟସ୍ତରୀୟ ନାଟ୍ୟ ମହୋତ୍ସବ ପ୍ରଥମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ରାତି ୭ଟା।

## ବରଗଡ଼

- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୬ଟା।
- ସ୍ୱଚ୍ଛତା କାର୍ଯ୍ୟକ୍ରମ ସମର୍ପଣ, ସ୍ଥାନ: ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼, ସମୟ: ସକାଳ ୬ଟା ୩୦।
- ବାବା ବିଶ୍ୱନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ସନ୍ଧିବାହାଲ, ଗାଇସିଲେଟ୍, ସମୟ: ସକାଳ ୬ଟା ୪୧।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ସୋହେଲା, ସମୟ: ସକାଳ ୭ଟା।
- ମହିଳାଙ୍କ ବିଶାଳ କଳସଯାତ୍ରା, ସ୍ଥାନ: ରଣେଶ୍ୱର ରାମଚଣ୍ଡୀ ମନ୍ଦିର, ନୃସିଂହନାଥ, ପାଇକମାଳ, ସମୟ: ସକାଳ ୭ଟା ୩୦।
- ରାମାୟଣ ପାରାୟଣ, ରାମଜୀ ମଠ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ରୌପ୍ୟ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଲିଟିଲ ଏଞ୍ଜେଲସ୍ ପବ୍ଲିକ ସ୍କୁଲ, ବରପାଲି, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳ ପ୍ରହରୀ ନାମଯଜ୍ଞ ଉଦ୍‌ଯାପନୀ, ପ୍ରସାଦ ସେବନ, ସ୍ଥାନ: ରାଧାକୃଷ୍ଣ ମନ୍ଦିର ପରିସର, ପାଇକମାଳ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗୋପାଳପୁର, ଭଟଲି, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ-୨୦୨୬, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

## କଳାହାଣ୍ଡି

- ରଜକ ସେବା ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଜୁନାଗଡ଼ ଆର୍‌ଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭବାନୀପାଟଣା ପ୍ରାଥମିକ ଶିକ୍ଷକ ଭବନ, ସମୟ: ପୂର୍ବାହ ୧୧ଟା।

## ଦେବଗଡ଼

- ବାସନ୍ତିକ ନବରାତ୍ର ପୂଜାର ତୃତୀୟ ଦିବସ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ପାଦିକା ଗୋଷ୍ଠୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ଜାମୁନାଳୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଅନ୍ତର୍ଦ୍ଦା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀର ତୃତୀୟ ସନ୍ଧ୍ୟା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବୀରମହାରାଜପୁର, ସମୟ:ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଗୁଦଗୁଦା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ବିଶ୍ୱନାଥପୁର ଗାଁ, ସମୟ: ପ୍ରାତଃ ୫ଟା ୧୫।
- ୬ତମ ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଲଭା ପଞ୍ଚାୟତ ଠାକୁରପାଲି ଗାଁ, ସମୟ: ପ୍ରାତଃ ୫ଟା ୪୫ ।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚବିଶପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆସିକୁଆଁ ଗାଁ, ସମୟ: ସକାଳ ୮ଟା ୩୦।
- ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡ଼ିଆଳ ବ୍ଲକ କୁଲିଗାଁ, ସମୟ: ସକାଳ ୮ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡ଼ିଆଳ ବ୍ଲକ ଗୋ ପଦର, ସମୟ: ପୂର୍ବାହ୍ନ ୧୦ ଟା।
- ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡ଼ିଆଳ ବ୍ଲକ ଛତା ଗାଁ, ସମୟ: ଅପରାହ୍ନ ୪ଟା ୪୦।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ବୋଡେନ ବ୍ଲକ ରୁନିବସା ଗାଁ, ସମୟ: ଅପରାହ୍ନ ୪ଟା ୫୦।
- ଫ୍ଲଡ୍ ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ ଭେଲା ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ରାତ୍ର ୮ଟା।

## ଝାରସୁଗୁଡ଼ା

- ଦୁର୍ଗା ମନ୍ଦିରରେ ମା' କୁଷ୍ମାଣ୍ଡାଙ୍କ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୮ଟା।
- କନକଦୁର୍ଗା ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: କନକଦୁର୍ଗା ମନ୍ଦିର, ରେଲୱେ ଷ୍ଟେଶନ ଛକ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।

# ଧୂରନ୍ଧର-୨: ଦୁଇଦିନରେ ଆୟ ୨୨୬ କୋଟି

**ମୁମ୍ବାଇ,୨୧।୩**

ଆଦିତ୍ୟ ଧରଙ୍କ ବ୍ଲକବଷ୍ଟର ଚଳଚ୍ଚିତ୍ର 'ଧୂରନ୍ଧର-୨' ମୁକ୍ତିଲାଭ କରିବାର ୨ ଦିନ ମଧ୍ୟରେ ମୋଟ ୨୨୬.୨୭ କୋଟି ଟଙ୍କା ଆୟ କରିଛି। ରଣବୀର ସିଂ ଅଭିନୀତ ଉକ୍ତ ଚଳଚ୍ଚିତ୍ରର ବୁଧବାର ପେଡ୍ ପ୍ରିଭ୍ୟୁରୁ ୪୩ କୋଟି ଟଙ୍କା ଆୟ ହୋଇଥିବାବେଳେ ଗୁରୁବାର ମୁକ୍ତିଲାଭର ପ୍ରଥମ ଦିନରେ ୧୦୨.୫୫ କୋଟି ଏବଂ ଶୁକ୍ରବାର ଦ୍ୱିତୀୟ ଦିନରେ ୮୦.୭୨ କୋଟି ଟଙ୍କା ଆୟ ହୋଇଥିବା ଏକ ଟ୍ରେଡ୍ ଟ୍ରାକିଂ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ମୁକ୍ତିଲାଭର ପ୍ରଥମ ଦିନରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟିକେଟ ବିକ୍ରି ହୋଇଥିଲା। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବରରେ ମୁକ୍ତିଲାଭ କରିଥିବା 'ଧୂରନ୍ଧର' ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୧,୩୦୦ କୋଟି ଟଙ୍କା ଆୟ କରିଥିଲା। ଜ୍ୟୋତି ଦେଶପାଣ୍ଡେ ଏବଂ ଲୋକେଶ ଧରଙ୍କ ଦ୍ୱାରା ନିର୍ମିତ 'ଧୂରନ୍ଧର: ଦି ରିଭେଞ୍ଜ'ରେ ରଣବୀର ସିଂଙ୍କ ସହ ଅଭିନେତା ଆର୍. ମାଧବନ, ଅର୍ଜୁନ ରାମପାଲ, ସଞ୍ଜୟ ଦତ୍ତ, ସାରା ଅର୍ଜୁନ ଏବଂ ରାକେଶ ବେଦୀ ଅଭିନୟ କରିଛନ୍ତି। ଫିଲ୍ମଟି ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ତାମିଲ, କନ୍ନଡ ଏବଂ ମାଲାୟଲମ୍ ଭାଷାରେ ରିଲିଜ୍ ହୋଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଢ଼ଣା ପଡ଼ିଛି ଗୋଡ଼ଣାଯାଏ**
**ତୁଣ୍ଡ ଶୁଭୁଅଛି ରେମୁଣା ଯାଏ ।**

ଲଜ୍ଜା ନାରୀର ଭୂଷଣ। ଶାଶୁଘରେ ନୂଆକରି ପାଦ ଥାପିଥିବା ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶିଳା ଗୁଣକୁ ସୂଚାଇଥାଏ। ତେବେ କିଛି ବୋହୂ ଅତି ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇଥାନ୍ତି। ଏପରିସ୍ଥଳେ ଉକ୍ତ ମୁଖରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଷା ଯାକରେ ଖୁଦୁରୁକୁଣୀ**
**ଯାତ ଯାକରେ ତିରିବିଣୀ ।**

ମା' ମଙ୍ଗଳାଙ୍କ ନାମରେ କରାଯାଉଥିବା ଓଷାକୁ ଭାଲୁକୁଣୀ ବା ଖୁଦୁରୁକୁଣୀ ଓଷା କୁହାଯାଇଥାଏ। ଅବିବାହିତ ଭଉଣୀ ନିଜ ଭାଇର ଶୁଭମନାସିବା ନେଇ ଏହି ଓଷାକୁ ପାଞ୍ଚ ପାଳି ପର୍ଯ୍ୟନ୍ତ ଅତି ନିଷ୍ଠା ଓ ଭକ୍ତିର ସହିତ ପାଳନ କରିଥାନ୍ତି। ସେହିପରି ତ୍ରିବେଣୀରେ ବୁଡ଼ ପକାଇଲେ ବ୍ୟକ୍ତିର ସକଳ ପାପ ଧୋଇ ହୋଇ ଯାଉଥିବା ନେଇ ଲୋକବିଶ୍ୱାସ ରହିଆସିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## କ୍ରସ୍ ଭୋଟିଂ: ବିଜେଡିର ୬ ...



ନବୀନ ନିବାସରେ ଶନିବାର ଅନୁଷ୍ଠିତ ପିଏସି ବୈଠକ।

କରିଥିଲା। ମାତ୍ର ଦଳ ସହ ରହି ଶେଷ ସମୟରେ ବିଜେଡିର ଉପରୋକ୍ତ ୬ ବିଧାୟକ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେଇ ଦଳର ହ୍ୱିଇପ୍ ଭାଙ୍ଗିଥିଲେ। ଏହା ପରଠାରୁ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏନେଇ ଗତ ୧୭ ତାରିଖରେ କ୍ରସ୍ ଭୋଟିଂ କରିଥିବା ୬ ଜଣ ବିଧାୟକଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଗତ ୨୦ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା କ୍ରସ୍ ଭୋଟିଂ କରିବା ଏବଂ ଦଳୀୟ ହ୍ୱିଇପ୍ ଭଙ୍ଗକରିଥିବାର କାରଣ ଦର୍ଶାଇବାକୁ ଦଳ ପକ୍ଷରୁ ନୋଟିସରେ ଉଲ୍ଲେଖ କରାଯାଇଥିଲା। ଏହାର ଉତ୍ତର ଯାହା ୬ ବିଧାୟକ ଦେଇଛନ୍ତି, ଦଳ ସେଥିରେ ସନ୍ତୁଷ୍ଟ ହୋଇପାରିନାହିଁ। ଦଳର ଶୃଙ୍ଖଳା କମିଟି ସେମାନଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇ ନ ଥିବା ଶନିବାର ନବୀନ ନିବାସଠାରେ ଅନୁଷ୍ଠିତ ପିଏସି ବୈଠକକୁ ରିପୋର୍ଟ ମାଧ୍ୟମରେ ଜଣାଇଛି। ଫଳରେ ପିଏସି କ୍ରସ୍ ଭୋଟିଂ କରିଥିବା ସମସ୍ତଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ନେଇଛି। ଦଳ ବିରୋଧୀ କାର୍ଯ୍ୟକ୍ରମ, ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବାରୁ ସେମାନେ ଦଳର ଆଭ୍ୟନ୍ତରୀଣ ନିଷ୍ପତ୍ତିକୁ ଭଙ୍ଗକରିବା ଏବଂ ଦଳୀୟ ନେତୃତ୍ୱଙ୍କ ନିଷ୍ପତ୍ତିକୁ ଅବମାନନା କରିବା ଅଭିଯୋଗରେ ନିଲମ୍ବନ ସମ୍ପର୍କିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ବୈଠକ ଶେଷ ହେବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରମିଳା କହିଛନ୍ତି, ଦଳ ବିରୋଧୀ କାର୍ଯ୍ୟ ଲାଗି ୬ ବିଧାୟକଙ୍କୁ ନିଲମ୍ବନ କରାଯାଇଛି। ଏନେଇ ପିଏସିରେ ନିଷ୍ପତ୍ତି ହୋଇଛି। ୬ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ଦଳ ପକ୍ଷରୁ ବାଚସ୍ପତିଙ୍କୁ ଲେଖି ଜଣାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବିଜେଡିରୁ ନିଲମ୍ବନ ହୋଇଥିବା ବିଧାୟକମାନଙ୍କ ମଧ୍ୟରୁ ଅଧିକାଂଶ ସେମାନେ ନେଇଥିବା ନିଷ୍ପତ୍ତି ଠିକ୍ ବୋଲି ବିଭିନ୍ନ ଫୋରମରେ ଯୁକ୍ତି ବାଢୁଛନ୍ତି।

# ବିଧାୟିକାଙ୍କୁ ନିଲମ୍ବନ ପରେ ବିଜେଡି ଛାଡିଲେ ବସ୍ତା ବ୍ଲକ ସଭାପତି

**ବସ୍ତା, ୨୧।୩(ହରି ଶଙ୍କର ପାଢ଼ୀ)**

ରାଜ୍ୟ ସଭା ନିର୍ବାଚନରେ କ୍ରସ ଭୋଟିଂ ନେଇ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ବିଜେଡି ଦଳରୁ ଶନିବାର ନିଲମ୍ବିତ କରିଛି। ବସ୍ତା ନିର୍ବାଚନମଣ୍ଡଳୀ ମଧ୍ୟରୁ ବସ୍ତାରେ ଅନୀଲ କୁମାର ମହାନ୍ତି ଏବଂ ବାଲିଆପାଳରେ ଗୋବିନ୍ଦ ଦାସ ଦଳର ମଙ୍ଗ ଧରିଥିଲେ। ତେବେ ନିକଟରେ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ବସ୍ତା ବିଧାୟିକାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ଜେନା ଶଙ୍ଖ ଦଳ ଛାଡି ପଦ୍ମ ଧରିଛନ୍ତି। ତାଙ୍କ ସହ ବସ୍ତା ବ୍ଲକର ବିଜେଡି ଚେୟାରମ୍ୟାନ, ବାଲିଆପାଳ ବ୍ଲକର ସଭାପତି ଗୋବିନ୍ଦ ଦାସଙ୍କ ସହ କେତେକ ସରପଞ୍ଚ, ସଦସ୍ୟ ଭାଜପାରେ ଯୋଗ ଦେଇଛନ୍ତି। ତେବେ ବିଧାୟିକାଙ୍କ ନିଲମ୍ବନକୁ ବିରୋଧ କରି ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ କୁମାର ମହାନ୍ତି, ଯୁବ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ଜିଲା ଯୁବ ସାଧାରଣ ସମ୍ପାଦକ ରାଜେଶ କୁମାର ଗିରି ବିଜେଡିରୁ ଇସ୍ତଫା ଦେଇଛନ୍ତି। ଫଳରେ ବିଜେଡି ଏବେ ବସ୍ତା ନିର୍ବାଚନମଣ୍ଡଳୀରେ ମୁରବି ଶୂନ୍ୟ ହୋଇପଡ଼ିଛି। ତେବେ ବସ୍ତା ଓ ବାଲିଆପାଳ ବ୍ଲକରେ ବିଜେଡିର ମଙ୍ଗୁଆଳ କିଏ ହେବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଇରାନ୍ ତୈଳ...

କିଣିବାକୁ ଆଗ୍ରହୀ ଥିବାବେଳେ ଅନ୍ତର୍ଜାତୀୟ କ୍ରେତାମାନଙ୍କ ପାଇଁ ସମୁଦ୍ରରେ ତେହରାନ୍‌ର ବଳକା ଅଶୋଧିତ ତୈଳ ଗଚ୍ଛିତ ନ ଥିବା ଏହାର ମନ୍ତ୍ରଣାଳୟ କହିଛି। ମୁମ୍ବାଇରେ ଥିବା ଇରାନ୍ ବାଣିଜ୍ୟିକ ଦୂତାବାସ ପକ୍ଷରୁ ଏକ ବିବୃତି ଜରିଆରେ କୁହାଯାଇଛି, ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଯୋଗାଇବା ପାଇଁ ତେହରାନ୍ ପାଖରେ ଅତିରିକ୍ତ ତୈଳ ମହଜୁଦ ନାହିଁ। ତୈଳ କିଣୁଥିବା ଦେଶଗୁଡ଼ିକୁ ପୁନର୍ବାର ଆଶ୍ୱାସନା ଦେବା ଏବଂ ବଜାର ମନୋଭାବ ପରିଚାଳନା କରିବା ଲକ୍ଷ୍ୟରେ ଆମେରିକା ଟ୍ରେଜେରି ବିଭାଗ କଟକଣା ହଟାଇବା କଥା କହିଥିବା ଇରାନ୍ କନ୍‌ସୁଲେଟ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କଟକଣା ଲାଗିଥିବା ଇରାନ୍ ତୈଳକୁ ଚାଇନା ଶସ୍ତାରେ ମହଜୁଦ କରି ରଖିଥିବା ଆମେରିକୀୟ ଅଧିକାରୀ ଅଭିଯୋଗ କରିଛନ୍ତି।

## ଆଉ ଦୁଇଦିନ...

ମୟୂରଭଞ୍ଜ ଜାମଦାଠାରେ ୭୪ ମି.ମି., ସୁନ୍ଦରଗଡ଼ ରାଜଗାଙ୍ଗପୁରଠାରେ ୭୦.୨ ମି.ମି., କୁଚ୍‌ରାରେ ୬୦ ମି.ମି., ମନ୍ଦିରାଡ୍ୟାମ୍‌ରେ ୫୨ ମି.ମି., ଗୁରୁଣ୍ଡିଆରେ ୪୮ ମି.ମି. ବର୍ଷା ହୋଇଥିଲା। ସେହିପରି ବର୍ଷା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବାଧିକ ତାପମାତ୍ରା ହ୍ରାସ ପାଇଛି। ଶନିବାର ପାରଳାଖେମୁଣ୍ଡିଠାରେ ସର୍ବୋଚ୍ଚ ତାପମାତ୍ରା ୩୫.୬ ଡିଗ୍ରୀ ଓ ବୌଦ୍ଧରେ ୩୫.୨ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଅନ୍ୟ ସ୍ଥାନଗୁଡିକରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ତଳେ ରହିଥିଲା।

## ଲକ୍ଷ୍ୟଭେଦ କ୍ଷମତା...

କରି ଇରାନ୍ ମଧ୍ୟପ୍ରାଚ୍ୟ ସଂଘର୍ଷକୁ ଭାରତ ମହାସାଗରୀୟ ଅଞ୍ଚଳକୁ ଟାଣିଆଣିଛି। ଅର୍ଥାତ୍ ଆମେରିକା ପାଇଁ ଆଉ କୌଣସି ସ୍ଥାନ ନିରାପଦ ନୁହେଁ ବୋଲି ତେହରାନ୍ ସଙ୍କେତ ଦେଇଛି। ଏହା ପୂର୍ବରୁ ଆମେରିକା ପକ୍ଷରୁ ଭାରତ ମହାସାଗରୀୟ ଅଞ୍ଚଳର ଶ୍ରୀଲଙ୍କା ନିକଟରେ ଇରାନ୍‌ର ଏକ ତୈଳ ଜାହାଜକୁ ଆକ୍ରମଣ କରାଯାଇଥିବାବେଳେ ଇରାନ୍ ସଦ୍ୟ ଆକ୍ରମଣ ଜରିଆରେ ଜଣାଇ ଦେଇଛି ଯେ, ଏହା ପାଇଁ ମଧ୍ୟ ଇଣ୍ଡିଆନ୍ ଓସେନ୍ ରିଜିଅନ୍ ଅପହଞ୍ଚ ନୁହେଁ। କୁହାଯାଉଛି ଯେ ଇରାନ୍ ଉତ୍‌କ୍ଷେପଣ କରିଥିବା ୨ଟି ଆଇଆର୍‌ବିଏମ୍ ମଧ୍ୟରୁ ଗୋଟିଏ ଟାର୍ଗେଟକୁ ହିଟ୍ କରିଥିବାବେଳେ ଅନ୍ୟଟି ଲକ୍ଷ୍ୟଚ୍ୟୁତ ହୋଇଯାଇଛି। ତେବେ ଏଠାରେ ହିଟ୍ କିମ୍ବା ମିସ୍‌ର ବୈଷୟିକ ପରିଣାମ ବଡ଼କଥା ନୁହେଁ। ସୂତ୍ରରୁ ଜଣାପଡ଼ିଛି, ଆମେରିକା ଏକ ଏସ୍‌ଏମ୍-୩ ଇଣ୍ଟରସେପ୍ଟର ଫାୟାର କରିଥିଲା। ତେବେ ଏହା କେତେ ଫଳପ୍ରଦ ହୋଇଛି ତାହା ଜଣାପଡ଼ିନାହିଁ। ବିଶ୍ଳେଷକଙ୍କ ମତରେ ଭୂରାଜନୈତିକ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଏକ ପ୍ରତ୍ୟକ୍ଷ ଚ୍ୟାଲେଞ୍ଜ ଦେବାରେ ସକ୍ଷମ ହୋଇଛି ବୋଲି ବୁଝିବାକୁ ପଡ଼ିବ।

## ଅଖା ଭିତରେ ନିଖୋଜ...

ଦେଖି ମହୁଲ ଓ କୁସୁମ ସାଉଁଟିବାକୁ ଆସିଥିବା ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମନସାଙ୍କ ମୃତଦେହ ଚିହ୍ନଟ କରି କରଞ୍ଜିଆ ଥାନାକୁ ଜଣାଇଥିଲେ। ପାଞ୍ଚପୀଢ଼ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ସବ୍‌ଇନ୍ସପେକ୍ଟର ସୁଧାଂଶୁ ସେଠୀ, ଭାରତୀ ନାଏକ ଓ ସହକାରୀ ସବ୍ ଇନ୍ସପେକ୍ଟର ସାଲ୍‌ଖାନ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଛି। ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ନାବାଳିକା ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ପୋଲିସ ସମସ୍ତ ଦିଗ ଉପରେ ତର୍ଜମା କରି ତଦନ୍ତ କରୁଛି ବୋଲି କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଧାନ କହିଛନ୍ତି। ଶୁକ୍ରବାର ରଞ୍ଜନଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ନିଖୋଜ ମାମଲା (ନଂ.୧୧୧/୨୬) ରୁଜୁ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ଦ୍ୱିଜା ନକ୍ଷତ୍ରରେ ରହିଥିବାରୁ ପାରିବାରିକ ସ୍ଥିରତା, ଲୋକ ସମ୍ପର୍କରେ ଉନ୍ନତି ସାଙ୍ଗକୁ ବନ୍ଧୁମିଳନରୁ ଆନନ୍ଦିତ ରହିବେ। ମନ ଅନୁଯାୟୀ କାମ କରିପାରିବେ। ପ୍ରତ୍ୟେକ କାମରେ କିଛିଟା ଦ୍ୱନ୍ଦ୍ୱ ଓ ଆଶା, ଆଶଙ୍କା ମଧ୍ୟରେ ମନ ହଲ୍‌ଚଲ୍ ରହିବ। ଯାତ୍ରା, ବ୍ୟବସାୟ, ସୁସ୍ଥତା, ପ୍ରତିଯୋଗିତା, ଜମିଜମା କାରବାର ଦିଗରୁ ଦିନଟି ବହୁତ ଭଲ।

**ବୃଷ** ଆଜିର କର୍ମକ୍ଷେତ୍ରରେ ଶେଷ ସମୟରେ କାମଟି ବିଗିଡ଼ିଯିବାର ସମ୍ଭାବନା ରହିଛି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ବାଣିଜ୍ୟ, ଆଲୋଚନା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଏକାଦଶସ୍ଥ ରବି ହେତୁ କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି, ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ** ଗୁରୁଙ୍କ ଶୁଭଦୃଷ୍ଟି ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଶୁକ୍ରଙ୍କ ସହ ରବିଙ୍କ ସମ୍ପର୍କରୁ ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟରେ ଉନ୍ନତ ମାନର ଫଳ ମିଳିବ।

**କର୍କଟ** ଭାଗ୍ୟଭାବରେ ଉଚ୍ଚସ୍ଥ ଶୁକ୍ର ପ୍ରଭାବରେ ମନୋରଞ୍ଜନ କିମ୍ବା ଭ୍ରମଣ ଦିଗରେ ମନ ବଳାଇବେ। ଅଧିକାଂଶ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କାରଣରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବହୁଦିଗରୁ ସମ୍ପର୍କୀୟଙ୍କ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** ଧନାଧିପ ବୁଧ ପାପଗ୍ରହ ରାହୁଙ୍କ ସଂଯୋଗ ହେତୁ ଧନହାନି ହେତୁକ ଟେନ୍‌ସନ ଲାଗିରହିବ। ନିଜ ଲୋକମାନଙ୍କୁ ଯେତିକି ଖୁସିରେ ରଖିବାକୁ ଚାହିଁଲେ ମଧ୍ୟ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ତାହା ସହଜରେ କରାଇ ଦେବନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ।

**କନ୍ୟା** ବଳହୀନ ବୁଧ ମିତ୍ର କ୍ଷେତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଅଭାବ ପୂରଣ ସକାଶେ ବହୁ ଚେଷ୍ଟା ପରେ ଋଣ ସୂତ୍ରରେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା କରିପାରନ୍ତି। ସାହିତ୍ୟ, ରାଜନୀତି, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିବ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ବିଭିନ୍ନ କଥା କହିପାରନ୍ତି।

**ତୁଳା** ରାଶି ପ୍ରତି ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଦୃଷ୍ଟି ଯୋଗୁ ଯାହା ଆଶା କରୁଛନ୍ତି, ତାହା ପାଇବାରେ ଅସୁବିଧା ହେବନାହିଁ। ବିଭିନ୍ନ ବିଷୟରେ ଦୁଶ୍ଚିନ୍ତାଜନିତ ମନ ଭଲ ରହି ନ ପାରେ। ସାଧାରଣ କଥାରେ ତର୍କ ଓ ବିବାଦ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବ। ଅବହେଳା ଓ କାଳକ୍ଷେପଣ ନୀତି ହେତୁ କାମରେ ପ୍ରତିବନ୍ଧକ ସୃଷ୍ଟିହେବ।

**ବିଛା** ଦୈହିକ ସୁସ୍ଥତା, ଅର୍ଥାଭାବ, ଭଲ ଚିନ୍ତା ଓ କାମ କଲେ ମଧ୍ୟ ମନର ଅଭାବ ସମସ୍ତ ଅସୁଖର କାରଣ ପାଲଟିଯିବ। ଷଷ୍ଠସ୍ଥ ଚନ୍ଦ୍ର ପ୍ରଭାବରେ ଯାହାକୁ ଯାହା କହିବେ ତାହା ନିଶ୍ଚିତ ଗ୍ରହଣଯୋଗ୍ୟ ହେବନାହିଁ। ରାଜନୈତିକ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବେ ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ସମସ୍ୟାଜନିତ ଟେନ୍‌ସନ ଲାଗିରହିବ। ଅଫିସ୍‌ରେ କିଛି ବିଚାର ନ କରି ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡ଼ିବେ। ପରିବହନ, ଛୋଟ ଦୋକାନ, ହୋଟେଲ ଆଦିରୁ ସୁଫଳ ମିଳିବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ରାଦି ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହୋଇପାରନ୍ତି।

**ମକର** କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ସକାଳୁ କୌଣସି ଶୁଭ ଖବର ମନକୁ ଆମୋଦିତ କରିପାରେ। ପରିଜନଙ୍କ ସହିତ ବନ୍ଧୁଗୃହକୁ କିମ୍ବା ଭ୍ରମଣରେ ଯିବାକୁ ସଜବାଜ ହୋଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ରାଜନୀତି, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ** ଉପଚୟସ୍ଥ ଚନ୍ଦ୍ରଙ୍କ ଅଶୁଭତ୍ୱରୁ କାର୍ଯ୍ୟବ୍ୟସ୍ତତା ଜନିତ ମାନସିକ ଚାପ ବୃଦ୍ଧି ହେତୁ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜ ଲୋକଙ୍କ କାର୍ଯ୍ୟକଳାପରେ ବିବ୍ରତ ହୋଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସାଙ୍ଗକୁ ସମ୍ମାନିତ ମଧ୍ୟ ହୋଇପାରନ୍ତି।

**ମୀନ** ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ କର୍ମକ୍ଷେତ୍ର ଏବଂ ସାମାଜିକ ସ୍ତରରେ ସୁପ୍ରତିଷ୍ଠିତ ହେବେ। ସଭାସମିତି, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ପରିସ୍ଥିତି ତାଡ଼ନାରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

ଆଜି ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ଶ୍ରୀମନ୍ଦିରରେ ବାଡିନସିଂହ ବିଜେ, ଚୈତ୍ର ଶୁକ୍ଳ ଚତୁର୍ଥୀ ରବିବାର। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୨ ଗତେ ୦୭।୫୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୪ ଗତେ ଘ.୦୫।୫୪ ମଧ୍ୟେ ରାହୁକାଳ।




# ଆଗକୁ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତି ଦିଆଯିବ: ମନ୍ତ୍ରୀ

## ବନ୍ଦ ସ୍କୁଲ ପୁନଃ ଖୋଲିବାକୁ ପଦକ୍ଷେପ ନେଉଛନ୍ତି ସରକାର

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଶିକ୍ଷକମାନେ ଯେପରି ରାଜରାସ୍ତାରେ ନ ବସିବେ, ପିଲାଙ୍କ ପାଠପଢ଼ାକୁ ଯେପରି ଗୁରୁତ୍ୱ ଦେବେ, ସେଥିପାଇଁ ଶୁକ୍ରବାର ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ନିୟମିତ କରିଛନ୍ତି। ନିଯୁକ୍ତି ପାଇଥିବା ଦିନରୁ ହିଁ ସେମାନଙ୍କୁ ନିୟମିତ କରାଗଲା। ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ସେହିପରି ଆଗକୁ ଶିକ୍ଷା କ୍ଷେତ୍ରରେ ଯେତେବେଳେ ଶିକ୍ଷକ ନିଯୁକ୍ତି କରାଯିବ, ସମସ୍ତଙ୍କୁ ନିୟମିତ ଭାବେ ନିଯୁକ୍ତି ଦିଆଯିବ ବୋଲି ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଲେ, ପୂର୍ବ ସରକାର ରାଜ୍ୟରେ ୫ହଜାରରୁ ଉର୍ଦ୍ଧ୍ୱ ସ୍କୁଲ ବନ୍ଦ କରିଦେଇଥିଲେ। ହେଲେ ଆମ ସରକାର ଆସିବା ପରେ ଯେଉଁଠି ପିଲା ଅଛନ୍ତି, ସେମାନେ ଦୂର ସ୍କୁଲକୁ ଯାଉଛନ୍ତି, ସେଭଳି ଜାଗାରେ ବିଦ୍ୟାଳୟ ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯିବ। ଏଥିପାଇଁ ଜିଲାର ଯାଞ୍ଚ କମିଟି ପକ୍ଷରୁ ସେମିତି କିଛି ପ୍ରସ୍ତାବ ଆସିଲେ, ରାଜ୍ୟ କମିଟି ତାହାର ଯାଞ୍ଚ ଓ ତର୍ଜମା କରିବ। ଏହାପରେ ଯଦି ଆବଶ୍ୟକତା ରହିଥିବା ନେଇ କମିଟି ସରକାରଙ୍କୁ ରିପୋର୍ଟ ଦେବ, ତେବେ ସେଠାରେ ପୁନଃ ବିଦ୍ୟାଳୟ ଖୋଲାଯିବ। ଇତିମଧ୍ୟରେ ୪୦ଟି ସ୍କୁଲକୁ ରି-ଓପନ କରି ପାଠପଢ଼ାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି।

# ଚଳନ୍ତା ବସ୍‌ରେ ଲାଗିଲା ନିଆଁ

## ଅଳ୍ପକେ ବର୍ତ୍ତିଲେ ଚିତ୍ରକୋଣ୍ଡା ବିଧାୟକଙ୍କ ସମେତ ୩୯ ଯାତ୍ରୀ

ପଟ୍ଟାଙ୍ଗି,୨୧।୩(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୀମାନ୍ତ ଆନ୍ଧ୍ରପ୍ରଦେଶ ବିଜୟନଗରମ ଜିଲା ଅଧୀନ ରାମ୍ଭଦ୍ରପୁରମ ନିକଟ ତାରାପୁରମ ଗ୍ରାମ ନିକଟରେ ଓଡ଼ିଶାର ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଶୁକ୍ରବାର ରାତିରେ ନିଆଁ ଲାଗିଥିଲା। ଏଥିରୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ୩୯ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ମାଲକାନଗିରି ଜିଲା କାଳିମେଳା ଅଭିମୁଖେ ନୀଳକଣ୍ଠେଶ୍ୱର ନାମକ ଏକ ଘରୋଇ ସ୍ଲିପର ବସ୍(ଓଡି୦୨-ସିଏଚ୍-୪୦୦୨)ରେ ପ୍ରାୟ ୩୯ ଯାତ୍ରୀ ଫେରୁଥିଲେ। ହଠାତ୍ ରାତିରେ ଆନ୍ଧ୍ରର ତାରାପୁରମ ଗ୍ରାମ ନିକଟରେ ବସ୍‌ରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ବସ୍ ଡ୍ରାଇଭର ଶୁକଦେବ ବେହେରା ଶୋଇଥିବା ବେଳେ ଅନ୍ୟ ସହଯୋଗୀ ଡ୍ରାଇଭର ଦାଶରଥି ପୃଷ୍ଟି ଗାଡ଼ି ଚଳାଉଥିଲେ। ବସ୍ ଚାଲୁଥିବା ଅବସ୍ଥାରେ କିଛି ଫାଟିବା ଶବ୍ଦ ଶୁଣି ଶୁକଦେବଙ୍କ ନିଦ ଭାଙ୍ଗିଯାଇଥିବା ସେ କହିଛନ୍ତି। ଏହାପରେ ସେ ସହଯୋଗୀ ଡ୍ରାଇଭରଙ୍କୁ ବସ୍ ରଖିବାକୁ କହିଥିଲେ। ବସ୍‌ରୁ ତଳକୁ ଓହ୍ଲାଇ ଦେଖିବାରୁ ପଛ ଚକା ପାଖରେ ଥିବା ହାଉଜିଙ୍ଗ ନିକଟ ଓ୍ୱାରରୁ ନିଆଁ ବାହାରୁଥିବା ଜାଣିଥିଲେ। ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଏହା ପରେ ବସ୍‌ରୁ ଗ୍ୟାସ୍ କାଢ଼ି ଲିଭାଇବା ସମୟରେ ବସ୍‌ର ବେଲୁନ ଫାଟିଯିବାରୁ ନିଆଁ ଅଣାୟତ୍ତ ହୋଇଯାଇଥିବା ଡ୍ରାଇଭର କହିଛନ୍ତି। ବସ୍ ଭିତରୁ ସମସ୍ତ ଯାତ୍ରୀଙ୍କୁ ବାହାରକୁ ବାହାରିବାକୁ କହିଥିଲେ। ବସ୍‌ରେ ଥିବା ଭୁବନେଶ୍ୱରରୁ ଚିତ୍ରକୋଣ୍ଡା ଫେରୁଥିବା ବିଧାୟକ ଖିଲ ବାହାରକୁ ଡେଇଁ ପଡ଼ିଥିଲେ। ଏଥିସହ ଯାତ୍ରୀଙ୍କୁ ବାହାରକୁ ବାହାର କରିବାରେ ଡ୍ରାଇଭରଙ୍କୁ ସହଯୋଗ କରିଥିଲେ। ସ୍ୱାଇଲ ନୀଳକଣ୍ଠେଶ୍ୱର ନାମକ ଅନ୍ୟ ଏକ ବସ୍‌ରେ ସମସ୍ତ ଯାତ୍ରୀଙ୍କୁ ଜୟପୁର ପଠାଇବାରେ ବିଧାୟକ ସହଯୋଗ କରିଥିଲେ। ସମସ୍ତ ଯାତ୍ରୀଙ୍କ ଜିନିଷ ଉଦ୍ଧାର କରାଯାଇଥିଲା। ଅଳ୍ପ କିଛି ସାମଗ୍ରୀ ପୋଡ଼ିଯାଇଥିବା ଜଣାପଡ଼ିଛି। ଜଣେ ମହିଳା ତାଙ୍କ ସୁନାଗହଣା ବାହାରକରି ବସ୍‌ରେ ରଖିଥିବା ବେଳେ ଏହା ପୋଡ଼ିଯାଇଥିଲା। ଆନ୍ଧ୍ର ପୋଲିସ ଉକ୍ତ ପୋଡ଼ିଯାଇଥିବା ସୁନାଗହଣାକୁ ମହିଳାଙ୍କୁ ଫେରାଇଥିଲା। ଆନ୍ଧ୍ର ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



# ବି.ଏଡ୍. ପ୍ରବେଶିକା ପରୀକ୍ଷା ପାଇଁ ୨୩ରୁ ଆବେଦନ

ଭୁବନେଶ୍ୱର,୨୦।୩ (ସୁଚିସ୍ମିତା ସାହୁ)

ଦୁଇ ବର୍ଷିଆ ବି.ଏଡ୍, ବିଏଚ୍.ଏଡ୍. ଓ ଏମ୍.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ସୋମବାରଠାରୁ ଏପ୍ରିଲ୍ ୬ ମଧ୍ୟରେ ଆଶାୟୀ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଆବେଦନ ସମୟରେ କୌଣସି ତ୍ରୁଟି ଥିଲେ ୭ ତାରିଖରେ ସଂଶୋଧନ କରିପାରିବେ। ଆବେଦନକାରୀଙ୍କ ସମସ୍ତ ତଥ୍ୟ ଓକାକ୍ ପକ୍ଷରୁ ୧୩ ତାରିଖ ଦିନ ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି)କୁ ପ୍ରଦାନ କରାଯିବ। ମେ ୨୭ରେ ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ମେ' ୩୧ରେ ବି.ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଜୁନ୍ ୩ରେ ବିଏଚ୍.ଏଡ୍ ଓ ଏମ୍.ଏଡ୍ ପ୍ରବେଶିକା ପରୀକ୍ଷା ହେବ। ଜୁନ୍ ୪ରେ ପ୍ରୋଭିଜନାଲ୍ ଆନସାର୍ କି ପ୍ରକାଶ ପାଇବା ପରେ ଉତ୍ତରକୁ ନେଇ କୌଣସି ଅସନ୍ତୋଷ ଥିଲେ ୫ରୁ ୭ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଚୂଡ଼ାନ୍ତ ଆନ୍‌ସାର୍ କି କେବେ ପ୍ରକାଶ ପାଇବ, ସେନେଇ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ। ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିଲେ ମଧ୍ୟ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ। ରେଜଲ୍ଟ ବାହାରିବା ପରେ ତାକୁ ଅପଡେଟ୍ କରିବେ। ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବୃତ୍ତିରାଶି ପାଇଁ ଆବେଦନ ସମୟରେ ହିଁ ରେସିଡେଣ୍ଟ ସହିତ ଜାତି ଓ ଆୟ ପ୍ରମାଣପତ୍ରର ଆବଶ୍ୟକତା ରହିଛି। ଆବେଦନ ପୂର୍ବରୁ ଏସବୁ ପ୍ରମାଣପତ୍ର ପ୍ରସ୍ତୁତ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

# ଏପ୍ରିଲ ୮ରେ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ରକ୍ତଦାନ ଶିବିର

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ଆସନ୍ତା ଏପ୍ରିଲ ୮ରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜନ ହେବ। ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ଆସନ୍ତା ଏପ୍ରିଲ ୧ରୁ ୧୪ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯିବ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏପ୍ରିଲ ୮ରେ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏନ୍‌ସିସି/ ଏନ୍‌ଏସ୍‌ଏସ୍/ଯୁଥ୍ /ରେଡକ୍ରସ/ ରୋଭର୍ସ ରେଞ୍ଜର୍ସ ତରଫରୁ ରକ୍ତଦାନ ଶିବିରର ଆୟୋଜନ କରାଯିବ ବୋଲି ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଶିକ୍ଷାନୁଷ୍ଠାନରେ ପରୀକ୍ଷା ବା ଅନ୍ୟକୌଣସି ଅପରିହାର୍ଯ୍ୟ କାରଣରୁ ଉକ୍ତଦିନ ରକ୍ତଦାନ ଶିବିର ଆୟୋଜନ ସମ୍ଭବ ନ ହେବ, ତେବେ ଏହାକୁ ଓଡ଼ିଆ ପକ୍ଷ ପାଳନ ଅବଧି ମଧ୍ୟରେ ରହିଥିବା ଯେକୌଣସି ଦିନରେ କରାଯାଇପାରିବ ବୋଲି କୁହାଯାଇଛି। ରକ୍ତଦାନ ଶିବିର ଆୟୋଜନ ପରେ ଶିବିରର ବିବରଣୀକୁ ହିମ୍ସ ପୋର୍ଟାଲରେ ଅପ୍‌ଲୋଡ଼ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

DVARA KGFS
PUBLIC NOTICE
DVARA KGFS ଶାଖା ସ୍ଥାନାନ୍ତର ନୋଟିସ୍
DVARA KGFS (DVARA Kshetriya Gramin Financial Services Private Limited) ତାର ଗ୍ରାହକମାନଙ୍କୁ ଜଣାଇବାକୁ ଚାହୁଁଛି ଯେ ପ୍ରଶାସନିକ ସୁବିଧା ହେତୁ, ବୁଢାମ୍ବ ଏବଂ ଛେଣ୍ଡିପଦା ସ୍ଥିତ କାର୍ଯ୍ୟ କରୁଥିବା ଶାଖା ୦୧ ଏପ୍ରିଲ ୨୦୨୬ ଠାରୁ ନିମ୍ନଲିଖିତ ଶାଖାଗୁଡିକରୁ ତାର ସମସ୍ତ ଆର୍ଥିକ ସେବା ପ୍ରଦାନ ଜାରି ରଖିବ।
FOR BUDHAMBA: Kalasandhapur, Aska, Ganjam, Odisha-761111, ବୁଢାମ୍ବ ପାଇଁ- କାଳସଣ୍ଡପୁର, ଆସ୍କା, ଗଞ୍ଜାମ, ଓଡ଼ିଶା-୭୬୧୧୧୧
FOR CHHENDIPADA: At- Similipada, Po- Angul, Dist- Angul, Odisha-759122 ଛେଣ୍ଡିପଦା ପାଇଁ: ଗ୍ରାମ- ଶିମିଳିପଡା, ପୋଷ୍ଟ- ଅନୁଗୁଳ, ଜିଲ୍ଲା- ଅନୁଗୁଳ, ଓଡ଼ିଶା- ୭୫୯୧୨୨

# ସୋମବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ ବିଜେଡି

## ପ୍ରତାପଙ୍କ ବାସଭବନରେ ଗଣ୍ଡଗୋଳ ଘଟଣା

ଭୁବନେଶ୍ୱର,୨୧।୩ (ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନରେ ବିଜେଡିରୁ ୬ ଜଣ ବିଧାୟକ କ୍ରସ୍ ଭୋଟିଂ କରିଥିଲେ। ଏହାସହ ବିଜେଡିରୁ ନିଲମ୍ବନ ହୋଇଥିବା ୨ ଜଣ ବିଧାୟକ ମଧ୍ୟ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏହାପରଠାରୁ ବିଜେଡି ପକ୍ଷରୁ ଦଳ ବିରୋଧୀ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ଛାତ୍ର, ଯୁବ ଓ ବିଧାୟକମାନଙ୍କୁ ନିଲମ୍ବନ କରାଯାଉଛି। ଶୁକ୍ରବାର କେତେଜଣ ବିଜୁ ଯୁବ ଓ ଛାତ୍ର ଜନତା ଦଳ ନେତାଙ୍କୁ ଦଳର ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ନିଲମ୍ବନ କରାଯାଇଥିଲା। ଦଳର ଜଣେ ନେତାଙ୍କ କହିବା କଥା, ଏହି ଯୁବ ଓ ଛାତ୍ର ନେତାମାନେ ଗୁରୁବାର ଯେତେବେଳେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଘର ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ କଲେ ସେମାନେ ଓଲଟା ଦିଗରେ କାର୍ଯ୍ୟକଲେ। ସେମାନେ ଦେବୀଙ୍କୁ ସମର୍ଥନକରି ଦଳ ବିପକ୍ଷରେ ବାହାରିଥିଲେ। ସେଥିଲାଗି ସେମାନଙ୍କୁ ନିଲମ୍ବନ କରାଯାଇଥିଲା।

ଏହାପରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରତାପ ଜେନାଙ୍କ ବାସଭବନ ବାହାରେ ନିଲମ୍ବିତ କେତେଜଣ ଯୁବ ଓ ଛାତ୍ର ନେତା ଭାଜପା ସମର୍ଥିତ ରାଜ୍ୟ ସଭା ପ୍ରାର୍ଥୀଙ୍କ ବିଜୟକୁ ନେଇ ବାଣ ଫୁଟାଇଥିଲେ। ଏହାପରେ ପ୍ରତାପଙ୍କ ଗେଟ୍ ଖୋଲି ତାଙ୍କ ବାସଭବନରେ ଥିବା ସିକ୍ୟୁରିଟି ଏବଂ ଘରୋଇ ସହାୟକଙ୍କୁ ମାରିଥିବା ଭିଡିଓ ବାହାରେ ପ୍ରଘଟ ହେଲା। ଏହି ଘଟଣାରେ କେତେଜଣ ଭାଜପା କର୍ମୀ ଥିବା ମଧ୍ୟ ବିଜେଡି ଅଭିଯୋଗକରି ଥାନାର ଦ୍ୱାରସ୍ଥ ହେଲା। ଏହି ଘଟଣାରେ ଶନିବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଉକ୍ତ ଘଟଣା ବିରୋଧରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରାଯିବ ବୋଲି କୁହାଯାଇଛି। ଦଳର ଛାତ୍ର ସଭାପତି ଈପ୍ସିତା ସାହୁ କହିଛନ୍ତି, ବିଜୁ ଲିଗାସିର ଦ୍ୱାହିଦେଇ କେତେଜଣ ସ୍ୱାର୍ଥପର ରାଜନେତା ନିଜର ଅପକର୍ମକୁ ଘୋଡ଼ାଇବା ପାଇଁ ନୂତନ ରଣନୀତି ଆପଣାଇଛନ୍ତି। ପ୍ରତାପଙ୍କ ବିରୋଧରେ ଯେପରି ହିଂସାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଜୁ ବିଚାରଧାରାର ପରିପନ୍ଥୀ। ପ୍ରତାପଙ୍କ ଅନୁପସ୍ଥିତିରେ ତାଙ୍କ ବାସଭବନରେ ଦେବୀରଞ୍ଜନଙ୍କ ନାଁ ନେଇ କେତେଜଣ ମଦ୍ୟପ ଯୁବକ ଆତଙ୍କରାଜ ଖେଳାଇଲେ। ଦେବୀ ଜଣେ ଭୀରୁ, କାପୁରୁଷଙ୍କ ଭଳି କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ଯେଉଁଭଳି ୧୯୯୬ରେ ବିଜୁବାବୁଙ୍କ ସହ ବେଇମାନିକରି ସେହି ସମୟରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଭୋଟ ଦେଲେ ଠିକ୍ ସେହିଭଳି ୨୦୨୬ରେ ତାଙ୍କ ପୁଅ ଦେବୀରଞ୍ଜନ ମଧ୍ୟ ଦଳ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ତାଙ୍କ ପ୍ରରୋଚନାରେ ଘଟାଯାଇଥିବା ଆତଙ୍କରାଜ ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଉଚିତ ଜବାବ ଦେବ ବୋଲି କୁହାଯାଇଛି।

# ଅହମ୍ମଦାବାଦରେ 'ଓଡ଼ିଶା ପରବ' ଉଦ୍‌ଘାଟିତ



ଗୁଜରାଟ ଅହମ୍ମଦାବାଦଠାରେ 'ଓଡ଼ିଶା ପରବ'ର ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭିଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୁଜରାଟ ଅହମ୍ମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟ କନ୍‌ଭେନ୍‌ଶନ ସେଣ୍ଟରଠାରେ ଶନିବାର 'ଓଡ଼ିଶା ପରବ' ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଓଡ଼ିଶା ଏକ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ, ଯେଉଁଠାରେ ଐତିହ୍ୟ, ଆଧ୍ୟାତ୍ମିକତା, ପ୍ରକୃତି, ଓଡ଼ିଆ ବ୍ୟଞ୍ଜନ ଏବଂ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ଏକ ଅପୂର୍ବ ସମନ୍ୱୟ ରହିଛି। ସମ୍ମାନିତ ଅତିଥି ଭାବେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭି ଓଡ଼ିଶାର ସାଂସ୍କୃତିକ ବିଭବକୁ ଗୁଜରାଟରେ ପ୍ରଦର୍ଶିତ କରିବା ପାଇଁ ହୋଇଥିବା ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଏହା ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣି, ଓଡ଼ିଶା ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲବନ୍ତ ସିଂ ଓ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓର୍ମାସ୍ ଏବଂ ମିଶନ ଶକ୍ତି ବିଭାଗ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ସୁଆଦିଆ ବ୍ୟଞ୍ଜନ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପ୍ରଦର୍ଶିତ ହୋଇଛି। ଏହା ଅସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। – ଶ୍ରୀମା

# ପ୍ରକୃତ ଖଳନାୟକ



ଆକାର ପଟେଲ

ମୁଁ ଚାହେଁ ଇରାନ ବିଜୟୀ ହେଉ। ବିଜୟର ଅର୍ଥକୁ ଇରାନ ଏହିପରି ପରିଭାଷିତ କରେ: ଇରାନ ଉପରେ ଅନେକ ଦଶନ୍ଧି ଧରି ଆମେରିକା ଲାଗୁକରିଥିବା କଟକଣାକୁ ହଟାଇବା ଦରକାର; ଆରବ ରାଷ୍ଟ୍ରଗୁଡ଼ିକରେ ଥିବା ଏହାର ସାମରିକ ଘାଟିକୁ ହଟାଇବା ଉଚିତ; ଲେବାନନ ଉପରେ ଇସ୍ରାଏଲର ଦଖଲ ଶେଷ କରିବାକୁ ହେବ; ଏବଂ ଇରାନକୁ ଅନେକ ବର୍ଷ ଧରି ଓ ଏହି ଯୁଦ୍ଧରେ ହୋଇଥିବା କ୍ଷତିର ଭରଣା କରିବାକୁ ପଡ଼ିବ। ଯଦିଓ ଆମେରିକା ଏବଂ ଇସ୍ରାଏଲ ବୋମା ମାଡ଼ରେ ହଜାରରୁ ଊର୍ଦ୍ଧ୍ୱ ଇରାନୀଙ୍କ ମୃତ୍ୟୁ ହେବା ସହ ଅଧିକ ମୃତ୍ୟୁର ସମ୍ଭାବନା ରହିଛି, ତଥାପି ଇରାନ ଯଦି ଏସବୁ ବିଷୟକୁ ହାସଲ କରେ ତେବେ ଏହାର ସମ୍ପୂର୍ଣ୍ଣ ବିଜୟ ଘଟିବ। କମ୍ କ୍ଷମତାସମ୍ପନ୍ନ ଇରାନ ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପ୍ରତିଦ୍ୱନ୍ଦ୍ୱୀ ଇସ୍ରାଏଲ ଏବଂ ଆମେରିକା ବିରୋଧରେ ଲଢ଼େଇ କରୁଛି। ହଁ, ଏହା ସାମରିକ ଦୃଷ୍ଟିରୁ ସେମାନଙ୍କ ତୁଳନାରେ ଦୁର୍ବଳ, କିନ୍ତୁ ଫେବୃଆରୀ ୨୮ରୁ ବିଶ୍ୱ ଯାହା ଦେଖୁଛି ସେଥିରୁ ସ୍ପଷ୍ଟ ଯେ ଏହା ଶକ୍ତିହୀନ ନୁହେଁ। ଅନ୍ୟ ରାଷ୍ଟ୍ର ତୁଳନାରେ ଏହାର ସଙ୍କଳ୍ପ ଅଧିକ ଦୃଢ଼ ରହିଛି। ଇରାନକୁ ପାଶ୍ଚାତ୍ୟ ନଷ୍ଟ କରିଦେଇଥିବାରୁ ମୋର ତା'ପ୍ରତି ସମର୍ଥନ ଅଛି। ମୂଳ କଥା ହେଉଛି, ଯେଉଁ ଦେଶଗୁଡ଼ିକ ଇସ୍ରାଏଲ ଏବଂ ଆମେରିକାକୁ ଚାହୁଁନାହାନ୍ତି ବା ସମର୍ଥନ କରୁନାହାନ୍ତି ସେମାନଙ୍କ ଉପରେ ନିଷ୍ଠୁର ଭାବରେ ବଳ ପ୍ରୟୋଗ କରୁଛନ୍ତି। ଏହି ଦୁଇ ଦେଶ ଓ ସେମାନଙ୍କ କାର୍ଯ୍ୟକୁ ପ୍ରତିରୋଧ କରାଯିବା ଉଚିତ। ଇରାନ ଉପରେ ଆମେରିକାର କଟକଣା ଏହାକୁ ବିଶ୍ୱ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବିଚ୍ଛିନ୍ନ କରିଛି, ଯାହା ତାହାର ବାଣିଜ୍ୟକୁ ଜଟିଳ କରିଦେଇଛି। ଇରାନକୁ ଦୁର୍ବଳ କରିବା ସହ ଇରାନୀଙ୍କୁ ଗରିବ ରଖିବା ପାଇଁ ଆମେରିକା ଏହା କରିଛି। ଏସବୁ ଜାତିସଂଘର କଟକଣା ନୁହେଁ, ବରଂ ଆମେରିକା ଏକପାଖିଆ ଭାବରେ ଲାଗୁ କରିଛି। ଆମେରିକା ଯେଉଁ ଦେଶକୁ ପସନ୍ଦ କରିନାହିଁ ତାହାକୁ ଆର୍ଥିକ କ୍ଷମତା ବ୍ୟବହାର କରି ହଇରାଣ କରିଛି। ଭେନେଜୁଏଲା ଏବଂ କ୍ୟୁବା କ୍ଷେତ୍ରରେ ଏଭଳି ସ୍ଥିତି ଦେଖିବାକୁ ପାଉଛୁ। ଇରାନ ସେହିସବୁ କଟକଣାକୁ ହଟାଇବା ପାଇଁ ଦାବି କରିବା ଯଥାର୍ଥ। ମୁଁ ମଧ୍ୟ ଚାହେଁ, ସେଗୁଡ଼ିକୁ ହଟାଇବା ପାଇଁ ଇରାନକୁ ଯୁଦ୍ଧରେ ଜିତିବାକୁ ପଡ଼ିବ।

ବାହାରିନ, କୁଏଟ୍, ୟୁଏଇ, ଜୋର୍ଡାନ, ଇରାକ ଏବଂ ସାଉଦି ଆରବରେ ଆମେରିକାର ସାମରିକ ଘାଟି ଅଛି। ସେଠାରେ ତାହାର ଅସ୍ତ୍ରଶସ୍ତ୍ର ଏବଂ ଏତେ ସୈନିକ କାହିଁକି ଅଛନ୍ତି? ଆମେରିକା ଏସବୁ ଦେଶରେ ଏକ ସାମ୍ରାଜ୍ୟ ଚଳାଇଛି। ଇରାନ ଏବେ କହୁଛି, ଆମେରିକୀୟ ସେନା ବିଶ୍ୱକୁ ଧମକାଇବା ଉଚିତ ନୁହେଁ ଏବଂ ନିଜ ଦେଶ ଉପରେ ଧ୍ୟାନ ଦେବା ଆବଶ୍ୟକ। ୪୦ ବର୍ଷ ପୂର୍ବେ ଦକ୍ଷିଣ ଆଫ୍ରିକା ଯେପରି ଥିଲା ଏବେ ଇସ୍ରାଏଲ ସେମିତି ଅଛି, କହିବାକୁ ଗଲେ ତା'ଠାରୁ ଆହୁରି ଖରାପ। ଏହା ଏକ ବର୍ଣ୍ଣବୈଷମ୍ୟବାଦୀ ରାଷ୍ଟ୍ର (ଏହା ଅନେକ ଲକ୍ଷ ଲୋକଙ୍କୁ ନିୟନ୍ତ୍ରଣ କରେ ଯେଉଁମାନଙ୍କର ଭୋଟ ଦେବା ଏବଂ ଅନ୍ୟ କୌଣସି ଅଧିକାର ନାହିଁ)। ଆମେରିକାଠାରୁ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଓ ପାଣ୍ଠି ପାଇ ମଧ୍ୟପ୍ରାଚ୍ୟକୁ ଆତଙ୍କିତ କରିବା ପାଇଁ ଇସ୍ରାଏଲ ତାହାର ସାମରିକ ଶକ୍ତି ପ୍ରୟୋଗ କରିଛି, ଯାହାକୁ ବନ୍ଦ କରିବାକୁ ପଡ଼ିବ। ପ୍ରତିବନ୍ଧକ ଯୋଗୁ ଇରାନ ଅନେକ ଶହ ବିଲିୟନ ଡଲାରର କ୍ଷତି ସହିଆସୁଛି ଏବଂ ଏବର ଯୁଦ୍ଧ ପରଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଇରାନ କ୍ଷତିପୂରଣ ପାଇବା ପାଇଁ ହକଦାର ଏବଂ ଏହାକୁ ଆମେରିକା ଓ ଏହାର ସହଯୋଗୀମାନଙ୍କୁ ଦେବାକୁ ପଡ଼ିବ। ଏହିସବୁ କାରଣ ପାଇଁ ଇରାନ ଜିତୁ ବୋଲି ମୁଁ ଚାହୁଁଛି। ଇରାନ ଜିତିବାର ସମ୍ଭାବନା ଅଛି କାରଣ ଯୁଦ୍ଧ ଏହାର ନିୟନ୍ତ୍ରଣରେ ରହିଛି। ଆମେରିକା ଏବଂ ଇସ୍ରାଏଲ ଇରାନର ସ୍କୁଲ ଝିଅମାନଙ୍କୁ ହତ୍ୟା ଏବଂ ଭିତ୍ତିଭୂମି ଉପରେ ଆକ୍ରମଣ କରି ଇରାନ ଏବଂ ଏହାର ଲୋକଙ୍କୁ କଠୋର ଦଣ୍ଡ ଦେଇଛନ୍ତି। ଇରାନର ନେତାମାନଙ୍କୁ ହତ୍ୟା କରିଛନ୍ତି ଏବଂ ସମ୍ଭବତଃ ଅଧିକ ନେତାଙ୍କୁ ହତ୍ୟା କରି ପାରନ୍ତି। କିନ୍ତୁ ଦୁଇ ଦେଶ ଇରାନରେ ଶାସନ ପରିବର୍ତ୍ତନ କରିବାରେ ବିଫଳ ହୋଇଛନ୍ତି, ଯାହା ଯୁଦ୍ଧର ଲକ୍ଷ୍ୟ ଥିଲା। ଇରାନ ସେମିତି ଇସ୍‌ଲାମିକ ଗଣରାଜ୍ୟ ହୋଇ ରହିଛି। ଇରାନ ପ୍ରତିକ୍ରିୟା ସ୍ୱରୂପ ତେଲ, ଗ୍ୟାସ କିମ୍ବା କୌଣସି ଯୋଗାଣକୁ ସମୁଦ୍ର ଦେଇ ମଧ୍ୟପ୍ରାଚ୍ୟରୁ ବାହାରକୁ କିମ୍ବା ମଧ୍ୟପ୍ରାଚ୍ୟକୁ ପ୍ରବେଶ ନ କରାଇବା ଉପରେ ଧ୍ୟାନ ଦେଇଛି। ଏହାର ଜଳପଥ ଉପରେ ନିୟନ୍ତ୍ରଣ ଅଛି ଓ ବାଣିଜ୍ୟିକ ଜାହାଜଗୁଡ଼ିକୁ ହର୍ମୁଜ ଷ୍ଟ୍ରେଟ ପାର ହେବାରେ ବାଧା ଉପୁଜାଇଛି। ଆମେ ଦେଖୁଛୁ, ଆମେରିକୀୟ ଘାଟିଗୁଡ଼ିକ ଥିବା ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଛି। ଏହି ଦୁଇଟି ବିଷୟ ଇରାନକୁ ବିଜୟୀ ହେବା ପାଇଁ ଆବଶ୍ୟକ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାରସ୍ୟ ଉପସାଗରରେ ଜାହାଜ ଯିବା ଆସିବା ଉପରେ ନିୟନ୍ତ୍ରଣ ନ ରଖିପାରିଲେ ଅଶୋଧିତ ତେଲ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇବ, ଯାହା ଯୁଦ୍ଧ ପରଠାରୁ ବଢ଼ିଚାଲିଛି। ଆମେରିକୀୟମାନେ ପେଟ୍ରୋଲ ଏବଂ ଡିଜେଲ ପାଇଁ ଅଧିକ ଦେୟ ଦେଉଛନ୍ତି ଏବଂ ଯୁଦ୍ଧ ଜାରି ରହିଲେ ଆହୁରି ଅଧିକ ଦେବେ। ଦୁର୍ଭାଗ୍ୟବଶତଃ, ସମଗ୍ର ବିଶ୍ୱ ମଧ୍ୟ ଏହି ସମସ୍ୟାରେ ପଡ଼ିଛନ୍ତି ଏବଂ କ୍ଷତିଗ୍ରସ୍ତ ହେବେ। କିନ୍ତୁ ବିଶ୍ୱ ସମୁଦାୟ ଏପର୍ଯ୍ୟନ୍ତ ମୂଳ ଅପରାଧୀ ତଥା ପ୍ରକୃତ ଖଳନାୟକ ଆମେରିକା ଏବଂ ଇସ୍ରାଏଲକୁ ଯୁଦ୍ଧ ଶେଷ କରିବାକୁ ଆହ୍ୱାନ ଦେଇନାହିଁ। କାରଣ ବିଶ୍ୱସମୁଦାୟ ସେମାନଙ୍କୁ ଭୟ କରନ୍ତି ଏବଂ ସେଥିପାଇଁ ଇରାନ ବିଜୟୀ ହେଉ ମୁଁ ଚାହୁଁଛି। ତେବେ ଏବେଠୁ ଆଗକୁ ଆମେରିକାକୁ ଯୁଦ୍ଧ ସ୍ଥିତିରେ ନାଟକୀୟ ପରିବର୍ତ୍ତନ କରିବାକୁ ପଡ଼ିବ, ଯାହା ଇରାନ ସପକ୍ଷରେ ଅଛି। ହତ୍ୟା ଏବଂ ବୋମା ମାଡ଼ କାମ କରିନାହିଁ। ଆଶା କରାଯାଏ, ଆମେରିକା ହିଂସା ବନ୍ଦ କରୁ ଏବଂ ଇରାନର ଅତି କମ୍‌ରେ ଦୁଇଟି ଦାବିରେ ରାଜି ହେଉ। ସେହି ଦାବି ହେଉଛି, ଭବିଷ୍ୟତରେ କୌଣସି ହିଂସା ନ କରିବା ଏବଂ ସ୍ଥାୟୀ ପ୍ରତିବନ୍ଧକ ଉଠାଇବାର ଗ୍ୟାରେଣ୍ଟି ଦେଉ। ଇସ୍ରାଏଲଠାରୁ ମୋର କୌଣସି ଆଶା ନାହିଁ, କାରଣ ବର୍ଷ ବର୍ଷ ଧରି ତାହା ବିଚାରହୀନ ଭାବରେ ବିନାଶ ଘଟାଇଛି। ମୁଁ ଚାହୁଁଛି ଇରାନ ଜିତୁ ଏବଂ ଏହା ହେବା ପାଇଁ ଆମେରିକାକୁ ହାରିବାକୁ ପଡ଼ିବ ନାହିଁ, ବରଂ ଏହାକୁ କେବଳ ଠିକ୍ କାମ କରିବାକୁ ପଡ଼ିବ।

Email:aakar.patel@gmail.com

# ସମାନତା: ଏକ ଛଳନା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଭାରତ ହେଉଛି ଏକ ଜନମଙ୍ଗଳ ରାଷ୍ଟ୍ର। ଏଣୁ ସରକାର ଜନସାଧାରଣଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରନ୍ତି। ସ୍କୁଲ, କଲେଜ ଖୋଲନ୍ତି। ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଜୋତା, ଛତା, ସାଇକେଲ, ୟୁନିଫର୍ମ, ମଧ୍ୟାହ୍ନଭୋଜନ ଆଦି ଯୋଗାଇ ଦିଅନ୍ତି। ପୁନଶ୍ଚ ଉନ୍ନତ ମାନର ବିଜ୍ଞାନାଗାର ଓ ପାଠାଗାର ନିର୍ମାଣ କରନ୍ତି। ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପାଇଁ ହସ୍‌ପିଟାଲ ଖୋଲନ୍ତି। ଉନ୍ନତ ମାନର ରୋଗ ପରୀକ୍ଷା ଯନ୍ତ୍ରପାତି ଯୋଗାଇଦିଅନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ସନ୍ତାନସନ୍ତତି ସରକାରୀ ସ୍କୁଲ କଲେଜରେ ପଢ଼ନ୍ତି ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହେଲେ ସେମାନେ ସରକାରୀ ହସ୍‌ପିଟାଲରେ ଚିକିତ୍ସିତ ହୁଅନ୍ତି ନାହିଁ। ସେମାନଙ୍କର ପିଲା ପଢ଼ନ୍ତି ଉତ୍ତମ ଭିତ୍ତିଭୂମି ଥିବା ବ୍ୟୟବହୁଳ ଘରୋଇ ସ୍କୁଲ କଲେଜରେ। ସେମାନେ ଚିକିତ୍ସିତ ହୁଅନ୍ତି ଉନ୍ନତ ଘରୋଇ ହସ୍ପିଟାଲରେ। ଆବଶ୍ୟକ ହେଲେ ଇଂଲଣ୍ଡ, ଆମେରିକା, ସୁଇଜରଲାଣ୍ଡର ପ୍ରଖ୍ୟାତ ହସ୍ପିଟାଲକୁ ଯାଇ ସେମାନେ ଚିକିତ୍ସିତ ହୁଅନ୍ତି। ଏହା ସୂଚାଉଛି, ସରକାରୀ ଅନୁଷ୍ଠାନଗୁଡ଼ିକ ଉପରେ ମନ୍ତ୍ରୀ, ପ୍ରଶାସକ ଓ ସରକାରୀ କର୍ମଚାରୀଙ୍କର ଆସ୍ଥା ନାହିଁ। ଏହିଭଳି ସ୍ଥିତିରେ ଜନସାଧାରଣ ରାଜନେତା, ଅଫିସର ଓ ସରକାରୀ କର୍ମଚାରୀଙ୍କୁ ବିଶ୍ୱାସ କରିବେ କିପରି? ଯେଉଁଦିନ ନେତା, ମନ୍ତ୍ରୀ, ସରକାରୀ କର୍ମଚାରୀ ସରକାରୀ ଅନୁଷ୍ଠାନଗୁଡ଼ିକରେ ଶିକ୍ଷା ଓ ଚିକିତ୍ସା ଗ୍ରହଣ କରିବେ, ସେଦିନ ଗଣତନ୍ତ୍ର ପ୍ରତିଷ୍ଠା ହେଲା ବୋଲି କହିହେବ।

ବିଶିଷ୍ଟ ଲେଖକ ମନୋଜ ଦାସ ସିଙ୍ଗାପୁର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଉପଦେଷ୍ଟା ଥିବା ସମୟର ଏକ ଘଟଣା। ସେତେବେଳେ ସିଙ୍ଗାପୁରର ରାଷ୍ଟ୍ରପତି ଥା'ନ୍ତି ଡ. ଦେବେନ୍ ନାୟାର। ପରେ ସେ ଅସୁସ୍ଥ ହୋଇପଡ଼ିଲେ। ଜରୁରୀ ଅସ୍ତ୍ରୋପଚାର ନିମନ୍ତେ ସେ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥା'ନ୍ତି। ମନୋଜ ଦାସ ତାଙ୍କୁ ଦେଖା କରିବା ପାଇଁ ସେଠାରେ ପହଞ୍ଚିଲେ। ସମସ୍ତେ ଚିନ୍ତାମଗ୍ନ ଥା'ନ୍ତି। ସେତେବେଳେ ପହଞ୍ଚିଲେ ସିଙ୍ଗାପୁର ସ୍ୱାସ୍ଥ୍ୟ ବିଭାଗର ସର୍ବୋଚ୍ଚ ପଦାଧିକାରୀ। ସେ କହିଲେ, ଆମେରିକାର ଏକ ପ୍ରଖ୍ୟାତ ହସ୍ପିଟାଲରେ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇଛି ଓ ତାଙ୍କୁ ବିମାନ ଯୋଗେ ସେଠାକୁ ଶୀଘ୍ର ଯିବାକୁ ପଡ଼ିବ। ଦେବେନ୍ ନାୟାର କହିଲେ, "ନା, ଯାହା ଚିକିତ୍ସା କରିବ ଏଠି କର। ଏହି ହସ୍ପିଟାଲ ଛାଡ଼ି ମୁଁ କୁଆଡ଼େ ଯିବି ନାହିଁ।" ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ତାଙ୍କ ପ୍ରସ୍ତାବରେ ରାଜିହେବାକୁ ପୁଣି ଅନୁରୋଧ କରନ୍ତେ ଦେବେନ୍ କହିଲେ, "ଆମ ଦେଶର ଚିକିତ୍ସା ବ୍ୟବସ୍ଥା ଆମେରିକା ତୁଳନାରେ କ'ଣ ନିକୃଷ୍ଟ?" ସ୍ୱାସ୍ଥ୍ୟ ପଦାଧିକାରୀ କହିଲେ, "ନା।" ଦେବେନ୍ କହିଲେ, "ଯଦି ଆମ ଡାକ୍ତରମାନେ ମଧ୍ୟ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି, ମୋ ଭଳି ଗୋଟିଏ ଲୋକ ପାଇଁ ରାଷ୍ଟ୍ରର ଏତେ ଅର୍ଥ ବ୍ୟୟ କରାଯିବ କାହିଁକି?" ସ୍ୱାସ୍ଥ୍ୟ ବିଭାଗ ଅଫିସର କୌଣସି ଉତ୍ତର ଦେଇପାରିଲେ ନାହିଁ। ଦେବେନ୍ ନାୟାର କହିଲେ, "ଲୋକେ କ'ଣ ଧାରଣା କରିବେ? ଆମ ରାଷ୍ଟ୍ରପତି ଯେଉଁ ଚିକିତ୍ସା ବ୍ୟବସ୍ଥା ଉପରେ ଆସ୍ଥା ରଖିପାରୁନାହାନ୍ତି, ଆମେ ସାଧାରଣ ଜନତା କେମିତି ଆସ୍ଥା ରଖିବୁ?" ସ୍ୱାସ୍ଥ୍ୟ ଅଫିସର କହିଲେ, "ମୋତେ କ୍ଷମା କରନ୍ତୁ। ଆପଣ ଏହି ସରକାରୀ ହସ୍ପିଟାଲରେ ହିଁ ଆରୋଗ୍ୟ ଲାଭ କରିବେ।" ଶେଷରେ ସେ ସେଠାରେ ସୁସ୍ଥ ହେଲେ। ଭାରତର ନିର୍ବାଚିତ ପ୍ରତିନିଧି ଉଚ୍ଚ ଦରମାପ୍ରାପ୍ତ ସରକାରୀ କର୍ମଚାରୀ ପ୍ରମୁଖ ସମସ୍ତେ ଏହି ଘଟଣାରୁ ଶିକ୍ଷାଲାଭ କରିବାର ସମୟ ଆସିଛି। ଆମ ମନ୍ତ୍ରୀମାନେ କହୁଛନ୍ତି, ଆମେ ବିଶ୍ୱସ୍ତରୀୟ ହସ୍ପିଟାଲ, ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ନିର୍ମାଣ କରୁଛୁ। ଏହା ଯଦି ସତ୍ୟ, ତା'ହେଲେ ସେମାନେ ଉଚ୍ଚଶିକ୍ଷା ଓ ଚିକିତ୍ସା ପାଇଁ କାହିଁକି ରାଜ୍ୟ ଓ ଦେଶ ବାହାରକୁ ଯାଉଛନ୍ତି? ସ୍ୱାସ୍ଥ୍ୟସେବା ହେଉ ବା ଶିକ୍ଷା ହେଉ, ଶାସକ ଓ ଶାସିତଙ୍କ ପାଇଁ ସମାନ ବ୍ୟବସ୍ଥା କାହିଁ? ଗଣତନ୍ତ୍ରର ମୂଳ ନୀତି ସମାନତା ବାସ୍ତବକ୍ଷେତ୍ରରେ କାର୍ଯ୍ୟକାରୀ ନ ହୋଇ ସମ୍ବିଧାନ ପୃଷ୍ଠାରେ କେବଳ ଲିଖିତ ରହିଛି।

ଭାରତୀୟ ସମ୍ବିଧାନ ଭାରତକୁ ଏକ ସମାଜବାଦୀ ରାଷ୍ଟ୍ର ଭାବରେ ଉପସ୍ଥାପନ କରେ। ଗଣତନ୍ତ୍ରରେ ସମସ୍ତେ ସମାନ ସୁବିଧା ଓ ସୁଯୋଗ ପାଇବା କଥା। ନେତାମାନେ ନିର୍ବାଚନ ସମୟରେ ଆମେ ସମସ୍ତେ ସମାନ କହି ଭୋଟ ଭିକ୍ଷା କରନ୍ତି, ନିର୍ବାଚିତ ହୁଅନ୍ତି, ମାତ୍ର ପରବର୍ତ୍ତୀ ସମୟରେ ସେମାନେ ଉଚ୍ଚତର ସୁବିଧା ଓ ସୁଯୋଗ ଉପଭୋଗ କରନ୍ତି। ତା'ପରେ ବିଶିଷ୍ଟ ଔପନ୍ୟାସିକ ଜର୍ଜ ଅରୱେଲ୍‌ଙ୍କ ପ୍ରଖ୍ୟାତ ଉପନ୍ୟାସ 'ଆନିମଲ ଫାର୍ମ' ଦୃଶ୍ୟପଟର ପୁନରାବୃତ୍ତି ହୁଏ। ମଣିଷ ଭୋଗମୟ ଜୀବନଯାପନ କରି ଏକଛତ୍ରବାଦ ଚଳେଇଥିବାରୁ ଅରଣ୍ୟର ସମସ୍ତ



ପଶୁପକ୍ଷୀ ତା' ବିରୋଧରେ ଆନ୍ଦୋଳନ କଲେ ଓ ମଣିଷକୁ ରାଜ୍ୟରୁ ତଡ଼ିଦେଲେ। ତା' ପରେ ଶାସନ ଡୋରି ଗ୍ରହଣ କଲେ ନେପୋଲିଅନ ଓ ସ୍ନୋବଲ ନାମକ ଦୁଇ ଗ୍ରାମ୍ୟ ଶୂକର। ତିଆରି ହେଲା ସାମ୍ବିଧାନିକ ନିୟମ। ତା' ଭିତରୁ କେତୋଟି ନିୟମ ହେଲା– କେହି ପଶୁ ବିଛଣାରେ ଶୋଇବେ ନାହିଁ, ମଦ୍ୟପାନ କରିବେ ନାହିଁ, ଅନ୍ୟ ପଶୁକୁ ମାରିବେ ନାହିଁ, ସମସ୍ତେ ସମାନ। ଶାସନ ଚାଲିଲା। ଘଟଣାକ୍ରମେ କ୍ଷମତା କନ୍ଦଳ ସୃଷ୍ଟି ହେଲା। ସ୍ନୋବଲ୍‌କୁ ତଡ଼ି ଦେଇ ନେପୋଲିଅନ ସମସ୍ତ କ୍ଷମତା ଅକ୍ତିଆର କଲେ। ବିଳାସବ୍ୟସନରେ ରହିଲେ। କ୍ରମେ ସବୁ ନିୟମ ପରିବର୍ତ୍ତନ କରାଗଲା। ପରିବର୍ତ୍ତିତ ନିୟମଗୁଡ଼ିକ ହେଲା– କେହି ଚାଦର ପକାଇ ବିଛଣାରେ ଶୋଇବେ ନାହିଁ, ଅତ୍ୟଧିକ ମଦ୍ୟପାନ କରିବେ ନାହିଁ, ବିନା କାରଣରେ ଅନ୍ୟ ପଶୁକୁ ମାରିବେ ନାହିଁ। ଏହିସବୁ ପରିବର୍ତ୍ତିତ ନିୟମ ଅନୁସାରେ ସେ ବିନା ଚାଦରରେ କୋମଳ ଶଯ୍ୟାରେ ଶୋଇଲା, ଅଳ୍ପ ମଦ ପିଇପାରିଲା ଓ କୌଣସି ନା କୌଣସି କାରଣ ଦର୍ଶାଇ ଅନ୍ୟ ପଶୁଙ୍କୁ ମାରିଲା। ଶେଷରେ 'ସମସ୍ତେ ସମାନ' ନିୟମକୁ ପରିବର୍ତ୍ତନ କରାଗଲା। ତାହା ହେଲା – ସମସ୍ତେ ସମାନ, ମାତ୍ର କିଛି ପ୍ରାଣୀ ଅନ୍ୟମାନଙ୍କଠାରୁ ବେଶୀ ସମାନ। ଆଜି ଏହିଭଳି ନ୍ୟାୟରେ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, କ୍ଷମତାସୀନ ସରକାରୀ କର୍ମଚାରୀ କ୍ଷମତାକୁ ଆସିବା ପୂର୍ବରୁ ସମସ୍ତେ ସମାନ ଥିଲେ। ମାତ୍ର କ୍ଷମତାକୁ ଆସିବା ପରେ ସେମାନେ ବେଶୀ ସମାନ ହୋଇଗଲେ। ଏଣୁ ସାଧାରଣ ଜନତା ସରକାରୀ ସ୍କୁଲ କଲେଜରେ ପାଠ ପଢ଼ିଲେ, ସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଲେ। ମାତ୍ର ଏହି ଉଚ୍ଚ ପଦାଧିକାରୀମାନେ ବହୁ ଅର୍ଥ ଖର୍ଚ୍ଚ କରି ଆହୁରି ବେଶୀ ସୁବିଧାପ୍ରାପ୍ତ ଘରୋଇ ଅନୁଷ୍ଠାନଗୁଡ଼ିକରେ ନିଜର ଶିକ୍ଷା ଓ ଚିକିତ୍ସା ବନ୍ଦୋବସ୍ତ କଲେ। ଗଣତନ୍ତ୍ରର ମୂଳସୂତ୍ର ସମସ୍ତେ ସମାନ ଜପି ଜପି ଶେଷରେ କିଛିଲୋକ ବେଶୀ ସମାନ ହୋଇଗଲେ।

ଭାରତରେ ନିର୍ବାଚିତ ନେତାମାନେ ଜାଣନ୍ତି ଯେ ସେମାନଙ୍କ ଆଦର୍ଶ ନୀତି ବା ଚରିତ୍ରବତ୍ତା ଲାଗି ଲୋକେ ତାଙ୍କୁ ଭୋଟ ଦେଇନାହାନ୍ତି। ଏ ଦେଶରେ ସୁଯୋଗ୍ୟ ବ୍ୟକ୍ତି ପରାଜିତ ଓ ମୂଢ଼ ବ୍ୟକ୍ତି ବିଜୟୀ ହେବାର ଅନେକ ଉଦାହରଣ ଅଛି। ତେଣୁ ଥରେ ଜିତିଗଲେ ପୁଣି କ୍ଷମତାକୁ ଆସିହେବ ବୋଲି କିଛି ନିଶ୍ଚିତତା ନାହିଁ। ଏଣୁ ଥରକରେ ଯେତେ ସୁବିଧା ସୁଯୋଗ ଅଛି, ସେସବୁକୁ ଉପଯୋଗ କରିବା ପାଇଁ ଚେଷ୍ଟା କରନ୍ତି ନିର୍ବାଚିତ ନେତାମାନେ। ରାଜନୀତି ତାଙ୍କ ପାଇଁ ଦେଶସେବାର ମାଧ୍ୟମ ନ ହୋଇ ଆମୋଦ ଓ ଅହଂତୃପ୍ତିର ସୁଯୋଗ ହୁଏ। ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ ସମୟର କଥା। ହେଷ୍ଟିଂସ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲେଖିଥିଲେ, ଥାଟ ନ ଥିଲେ ଭାରତୀୟମାନେ ଆମକୁ ଶାସକ ଜାତିର ମାନ୍ୟତା ଦେବେ ନାହିଁ। ଏଣୁ ଗୋଟିଏ ପ୍ରକାଣ୍ଡ ପ୍ରାସାଦରେ ଗଭର୍ନର ଜେନେରାଲ ରହିବା ଆବଶ୍ୟକ। ଅସାଧାରଣ କୋଠା ଦେଖିଲେ ହିଁ ସେମାନେ ମହାନ୍ ଶାସକ ରହୁଛନ୍ତି ବୋଲି ମନେକରିବେ। ହେଷ୍ଟିଂସ୍ ଭାରତୀୟଙ୍କ ସମ୍ପର୍କରେ ଯେଉଁ ଆକଳନ କରିଥିଲେ, ବୋଧହୁଏ ଏବେ ବି ତାହା ସତ୍ୟ। ତେଣୁ ଆମ ମନ୍ତ୍ରୀ, ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ପ୍ରମୁଖ ସମସ୍ତେ ଅସାଧାରଣ ଜୀବନଯାପନ କରିବାକୁ ପସନ୍ଦ କରନ୍ତି।

– ଟିଟିଲାଗଡ଼, ମୋ: ୭୦୦୮୩୬୯୯୨୦

# ଜଳ ନୋବେଲ ବିଜେତା

ବ୍ୟକ୍ତିତ୍ୱ



କଭେ ମଦାନୀ

ବର୍ତ୍ତମାନର ଭୂରାଜନୈତିକ ଓ ଅର୍ଥନୈତିକ ସ୍ଥିତି ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣଜନିତ ଯୁଦ୍ଧ ଯୋଗୁ ଘୋର ପ୍ରଭାବିତ। ଯୁଦ୍ଧ ଲୋକଙ୍କୁ ଶାରୀରିକ କ୍ଷତି ସହ ଆର୍ଥିକ ଦୁର୍ଗତି ଆଣିଦେଇଛି। ଏହାକୁ ନେଇ ସମଗ୍ର ପୃଥିବୀ ସନ୍ତ୍ରସ୍ତ। ଏଭଳି ସ୍ଥଳେ ୨୨ ମାର୍ଚ୍ଚରେ ପାଳନ କରାଯାଉଛି ବିଶ୍ୱ ଜଳ ଦିବସ। ସ୍ୱଚ୍ଛ ଜଳଟିକେ ପାଇବା ପାଇଁ ଆଜି ପ୍ରାଣିଜଗତ ଯେଭଳି ସଙ୍କଟର ସମ୍ମୁଖୀନ ହେଲାଣି, ତାହା ସକାଶେ ଖୁବ୍‌ଶୀଘ୍ର ବିଶ୍ୱମାନବ ତୃତୀୟ ବିଶ୍ୱଯୁଦ୍ଧ ଦେଖିବ ବୋଲି କରାଯାଉଥିବା ଆକଳନର ଆଭାସ ମିଳିଲାଣି। କାରଣ ଲୁଣି ଜଳକୁ ଛାଡ଼ିଦେଲେ ବିଶ୍ୱରେ ଯେତିକି ମଧୁର ଜଳ ଉପଲବ୍ଧ ହେଉଛି ତାହା ବ୍ୟାପକ ଭାବେ ପ୍ରଦୂଷିତ ହେବାରେ ଲାଗିଥିବାରୁ ମଣିଷ ତିଷ୍ଠିବା ଉପରେ ଘୋର ପ୍ରଶ୍ନବାଚୀ ସୃଷ୍ଟି ହେଲଣି। ଏଭଳି ପରିପ୍ରେକ୍ଷୀରେ ନିରାପଦ ଜଳ ପାଇଁ ଯେଉଁ ସରକାରୀ, ବେସରକାରୀ ସଙ୍ଗଠନ ଓ ବ୍ୟକ୍ତିବିଶେଷ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସବୁ ସ୍ତରରେ ସମର୍ଥନ ମିଳିବା ସମୟର ଆବଶ୍ୟକତା ହୋଇପଡ଼ିଲାଣି। ଯୁଦ୍ଧ ପାଇଁ ଇରାନ୍‌କୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏହି ଭୂମିର ସନ୍ତାନ କଭେ ମଦାନୀ ଜଳ ସଂରକ୍ଷଣ ଦିଗରେ ନେଇଥିବା ପଦକ୍ଷେପ ଯୋଗୁ ଏବେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୨୬ ସକାଶେ ସେ ଷ୍ଟକ୍‌ହୋମ ଜଳ ପୁରସ୍କାର ବିଜେତା ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ସମସ୍ତେ ଜାଣିବାର ଏକ ସୁନ୍ଦର ଅବକାଶ ସୃଷ୍ଟି ହୋଇଛି।

'ଜଳର ନୋବେଲ ପୁରସ୍କାର' ନାମରେ ପରିଚିତ ଷ୍ଟକ୍‌ହୋମ ଜଳ ପୁରସ୍କାର ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଜଳ ସମ୍ବନ୍ଧୀୟ ସମ୍ମାନ। ୧୯୯୧ ମସିହାରେ ଏହା ପ୍ରତିଷ୍ଠା ହୋଇଥିଲା। ବିଶ୍ୱର ଜଳ ସମ୍ପଦର ସଦ୍‌ବ୍ୟବହାର ଓ ସୁରକ୍ଷା ପାଇଁ ଅବଦାନ ରଖୁଥିବା ବ୍ୟକ୍ତି ଓ ସଙ୍ଗଠନଗୁଡ଼ିକୁ ସେବେଠାରୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଷ୍ଟକ୍‌ହୋମ ଜଳ ଫାଉଣ୍ଡେସନ ଏହି ପୁରସ୍କାରକୁ ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍ସେସ ସହଯୋଗରେ ପ୍ରଦାନ କରେ। ପ୍ରତିବର୍ଷ ମାର୍ଚ୍ଚ ମାସରେ ବିଶ୍ୱ ଜଳ ଦିବସ ପୂର୍ବରୁ ବିଜେତାଙ୍କ ନାମ ଘୋଷଣା କରାଯାଏ ଏବଂ ଅଗଷ୍ଟରେ ବିଶ୍ୱ ଜଳ ସପ୍ତାହ ସମୟରେ ଷ୍ଟକ୍‌ହୋମରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସମ୍ମାନ ପ୍ରଦାନ କରାଯିବାର ବିଧି ରହିଛି।

କଭେ ଇରାନ୍‌ର ତେହରାନ୍‌ରେ ୧୯୮୧ରେ ଜନ୍ମଗ୍ରହଣ କରିଥିଲେ। ମାତାପିତା ଜଳ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ସେ ତେହରାନ୍‌ରେ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିଥିଲେ ଏବଂ ୨୦୦୩ରେ ଉତ୍ତର-ପଶ୍ଚିମ ଇରାନ୍‌ର ତାବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ସିଭିଲ ଇଞ୍ଜିନିୟରିଂରେ ବିଏସ୍‌ସି ଡିଗ୍ରୀ ହାସଲ କରିଥିଲେ। ପରେ ସ୍ୱିଡେନ୍‌ର ଲ୍ୟୁଣ୍ଡ୍ ବିଶ୍ୱବିଦ୍ୟାଳୟରୁ ଜଳ ସମ୍ପଦରେ ଏମ୍‌ଏସ୍‌ସି ଏବଂ ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରୁ ସିଭିଲ୍ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂରେ ପିଏଚ୍‌ଡି କରିଥିଲେ। ସେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ୱାଟର ସାଇନ୍ସ ଆଣ୍ଡ୍ ପଲିସି ସେଣ୍ଟରରୁ ପରିବେଶ ନୀତି ଓ ଅର୍ଥନୀତିରେ ପୋଷ୍ଟ-ଡକ୍ଟରାଲ ମଧ୍ୟ କରିଥିଲେ। ୨୦୧୦ ଆଡ଼କୁ ମଦାନୀ ସେଣ୍ଟ୍ରାଲ ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ସିଭିଲ, ଏନଭାଇରନ୍‌ମେଣ୍ଟାଲ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ସନ ଇଞ୍ଜିନିୟରିଂ ଆସିଷ୍ଟାଣ୍ଟ ପ୍ରଫେସର ଓ ଆଲେକ୍ସ ଆଲେକ୍‌ଜାଣ୍ଡର ଫେଲୋ ଥିଲେ, ଯେଉଁଠାରେ ସେ ହାଇଡ୍ରୋ-ଏନ୍‌ଭାଇରନ୍‌ମେଣ୍ଟାଲ ଏଣ୍ଡ୍ ଏନର୍ଜି ସିଷ୍ଟମ୍ସ ଆନାଲିସିସ (ଏଚ୍‌ଇଇଏସ୍‌ଏ) ଗବେଷଣା ଗ୍ରୁପ୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ। ୨୦୧୩ରେ ସେ ଇମ୍ପେରିଆଲ କଲେଜ ଲଣ୍ଡନର ସେଣ୍ଟର ଫର୍ ଏନଭାଇରନ୍‌ମେଣ୍ଟାଲ ପଲିସିରେ ଯୋଗ ଦେଇଥିଲେ। ସେଠାରେ ସେ ୨୦୧୩ରୁ ୨୦୧୫ ଯାଏ ଆସିଷ୍ଟାଣ୍ଟ ପ୍ରଫେସର, ୨୦୧୫ରୁ ୨୦୧୬ରେ ଆସୋସିଏଟ ପ୍ରଫେସର ଏବଂ ୨୦୧୬ରୁ ୨୦୧୭ରେ ସିଷ୍ଟମ୍ସ ଆନାଲିସିସ ଓ ପଲିସିରେ ରିଡର ଭାବରେ କାର୍ଯ୍ୟ କରିଥିଲେ।

ଜଣେ ଶିକ୍ଷାବିତ୍ ଓ ପରିବେଶବିତ୍ ଭାବେ ତାଙ୍କ କାର୍ଯ୍ୟ ଅନ୍ତର୍ଜାତୀୟ ସ୍ୱୀକୃତି ପାଇବାକୁ ଲାଗିଥିଲା। ମଦାନୀ ୨୦୧୭ରେ ଇରାନ୍‌ର ପୂର୍ବତନ ଉପରାଷ୍ଟ୍ରପତି ଇସା କଲାନ୍ତାରୀଙ୍କ ଦ୍ୱାରା ଇରାନ୍ ପରିବେଶ ବିଭାଗର ଅନ୍ତର୍ଜାତୀୟ ବ୍ୟାପାର, ଉଦ୍ଭାବନ ଓ ସାମାଜିକ-ସାଂସ୍କୃତିକ ସଂଯୋଗର ଡେପୁଟି ଭାବରେ ନିଯୁକ୍ତ ହୋଇଥିଲେ। ଇରାନ ପହଞ୍ଚିବା ମାତ୍ରେ ସେ ଇସ୍‌ଲାମିକ ରେଭୋଲ୍ୟୁସନାରୀ ଗାର୍ଡ କର୍ (ଆଇଆର୍‌ଜିସି) ଅଧିକାରୀଙ୍କ ଦ୍ୱାରା କିଛି ଘଣ୍ଟା ନଜରବନ୍ଦୀ ଓ ପଚରାଉଚରା ସମ୍ମୁଖୀନ ହୋଇଥିଲେ। ଏପରିକି ତାଙ୍କ ଫୋନ ଓ କମ୍ପ୍ୟୁଟର ମଧ୍ୟ ଜବତ କରାଯାଇଥିଲା। ସମୟକ୍ରମେ ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ସେ ଇରାନ୍ ଡେପୁଟି ଭାଇସ୍-ପ୍ରେସିଡେଣ୍ଟ ହୋଇଥିଲେ। ବିଚାରଧାରା ଓ ପରିବେଶ ସମ୍ବନ୍ଧୀୟ ଉତ୍ତମ କାର୍ଯ୍ୟ ପାଇଁ ସେ ଇରାନ୍‌ର ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ଆଲୋଚନା ଜାତୀୟ କମିଟିର ଅଧ୍ୟକ୍ଷ ସହ ଇରାନ-ଆଫଗାନିସ୍ତାନ ଜଳ ଉପରେ ଆଲୋଚନା କାର୍ଯ୍ୟଦଳର ସଦସ୍ୟ ଥିଲେ। ସେ ଇରାନ୍‌ର ପ୍ରମୁଖ ପରିବେଶ କୂଟନୈତିକ ଭାବେ ନିଜର ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ହେଲେ ୨୦୧୮ ଫେବୃଆରୀରେ ଆଇଆର୍‌ଜିସି ଦ୍ୱାରା ଗିରଫ ହୋଇଥିଲେ। ଏପ୍ରିଲରେ ସେ ରାଜନୈତିକ ପଦ ସହ ଦେଶ ମଧ୍ୟ ଛାଡ଼ି ଦେଇଥିଲେ।

ଜଳ, ପରିବେଶ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଜାତିସଂଘ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାନ(ୟୁଏନ୍‌ୟୁ-ଆଇଏନ୍‌ଡବ୍ଲ୍ୟୁଇଏଚ୍)ର ନିର୍ଦ୍ଦେଶକ କଭେଙ୍କୁ ୨୦୨୬ ମସିହାର ଷ୍ଟକ୍‌ହୋମ ଜଳ ପୁରସ୍କାରର ବିଜେତା ଘୋଷଣା କରାଯିବା ପରେ ସେ କହିଛନ୍ତି, 'ମୁଁ ଏହି ପୁରସ୍କାରକୁ ଇରାନ୍‌ବାସୀଙ୍କ ସହ ଅନ୍ୟ ଯେଉଁମାନେ ମୋ ସହ ରହିଥିଲେ ସେମାନଙ୍କୁ ଉତ୍ସର୍ଗ କରୁଛି'। ଜଳ ଦେବାଳିଆ (ୱାଟର ବାଙ୍କରପ୍‌ଟସି) ସ୍ଥିତିର ଧାରଣାକୁ ଜନମାନସରେ ଆଲୋଚନା କରିବା ପାଇଁ ଯାଇ ସେ କହନ୍ତି, ଜଳ ଅଭାବ ଅସ୍ଥାୟୀ ସଙ୍କଟ ନୁହେଁ, ବରଂ ଦୀର୍ଘକାଳୀନ ପ୍ରଣାଳୀଗତ ବିଫଳତାର ପ୍ରତିଫଳନ। ଅନେକ ନଦୀ ଅବବାହିକା ଓ ଜଳଭଣ୍ଡାର ଐତିହାସିକ ସ୍ତରକୁ ପୁନରୁଦ୍ଧାର କରିବାରେ ଅସମର୍ଥ। ତେଣୁ ଜଳ ସଂରକ୍ଷଣ ଓ ଏହାର ସୁବିନିଯୋଗ ଲାଗି ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ନାଗପୁର ନିବାସୀ ଅଶୋକ ଡେଭାନିଙ୍କୁ ବୟସ ଏବେ ୭୪। ପରିଣତ ବୟସରେ କର୍ମତତ୍ପରତା ତାଙ୍କୁ ଭିନ୍ନ ପରିଚୟ ଦେଇଛି। ସେ ଅଦରକାରୀ ୱେଡିଂ କାର୍ଡରୁ ଘରଚଟିଆଙ୍କ ପାଇଁ ବସା ତିଆରି କରୁଛନ୍ତି। ୩୮ ବର୍ଷର ବ୍ୟାଙ୍କିଂ କ୍ୟାରିୟରରୁ ଅବସର ନେବା ପରେ ସେ ଏହି କାମ କରିଆସୁଛନ୍ତି। ଏବେ ସୁଦ୍ଧା ସେ ୨,୭୨୫ ବସା ତିଆରି କରିସାରିଲେଣି। ଏହା ବ୍ୟତୀତ ନାଗପୁରର ବିଭିନ୍ନ ସ୍କୁଲରେ କର୍ମଶାଳାର ଆୟୋଜନ କରି ପିଲାଙ୍କୁ ଘରଚଟିଆ ବସା ତିଆରିର କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏଥିରେ ଗ୍ରାମାୟଣ ଏନଜିଓ ତାଙ୍କୁ ସହଯୋଗ କରୁଛି। ୨୦୧୪ରେ ସେ ଏକ ମାଗାଜିନରୁ ଘରଚଟିଆଙ୍କ ବଂଶ ଲୋପ ପାଇଯାଉଥିବା ବିଷୟରେ ପଢ଼ି ସେମାନଙ୍କ ବଂଶ ବୃଦ୍ଧିର ଅଭିନବ ଉପାୟ ଆପଣାଇବା ଲାଗି ନିଷ୍ପତ୍ତି ନେଇଥିଲେ। ଏବଂ ଅଦରକାରୀ ୱେଡିଂ କାର୍ଡରେ ବସା ତିଆରି କରିବା ଆରମ୍ଭ କରିଥିଲେ। ସେବେଠାରୁ ସେ ମାସକୁ ୨୫ରୁ ୨୬ଟି ବସା ତିଆରି କରି ଆସୁଛନ୍ତି। ଲୋକଙ୍କୁ ଘରଚଟିଆ ବସା ସେ ମାଗଣାରେ ଦେଉଛନ୍ତି। ଚଳିତବର୍ଷ ମାର୍ଚ୍ଚ ଶେଷସୁଦ୍ଧା ସେ ନାଗପୁରର ୨୦ଟି ସ୍କୁଲରେ ଘରଚଟିଆ ସଂରକ୍ଷଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ମାର୍ଚ୍ଚ ୧୯୭୬

- ଲୋକସଭା ନିର୍ବାଚନରେ ଶ୍ରୀମତୀ ଗାନ୍ଧୀ ଓ ତାଙ୍କ ଦଳର ଘୋର ବିପର୍ଯ୍ୟୟ ଘଟିବାର ସ୍ପଷ୍ଟ ସୂଚନା ପ୍ରକାଶ ପାଇବା ଫଳରେ ୩୦ ବର୍ଷବ୍ୟାପୀ ଏକଚାଟିଆ କ୍ଷମତାଧିକାରର ଅବସାନ ଆସନ୍ନ।
- ଦେଶରେ ପ୍ରବର୍ତ୍ତନ ହୋଇଥିବା ଜାତୀୟ ଜରୁରୀ ପରିସ୍ଥିତିକୁ ଅସ୍ଥାୟୀ ରାଷ୍ଟ୍ରପତି ରୂପେ କାର୍ଯ୍ୟ କରୁଥିବା ଉପରାଷ୍ଟ୍ରପତି ଶ୍ରୀ ବି.ଜି. ଜଟ୍ଟି ନିଜସ୍ୱ କ୍ଷମତା ବଳରେ ଉଠାଇ ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | | | 9 |
| | | 2 | | 1 | 6 | 3 | | |
| 4 | | 9 | 5 | | | | | 2 |
| | | | 6 | | 7 | 5 | | |
| 3 | | 8 | | | | 6 | 9 | |
| | | | | | 3 | | | |
| | 9 | | | | | | | |
| | 6 | | | 3 | | | 8 | |
| | | 4 | 2 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 8 | 2 | 5 | 6 | 4 | 7 |
| 6 | 2 | 7 | 1 | 4 | 3 | 9 | 8 | 5 |
| 4 | 8 | 5 | 9 | 6 | 7 | 3 | 1 | 2 |
| 7 | 4 | 6 | 5 | 9 | 1 | 8 | 2 | 3 |
| 5 | 3 | 2 | 4 | 8 | 6 | 7 | 9 | 1 |
| 1 | 9 | 8 | 7 | 3 | 2 | 5 | 6 | 4 |
| 2 | 5 | 9 | 6 | 7 | 4 | 1 | 3 | 8 |
| 8 | 7 | 4 | 3 | 1 | 9 | 2 | 5 | 6 |
| 3 | 6 | 1 | 2 | 5 | 8 | 4 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଇଚ୍ଛାମୃତ୍ୟୁକୁ ଅନୁମତି

ମହାଶୟ,

ଜୀବନ ଅମୂଲ୍ୟ, କିନ୍ତୁ କେବେ କେବେ ଦୀର୍ଘ ଯନ୍ତ୍ରଣା ଓ ନିରାଶା ମଧ୍ୟରେ ଏହା ଏକ ଭାର ହୋଇଯାଏ। ସେତେବେଳେ ମନରେ ପ୍ରଶ୍ନ ଉଠେ ମର୍ଯ୍ୟାଦା ସହିତ ବଞ୍ଚିବା ଯଦି ଅସମ୍ଭବ, ତେବେ ମର୍ଯ୍ୟାଦା ସହିତ ବିଦାୟ ନେବାର ଅଧିକାର ମଣିଷଙ୍କୁ କାହିଁକି ମିଳିବ ନାହିଁ? ସମ୍ପ୍ରତି ସର୍ବୋଚ୍ଚ ନ୍ୟାୟାଳୟ ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ଅନୁମତି ଦେଇ ଏହି ସମ୍ବେଦନଶୀଳ ପ୍ରଶ୍ନକୁ ଜାତୀୟ ଆଲୋଚନାର କେନ୍ଦ୍ରକୁ ଆଣିଛନ୍ତି। ଦୀର୍ଘ ସମୟ ଧରି ଅଚେତନ ଅବସ୍ଥାରେ ଥିବା ହରିଶଙ୍କ ଜୀବନ ଚିକିତ୍ସା ଯନ୍ତ୍ର ଉପରେ ନିର୍ଭର କରୁଥିଲା। ଡାକ୍ତରମାନେ ସୁସ୍ଥ ହେବାର ଆଶା ନ ଥିବା ସ୍ପଷ୍ଟ କରିଥିଲେ। ଏପରି ସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟ ମାନବିକ ଦୃଷ୍ଟିକୋଣ ଅବଲମ୍ବନ କରି ଜୀବନ ରକ୍ଷା ଯନ୍ତ୍ର ପ୍ରତ୍ୟାହାରକୁ ଅନୁମତି ଦେଲେ। ଏହା କେବଳ ଏକ ନ୍ୟାୟିକ ରାୟ ନୁହେଁ, ବରଂ ମଣିଷର ଯନ୍ତ୍ରଣା ପ୍ରତି ସମ୍ବେଦନଶୀଳତାର ଏକ ଉଦାହରଣ। ତଥାପି ଇଚ୍ଛାମୃତ୍ୟୁ ସହ ନୀତି, ଧର୍ମ, ଆଇନ ଓ ଚିକିତ୍ସା ବିଜ୍ଞାନର ଅନେକ ପ୍ରଶ୍ନ ଜଡ଼ିତ। କେହି ଏହାକୁ ମାନବୀୟ ପଦକ୍ଷେପ ଭାବେ ଦେଖନ୍ତି, ଆଉ କେହି ଦୁରୁପଯୋଗର ଆଶଙ୍କା କରନ୍ତି। ସେହିପରି ଏପରି ନିଷ୍ପତ୍ତି ପାଇଁ ସ୍ପଷ୍ଟ ନିୟମ ଅତ୍ୟାବଶ୍ୟକ।

– ସିଦ୍ଧାର୍ଥ କର ମହାପାତ୍ର, ରଘୁନାଥପୁର, ବାରିପଦା

## ଚିରନ୍ତନୀ

ଦେଖରେ ପିକ ଦେଖରେ ଶୁକ
ଲଭିଛି କବି କି ଗୁରୁ ଦୁଃଖ
ତୁମରି ସ୍ୱର ନୁହେଁ ମଧୁର,
କରିଛି ତାକୁ ମଉନ ମୂକ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱେରେଜ ଟାଙ୍କିରୁ ମଣିଷର କଟାଗୋଡ଼ ଜବତ


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ସ୍ୱେରେଜ ଟାଙ୍କିରୁ ଶନିବାର ପୂର୍ବାହ୍ନ ୧୧ଟାରେ ମଣିଷର ଏକ କଟା ଗୋଡ଼ ପୋଲିସ ଜବତ କରିଛି। ସ୍ୱେରେଜ ଟାଙ୍କିରେ ଗୋଡ଼ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ, କାରଖାନା ଅଗ୍ନିଶମ ବିଭାଗ ଓ ରାଜ୍ୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମିଳିତ ଭାବେ କଟା ଗୋଡ଼ ଉଦ୍ଧାର କରିଥିଲେ। ଏହାକୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମର୍ଗହାଉସରେ ସଂରକ୍ଷିତ ରଖାଯାଇଛି। ତେବେ ଏହା ମହିଳାଙ୍କ କଟା ଗୋଡ଼ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କଟା ଗୋଡ଼ ସେଠାକୁ କେମିତି ଆସିଲା ତାହା ଜଣାପଡ଼ି ନ ଥିବାବେଳେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ଅନୁସନ୍ଧାନ କରୁଛି। ଆଖପାଖ ଥାନା ଅଞ୍ଚଳରୁ ନିଖୋଜ ଲୋକଙ୍କ ତାଲିକା ସଂଗ୍ରହ କରାଯାଉଛି ବୋଲି ପୋଲିସ କହିଛି।

# ଥଣ୍ଡା ବୋତଲରେ ଦେଶୀ ମଦ ଚାଲାଣ

ଉଦଳା,୨୧।୩ (ସନ୍ତୋଷ କୁମାର ବାଛିନି)


ଉଦଳାରୁ ଭୁବନେଶ୍ୱର ଚାଲାଣ ହେଉଥିବା ଥଣ୍ଡାପାନୀୟ ବୋତଲରେ ଦେଶୀ ମଦ।

- ଉଦଳାରୁ ଭୁବନେଶ୍ୱର ସାଲିଆସାହିକୁ ଯାଉଥିଲା
- ବସ୍‌ରୁ ନାବାଳକଙ୍କୁ ଧରିଲା ପୋଲିସ, ଖସିଗଲେ ୨

ଦାମିକା ବ୍ୟାଗ୍ ଭିତରେ ଥଣ୍ଡା ବୋତଲରେ ଦେଶୀମଦ ଚାଲାଣ କରାଯାଉଥିଲା। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ପାଟଶାଣିପୁର ଅଞ୍ଚଳରୁ ଦେଶୀମଦ ଭୁବନେଶ୍ୱର ସାଲିଆସାହିକୁ ବସ୍‌ରେ ନିଆଯାଉଥିବା ବେଳେ ଶୁକ୍ରବାର ରାତିରେ ପୋଲିସ ଚଢାଉ କରି ଧରିଛି। ମଦ ନେଇ ଯାଉଥିବା ଜଣେ ନାବାଳକ ପୋଲିସ ହାତରେ ଧରାପଡ଼ିଥିବା ବେଳେ ୨ଜଣ ଖସିଯାଇଛନ୍ତି। ମଦ ଭର୍ତ୍ତି ୩ଟି ବ୍ୟାଗ୍‌କୁ ପୋଲିସ ଜବତ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଖୁଣ୍ଟା ଅଞ୍ଚଳରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସ୍ ଉଦଳା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ସେହି ବସ୍‌ରେ ମଦ ଚାଲାଣ ହେଉଥିବା ଖବର ପାଇ ଉଦଳା ପୋଲିସ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରିଥିଲା। ବସ୍‌ରେ ଯାତ୍ରୀ ସାଜି ଦେଶୀମଦ ଚାଲାଣ କରୁଥିବା ପାଟଶାଣିପୁର ଅଞ୍ଚଳର ନାବାଳକଙ୍କୁ ପୋଲିସ କାବୁ କରିଥିବା ବେଳେ ତାଙ୍କ ସହ ଥିବା ଅନ୍ୟ ୨ଜଣ ଭିଡ଼ର ଫାଇଦା ନେଇ ଖସିଯାଇଥିଲେ। ୨ଟି ବଡ଼ ବ୍ୟାଗ୍ ଥିବାବେଳେ ଗୋଟିଏ ଛୋଟ ବ୍ୟାଗ୍ ଥିଲା। ମୋଟ ୩୨ଟି ବୋତଲରେ ୬୪ ଲିଟର ଦେଶୀ ମଦ ଚାଲାଣ ହେଉଥିଲା। ମଦ ଚାଲାଣ ହେଉଥିବା ବ୍ୟାଗ୍‌ଗୁଡ଼ିକ ଉପରେ ଲାଲ୍ ରଙ୍ଗରେ ଛକି ଚିହ୍ନର କୋଡ୍ ଦିଆଯାଇଥିଲା। ଦେଶୀମଦ ସାଲିଆସାହିଠାରେ ପହଞ୍ଚାଇ ଦେଲେ ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମିଳୁଥିଲା। ତେବେ ଛୋଟ ବ୍ୟାଗ୍‌ଟି ନାବାଳକଙ୍କ ଦାୟିତ୍ୱରେ ଥିବାବେଳେ ଫେରାର ହୋଇଯାଇଥିବା ୨ଜଣ ଯୁବକ ହୋଇଥିବାନେଇ ପୋଲିସ ଅନୁମାନ କରୁଛି। ଏହି ୨ଜଣଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଉଦଳା ଥାନା ଅଧିକାରୀ ବନମାଳୀ ବାରିକ କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୦୬/୨୬) ରୁଜୁ କରି ନାବାଳକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ମଦ ବେପାରୀମାନେ ନିଜକୁ ଯାତ୍ରୀ ସଜାଇ ସମସ୍ତଙ୍କ ଆଖିରେ ଧୂଳି ଦେଇ ଏଭଳି ମଦ ଚାଲାଣ କରୁଥିବାରୁ ସେମାନଙ୍କ ଉପରେ ନଜର ରଖାଯାଇଥିବା ଥାନା ଅଧିକାରୀ ବାରିକ କହିଛନ୍ତି।

# ପ୍ରତାପ ଜେନାଙ୍କ ଘର ଆଗରେ ହଙ୍ଗାମା

ଭୁବନେଶ୍ୱର,୨୧।୩(ତ୍ରିନାଥ ମହାନ୍ତି)

**ରାତି ଅଧରେ ସରକାରୀ କ୍ୱାର୍ଟର୍ସ ଆଗରେ ବାଣ ଫୁଟାଇବା ସହ ସୁରକ୍ଷା କର୍ମୀଙ୍କୁ ପିଟିଥିଲେ**

ବିଜେଡି ନେତା ପ୍ରତାପ ଜେନାଙ୍କ ଘର ଆଗରେ ଶୁକ୍ରବାର ରାତିରେ କେତେଜଣ ଯୁବକ ହଙ୍ଗାମା କରିଥିଲେ। ଏହି ହଙ୍ଗାମା ପଛରେ ବିଜେଡିରୁ ନିଲମ୍ବିତ ଯୁବ ଓ ଛାତ୍ର ନେତାଙ୍କ ହାତ ରହିଥିବା ଅଭିଯୋଗ ହୋଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ସେମାନଙ୍କୁ ନିଲମ୍ବନ କରାଯିବାପରେ ସେମାନେ ରାଗରେ ପ୍ରତାପଙ୍କ ଘର ଆଗରେ ବାଣ ଫୁଟାଇ ହୋହଲ୍ଲା କରିବା ସହ ଆତଙ୍କରାଜ କରିଥିଲେ। ଏପରି କି ପ୍ରତାପଙ୍କ ଘର ଲୋକ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ନିଲମ୍ବିତ ନେତାଙ୍କ ହଙ୍ଗାମା ବେଳର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରି ପ୍ରତାପ ଜେନା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଦୃଷ୍ଟିହୀନ ନାବାଳିକାଙ୍କୁ ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୨୧।୩(ପବନ ପାଣିଗ୍ରାହୀ)

ଜଣେ ଦୃଷ୍ଟିହୀନ ନାବାଳିକା(୧୫)ଙ୍କୁ ବଳାତ୍କାର ମାମଲାର କୋରାପୁଟ ଜିଲା ଜୟପୁରସ୍ଥିତ ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ସଂଘମିତ୍ରା ଦାସ ଶୁଣାଣି କରି ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଶନିବାର ଦଣ୍ଡିତ କରିଛନ୍ତି। ୯ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସେମିଳିଗୁଡା ଥାନା ଅନ୍ତର୍ଗତ କାଙ୍ଗାରା ଗ୍ରାମର ଲଇଛନ ଭୋଇଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଆର୍ଥିକ ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟ ହେଲେ ଅଧିକା ୩ ବର୍ଷ ଜେଲଦଣ୍ଡ ଭୋଗିବାକୁ ଶୁଣାଣି କରାଯାଇଛି।

ସୂଚନାନୁଯାୟୀ, ୨୦୨୪ରେ ଲଇଛନ କୋରାପୁଟ ଥାନା ଅଞ୍ଚଳରେ ରହୁଥିବା ଜଣକ ଘରକୁ ପୂଜାପାଠ କରିବାକୁ ଯାଇଥିଲେ। ଦୃଷ୍ଟିହୀନ ନାବାଳିକାଙ୍କ ଆଖିକୁ ଭଲ କରିବାକୁ କହି ତାଙ୍କୁ ନିଶା ଦେଇ ବଳାତ୍କାର କରିଥିଲେ। ଏ ନେଇ କୋରାପୁଟ ଟାଉନ ଥାନାରେ ୨୪।୦୯।୨୪ରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୭୩/୨୪ରେ ମାମଲା ରୁଜୁ କରିଥିଲା। ଆଦାୟ ଜରିମାନା ଟଙ୍କା ସହ ସରକାରଙ୍କ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି.ସନ୍ୟାସୀ ରାଓ ପରିଚାଳନା କରିଥିଲେ।

# ଶୁକ୍ରୁ, ଟିମ୍‌କୁ ନିପାତ ଲକ୍ଷ୍ୟରେ ସୁରକ୍ଷାକର୍ମୀ

**ନିର୍ଣ୍ଣାୟକ ମୋଡ଼ରେ ମାଓବାଦୀ ମୂଳପୋଛ ଅଭିଯାନ**

ଫୁଲବାଣୀ,୨୧।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ମାଓବାଦୀ ମୂଳପୋଛ ଅଭିଯାନ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ମାଓବାଦୀ ନେତା ଶୁକ୍ରୁ ଓ ତାଙ୍କ ଟିମ୍‌କୁ ନିପାତ କରିବା ପାଇଁ କନ୍ଧମାଳ ଏବଂ ରାୟଗଡ଼ା ଜିଲା ସୀମାନ୍ତବର୍ତ୍ତୀ ଦୁର୍ଗମ ଜଙ୍ଗଲକୁ ଘେରାବନ୍ଦୀ କରାଯାଇଛି। ଶୁକ୍ରୁ ଏବଂ ତାଙ୍କ କେତେଜଣ ସହଯୋଗୀ ଏହି ଅଞ୍ଚଳରେ ଆତ୍ମଗୋପନ କରିଛନ୍ତି। ସେମାନଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ନିପାତ କରିବା ପାଇଁ ସୁରକ୍ଷାକର୍ମୀ ଏବେ ଉନ୍ନତ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଡ୍ରୋନ୍‌ର ସହାୟତା ନେଉଛନ୍ତି। ଶନିବାର ଏସବୁ ଅଞ୍ଚଳରେ ଡ୍ରୋନ ଉଡ଼ାଣ ହୋଇଛି। ଏହି ଡ୍ରୋନ ୧୫ କିମି ପର୍ଯ୍ୟନ୍ତ ଉଚ୍ଚ ଆକାଶରୁ ସ୍ପଷ୍ଟ ଚିତ୍ର ଦେଉଛି । ଦିନ ରାତି ଡ୍ରୋନ ଉଡ଼ାଣ କରୁଛି । ଡ୍ରୋନରୁ ମିଳୁଥିବା ସିଗ୍‌ନାଲ ଏବଂ ଚିତ୍ର ଆଧାରରେ ସୁରକ୍ଷାକର୍ମୀ ସେମାନଙ୍କ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏହି ଅପରେଶନରେ ଏସ୍‌ଓଜି, ଡିଭିଏଫ, ସିଆରପିଏଫ, ବିଏସ୍‌ଏଫ ଯବାନ ସାମିଲ ହୋଇଛନ୍ତି। କନ୍ଧମାଳ, ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ସିଲ୍ କରାଯାଇଛି।


# Classified Everyday
0674-2580101, 9692975378


MATRIMONIAL

GROOM WANTED

49ବୟସ୍କା ଅଙ୍ଗନବାଡ଼ି supervisor divorce ବ୍ରାହ୍ମଣ ଝିଅଙ୍କୁ ବର ଦରକାର। 9776705242. D-3670

37ବୟସ୍କା Widow ଅନାଥ କରଣ Govt. nurseଙ୍କ ପାଇଁ ଘରଜ୍ୱାଇଁ ଦରକାର Urgent. 8249280543. D-3669


REAL ESTATE
SALE

3BHK Sophisticated Flat at BJB Nagar/ 2100sqft. Gharabari Land at Uttara, Bhubaneswar. Call- 8917520527. D-3708

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.

2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880. D-101

Residential Flat 3 Number in Geetanjali Apartments Bhubaneswar Size (865, 725, 1154) Sqft. is available for sale.

Residential Flat 2 number in Dev Apartments Cuttack Size (1112, 1058) Sqft. and one shop (240) Sqft. is available for sale.

Residential Flat in Varun Plaza Sambalpur Size 1238 Sqft. is available for sale. May send their offer on email id: CPMT@dalmiabharat.com. Contact Person Bharat Kumar Pandey, Contact Number: 9582088780. D-3711

Land near BALASORE Town for Sale. Residential Plot 19 decimals near Harihat in Village SINDHIA near Balighat and 278 decimals all in Village SAHUPADA near BALASORE-Baripada National Highway suitable for farmhouse, apartment, institute. Please contact immediately - 7656861995, 8763744316. D-75866

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649


BUSINESS

Urgently required Second hand Racks for supermarket in Bhubaneswar, Contact: 8240127783. D-3703




Godown and Showrrom near Pathargadia, Sibamandira 200ft. Road. Mob. 9938060592. D-3544




All types of physiotherapy and massage contact 9556924059 / 7656969134. D-3668

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit No. C.F.No. 15 dated- 19.01.2026 sworn before the Executive Magistrate, Rampur, Subarnapur, Odisha, I, Gyanendra Sahu, S/o.- Late Gouranga Sahu, Village/P.O./ P.S.- Dunguripali, Dist.- Subarnapur declare that I have changed my name from Gyanendra Kumar Sahu to Gyanendra Sahu. Henceforth, I shall be known as Gyanendra Sahu for all purpose. D-3713

By virtue of an affidavit dtd. 19.03.2026 sworn before Executive Magistrate, Bhadrak, I, Behera Pradeep Sambhunath, S/o.- Sambhunath Behera, Vill./P.O.- Paliabindha, P.S.- Tihidi, Dist.- Bhadrak, Odisha, At present Santkabir Society Street No. 1, Pedak Road, Rajkot, Gujarat declare that I have an LIC policy bearing No. 582299078. Where in my name is mentioned Kunumunu Behera. I further declare that Behera Pradeep Sambhunath and Kunumunu Behera, S/o.- Sambhunath Behera same and one person. D-3712

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# କଲେଜ ଛାତ୍ରୀ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

କାମାକ୍ଷାନଗର, ୨୧।୩ (ସୁଧୀର କୁମାର ପରିଡ଼ା)

- ସିନ୍ ରିକ୍ରିଏଶନ କଲା ପୋଲିସ
- ଅନ୍ୟ ୨ ସହଯୋଗୀ ଗିରଫ ସୂଚନା


ମୁଖ୍ୟ ଅଭିଯୁକ୍ତଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରୁଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର କଲେଜର +୨ ପ୍ରଥମ ବର୍ଷର ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ବାରିକଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ୩ ଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ୍। ସାଆନ୍ତାରାପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ଗଙ୍ଗାଧର ପାତ୍ର ଓରଫ ଜଗା (୩୮)ଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଗତ ୧୮ ତାରିଖରେ ଅଙ୍କିତା କଲେଜରୁ ପରୀକ୍ଷା ସାରି ଫେରିବା ବେଳେ କାମାକ୍ଷାନଗର ସହରର ଜଗନ୍ନାଥ ବଜାର ଛକରେ ଛିଡ଼ା ହୋଇଥିଲେ। ସେହି ସମୟରେ ଜଗା ଏକ କାର (ଓଡି୦୨ ସିଏକ୍ସ-୨୮୦୭) ଯୋଗେ ସେଠାରେ ପହଞ୍ଚି ତାଙ୍କୁ ଉଠାଇନେଇ ନିକଟରେ ଥିବା ପଲ୍ଲୀଗ୍ରାମ ଜଙ୍ଗଲକୁ ଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣଙ୍କ ଗୁରୁତର ହେବାରୁ କିଛି ଅଘଟଣ ଆଶଙ୍କାରେ ଜଗା ଛାତ୍ରୀଙ୍କୁ କାମାକ୍ଷାନଗର ସହରକୁ ନେଇଆସିଥିଲେ। ମହିମାଟୁଙ୍ଗି ନିକଟରେ ପହଞ୍ଚିବା ପରେ ଛାତ୍ରୀଙ୍କ ପାଇଁ ଜଣେ ସମ୍ପର୍କୀୟଙ୍କୁ କହି ନୂଆ ପ୍ୟାଣ୍ଟ, ସାନିଟାରି ନାପ୍‌କିନ ମଗାଇ ପୁଣି ଜଙ୍ଗଲକୁ ନେଇଯାଇଥିଲେ। ଜଙ୍ଗଲରେ ପହଞ୍ଚିବା ପରେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଂକଟାପନ୍ନ ହେବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଜଗା କୌଣସି ଉପାୟ ନ ପାଇ ଜଙ୍ଗଲରୁ ପଳାଇ ଆସି ରାମେଶ୍ୱର ମନ୍ଦିର ରାମିଆଳ ନଦୀହୁଡ଼ାରେ ଛାତ୍ରୀଙ୍କ ପାଇଁ କିଣିଥିବା ନୂଆ ପ୍ୟାଣ୍ଟ, ସାନିଟାରି ନାପ୍‌କିନକୁ ଫିଙ୍ଗି ଦେଇଥିଲେ। ପରେ ଜଗା ତାଙ୍କର ମଉସା ଓ ଜଣେ ସମ୍ପର୍କୀୟ ଭାଇଙ୍କ ସାହାଯ୍ୟ ଲୋଡ଼ିଥିଲେ। ଦୁହିଁଙ୍କ ସହଯୋଗରେ କାର୍ ଯୋଗେ ମୃତଦେହକୁ ଆଣି ରାତିପ୍ରାୟ ୧୨ଟା ମଧ୍ୟରେ ସାରୁଆଳି ଗ୍ରାମ ଜଙ୍ଗଲରେ ଫିଙ୍ଗିଦେଇ କେଉଁଆଡ଼େ ଫେରାର ହୋଇଯାଇଥିଲେ। ସକାଳେ ଖବର ପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଘଟଣାର ୩ ଦିନ ପରେ ଶନିବାର ମୁଖ୍ୟ ଅଭିଯୁକ୍ତ ଜଗାଙ୍କୁ ଢେଙ୍କାନାଳ-କେଉଁଝର ଜିଲା ସୀମାନ୍ତ ଜଣେ ସମ୍ପର୍କୀୟଙ୍କ ଘରୁ ଧରିବାରେ ସକ୍ଷମ ହୋଇଛି । ହତ୍ୟାକାଣ୍ଡରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ଜଗାଙ୍କୁ ସହଯୋଗ କରିଥିବା ମଉସା ପରଜଙ୍ଗ ଥାନା ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ ଓ ଅନ୍ୟ ଜଣେ କାମାକ୍ଷାନଗର ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନଙ୍କ ବିଷୟରେ ପୋଲିସ କିଛି ସୂଚନା ଦେଇ ନ ଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜଗାଙ୍କ ସହ ଅନ୍ୟ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଜଗା ପେସାରେ ଜଣେ ଡ୍ରାଇଭର ବୋଲି ଜଣାପଡ଼ିଛି।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ପ୍ରଣତୀ ମିଶ୍ର
ଆବିର୍ଭାବ: ୦୧।୦୧।୧୯୭୪
ତିରୋଧାନ: ୧୨।୦୩।୨୦୨୬

ଆଜି ଏହି ପବିତ୍ର ଏକାଦଶାହ ତିଥି ଅବସରରେ ପରିବାରର ସମସ୍ତ ସଦସ୍ୟଙ୍କ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ଅମରାତ୍ମା ଚିରଶାନ୍ତି ଲଭୁ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
କିଶୋର କୁମାର ମିଶ୍ର, କେଦାରଶ୍ୱର ମିଶ୍ର, ଦୀପ୍ତିମୟୀ ମିଶ୍ର, ଚେତନ୍ ମହାପାତ୍ର, ଲାଲି, ଗୁଡ୍ଡୁ, ଲୋରି, ସଞ୍ଜୀବ, ଲିଟିଲ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୭୦୯

**୧୬ତମ ଶ୍ରାଦ୍ଧବାର୍ଷିକୀ**



୰ସଦାଶିବ ପ୍ରଧାନ
(ନୀଳଚକ୍ର ନଗର, ପୁରୀ)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଝିଅ: ମଞ୍ଜୁବାଳା, ମମତା, ଜ୍ୱାଇଁ- କାହ୍ନୁ, ବିଶ୍ୱଜିତ୍, ନାତି: ଚିନ୍ମୟ, ତନ୍ମୟ ଏବଂ ପରିବାରବର୍ଗ ।
ଧ-୩୭୧୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ



୰ମାନମୟୀ ଦାସ
ଆବିର୍ଭାବ: ୦୧/୦୧/୧୯୬୬
ତିରୋଧାନ: ୨୨/୦୩/୨୦୨୫

ଆପଣଙ୍କ ସ୍ନେହ, ସରଳତା, ସଚ୍ଚୋଟତା ଓ ନିଃସ୍ୱାର୍ଥୀ ମଣିଷପଣିଆ ଆମମାନଙ୍କ ପାଇଁ ଚିରନ୍ତନ ସ୍ମୃତି ଓ ପଥ ପ୍ରଦର୍ଶକ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ
ଧ-୧୦୪





# ହରିୟାଣା ଚାମ୍ପିୟନ, ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଜୟନ୍ତୀ ବେହେରାଙ୍କୁ ପଦକ ପ୍ରଦାନ କରୁଛନ୍ତି, ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଚାମ୍ପିୟନ ହରିୟାଣା ଦଳ। (ଫଟୋ ବିକାଶ ନାୟକ)

**ଭୁବନେଶ୍ୱର,୨୧।୩(ଅନାଦି କର)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୮ ରାଜ୍ୟର ୧୪୦୦ରୁ ଊର୍ଦ୍ଧ୍ୱ ପାରା ଆଥଲେଟ୍ ଭାଗ ନେଇଥିବା ବେଳେ ହରିୟାଣା ୩୯ ସ୍ୱର୍ଣ୍ଣ ସହ ମୋଟ ୯୫ ପଦକ ସହ ଚାମ୍ପିୟନ ହୋଇଛି। ସେହିଭଳି ତାମିଲନାଡୁ ୫୧ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଆୟୋଜକ ଓଡ଼ିଶା ୫ ସ୍ୱର୍ଣ୍ଣ ଓ ମୋଟ ୧୭ ପଦକ ସହ ନବମ ସ୍ଥାନରେ ରହିଛି।

## ଜାତୀୟ ପାରା ଆଥଲେଟିକ୍ସ ଉଦ୍‌ଯାପିତ

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ବିଭାଗ କମିଶନର କମ୍ ସଚିବ ସଚିନ ରାମଚନ୍ଦ୍ର ଯାଦବ, ପାରା ଅଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଉପ ସଭାପତି ସତ୍ୟପ୍ରକାଶ ସାମଲ, ସାଧାରଣ ସମ୍ପାଦକ ଜୟବନ୍ତ ଜିଏଚ୍, ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ, ପାରା ଆଥଲେଟିକ୍ସ ଚେୟାରମ୍ୟାନ ସତ୍ୟ ନାରାୟଣ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣାଠାରେ ଏକ ଅତ୍ୟାଧୁନିକ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କରାଯିବାର ଯୋଜନା ରହିଛି। ୧୨୦ ଏକର ଜାଗାରେ ସମସ୍ତ ଇଭେଣ୍ଟକୁ ସୁହାଇଲା ଭଳି ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିଲାଗି ୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବାର ଯୋଜନା ରହିଛି। ସେହିଭଳି ପିସିଆଇ ସାଧାରଣ ସମ୍ପାଦକ ଜୟବନ୍ତ ଜିଏଚ୍ ପ୍ରକାଶ କରିଥିଲେ ଯେ, ଆମେ ଓଡ଼ିଶାରେ ସମସ୍ତ ପାରା ଇଭେଣ୍ଟ ଆୟୋଜନ କରିବାକୁ ଚାହୁଁ। ଏଠାରେ ଖୁବ ଭଲ ଭିତ୍ତିଭୂମି ସହ ସରକାରଙ୍କ ଭରପୂର ସମର୍ଥନ ମିଳୁଛି।

ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିନ ତଥା ଶନିବାର ଓଡ଼ିଶାର ପାରା ଆଥଲେଟ୍‌ମାନେ ୧ ସ୍ୱର୍ଣ୍ଣ ଓ ୫ ରୌପ୍ୟ ଜିତିଛନ୍ତି। ସୁଚିତ୍ରା ପରିଡ଼ା ମହିଳା ଜାଭେଲିନ ଥ୍ରୋ ଏଫ୍‌୫୫ ଇଭେଣ୍ଟରେ ୧୭.୮୦ ଦୂରତା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ପୁରୁଷ ୫୦୦ ମିଟର ଦୌଡ଼ ଟି୧୧ ଇଭେଣ୍ଟରେ ଜଦୁନାଥ ମାଝୀ (୧୭:୫୯.୦୬ ସେକେଣ୍ଡ), ପୁରୁଷ ଲଙ୍ଗ ଜମ୍ପ ଟି୪୭ ଇଭେଣ୍ଟରେ ସ୍ୱାଧୀନ ମେହର (୬.୬୨ ମି.), ପୁରୁଷ ୨୦୦ ମି, ଦୌଡ଼ ଟି୩୭ ଇଭେଣ୍ଟରେ ସ୍ୱସ୍ତିକ ସାହୁ (୨୫.୨୫ ସେ.), ମହିଳା ୨୦୦ ମି. ଦୌଡ଼ ଟି୧୨ ଇଭେଣ୍ଟରେ ଜାନକୀ ଓରାମ (୨୮.୪୩ ସେ.), ମହିଳା ୨୦୦ ମି. ଦୌଡ଼ ଟି୪୭ ଇଭେଣ୍ଟରେ ଜୟନ୍ତୀ ବେହେରା (୨୭.୯୫ ସେ.) ରୌପ୍ୟ ପଦକ ହାସଲ କରିଛନ୍ତି।

# ମହିଳା ଏସିଆନ କପ୍: ଜାପାନ ଚାମ୍ପିୟନ

**ସିଡ୍‌ନୀ,୨୧।୩(ଏପି)**

ଚଳିତ ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଜାପାନ ଚାମ୍ପିୟନ ହୋଇଛି। ଶନିବାର ଷ୍ଟାଡିୟମ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଫାଇନାଲରେ ମାଇକା ହାମାନୋଙ୍କ ଗୋଲ ବଳରେ ଜାପାନ ୧-୦ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଏହି ସଫଳତା ପାଇଛି। ୨୧ ବର୍ଷୀୟା ହାମାନୋ ୧୭ତମ ମିନିଟ୍‌ରେ ମିଡ୍ ଫିଲ୍ଡରୁ ପାଇଥିବା ପାସକୁ ଗୋଲରେ ପରିଣତ କରିଥିଲେ, ଯାହା କି ଦଳର ବିଜୟ ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ମହିଳା ଏସିଆନ କପ୍ ଟୁର୍ନାମେଣ୍ଟର ଗତ ୪ ସଂସ୍କରଣରେ ଏହା ଜାପାନର ତୃତୀୟ ଟାଇଟଲ। ଏଥିପୂର୍ବରୁ ଜାପାନ ୨୦୧୪ ଓ ୨୦୧୮ରେ ଚାମ୍ପିୟନ ହୋଇଥିଲା। ଉଭୟ ଥର ଫାଇନାଲରେ ଅଷ୍ଟ୍ରେଲିଆ ପରାସ୍ତ ହୋଇଥିଲା। ଏସିଆର ଟପ୍ ମହିଳା ଦଳ ଜାପାନ ଏହି ଟୁର୍ନାମେଣ୍ଟରେ ୬ ମ୍ୟାଚ୍ ଖେଳିଥିବା ବେଳେ ମାତ୍ର ଗୋଟିଏ ଗୋଲ ବରଣ କରିଥିଲା। ଏହି ଟୁର୍ନାମେଣ୍ଟରୁ ଆସନ୍ତା ବର୍ଷ ବ୍ରାଜିଲରେ ହେବାକୁ ଥିବା ମହିଳା ଫିଫା ବିଶ୍ୱକପ୍ ଲାଗି ୬ ଦଳ ଯୋଗ୍ୟତା ହାସଲ କରିଛନ୍ତି। ମିଡିଲ ଇଷ୍ଟରେ ଯୁଦ୍ଧ ଚାଲୁଥିବା ବେଳେ ଇରାନ ଏହି ୧୨ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ଖେଳୁଥିବାରୁ ଏହା ଚର୍ଚ୍ଚାର ବିଷୟ ପାଲଟି ଥିଲା। ଇରାନ ଦଳର ୭ ଖେଳାଳି ପ୍ରାରମ୍ଭିକ ଭାବେ ଅଷ୍ଟ୍ରେଲିଆରେ ଆସାଇଲମ ଲାଗି ଅନୁରୋଧ କରିଥିଲେ। ହେଲେ ଅଷ୍ଟ୍ରେଲିଆ ସରକାରଙ୍କ ଅନୁମତି ପରେ ସେମାନଙ୍କ ମଧ୍ୟରୁ ୫ ଜଣ ଦଳ ସହ ଫେରି ଯାଇଥିଲେ।

# ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ

**ଭୁବନେଶ୍ୱର,୨୧।୩(ଅନାଦି କର)**

ଚଣ୍ଡିଗଡ଼ରେ ଚାଲିଥିବା ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଆନ୍ତର୍ଜାତୀୟ ଆଥଲେଟ୍ ପାର୍ବତୀ ସେଠୀ ଶନିବାର ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଡିସ୍‌କସ୍ ଥ୍ରୋରେ ୪୦.୫୫ ମିଟର ଦୂରତା ହାସଲ କରିଥିବା ବେଳେ ସଟ୍ ପୁଟରେ ୧୦.୪୫ ମି. ଥ୍ରୋ ସହିତ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା ଡିସକସ୍ ଥ୍ରୋୟର ହେଉଛନ୍ତି ପାର୍ବତୀ। ସେ ଇଣ୍ଡିଆନ ରେଲୱେ ବିଭାଗରେ କାର୍ଯ୍ୟରତ। ଆଗକୁ ଦକ୍ଷିଣ କୋରିଆରେ ୱାର୍ଲ୍ଡ ମାଷ୍ଟର ଆଥଲେଟ୍ ମିଟ ହେବ। ରାଜ୍ୟ ସରକାର ସହଯୋଗ କଲେ, ମୁଁ ରାଜ୍ୟ ପାଇଁ ପଦକ ଜିତିବା ଆଶା ରଖିଛି ବୋଲି ପାର୍ବତୀ କହିଛନ୍ତି।



ସ୍ୱର୍ଣ୍ଣ ପଦକଧାରୀ ପାର୍ବତୀ ସେଠୀ।

# ଭାଷ୍ୟକାର ଶିବରାମ କ୍ରିଷ୍ଣନଙ୍କ ଅବସର

**ନୂଆଦିଲ୍ଲୀ,୨୧।୩**

ଭାରତର ପୂର୍ବତନ କ୍ରିକେଟର ଲକ୍ଷ୍ମଣ ଶିବରାମ କ୍ରିଷ୍ଣନ କମେଣ୍ଟ୍ରୀରୁ ଅବସର ଘୋଷଣା କରିଛନ୍ତି। ହେଲେ ସେ ଅବସର ଘୋଷଣା ଲାଗି କରିଥିବା ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଏବେ ବିବାଦ ଦେଖାଦେଇଛି। ''ଦୀର୍ଘ ୨୩ ବର୍ଷ ହେଲା ମୋତେ ଟସ୍ ଓ ମ୍ୟାଚ୍ ପରବର୍ତ୍ତୀ ଉପସ୍ଥାପନା ଲାଗି ସୁଯୋଗ ମିଳୁନାହିଁ। ନୂଆ ଚେହେରା ଆସି ପିଚ୍ ରିପୋର୍ଟ, ଟସ୍, ମ୍ୟାଚ୍ ଉପସ୍ଥାପନା କରୁଛନ୍ତି। ଏପରିକି ରବି ଶାସ୍ତ୍ରୀ ଭାରତୀୟ ଦଳର କୋଚ୍ ଥିବା ବେଳେ ମଧ୍ୟ ଯଦି ସୁଯୋଗ ନ ମିଳେ, ତେବେ ତାହାର କାରଣ କ'ଣ ହୋଇଥିବ'' ବୋଲି ଶିବରାମ କ୍ରିଷ୍ଣନ ଏକ୍ସ'ରେ ପୋଷ୍ଟ କରିଥିଲେ। ଏହି ପୋଷ୍ଟରେ ଜଣେ ୟୁଜର କମେଣ୍ଟ କରି ଲେଖିଥିଲେ, ହୁଏତ ତୁମର କୃଷ୍ଣକାୟ ରଙ୍ଗ ଏହାର କାରଣ ହୋଇଥାଇପାରେ। ଏହାର ଉତ୍ତରରେ ଶିବରାମ କ୍ରିଷ୍ଣନ ଲେଖିଥିଲେ, ତୁମେ ଠିକ କହିଛ। ରଙ୍ଗ ଭେଦଭାବ। ଏହି ପୋଷ୍ଟ ଭାଇରାଲ ହେବା ପରେ ବିସିସିଆଇ ପ୍ରଶାସକଙ୍କର ଏଥିରେ କୌଣସି ଭୂମିକା ନ ଥିବା ନେଇ ଶିବରାମ କ୍ରିଷ୍ଣନ ସ୍ପଷ୍ଟୀକରଣ ରଖିଛନ୍ତି।

# ୫୦ ମିଟର ଫ୍ରିଷ୍ଟାଇଲରେ କାମେରନଙ୍କ ବିଶ୍ୱ ରେକର୍ଡ

**ଶେନ୍‌ଝେନ,୨୧।୩(ଚାଇନା)**

ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ସନ୍ତରଣକାରୀ କାମେରନ ମ୍ୟାକ୍‌ଏଭଏ ପୁରୁଷ ୫୦ମିଟର ଫ୍ରିଷ୍ଟାଇଲରେ ୧୭ବର୍ଷ ଧରି ରହିଥିବା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଅଷ୍ଟ୍ରେଲିଆର ଏହି ୩୧ବର୍ଷୀୟ ଶେନଝେନ୍‌ରେ ଅନୁଷ୍ଠିତ ଚାଇନା ଓପନରେ ୨୦.୮୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ନୂଆ କିର୍ତ୍ତୀମାନ ଅର୍ଜନ କରିଛନ୍ତି। ପୂର୍ବରୁ ଏହି ରେକର୍ଡର ଅଧିକାରୀ ଥିବା ବ୍ରାଜିଲିଆନ ସେସାର ସିଏଲୋ ୦.୦୩ ସେକେଣ୍ଡ ଆଗୁଆ ରେସ୍ ଶେଷ କରିଥିଲେ। ସିଏଲୋ ତାଙ୍କ ବିଶ୍ୱ ରେକର୍ଡ ୨୦୦୯ 'ସୁପର ସୁଟ୍' ଯୁଗରେ ସୁଇମିଂରେ ୨୦.୯୧ ଟାଇମିଂରେ ପ୍ରତିଷ୍ଠା କରିଥିଲେ। ସିଲୋ ସୋସିଆଲ ମିଡିଆ ଜରିଆରେ ତୁରନ୍ତ ମ୍ୟାକ୍‌ଏଭଏଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଟୁଇଟ୍ କରିଛନ୍ତି; କଙ୍ଗ୍ରାଟ୍ସ, କାମ୍।



କାମେରନ ମ୍ୟାକ୍‌ଏଭଏ

# ୱିମ୍ବଲଡନ ଓପନରେ ଭିଡିଓ ରିଭ୍ୟୁ ବ୍ୟବସ୍ଥା

**ଲଣ୍ଡନ, ୨୧।୩ (ଏପି)**

ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍‌ରେ ଚଳିତବର୍ଷ ପ୍ରଥମ ଥର ଭିଡିଓ ରିଭ୍ୟୁ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଅଲ୍ ଇଂଲଣ୍ଡ କ୍ଲବ ତରଫରୁ ଶନିବାର ଏହା ଘୋଷଣା କରାଯାଇଛି। ବିଶ୍ୱର ଏହି ସର୍ବ ପୁରାତନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ସେଣ୍ଟର କୋର୍ଟ, କ୍ଲବର ଦ୍ୱିତୀୟ ସର୍ବବୃହତ୍ ଷ୍ଟାଡିୟମ ନମ୍ବର-୧ କୋର୍ଟ ବ୍ୟତୀତ ଅନ୍ୟ ୪ଟି କୋର୍ଟରେ ଏହି ଟେକ୍ନୋଲୋଜି ଉପଲବ୍ଧ ହେବ। ଚେୟାର ଅମ୍ପାୟରଙ୍କ ଦ୍ୱାରା ହୋଇଥିବା ନିର୍ଦ୍ଦିଷ୍ଟ କଲ୍ ଯଥା ଡବଲ ବାଉନ୍ସ ଉପରେ ଖେଳାଳିମାନେ ରିଭ୍ୟୁ ପାଇଁ ଅନୁମତି ପାଇବେ। ୨୦୨୩ ୟୁଏସ୍ ଓପନରେ ଭିଡିଓ ରିଭ୍ୟୁ ଏହାର ପ୍ରଥମ ପଦାର୍ପଣ କରିଥିଲା। ଅଷ୍ଟ୍ରେଲିଆନ ଓପନ ମଧ୍ୟ ଏହି ଟେକ୍ନୋଲୋଜି ବ୍ୟବହାର କରି ଆସୁଛି।

## ୨୩ରୁ ଜାତୀୟ ସିନିୟର ହ୍ୟାଣ୍ଡବଲ

**ଭୁବନେଶ୍ୱର,୨୧।୩(ଅନାଦି କର)**

ଆସନ୍ତା ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ହରିୟାଣାର କୁରୁକ୍ଷେତ୍ରଠାରେ ୫୪ତମ ଜାତୀୟ ସିନିୟର ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ଦଳ ଶନିବାର ଟ୍ରେନ ଯୋଗେ ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସୁମନ୍ତ କୁମାର ସାହୁ, ବିଶ୍ୱନାଥ କହର, ଅନିଲ ପାତ୍ର, କ୍ଷୀତିଶ ଚନ୍ଦ୍ର ଖଟେଇ, ଭୋଳାନାଥ ଖଟୁଆ, ସୁରେଶ କୁମାର ସେଠୀ, ଅଜିତ ସାହୁ, ସରୋଜ ନାୟକ, ଅଶୋକ ବେହେରା, ରାଜେଶ ନାୟକ, ଜ୍ୟୋତିରଞ୍ଜନ ଲେଙ୍କା, ସୁବ୍ରତ ଦାସ, ଓମ୍ ପ୍ରକାଶଦାସ ମହାପାତ୍ର, ଦିବ୍ୟଜ୍ୟୋତି ମହାପାତ୍ର, ସୁବାସ ମାଝୀ, ରୁଦ୍ରପ୍ରସାଦ ରାଉତ, ନୀଳମଣି ମଣ୍ଡଳ, ଶାନ୍ତନୁ ବିଶ୍ୱାଳ। ଦଳ ସହିତ ପ୍ରଶିକ୍ଷକ ଭାବେ ପ୍ରଭାତ କୁମାର ଦଳେଇ, ପ୍ରବନ୍ଧକ ଭାବେ ଛାୟାକାନ୍ତ ମହାନନ୍ଦା ଯାତ୍ରା କରିଛନ୍ତି। ଓଡ଼ିଶା ଦଳକୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ସମ୍ପାଦକ ବୀରେନ କୁମାର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ର କୁମାର ଦାସ, ସୋମନନ୍ଦ ବିହାରୀ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

# ତନ୍‌ଭିଙ୍କ ପ୍ରଭାବୀ ଅଭିଯାନ ଶେଷ

**ଓର୍ଲିନ୍ସ, ୨୧।୩ (ପି.ଟି.)**

ଭାରତର ସ୍ୱଳ୍ପ ବୟସ୍କା ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭି ଶର୍ମା ଏଠାରେ ଚାଲିଥିବା ଓର୍ଲିନ୍ସ ମାଷ୍ଟର୍ସ ସୁପର ୩୦୦ ଟୁର୍ନାମେଣ୍ଟ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଜାପାନର ନୋଜୋମି ଓକୁହାରାଙ୍କଠାରୁ ସେ ୯-୧୧, ୧୬-୧୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ମାତ୍ର ୩୫ ମିନିଟରେ ଶେଷ ହୋଇଯାଇଥିଲା। ମ୍ୟାଚରେ ନିୟନ୍ତ୍ରଣ ହରାଇ ବସିବାରୁ ତନ୍‌ଭିଙ୍କୁ ପରାଜୟ ବରଣ କରିବାକୁ ହୋଇଥିଲା। ସୂଚନାଯୋଗ୍ୟ, ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଏହି ୧୭ ବର୍ଷୀୟା ଭାରତୀୟ ଗତବର୍ଷ ସୟଦ ମୋଦୀ ଇଣ୍ଟରନ୍ୟାଶନାଲରେ ଏକ ୩ ମ୍ୟାଚ ବିଶିଷ୍ଟ ରୋମାଞ୍ଚକ ମୁକାବିଲାରେ ଓକୁହାରାଙ୍କୁ ହରାଇ ଦେଇଥିଲେ।

# ଓସ୍‌ଜାର ଏଜିଏମ୍ ଅନୁଷ୍ଠିତ

**ଭୁବନେଶ୍ୱର,୨୧।୩(ଅନାଦି କର)**

ଓଡ଼ିଶା ଜର୍ନାଲିଷ୍ଟ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଶନିବାର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ସଂଘର ୨୦୨୫-୨୬ ବର୍ଷର ଆର୍ଥିକ ରିପୋର୍ଟ ପ୍ରଦାନ କରାଯିବା ସହ ୨୦୨୬-୨୭ ବର୍ଷ କାର୍ଯ୍ୟ ଖସଡ଼ା ନିର୍ଦ୍ଧାରଣ ହୋଇଥିଲା। ଏହି ଅବସରରେ ଓସ୍‌ଜାର ନୂଆ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସନ୍ଦୀପ ମିଶ୍ର ସଭାପତି ପଦ ବଜାୟ ରଖିଥିବା ବେଳେ ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ତପନ କୁମାର ସ୍ୱାଇଁ ସାଧାରଣ ସମ୍ପାଦକ ଓ ସୁରେଶ କୁମାର ସ୍ୱାଇଁ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ହିମାଂଶୁପତି ମିଶ୍ର, ସଞ୍ଜୀବ ବିଶ୍ୱାଳ, ଦେବୀପ୍ରସନ୍ନ ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଭାବେ ଦେବାଶିଷ ସୁନ୍ଦରାୟ, ଶୁଭଲକ୍ଷ୍ମୀ ବଳ, ବିମଳ କୁମାର ରାଉଳ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ କେ. ରବି, ସମ୍ବିତ ମହାପାତ୍ର, ଜ୍ଞାନରଂଜନ ମିଶ୍ର, ଡି. ନିରଞ୍ଜନ ରେଡ୍ଡୀ, ଶକ୍ତି ପ୍ରସାଦ ନନ୍ଦ, ବେଣୁଧର ଦାସ, ତୁଷାର କୁମାର ସେନାପତି ସଦସ୍ୟ ଭାବେ ରହିଛନ୍ତି। ସନ୍ଦୀପ ମିଶ୍ର ପୌରୋହିତ୍ୟ କରିଥିବା ବେଳେ ସମୀକ୍ଷା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଯୋଗଦେଇଥିବା ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ସଦସ୍ୟ।

# ମାନବ, ଯଶସ୍ୱିନୀଙ୍କୁ ପ୍ରଥମ ଜାତୀୟ ଟାଇଟଲ

**ଇନ୍ଦୋର, ୨୧।୩ (ପି.ଟି.)**

ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଖେଳାଳି ମାନବ ଠକ୍କର ଓ ଯଶସ୍ୱିନୀ ଘୋର୍‌ପଡ଼େ ଏଠାରେ ଚାଲିଥିବା ଜାତୀୟ ସିନିୟର ଟେବିଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ରେ ସେମାନଙ୍କ ପ୍ରଥମ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଫାଇନାଲ ମାନବ ୪-୧ (୧୧-୨, ୧୧-୪, ୬-୧୧, ୧୧-୯, ୧୧-୩)ରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି)ର ଜିତ୍ ଚନ୍ଦ୍ରଙ୍କୁ ହରାଇ ଦେଇଛନ୍ତି। ସେହିପରି ସଂଘର୍ଷପୂର୍ଣ୍ଣ ମହିଳା ଫାଇନାଲରେ ଯଶସ୍ୱିନୀ ୪-୩ (୧୧-୬, ୧୨-୧୪, ୧୧-୫, ୧୧-୯, ୧୩-୧୧, ୬-୧୧, ୧୧-୮ରେ ପିଏସ୍‌ପିବିର ସିଣ୍ଡ୍ରେଲା ଦାସଙ୍କୁ ପରାସ୍ତ କରିଛନ୍ତି।

### ଅଙ୍କୁର-ସୁହାନାଙ୍କୁ ସ୍ୱର୍ଣ୍ଣ

ମିକ୍ସଡ ଡବଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ଅଙ୍କୁର ଭଟ୍ଟାଚାର୍ଜୀ ଓ ହରିୟାଣାର ସୁହାନା ସଇନି ଏକ ୫ ସେଟ୍ ବିଶିଷ୍ଟ ରୋମାଞ୍ଚକ ମୁକାବିଲାରେ ବେଙ୍ଗଲ ଯୋଡ଼ି ଅନିକେତ ବୋଷ ଓ ସମ୍ପ୍ରିତି ରାୟଙ୍କୁ ୩-୨ (୧୧-୯-




ଯଶସ୍ୱିନୀ ଘୋର୍‌ପଡ଼େ ଓ ମାନବ ଠକ୍କର।

## ଜାତୀୟ ଟେନିସ

୧୧-୭, ୯-୧୧, ୧୩-୧୫, ୧୨-୧୦)ରେ ହରାଇ ଦେଇଛନ୍ତି।

### ଦିବ୍ୟାଂଶୀଙ୍କୁ ଡି. ବିଶ୍ୱ ଟ୍ରଫି

ଟୁର୍ନାମେଣ୍ଟରେ ଉଦୀୟମାନ ଯୁବ ଖେଳାଳି ଭାବେ ସିନିୟର ସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦିବ୍ୟାଂଶୀ ଭୌମିକ୍‌ଙ୍କୁ ଡି. ବିଶ୍ୱ ଟ୍ରଫି ମିଳିଛି। ପ୍ରଭାବୀ ପ୍ରଦର୍ଶନ ସହ ସେ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରିଥିଲେ। ଶୁକ୍ରବାର ଅନୁଷ୍ଠିତ ଏକ କଡ଼ା ମୁକାବିଲାରେ ସେ ଗତଥରର ଚାମ୍ପିୟନ ଦିୟା ଚିତାଲେଙ୍କୁ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ଦିବ୍ୟାଂଶୀ ଏସିଆନ ୟୁଥ୍ ଚାମ୍ପିୟନଶିପ୍‌ର ୧୫ ବର୍ଷରୁ କମ୍ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏତଦ୍ ବ୍ୟତୀତ ଗତବର୍ଷ ଆଇଟିଟିଏଫ୍ ୟୁଥ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୧୯ ବର୍ଷରୁ କମ୍ ଟାଇଟଲ ହାସଲ କରିଥିଲେ।


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 22/2026 | Page 16 | ₹ 7.00 | SAMBALPUR
୫୨ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 116 | ମୂଲ୍ୟ₹୭/-

# ପୂର୍ବତନ ବିଧାୟକଙ୍କୁ ବାସନ୍ଦକଲା ଭତରା ସମାଜ

## ଅନ୍ୟ ଜାତିରେ ଝିଅ ବିବାହ କରାଉଥିବାରୁ ବୈଠକ କରି ନିଷ୍ପତ୍ତି ନେଇଛି ସମାଜ

ଡାବୁଗାଁ,୨୧।୩(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଅନ୍ୟ ଜାତିରେ ନିଜ ଝିଅଙ୍କୁ ବାହାଦେବାକୁ ଯାଉଥିବାରୁ ତାଙ୍କ ପରିବାରକୁ ଭତରା ସମାଜ ପକ୍ଷରୁ ବାସନ୍ଦ କରାଯିବା ଖବର ପଦାକୁ ଆସିଛି। ଶନିବାର ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧାମନାଗୁଡ଼ା ଗ୍ରାମ ସ୍ଥିତ ମାଁ ଦାନ୍ତେଶ୍ୱରୀ ମନ୍ଦିର ପରିସରରେ ନବରଙ୍ଗପୁର ଜିଲା ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ଏକ ବୈଠକ ଜିଲା ସଭାପତି ଜଗନ୍ନାଥ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତେବେ ଖବର ଲେଖାଯିବା ସୁଦ୍ଧା ଏ ନେଇ ବିଧାୟକ ପ୍ରଧାନୀଙ୍କ କୌଣସି ମତାମତ ମିଳିପାରିନାହିଁ।

ସୂଚନାନୁଯାୟୀ ଆସନ୍ତା ଏପ୍ରିଲରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଜୟପୁରର ଏକ ବ୍ରାହ୍ମଣ ପରିବାରରେ ଝିଅ ବାହାଘର କରିବାକୁ ଯାଉଛନ୍ତି। ଏ ନେଇ ଗତ ଫେବୃଆରୀରେ ନିର୍ବନ୍ଧ ସରିଛି। ଏ କଥା ଜଣାପଡ଼ିବା ପରେ ନବରଙ୍ଗପୁର ଜିଲାର ୧୦ ବ୍ଲକ୍‌ର ଭତରା ସମାଜର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ଶନିବାର ଏକ ବୈଠକ କରିଥିଲେ। ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ସମାଜର ନିୟମ ଉଲ୍ଲଂଘନକରି ନିଜ ଝିଅର ବିବାହ ଅନ୍ୟ ଜାତିରେ କରାଉଥିବା ନେଇ ଆଲୋଚନା ହୋଇଥିଲା। ଏହାପରେ ବ୍ଲକ୍‌ର ସମାଜ ସଭାପତି ଓ କର୍ମକର୍ତ୍ତାଙ୍କ ନିଷ୍ପତ୍ତିକ୍ରମେ ପୂର୍ବତନ ବିଧାୟକ


ସଦାଶିବ ପ୍ରଧାନୀ

ପ୍ରଧାନୀଙ୍କ ପରିବାରକୁ ଭତରା ସମାଜରୁ ବାସନ୍ଦ କରାଯାଇଛି। ଏହି ବୈଠକରେ ଜିଲା ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ତେନ୍ତୁଳିଖୁଣ୍ଟି ବ୍ଲକ୍ ସଭାପତି ସୂର୍ଯ୍ୟ ରନ୍ଧାରୀ, ଚନ୍ଦାହାଣ୍ଡି ବ୍ଲକ୍ ସଭାପତି ସରିନ୍ଦ୍ର ଶରୀ, ଝରିଗାଁ ବ୍ଲକ୍ ସଭାପତି ସଦାନନ୍ଦ ଭତ୍ରା, ଡାବୁଗାଁ ବ୍ଲକ ସଭାପତି ମୋହନ ନାୟକଙ୍କ ସମେତ ୧୦ ବ୍ଲକ୍‌ର ସଭାପତି, ସମ୍ପାଦକ, ନାଏକ, ମହାନାଏକ, ପାଇକ ତଥା ସମାଜର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ଜଙ୍ଗଲରେ ନିଆଁ ଲଗାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ମନୁଷ୍ୟକୃତ ବନାଗ୍ନିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

### ୨ବର୍ଷରେ ୫୫୮ ବର୍ଗ କି.ମି. ଜଙ୍ଗଲ ବୃଦ୍ଧି

ଭୁବନେଶ୍ୱର,୨୧।୩(ବନ୍ଦନା ସେଠୀ)



ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର। ତେଣୁ ଜଙ୍ଗଲ ନିଆଁ ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ। ବିଶେଷକରି ମନୁଷ୍ୟକୃତ ଜଙ୍ଗଲ ନିଆଁ କ୍ଷେତ୍ରରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମନୁଷ୍ୟକୃତ ବନାଗ୍ନିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ ସେ ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତାକୁ ଆହୁରି ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଲେ, ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଓଡ଼ିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି। ଗତ ୨ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କି.ମି. ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି। ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩% ଅର୍ଥାତ ୫୮,୫୯୭ ବର୍ଗ କି.ମି. ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ରାଜ୍ୟରେ ଗୋଟିଏ ଦିନରେ ୧.୪୯ କୋଟି ଚାରାରୋପଣ ସହିତ ବର୍ଷକ ମଧ୍ୟରେ ୮କୋଟିରୁ ଅଧିକ ଗଛ ଲଗାଯାଇଛି। ଜଙ୍ଗଲ ସହିତ ଅର୍ଥନୀତି ଜଡିତ। ଏ କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପରିବେଶ ଓ ଶିଳ୍ପାୟନ ମଧ୍ୟରେ ଉପଯୁକ୍ତ ସମନ୍ୱୟକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ, ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳ ଓ ଜଙ୍ଗଲ ଅଧିବାସୀଙ୍କ ବିକାଶକୁ ଗୁରୁତ୍ୱ ଦେଇ ନିରନ୍ତର କାର୍ଯ୍ୟ କରାଯାଉଛି। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକାକୁ ଆଗକୁ ନେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଏସବୁ କାର୍ଯ୍ୟକୁ ଆହୁରି କ୍ରିୟାଶୀଳ କରାଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଲେ, ୨୦୩୬ ଓ ୨୦୪୭ ବେଳକୁ ଓଡିଶା ଅର୍ଥନୀତିର ଅଭିବୃଦ୍ଧି ସହିତ ବ୍ୟାପକ ନିଯୁକ୍ତି ଲକ୍ଷ୍ୟ ରହିଛି। ପର୍ଯ୍ୟଟନ କ୍ଷେତ୍ରରୁ କେବଳ ୨୫ଲକ୍ଷ ନିଯୁକ୍ତି ପାଇଁ ଯୋଜନା ରହିଛି। ଆମକୁ ଜଙ୍ଗଲକୁ ଇକୋନୋମିକାଲ କଣ୍ଟ୍ରିବ୍ୟୁଟର ଭାବେ ଗଢି ତୋଳିବା ସହ ଗ୍ରୀନ୍ ଇକୋନୋମି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ। ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଡ. କେ. ମୁରଗେଶନ ଧନ୍ୟବାଦ ଅର୍ପଣ କରିଥିଲେ।




# ଗଜପତିରେ ହେବ ବିମାନ, ରେଳସେବା ସମ୍ପ୍ରସାରଣ

## ଦାବି ରଖିଲେ ବିଧାୟକ ରୂପେଶ ପାଣିଗ୍ରାହୀ




ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁଙ୍କୁ ସାକ୍ଷାତକରି ଦୁଇଟି ରେଳର ସମ୍ପ୍ରସାରଣ ଓ ପାରଳାଖେମୁଣ୍ଡି ନିକଟରେ ଏକ ମିନି ବିମାନବନ୍ଦର ସ୍ଥାପନ ପାଇଁ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ଦାବି ରଖିଛନ୍ତି। ପାତପାଟନମଠାରେ ମନ୍ତ୍ରୀଙ୍କୁ ସାକ୍ଷାତକରି ବିଧାୟକ ପାଣିଗ୍ରାହୀ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଗୁଣପୁରଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନ୍‌କୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଓ ଭଦ୍ରକରୁ ଆସି ପଲାସାଠାରେ ରହୁଥିବା ଟ୍ରେନ୍‌କୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ବିଧାୟକ ଦାବି ଜଣାଇଛନ୍ତି। ଏହାସହ ଏହି ଅଞ୍ଚଳରେ ଏକ ମିନି ବିମାନବନ୍ଦର ସ୍ଥାପନକରିବା ପାଇଁ ମଧ୍ୟ ଆଲୋଚନା କରିଛନ୍ତି। ଗଜପତି ଜିଲାର ବିଭିନ୍ନ ଅଞ୍ଚଳରୁ ଅନେକ ଲୋକ ଚାକିରି,ବ୍ୟବସାୟ ଓ ପାଠପଢ଼ା ନିମନ୍ତେ ହାଇଦ୍ରାବାଦ, ଚେନ୍ନାଇ,ଦିଲ୍ଲୀ, ବେଙ୍ଗାଲୁରୁ,କଟକ, ଭୁବନେଶ୍ୱର ମୁମ୍ବାଇ, କୋଲକାତା ଆଦି ସହରକୁ ଯାତାୟାତ କରୁଛନ୍ତି। ତେଣୁ ଜିଲା ସହ ବିଭିନ୍ନ ଅଞ୍ଚଳକୁ ରେଳ ଓ ବିମାନରେ ଗମନାଗମନର ସୁବିଧା ସୃଷ୍ଟି କରିବା ପାଇଁ ବିଧାୟକ କେନ୍ଦ୍ରମନ୍ତ୍ରୀଙ୍କଠାରେ ଦାବି ରଖିଛନ୍ତି । ତେବେ ଦିଲ୍ଲୀ ଫେରିବା ପରେ ରେଳ ବିଭାଗ ଓ ବିମାନ ସେବା ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ନାଇଡୁ କହିଛନ୍ତି।

# ଭାରତରେ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ପଶ୍ଚିମ ଏସିଆ ସଙ୍କଟ ଯୋଗୁ ବିଶ୍ୱ ଶକ୍ତି ବଜାରରେ ଅନିଶ୍ଚିୟତା ବଢ଼ିଥିବା ସମୟରେ ଭାରତ ୨ୟ ବର୍ଷ ପାଇଁ ୧ ବିଲିୟନ ଟନ୍ (୧ ବିଟି) କୋଇଲା ଉତ୍ପାଦନର ମାଇଲଖୁଣ୍ଟ ହାସଲ କରିଛି। କୋଇଲା ମନ୍ତ୍ରଣାଳୟର ଏକ ବିବୃତିରେ କୁହାଯାଇଛି, କୋଇଲା କ୍ଷେତ୍ରରେ ନିରନ୍ତର ଓ ସମନ୍ୱିତ ପ୍ରୟାସ ଏବଂ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ମୂଲ୍ୟବାନ୍ ଅବଦାନ ଯୋଗୁ ଦେଶ ମାର୍ଚ୍ଚ ୨୦ରେ ଦ୍ୱିତୀୟ ବର୍ଷ ପାଇଁ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଲକ୍ଷ୍ୟ ସଫଳତାର ସହ ହାସଲ କରିଛି। ଏହି ଉଚ୍ଚ ଓ ନିରନ୍ତର ଉତ୍ପାଦନ ଦେଶର ବଢୁଥିବା ଶକ୍ତି ଚାହିଦାକୁ ପୂରଣ କରିବାରେ ସହାୟକ ହୋଇଛି ଏବଂ କୋଇଲା ଆଧାରିତ ଥର୍ମାଲ ପାୱାର ପ୍ଲାଣ୍ଟଗୁଡ଼ିକରେ ରେକର୍ଡ କୋଇଲା ଷ୍ଟକ୍ ବଜାୟ ରଖିବାରେ ବିଦ୍ୟୁତ୍ କ୍ଷେତ୍ରକୁ ସମର୍ଥନ ଯୋଗାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଏହା ଦେଶର ଆର୍ଥିକ ବୃଦ୍ଧି ଗତିକୁ ଯଥେଷ୍ଟ ମାତ୍ରାରେ ସମୃଦ୍ଧ କରୁଛି।

# ଫାର୍ମବିର ନୂଆ ଲୋଗୋ ଓ ପ୍ୟାକେଜିଂ ଉନ୍ମୋଚିତ



ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ରାଜ୍ୟର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ଫାର୍ମବି ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଫାର୍ମବି ୟୁନିଟ୍ ସମିଟ୍ –୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରୁଚି ଫୁଡ୍ ଲାଇନ୍‌ର ଅଧ୍ୟକ୍ଷା ସଙ୍ଗୀତା ସାହୁ ଓ ଫାର୍ମବିର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶିକା ରଶ୍ମି ସାହୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଅନୁଷ୍ଠାନର ନ୍ୟାଶନାଲ ସେଲ୍ସ ହେଡ୍ ରବୀନ୍ଦ୍ର କୁମାର, ଜୋନାଲ ସେଲ୍‌ସ ହେଡ୍ ବିବେକ ଚନ୍ଦ୍ର ବ୍ରାଣ୍ଡ ଡେଭେଲପମେଣ୍ଟ ସହଯୋଗୀ ବିଜିତେଶ୍ ମଲ୍ଲିକ ଓ ଭାଚାସ୍ପତି ଶୁକ୍ଳା। ଏହି ଅବସରରେ କମ୍ପାନୀର ସ୍ୱତନ୍ତ୍ର ଲେଗୋ ଓ ପ୍ୟାକେଜିଂ ଉନ୍ମୋଚନ କରାଯାଇଥିଲା। ପୂର୍ବ ଭାରତର ଅଗ୍ରଣୀ ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନ୍‌ର ପ୍ରତିଷ୍ଠାତା ତଥା ଓଡ଼ିଶାର ମସଲା ସମ୍ରାଟ ସ୍ୱର୍ଗତ ଡ. ଶରତ କୁମାର ସାହୁଙ୍କ ଆଦର୍ଶ ଓ ଅଭିଜ୍ଞତାର ଏକ ନୂତନ ଉଦ୍ୟୋଗ ଫାର୍ମବିର ପ୍ରତିଷ୍ଠାତା ରଶ୍ମି ସାହୁ କମ୍ପାନୀ ସମ୍ପର୍କରେ ବିଶେଷ ସୂଚନା ଦେଇଛନ୍ତି । ଫାର୍ମବି ସବୁବେଳେ ଖାଉଟିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଶୁଦ୍ଧତା ପାଇଁ ଉତ୍ସର୍ଗୀକୃତ ବୋଲି ପ୍ରକାଶ କରିଥିଲେ । ବ୍ୟବସାୟ ବ୍ୟତୀତ ଫାର୍ମ ବି ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା, ଚାଷୀମାନଙ୍କ ଠାରୁ ସିଧାସଳଖ ଦ୍ରବ୍ୟ କ୍ରୟକରି ସେମାନଙ୍କୁ ସୁଲଭ ପ୍ରାପ୍ୟ ଦେବା ତଥା ଓଡ଼ିଶାର ଅନେକ ସାମାଜିକ କାର୍ଯ୍ୟକ୍ରମର ଗୁରୁଦାୟିତ୍ୱ ବହନ କରିଛି।

# ଜେଏସ୍‌ଡବ୍ଲ୍ୟୁ ଏନର୍ଜି ପକ୍ଷରୁ ଜାତୀୟ ସୁରକ୍ଷା ଦିବସ



ଜେଏସ୍‌ଡବ୍ଲ୍ୟୁର ସୁରକ୍ଷା କର୍ମୀଙ୍କ ଦ୍ୱାରା ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ମକ୍ ଡ୍ରିଲ୍ କରାଯାଉଛି

ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସାହାଜବାହାଲସ୍ଥିତ ଜେଏସ୍‌ଡବ୍ଲ୍ୟୁ ଏନର୍ଜିଠାରେ ଶନିବାର ୫୫ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ବଏଲର ଓ କାରଖାନା ବିଭାଗର ସ୍ୱରୂପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ବଏଲର ଓ କାରଖାନା ବିଭାଗର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ, ପ୍ଲାଣ୍ଟ ହେଡ୍ ବଳିରାମ ଯାଦବ ଏବଂ ସୁରକ୍ଷା ବିଭାଗ ମୁଖ୍ୟ ସନ୍ଦୀପ ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚାରପାଲି, ତିଲିଆ, କୁମ୍ଭାରବନ୍ଧ ଏବଂ ସାହଜବାହାଲ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଠିକା ଶ୍ରମିକମାନଙ୍କ ମଧ୍ୟରେ ପୋଷ୍ଟର ତିଆରି, ସ୍ଲୋଗାନ ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ଲାଣ୍ଟ ପରିସର ମଧ୍ୟରେ ଏକ ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟିକରିବା ପାଇଁ ଏକ ସଚେତନତା ରାଲି ମଧ୍ୟ କରାଯାଇଥିବା ବେଳେ ନିୟାମକ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଅଗ୍ନିକାଣ୍ଡର ପ୍ରତିରୋଧ ଏବଂ ପ୍ରସ୍ତୁତି ନେଇ ଏକ ବୈଧାନିକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓପିଜିସି, ଜେଏସ୍‌ଡବ୍ଲ୍ୟୁ, ବିପିଏସ୍‌ଏଲ୍ ଏବଂ ବେଦାନ୍ତର ପ୍ରତିନିଧିମାନେ ଯୋଗଦେଇଥିଲେ। ସୁରକ୍ଷା ବିଭାଗର ପରିଚାଳକ ସୁମନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ୨.୦ ଦ୍ରୁତ ଅଭିବୃଦ୍ଧି ପାଇଁ ଦୃଢ଼ ନୀତି ପ୍ରବର୍ତ୍ତନ ଆବଶ୍ୟକ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଥିଙ୍କ୍ ଟେଙ୍କ ଫୋରମ ପକ୍ଷରୁ 'ଓଡ଼ିଶା ୨.୦: ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ନେଇ ଏକ ନୂତନ ଅଭିବୃଦ୍ଧି ମଡେଲ ନିର୍ମାଣ' ଶୀର୍ଷକ ଏକ ନୂତନ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ସମ୍ପର୍କରେ ଥିଙ୍କ୍ ଟେଙ୍କ ଫୋରମର ମହାସଚିବ ରଙ୍ଗନାଥ ଟି. କହିଛନ୍ତି, 'ଓଡ଼ିଶା ୨.୦ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆଞ୍ଚଳିକ ସନ୍ତୁଳିତ ଏବଂ କାର୍ଯ୍ୟାନ୍ୱୟନ ଚାଳିତ ଅଭିବୃଦ୍ଧିର ଏକ ମଡେଲ ଭାବରେ ନିଜକୁ ପୁନଃ ସ୍ଥାପନ କରିବାର ସୁଯୋଗ ରଖିଛି। ମାତ୍ର ଏଥିପାଇଁ ଅତୀତ ଏବଂ ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ଗ୍ରହଣ କରିବା, ସ୍ଥିରତା ସହିତ ନୀତି ଲାଗୁ କରିବା, କାର୍ଯ୍ୟାନ୍ୱୟନ ପ୍ରତିବନ୍ଧକଗୁଡ଼ିକୁ ଦୂରକରିବା ଏବଂ ଉପର ଏବଂ ନିମ୍ନଗାମୀ ଶିଳ୍ପ ଇକୋସିଷ୍ଟମ, ନିଯୁକ୍ତି ଆବଶ୍ୟକ। ଖଣି ମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋର ପୂର୍ବତନ ନିୟନ୍ତ୍ରକ ଜେନେରାଲ ଏବଂ ଖଣିନୀତି ବିଶେଷଜ୍ଞ ଆର୍. କେ. ସିହ୍ନା କହିଛନ୍ତି, ଓଡ଼ିଶାରେ ବକ୍ସାଇଟ୍ ଖଣି, ଲୁହାଖଣି ପରି ସମାନ ଗତିରେ ଅଗ୍ରଗତି କରିନାହିଁ। ଯଦି ଏହି ଅସୁବିଧାଗୁଡ଼ିକୁ ସଂଶୋଧନ କରା ନ ଯାଏ, ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳ ନିର୍ମାଣ ପାଇଁ ଏକ ସୁଚିନ୍ତିତ ରଣନୀତି ସହ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ କ୍ଷେତ୍ରର ପ୍ରକୃତ ଅର୍ଥନୈତିକ ଏବଂ ସାମାଜିକ ଗୁଣକରୁ କେବଳ ଏକ ଅଂଶ ହାସଲକରି ଚାଲିବେ। ଓଡ଼ିଶାରେ ଭାରତର ପ୍ରାୟ ୫୧% ବକ୍ସାଇଟ୍ ସଂରକ୍ଷଣ ଅଛି ଏବଂ କେବଳ ଓଡ଼ିଶାର ଦକ୍ଷିଣ-ପଶ୍ଚିମ ବେଲ୍ଟରେ ଏହାର ୮୫% ରହିଛି। ତଥାପି ଏହି ଜମାର ଏକଚତୁର୍ଥାଂଶରୁ କମ୍ ସକ୍ରିୟ ଖଣିଜ ଉତ୍ପାଦନ ଅଧୀନରେ ଅଛି, ଯାହା ସ୍ପଷ୍ଟ ଭାବରେ ଅବ୍ୟବହୃତ ରହିଛି। ପଶ୍ଚିମ ଓଡ଼ିଶାର ଲାଞ୍ଜିଗଡ଼ରେ ଥିବା ଏକ ଆଲୁମିନା ରିଫାଇନେରି ଉପରେ ଏକ କେସ୍ ଷ୍ଟଡିକୁ ଏକ ଦକ୍ଷିଯାଇଥିବା ନିବେଶର ଉଦାହରଣ ଭାବରେ ଦସ୍ତାବିଜ କରାଯାଇଛି। ଏହି ମେଗା ନିବେଶର ସମ୍ପୂର୍ଣ୍ଣ ଅର୍ଥନୈତିକ ଗୁଣକ କେବଳ ସ୍ଥାନୀୟ ବକ୍ସାଇଟ୍ ଉପଲବ୍ଧତାରେ ନୀତି କାର୍ଯ୍ୟକାରିତା ଚ୍ୟାଲେଞ୍ଜ ଯୋଗୁ ଅଟକି ରହିଛି। ଏହି ଖଣିଗୁଡ଼ିକ ଖୋଲିବା ସରକାରଙ୍କ ପାଇଁ ଦ୍ରୁତ ଫଳାଫଳ ହାସଲ କରିବା ନିମନ୍ତେ ଅତ୍ୟନ୍ତ ଜରୁରୀ। ମହିନ୍ଦ୍ରା ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ନୀଳଞ୍ଜନ ବଣିକ କହିଛନ୍ତି, ରାଜ୍ୟ ସରକାର ଏବଂ ଲାଞ୍ଜିଗଡ଼ ରିଫାଇନେରି ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ସ୍ଥାନୀୟ ବକ୍ସାଇଟ୍ ବିଶୋଧନରୁ ପ୍ରାପ୍ତ ବାର୍ଷିକ ଲାଭର ୫% ସ୍ଥାନୀୟ ସମ୍ପ୍ରଦାୟର କଲ୍ୟାଣ ପାଇଁ ଖର୍ଚ୍ଚ କରାଯିବା କଥା। ସ୍ଥାନୀୟ ଖଣି କାର୍ଯ୍ୟକ୍ଷମ ନ ହେବାରୁ ଏହି ପାଣ୍ଠିଗୁଡ଼ିକ ଅନୁପଲବ୍ଧ ରହିଛି, ଯାହା ସ୍ଥାନୀୟ ଲୋକଙ୍କୁ ଏକ ପ୍ରମୁଖ ଆର୍ଥିକ ପ୍ରୋତ୍ସାହନରୁ ବଞ୍ଚିତ କରିଛି। ପୂର୍ବତନ ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତି କହିଛନ୍ତି, ଡିଏମ୍‌ଏଫ୍ ସମ୍ପଦର ଏକ ଅଂଶକୁ ଗ୍ରାମ ସମ୍ପ୍ରଦାୟ ଦ୍ୱାରା ସିଧାସଳଖ ପରିଚାଳନା କରିବାକୁ ଅନୁମତି ଦିଆଯାଇପାରେ। ସମସ୍ତ ବିକାଶ ପ୍ରକଳ୍ପ କ୍ଷେତ୍ରରେ ଘଟୁଥିବା ନିଷ୍କ୍ରିୟ ପ୍ରାପ୍ତାଧିକାରୀ ହେବା ପରିବର୍ତ୍ତେ ଲାଭର ସକ୍ରିୟ ପ୍ରାପ୍ତକର୍ତ୍ତା ହେବେ।

# ଟିପିଏନ୍‌ଓଡିଏଲ୍‌କୁ ଓଏଚ୍‌ଏସ୍‌ଏସ୍‌ଏଆଇ ସୁରକ୍ଷା ପୁରସ୍କାର



ଟିପିଏନ୍‌ଓଡିଏଲ୍‌କୁ ସମ୍ମାନିତ କରାଯାଉଛି।

ବାଲେଶ୍ୱର, ୨୧।୩(ବାଞ୍ଛାନିଧି ଦେ)

ଗୋଆରେ ଅନୁଷ୍ଠିତ ୧୦ମ ବାର୍ଷିକ ଓଏଚ୍‌ଏସ୍‌ଏସ୍‌ଏଆଇ ସ୍ୱାସ୍ଥ୍ୟ ସୁରକ୍ଷା ପରିବେଶ(ଏଚ୍‌ଏସ୍‌ଇ) ଉତ୍କର୍ଷ ଏବଂ ଇଏସ୍‌ଜି ଗ୍ଲୋବାଲ ପୁରସ୍କାର ୨୦୨୬ରେ ଟିପିଏନ୍‌ଓଡିଏଲ୍ ୬-ତାରକା ମୂଲ୍ୟାଙ୍କନ ସହିତ 'ଓଏଚ୍‌ଏସ୍‌ଏସ୍‌ଏଆଇ ସୁରକ୍ଷା ପୁରସ୍କାର (ସ୍ୱର୍ଣ୍ଣ ବର୍ଗ)'ରେ ସମ୍ମାନିତ ହୋଇଛି। କମ୍ପାନୀର ଦୃଢ଼ ସୁରକ୍ଷା ନୀତି ତଥା ପାରିବେଶିକ, ସାମାଜିକ ଏବଂ ସୁଶାସନ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ପାଇଁ ଟିପିଏନ୍‌ଓଡିଏଲ୍‌କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିସହ ଟିପିଏନ୍‌ଓଡିଏଲ୍‌ର ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ରଙ୍କୁ ସଂସ୍ଥାରେ 'ସୁରକ୍ଷା ସର୍ବୋପରି' କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ବୈଦ୍ୟୁତିକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଚେଷ୍ଟା ପାଇଁ 'ଇଏଚ୍‌ଏସ୍ ମେଣ୍ଟର ଆୱାର୍ଡ'ରେ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନେଇ ସଂସ୍ଥା ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ତଥା ସୁରକ୍ଷା ପ୍ରଣାଳୀର କଡ଼ାକଡି କାର୍ଯ୍ୟାନ୍ୱୟନ, ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସେ କହିଥିଲେ।

# ଡିଏଭି ସାବିତ୍ରୀ ଜିନ୍ଦଲରେ ବାର୍ଷିକ ଉତ୍ସବ 'ଆକାଂକ୍ଷା' ପାଳିତ




ଛେଣ୍ଡିପଦା, ୨୧।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଆକାଂକ୍ଷା' ଓ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଆକାଂକ୍ଷାର ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭି ସହ ଆଞ୍ଚଳିକ ଅଧିକାରୀ ଜୋନ୍-ଜି ତଥା ତାଳଚେର ଟିଟିପିଏସ୍ ଡିଏଭି ଅଧ୍ୟକ୍ଷା ଜ୍ୟୋତି ମିଶ୍ର, ଜିନ୍ଦଲ ଷ୍ଟିଲର ଡିଜିଏମ୍ ସିଏସ୍‌ଆର୍ ଆଶୁତୋଷ ମିଶ୍ର, ଡେପୁଟି ମ୍ୟାନେଜର ତାପସ କୁମାର ମହାନ୍ତି, ସହ ଆଞ୍ଚଳିକ ଅଧିକାରୀ ତଥା ଅଧ୍ୟକ୍ଷ ଡିଏଭି କଳିଙ୍ଗ ଏରିଆ ତାଳଚେର ପି.କେ. ପଣ୍ଡା, କ୍ଲଷ୍ଟର ମୁଖ୍ୟ ତଥା ତାଳଚେର ଅନନ୍ତବିହାର ଡିଏଭିର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ, ଡିଏଭି ଏମ୍‌ସିଏଲ୍ ଡେରା ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ, ଡିଏଭି ଏନ୍‌ଟିପିସି କଣିହାଁର ଅଧ୍ୟକ୍ଷ ସଦାନନ୍ଦ ହୋତା, ଡିଏଭି ଏନ୍‌ଟିପିସି ଟିଟିପିଏସ୍‌ର ଅଧ୍ୟକ୍ଷା ସଙ୍ଗୀତା ପଟ୍ଟନାୟକ, ତାଳଚେର ଡିଏଭି ଲିଙ୍ଗରାଜର ସଂଯୁକ୍ତା ପୃଷ୍ଟି, ଅଧ୍ୟକ୍ଷା ଡିଏଭି ବାଳିକା ଉଚ୍ଚ ବିଦ୍ୟାଳୟ ସିଡବ୍ଲୁଏସ ସୁଜାତା ସାମଲ, ଅଧ୍ୟକ୍ଷ ଓପି ଜିନ୍ଦଲ ପବ୍ଲିକ ସ୍କୁଲ ଅଶ୍ୱିନୀ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଓପିଜିସି ଦ୍ୱାରା ୧,୫୭୦ ଲୋକଙ୍କ ଚକ୍ଷୁ ପରୀକ୍ଷା

ବେଲପାହାଡ଼,୨୧।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଧୀନ ୫ଟି ଗ୍ରାମପଞ୍ଚାୟତରେ ଓପିଜିସି ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ତେଲେନପାଲି, ଦଳଗାଁ, ତିଲିଆ, ରେମେଣ୍ଡା ଏବଂ କୁମାରବନ୍ଧରେ ଆଦି ଅଞ୍ଚଳରେ ଏପରି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ଶିବିରରେ ମୋଟ ୧,୫୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧,୩୫୬ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଏହି ପରୀକ୍ଷା ସମୟରେ ୧୧୪ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିଲେ। ଝାରସୁଗୁଡ଼ାସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରେ ସେମାନଙ୍କ ନିଃଶୁଳ୍କ ଅପରେଶନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଚକ୍ଷୁ ପରୀକ୍ଷା, ଚଷମା ଏବଂ ମୋତିଆବିନ୍ଦୁ ଅପରେଶନର ସମସ୍ତ ଖର୍ଚ୍ଚ ଓପିଜିସି ବହନ କରିଥିଲା। ଓପିଜିସି ନିର୍ଦ୍ଦେଶକ (ଅପରେଶନ) ଅଞ୍ଜନା ରଞ୍ଜନ ଦାଶ, ସିନିୟର ଭାଇସ୍ ପ୍ରେସିଡେଣ୍ଟ (ଅପରେଶନ) ସୁକାନ୍ତ ମହାପାତ୍ର, ଇବ୍ ଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା, ସିଏସ୍‌ଆର୍ ଉପଦେଷ୍ଟା ପ୍ରଫୁଲ୍ଲ ଧଳ ପ୍ରମୁଖ ଶିବିରଗୁଡ଼ିକରେ ଉପସ୍ଥିତ ଥିଲେ। ଓପିଜିସି ମାନବ ସମ୍ବଳ ବିକାଶର ହିମାଂଶୁ ଭୂଷଣ ବେହେରା ବିସ୍ତୃତ ସୂଚନା ଦେଇଛନ୍ତି।

# ଡ. କିରଣ ବେଦୀଙ୍କ ବେଦାନ୍ତ ଝାରସୁଗୁଡ଼ା ପରିଦର୍ଶନ



ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଭାରତର ପ୍ରଥମ ମହିଳା ଆଇପିଏସ୍ ଅଫିସର ଓ ରମଣ ମାଗାସେସେ ପୁରସ୍କାରପ୍ରାପ୍ତ ଡ. କିରଣ ବେଦୀ ଶନିବାର ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା କାରଖାନା ପରିଦର୍ଶନ କରିଛନ୍ତି। ସେ ୧୦୦୦ରୁ ଅଧିକ କର୍ମଚାରୀ, ସମୁଦାୟ ସଦସ୍ୟ ଓ ପରିବାରକୁ ସମ୍ବୋଧନ କରି ଉଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟ, ସହାନୁଭୂତିପୂର୍ଣ୍ଣ ନେତୃତ୍ୱ ଓ ମହିଳାଙ୍କ ଅଧିକ ଅଂଶଗ୍ରହଣର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ବେଦାନ୍ତର ଅଧ୍ୟକ୍ଷା ପ୍ରିୟା ଅଗରୱାଲ ହେବ୍ବର ଓ ସିଇଓ ସି. ଚନ୍ଦ୍ରୁ କମ୍ପାନୀର ମହିଳା କେନ୍ଦ୍ରିକ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ଡ. ବେଦୀ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀର ସଦସ୍ୟାମାନଙ୍କୁ ଭେଟିଥିଲେ ଓ ବିଶେଷ କ୍ଷମତାସମ୍ପନ୍ନ ନୂତନ କର୍ମଚାରୀଙ୍କୁ ଅଫର ଲେଟର ପ୍ରଦାନ କରିଥିଲେ। ସେ ମହିଳା ନେତୃତ୍ୱାଧୀନ ଟିମ୍‌ଗୁଡ଼ିକୁ ମଧ୍ୟ ପରିଦର୍ଶନ କରିଥିଲେ।

# କିମ୍ସରେ ପେଡିଆଟ୍ରିକ୍ସ ଅପ୍‌ଡେଟ୍ ୨.୦




ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଶିଶୁ ସ୍ୱାସ୍ଥ୍ୟସେବା ବିକାଶ କ୍ଷେତ୍ରରେ ଆଲୋଚନା କରିବା ଓ ସର୍ବୋତ୍ତମ କ୍ଲିନିକାଲ ଅଭ୍ୟାସ ବିନିମୟ ପାଇଁ କିମ୍‌ସ ଶିଶୁରୋଗ ବିଭାଗ ପକ୍ଷରୁ 'କିମ୍‌ସ ପେଡିଆଟ୍ରିକ୍ସ ଅପ୍‌ଡେଟ୍ ୨.୦' ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ନବଜାତ ଶିଶୁର ଯତ୍ନ, ଶିଶୁ ଆଘାତ, ଜନ୍ମଗତ ହୃଦ୍‌ରୋଗ ଓ ଟିକା ସମ୍ବନ୍ଧୀୟ ଅପ୍‌ଡେଟ୍ ସମ୍ପର୍କରେ ଶିକ୍ଷାଗତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କିମ୍‌ସ ଶିଶୁରୋଗ ବିଭାଗ ମୁଖ୍ୟ ଡା. ସେବାରଞ୍ଜନ ବିଶ୍ୱାଳ କହିଲେ, ଡାକ୍ତର ଓ ବିଶେଷଜ୍ଞଙ୍କ ପାଇଁ ଜ୍ଞାନ ବିନିମୟ ଦ୍ୱାରା ଡାକ୍ତରମାନେ ଅତ୍ୟାଧୁନିକ ବିକାଶ ସହ ଅପ୍‌ଡେଟ୍ ରହିବା ସହ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସାର ଗୁଣବତ୍ତା ଉନ୍ନତ କରିବାରେ ଡାକ୍ତରଙ୍କୁ ସାହାଯ୍ୟକରେ। କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଆର୍. ସି. ଦାସ କହିଲେ, କିମ୍‌ସରେ ଥିବା ନବଜାତ ଇଣ୍ଟେନ୍ସିଭ କେୟାର ୟୁନିଟ୍ ଓ ପେଡିଆଟ୍ରିକ୍ ଇଣ୍ଟେନ୍‌ସିଭ କେୟାର ୟୁନିଟ୍ ଓ ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ। ଏଠାରେ ସଫଳତାର ସହ ଶିଶୁ ଚିକିତ୍ସା ଏଣ୍ଡୋସ୍କୋପି ଓ ଶିଶୁ ଅସ୍ଥି ମଜ୍ଜା ପ୍ରତିରୋପଣ ଭଳି ଉନ୍ନତ ପ୍ରକ୍ରିୟାଗୁଡ଼ିକୁ କାର୍ଯ୍ୟକାରୀ ହେଉଛି। ପୁଣେର ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ପ୍ରମୋଦ ଡାକ୍ତର ହେବା ପୂର୍ବରୁ ଭଲ ମଣିଷ ହେବାକୁ ପ୍ରୟାସ କରିବାକୁ ଯୁବ ଡାକ୍ତରମାନଙ୍କୁ ଆହ୍ୱାନ କରିଥିଲେ। ଡାକ୍ତର ଓ ଗବେଷକମାନଙ୍କ ଦ୍ୱାରା ସନ୍ଦର୍ଭ ଓ ପୋଷ୍ଟର ଉପସ୍ଥାପନା ପାଇଁ ସମାନ୍ତରାଳ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। କିମ୍‌ସ ମେଡିକାଲ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରା, ଶିଶୁରୋଗ ବିଶେଷଜ୍ଞ ଡା. ନିର୍ମଳ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଏସ୍‌ଏମ୍‌ଇ ଋଣ ସୁବିଧାରେ ପରିବର୍ତ୍ତନ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

୨୦୨୫-୨୬ ବଜେଟ ଅନୁସାରେ ସରକାର ଏମ୍‌ଏସ୍‌ଏମ୍‌ଇଙ୍କୁ ଅଧିକ ଋଣ ସୁବିଧା ଦେବା ପାଇଁ ମ୍ୟୁଚୁଆଲ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍‌ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ଏହି ଯୋଜନା ଅଧୀନରେ ପ୍ଲାଣ୍ଟ ଓ ମେଶିନାରି କ୍ରୟ ପାଇଁ ୧୦୦ କୋଟି ଟଙ୍କା ଯାଏଁ ଋଣରେ ଏନ୍‌ସିଜିଟିସି ଦ୍ୱାରା ୬୦% ଗ୍ୟାରେଣ୍ଟି କଭରେଜ ମିଳୁଛି। ଏମ୍‌ଏସ୍‌ଏମ୍‌ଇ ଓ ବ୍ୟାଙ୍କର ପ୍ରତିକ୍ରିୟା ଅନୁଯାୟୀ ଅଗ୍ରିମ ୫% ଯୋଗଦାନକୁ ଫେରସ୍ତ କରାଯିବ, ସର୍ଭିସ୍ ସେକ୍ଟରକୁ ଅନ୍ତର୍ଭୁକ୍ତ କରାଯାଇଛି, ମେଶିନାରି ଖର୍ଚ୍ଚ ପ୍ରୋଜେକ୍ଟ କଷ୍ଟର ୬୦% ଯାଏଁ ହ୍ରାସ କରାଯାଇଛି ଏବଂ ଗ୍ୟାରେଣ୍ଟି ୧୦ ବର୍ଷ ପରେ ଶେଷ ହେବ। ରପ୍ତାନିକାରୀ ଏମ୍‌ଏସ୍‌ଏମ୍‌ଇଙ୍କ ପାଇଁ ବିଶେଷ ସୁବିଧା ରହିଛି । ଗତ ୩ ବର୍ଷରେ ୨୫% ରପ୍ତାନୀ କରିଥିବା ଲାଭଜନକ ଏକକଙ୍କୁ ୨୦ କୋଟି ଟଙ୍କାର ଗ୍ୟାରେଣ୍ଟିଡ୍ ଋଣ, ୨% ଅଗ୍ରିମ ଯୋଗଦାନ (ସର୍ବାଧିକ ୪୦ ଲକ୍ଷ), ୭୫% ଗ୍ୟାରେଣ୍ଟି କଭରେଜ, ପ୍ରଥମ ବର୍ଷ ଫି ଶୂନ୍ୟ ଓ ପରବର୍ତ୍ତୀ ବର୍ଷରେ ୦.୫୦%।

# କ୍ୟାବିନ କ୍ରୁଙ୍କ ଫିଟନେସ ନିୟମ କଡ଼ା କଲା ଏୟାର ଇଣ୍ଡିଆ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)




ଏୟାର ଇଣ୍ଡିଆ ତାଙ୍କ କ୍ୟାବିନ୍ କ୍ରୁ ପାଇଁ ଏକ କଡ଼ା ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ଅନୁପାଳନ ନୀତି ପ୍ରବର୍ତ୍ତନ କରିବାକୁ ଯାଉଛି। ଏହି ନୀତି ଅନୁଯାୟୀ କ୍ୟାବିନ କ୍ରୁ ସଦସ୍ୟଙ୍କ ବଡି ମାସ୍ ଇଣ୍ଡେକ୍ସ(ବିଏମ୍‌ଆଇ) ଅନୁସାରେ ନିୟମ ଲାଗୁହେବ। ବିଏମ୍‌ଆଇ ୧୮ରୁ ୨୪.୯ ମଧ୍ୟରେ ଥିଲେ ତାହା 'ସ୍ୱାଭାବିକ' ଓ ଗ୍ରହଣଯୋଗ୍ୟ ବୋଲି ବିବେଚନା କରାଯିବ। ଏହି ନିୟମ ମେ' ୧ରୁ କାର୍ଯ୍ୟକାରୀ ହେବ। ବିଏମ୍‌ଆଇ ୧୮ରୁ କମ୍ ଥିଲେ 'ଅଣ୍ଡରୱେଟ୍' ବୋଲି ଗଣାଯିବ ଏବଂ ଏହା ମେଡିକାଲ ମୂଲ୍ୟାଙ୍କନ ଓ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ କଲେ ଗ୍ରହଣଯୋଗ୍ୟ ହୋଇପାରିବ। ବିଏମ୍‌ଆଇ ୨୫ରୁ ୨୯.୯ ମଧ୍ୟରେ ଥିଲେ 'ଓଭରୱେଟ୍' ବୋଲି ଗଣାଯିବ ଏବଂ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ କଲେ ଗ୍ରହଣଯୋଗ୍ୟ ରହିବ। ମାତ୍ର ବିଏମ୍‌ଆଇ ୩୦ କିମ୍ବା ତା'ଠାରୁ ଅଧିକ ଥିଲେ 'ଓବେସ' ବୋଲି ଗଣାଯିବ ଏବଂ ଏହା ଗ୍ରହଣଯୋଗ୍ୟ ନୁହେଁ। ନୀତି ଅନୁଯାୟୀ, 'ଅଣ୍ଡରୱେଟ୍' କିମ୍ବା 'ଓଭରୱେଟ୍' ଥିବା କ୍ୟାବିନ କ୍ରୁକୁ ଡ୍ୟୁଟିରୁ ଡି-ରୋଷ୍ଟର କରାଯିବ ଏବଂ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ ନ କଲେ ବେତନ କଟ୍ (ଲସ୍ ଅଫ୍ ପେ) ଲାଗୁହେବ। 'ଓବେସ୍' କ୍ୟାବିନ କ୍ରୁଙ୍କ ପାଇଁ ତୁରନ୍ତ ଡ୍ୟୁଟିରୁ ବହିଷ୍କାର ଓ ବେତନ କଟ୍ ହେବ ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଏମ୍‌ଆଇ ଗ୍ରହଣଯୋଗ୍ୟ ସ୍ତରକୁ ଆଣିବାକୁ ପଡ଼ିବ। ଏହା ନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏୟାର ଇଣ୍ଡିଆ ଏହି ନିୟମକୁ 'କ୍ୟାବିନ କ୍ରୁ ହେଲ୍‌ଥ ଆଣ୍ଡ ଫିଟ୍‌ନେସ୍ କମ୍ପ୍ଲାଏନ୍ସ ପଲିସି' ନାମରେ ପରିଚିତ କରାଇଛି। ପ୍ରାରମ୍ଭରେ ଏହା ସ୍ୱାସ୍ଥ୍ୟକର ଜୀବନଶୈଳୀ ଓ ଉପଯୁକ୍ତ ଓଜନ ବଜାୟ ରଖିବା ପ୍ରତି ସଚେତନତା ସୃଷ୍ଟିକରିବାକୁ ଲକ୍ଷ୍ୟ ରଖିଛି। ଏହି ନିୟମ ଉଡ଼ାଣରେ ଓ ଟ୍ରେନିଂରେ ଥିବା ସମସ୍ତ କ୍ୟାବିନ କ୍ରୁ ଉପରେ ଲାଗୁହେବ। ସୂଚନା ଥାଉକି, ଟାଟା ଗ୍ରୁପ୍ ୨୦୨୨ ଜାନୁଆରୀରେ ଏୟାର ଇଣ୍ଡିଆକୁ ହାସଲ କରିବା ପରେ ଗତ ୪ବର୍ଷରେ ଅଧିକାଂଶ ପୁରୁଣା କର୍ମଚାରୀଙ୍କୁ ଫେଜ୍ ଆଉଟ୍ କରାଯାଇଛି। ଏବେ କମ୍ପାନୀ ଲାଭଜନକ ହେବା ପାଇଁ ବିଭିନ୍ନ ସଂସ୍କାର ଆଣୁଛି।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ



**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ବାସନ୍ତିକ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ନବରାତ୍ର ପୂଜାର ତୃତୀୟ ଦିବସ ଶନିବାରରେ ସମଲେଶ୍ୱରୀ ଦେବୀ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଥିଲେ। ଏହି ବେଶରେ ଦେବୀଙ୍କୁ ଦର୍ଶନ କଲେ ସୌଭାଗ୍ୟପ୍ରାପ୍ତି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ସକାଳୁ ଭକ୍ତମାନେ ଧୂପ,ଦୀପ, ଫୁଲ ଧରି ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ସ୍ଥାନୀୟ ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ସକାଶେ ସୁବ୍ୟବସ୍ଥା କରାଯାଇଥିଲା।

### ୨ ଲୁଟେରା ଗିରଫ

**୧୧୦୦୦ ଟଙ୍କା, ଗୋଟିଏ ନମ୍ବର ବିହୀନ ବାଇକ୍, ଛୁରି, ଗୋଟିଏ ମୋବାଇଲ ଜବତ**

**ବରପାଲି,୨୧।୩(ଚିତ୍ତରଞ୍ଜନ ସାହୁ):** ଏକ ଲୁଟ ଘଟଣାରେ ବରପାଲି ପୋଲିସ ଶନିବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବରପାଲି କେନାଲ କଲୋନୀର ରିତେଶ ମୁଦୁଲି ଓ ଗଡଗଡଦଲା ଗ୍ରାମର ବାବୁଲୁ ବେହେରା। ଏନେଇ ବରପାଲି ଥାନାରେ କେସ୍ ନଂ. ୧୨୩/୨୬ ମାମଲା ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କ ଠାରୁ ୧୧୦୦୦ ଟଙ୍କା, ଗୋଟିଏ ନମ୍ବର ବିହୀନ ବାଇକ, ଛୁରୀ, ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଘଟଣାରୁ ପ୍ରକାଶ ଯେ, ବରପାଲି ଥାନା ଅନ୍ତର୍ଗତ ଅମ୍ବାପତ୍ରା ଗ୍ରାମର ପିକୁଲ ଭୋଇ ଗତ ୨୦ ତାରିଖ ସନ୍ଧ୍ୟା ପ୍ରାୟ ୫ ଟାରେ କଣ୍ଟାପାଲି କଲେଜରୁ ଫେରୁଥିଲେ। ଧଉରାଖନ୍ଦା ଛକ ନିକଟରେ ରିତେଶ ଏବଂ ବାବୁଲୁ ତାଙ୍କୁ ଅଟକାଇ ଆକ୍ରମଣ କରି ୧୧୦୦୦ ଟଙ୍କା ଲୁଟି ନେଇଥିଲେ। ଏନେଇ ପିକୁଲ ବରପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇ ଶନିବାର ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି।

# ବୋଲେରୋ ଧକ୍କାରେ ସଫେଇ କର୍ମଚାରୀ ମୃତ

- ରାସ୍ତାରୋକୋ, ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ପାଇକମାଳ,୨୧।୩( ବଡ଼ ଶତପଥୀ)**



ମୃତଦେହ ରଖି ଗ୍ରାମବାସୀ, ମୃତକଙ୍କ ସ୍ତ୍ରୀ ଓ ଅନ୍ୟମାନେ ରାସ୍ତାରୋକୋ କରିଛନ୍ତି।

ନୃସିଂହନାଥ ମନ୍ଦିରରେ କାର୍ଯ୍ୟରତ ଜଣେ ସଫେଇ କର୍ମଚାରୀଙ୍କ ବୋଲେରୋ ଧକ୍କାରେ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ନରସିଂପଡ଼ା ଗ୍ରାମର ସୁନୀଲ ସିନ୍ଦୂର (୨୮)। ଏନେଇ ପାଇକମାଳ ଥାନାରେ କେସ୍ ନଂ. ୫୯/୨୬ ରୁଜୁ କରାଯାଇ ବୋଲେରୋକୁ ଥାନାରେ ରଖାଯାଇଛି। ତାଙ୍କ ସହଧର୍ମିଣୀ ବବିତା ବର୍ଗତି (୨୫), ଝିଅ ସୁନୀତା ସିନ୍ଦୂର (୫) ଓ ୨ ମାସର ପୁଅଙ୍କୁ ଧରି ଅନ୍ୟ ସଫେଇ କର୍ମଚାରୀ ତଥା ମନ୍ଦିର ସିକ୍ୟୁରିଟି ଗାର୍ଡ ଓ ଜନସାଧାରଣ ମୃତ ଦେହ ରଖି ନୃସିଂହନାଥ ଯିବା ରାସ୍ତାକୁ ଅବରୋଧ କରିଥିଲେ। ମୃତକଙ୍କ ସହଧର୍ମିଣୀଙ୍କ କହିବା ଅନୁସାରେ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ, ସ୍ୱାମୀଙ୍କ ଚାକିରିକୁ ନିଜକୁ ଦେବା, ଛୋଟ ପିଲାମାନେ ବଡ଼ ହେବା ଯାଏ ପରିପୋଷଣ କରିବା, ଘରଡିହ ଯୋଗାଇଦେବାକୁ ଦାବି କରିଥିଲେ। ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର, ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଉପସ୍ଥିତ ଆନ୍ଦୋଳନରତ ସଫେଇ କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ୍ ତରଫରୁ ୧୦ହଜାର, ନୃସିଂହନାଥ ମନ୍ଦିର ତରଫରୁ ୧୦ହଜାର ଓ ସିକ୍ୟୁରିଟି ସଂସ୍ଥା ତରଫରୁ ୧୫ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ସୁନୀଲ ଶନିବାର ସକାଳ ପ୍ରାୟ ୯ଟା ୩୦ ସମୟରେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ନୃସିଂହନାଥ ରାସ୍ତା ନିକଟ ଏକ ବ୍ରିଜ୍ ପାଖରେ ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି। ବୋଲେରୋ ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ତାଙ୍କୁ ପଦ୍ମପୁର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଛି।



ଶନିବାର ଇଦ୍-ଉଲ୍-ଫିତର ଅବସରରେ ସମ୍ବଲପୁର ଇଦ୍‌ଗାହରେ ମୁସଲମାନ ସମ୍ପ୍ରଦାୟର ଲୋକେ ସମୂହ ନମାଜ ପାଠ କରୁଛନ୍ତି।

## ଆଦିବାସୀ ଉଚ୍ଚ ବିଦ୍ୟାଳୟ ସର୍ଗିବାହାଲର ବାର୍ଷିକ ଉତ୍ସବ ସମର୍ପଣ

**ପଦ୍ମପୁର,୨୧।୩(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଆଦିବାସୀ ଉଚ୍ଚ ବିଦ୍ୟାଳୟ ସର୍ଗିବାହାଲର ବାର୍ଷିକ ଉତ୍ସବ ସମର୍ପଣ ପ୍ରଧାନ ଶିକ୍ଷକ ସନ୍ଧ୍ୟାରାଣୀ ବରିହାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଖଗେଶ୍ୱର ଦାଶ, ସମ୍ମାନିତ ଅତିଥି ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଧୀରଜ ପଟ୍ଟନାୟକ,ଏବିଡ଼ିଓ ମେନକା ମେହେର, ଅବସରପ୍ରାପ୍ତ ଏବିଇଓ ଜୟକୁମାର ସାହୁ, ବିଦ୍ୟାଳୟ ପରିଚାଳନା ସଭାପତି ଜୟନ୍ତୀ ମେହେର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଚନ୍ଦ୍ରମୋହନ ମେହେର ଯୋଗଦାନ କରିଥିଲେ। ସହକାରୀ ଶିକ୍ଷକ ଗୋବର୍ଦ୍ଧନ ବରିହା ମଞ୍ଚ ସଂଯୋଜନା କରିଥିବା ବେଳେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ର ରିଙ୍କୁ ସୁନାଙ୍କୁ ନୀଳକଣ୍ଠ ସ୍ମୃତି ସମ୍ମାନ, ବୈଷ୍ଣବୀ ବେହେରାଙ୍କୁ ବୃନ୍ଦାବତୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ରାମ ରାଏଜ ପରିବେଷିତ ହୋଇଥିଲା। ଏହି ଅବସରରେ ବରଗଡ ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ଓ ବିର୍ସାମୁଣ୍ଡା ଏଥଲେଟିକର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗ୍ରାମବାସୀ ସହଯୋଗ କରିଥିଲେ।



ଉତ୍ସବରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ

**ପଦ୍ମପୁର,୨୧।୩(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି ପୃଥ୍ୱୀରାଜ ସାହୁ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କଣ୍ଢେଇ ଦିବସ ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଦସ୍ୟା ଅଲିଭା ରଥ ମାର୍ଗ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜୀବନାନନ୍ଦ ଶତପଥୀ ସଂଯୋଜନା କରିଥିବା ବେଳେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖା ସୁଜାତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଣ୍ଢେଇ ପ୍ରଦର୍ଶନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଯୋଗ ଦେଇଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ୫ କେଜି ଗଞ୍ଜେଇ ଜବତ, ୩ ଗିରଫ

**ବଲାଙ୍ଗୀର,୨୧।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ନୂଆ ବସ ଟର୍ମିନାଲ ପଛପଟ ଏବଂ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ପୋଲ ନିକଟରୁ ବଲାଙ୍ଗୀର ଟାଉନ ଥାନା ପୋଲିସ ଗଞ୍ଜେଇ ଚୋରାଚାଲାଣ କରୁଥିବା ତିନିଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୫ କେଜି ୮୦ ଗ୍ରାମ ଗଞ୍ଜେଇ, ଏକ ମୋଟର ସାଇକେଲ (ନଂ ଓଡ଼ି୦୩ଏଇ୮୫୬୯), ୩ଟି ମୋବାଇଲ ଫୋନ୍, ୨୭ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ତିନି ଅଭିଯୁକ୍ତ ହେଲେ ଉତ୍ତର ପ୍ରଦେଶର ବଂଶପୂର୍ବା ଗାଁର ରବି ପାଲ (୨୨), ବୌଦ୍ଧ ଜିଲା ଘଣ୍ଟାପଡା ଥାନା ଗିଦ୍‌ମାଲ ଗାଁର ଦିବେଶ ସାହୁ (୨୧) ଓ ବଲାଙ୍ଗୀର ଜିଲା ଦେଓଗାଁ ଥାନା ସାଗରପାଲିର ରମେଶ ରାଣା (୩୦)। ବୌଦ୍ଧ ଜିଲା ଗିଧ୍‌ମାଲର ଦିବେଶ ଏବଂ ବଲାଙ୍ଗୀର ଜିଲା ସାଗରପାଲିର ରମେଶ ମୋଟର ସାଇକେଲରେ ଏକ ବ୍ୟାଗ୍‌ରେ ଗଞ୍ଜେଇ ନେଇ ବଲାଙ୍ଗୀର ସହରରେ ଥିବା ୟୁପିର ଯୁବକ ରବିଙ୍କୁ ହସ୍ତାନ୍ତର କରିବା ପାଇଁ ଆସୁଥିବା ସମ୍ପର୍କରେ ଟାଉନ ଥାନା ପୋଲିସକୁ ଖବର ମିଳିଥିଲା।

# ବନ ଦିବସରେ ୩ ଅନୁଷ୍ଠାନ ପୁରସ୍କୃତ



ଭୁକ୍ତାସ୍ଥିତ ପିଏମ୍‌ଶ୍ରୀ ଜନତା ହାଇସ୍କୁଲର ଇକୋ କ୍ଲବ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି।

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ଶନିବାର ବିଶ୍ୱ ବନ ଦିବସ ପାଳିତ ହୋଇଛି। ବନ ବିଭାଗ ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସହକାରୀ ବନ ସଂରକ୍ଷକ ହରମୋହନ ନାଥ, ହରିଶଙ୍କର ନାଏକ, ସୁବୋଧ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ଚଳିତବର୍ଷର ଶୀର୍ଷକ ଜଙ୍ଗଲ ଓ ଅର୍ଥନୀତି ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଭଟଲି ବନାଞ୍ଚଳ ଅଧିନ ଭଡ଼ିଗାଁ ଗ୍ରାମପଞ୍ଚାୟତ ଓ ଭୁକ୍ତାସ୍ଥିତ ପିଏମ୍‌ଶ୍ରୀ ଜନତା ହାଇସ୍କୁଲ, ଘେଁସ୍ ବନାଞ୍ଚଳ ଅଧିନ ବରିହାପାଲି ଗ୍ରାମପଞ୍ଚାୟତ ଏବଂ ପଦ୍ମପୁର ବନାଞ୍ଚଳ ଅଧିନ ସମ୍ବଲପୁରୀସ୍ଥିତ ପଞ୍ଚାୟତ ହାଇସ୍କୁଲକୁ ମାନପତ୍ର ଏବଂ ପୁରସ୍କାର ରାଶି ବାବଦକୁ ଚେକ୍ ପ୍ରଦାନ ସହିତ ପୁରସ୍କୃତ କରାଯାଇଥିଲା। ପିଏମ୍‌ଶ୍ରୀ ଜନତା ହାଇସ୍କୁଲର ଇକୋ କ୍ଲବ ଶିକ୍ଷକ ସଞ୍ଜୟ ଖମାରୀ ମାନପତ୍ର, ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା ସହିତ ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲା। ସହକାରୀ ବନ ସଂରକ୍ଷକ ହରିଶଙ୍କର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ଚଢ଼ାଉରେ ନିଶା ବ୍ୟବସାୟୀ ଛାନିଆ



ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣରେ ଗିରଫ ହୋଇଥିବା ୨ଅଭିଯୁକ୍ତ।



ରନ୍ଧାମଦ ପ୍ରସ୍ତୁତି ଆଡ୍ଡାରେ ପୋଲିସର ଚଢ଼ାଉ ଚାଲିଛି।

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)**

- ଧରାପଡ଼ିଲା ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ
- ମଦ ରାନ୍ଧୁଥିବାବେଳେ ଅତର୍କିତ ଚଢ଼ାଉ
- କଫ୍ ସିରପ୍ ଉପରେ ପୋଲିସର ନଜର

ବରଗଡ଼ ଜିଲାରେ ନିଶା କାରବାରଜନିତ ଅପରାଧ ବୃଦ୍ଧି ଏବଂ ଏଥିପାଇଁ ଆଇନଶୃଙ୍ଖଳା ସ୍ଥିତି ହୁଗୁଳା ହୋଇପଡୁଥିବା ନେଇ ଅଭିଯୋଗ ଜୋର୍ ଧରିବା ପରେ ପୋଲିସ୍ ଏହାକୁ ରୋକିବା ପାଇଁ ପୂର୍ବାପେକ୍ଷା ଅଧିକ ସକ୍ରିୟ ହୋଇପଡ଼ିଛି। ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଶା କାରବାର ଦମନ ଅଭିଯାନକୁ ପୋଲିସ୍ ପ୍ରାଥମିକତା ଦେଇଥିବା ପରିଲକ୍ଷିତ ହୋଇଛି। ନିଶା କାରବାର ଉପରେ ପୋଲିସ ସତର୍କଦୃଷ୍ଟି ରଖି ପ୍ରତିଦିନ ମଦ, କଫ୍ ସିରପ୍, ଗଞ୍ଜେଇ ଭଳି ବିଭିନ୍ନ ନିଶାଦ୍ରବ୍ୟ ଜବତ କରୁଛି। ଏସ୍‌ପି ପି.ଏସ୍ ମୀନାଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଥାନା ପୋଲିସର ଏଭଳି ଅଭିଯାନ କ୍ରିୟାଶୀଳ ହେବା ପରେ ନିଶା କାରବାର କରୁଥିବା ଲୋକେ ଛାନିଆଁ ହୋଇପଡ଼ିଛନ୍ତି।

ଶନିବାର ଅମ୍ବାଭୋନା ଥାନା ପୋଲିସ ପିକ୍ରିଝରନ ଗ୍ରାମରେ ଚାଲିଥିବା ଚୋରାମଦ କାରବାର ଉପରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ବିପୁଳ ପରିମାଣରେ ରନ୍ଧାମଦ, ମହୁଲ ପୋଚ ସମେତ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଏହା ସହିତ ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ପିକ୍ରିଝରନ ଗ୍ରାମର ଗିରିଧାରୀ ବେହେରା(୩୪) ଏବଂ ମୂରଲୀ ବରିହା(୪୬)। ସେମାନଙ୍କ ପାଖରୁ ୩୪୦ ଲିଟର ରନ୍ଧାମଦ, ୧୨୦୦ କି.ଗ୍ରା ମହୁଲ ପୋଚ, ବ୍ୟବହୃତ ଆଲୁମିନିୟମରେ ନିର୍ମିତ ଡେକଚି, ପ୍ଲାଷ୍ଟିକ ଡ୍ରମ୍, ପାଇପ୍ ଆଦି ଜବତ ହୋଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା(ନଂ.୪୯/୨୦୨୬) ରୁଜୁ ହୋଇଛି।

ସେହିପରି ଶୁକ୍ରବାର ଭଟଲି ଥାନା ପୋଲିସ ହାତରେ ଆନ୍ତରାଜ୍ୟ ଗଞ୍ଜେଇ ଚାଲାଣ ଧରାପଡ଼ିଛି। ବରଗଡ଼-ଭଟଲି ରାସ୍ତା ଦେଇ ଉତ୍ତର ପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ସ୍ଥାନୀୟ ପିପଲମୁଣ୍ଡା ବୁଲାଣିରେ ଚଢ଼ାଉକରି ୨୧କି.ଗ୍ରା ୧୧୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହା ସହିତ ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଉତ୍ତର ପ୍ରଦେଶ ରାଜ୍ୟ ଫତେପୁର ଜିଲା ହାଥଗାଁ ଥାନା ଦୁଦୌଲି(ଜଲାଲପୁର) ଗ୍ରାମର ଅମନ ଅହମ୍ମଦ(୨୩) ଏବଂ ବିଲାଲ ଅଲ୍ଲୀ(୨୫)। ଗଞ୍ଜେଇ ସହିତ ଅଭିଯୁକ୍ତଙ୍କ ପାଖରୁ ବ୍ୟବହୃତ ବଜାଜ୍ ପଲସର୍ ବାଇକ୍ ନଂ. ୟୁପି୭୧ବିବି ୭୮୨୩, ୨ ମୋବାଇଲ ଏବଂ ଟ୍ରାଭେଲିଂ ବ୍ୟାଗ ଜବତ ହୋଇଛି। ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ. ୭୮/୨୦୨୬) ରୁଜୁ ହୋଇଛି।

15001/10/2526
OFS
WE SERVE TO SAVE
ବିଦ୍ୟୁତ ସରଞ୍ଜାମ ବ୍ୟବହାର କଲା ବେଳେ
ସତର୍କ ରୁହନ୍ତୁ: ନିଆଁରୁ ସୁରକ୍ଷିତ ରୁହନ୍ତୁ
ପ୍ଲଗ୍ ଢିଲା ନାହିଁ ତ ?
ଏୟାର କଣ୍ଡିସନର ଯନ୍ତ୍ର ଦିନ ରାତି ଚାଲୁନି ତ ?
ୱାୟରିଂ ପୁରୁଣା ହୋଇନି ତ ? ତାତୁନି ତ ?
ସରଞ୍ଜାମରେ ସ୍ପାର୍କ ହେଉନି ତ ?
ସୁଇଚ୍ ବୋର୍ଡ ତାତୁନି ତ ?
ସତର୍କ ରୁହନ୍ତୁ:
୧. ନିୟମିତ ବ୍ୟବଧାନରେ ଜଣେ ଦକ୍ଷ ଇଲେକ୍ଟ୍ରିସିଆନ୍ ଦ୍ୱାରା ଯାଞ୍ଚ କରନ୍ତୁ ।
୨. ପୁରୁଣା ୱାୟରିଂ କିଛି ବର୍ଷ ପରେ ବଦଳାନ୍ତୁ ।
୩. ଯେତିକି ଲୋଡ୍ ସମ୍ଭାଳିବ ତା'ଠୁ ଅଧିକ ବୈଦ୍ୟୁତିକ ଯନ୍ତ୍ର ବ୍ୟବହାର କରନ୍ତୁ ନାହିଁ ।
ଦୁଇ-ତୃତୀୟାଂଶ ଅଗ୍ନିକାଣ୍ଡ ବୈଦ୍ୟୁତିକ ସରଞ୍ଜାମ ବ୍ୟବହାରରେ ଅସାବଧାନତା ଯୋଗୁଁ ଘଟିଥାଏ ।
ସତର୍କ ରୁହନ୍ତୁ: ଆଖି, କାନ ଓ ନାକ ବ୍ୟବହାର କରନ୍ତୁ : ସଚେତନ ହୁଅନ୍ତୁ ।
ନିଆଁ ଲାଗିଲେ ୧୧୨ ନମ୍ବରକୁ ଶୀଘ୍ର ଫୋନ୍ କରନ୍ତୁ ।
OIPR-15001/15001/2/25-26/0010

# ବାଂଲାଦେଶୀ ଅନୁପ୍ରବେଶ ମୁଖ୍ୟ ପ୍ରତିବନ୍ଧକ: ତୋଗାଡ଼ିଆ

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

ବର୍ତ୍ତମାନ ଦେଶ ପାଇଁ ବାଂଲାଦେଶୀ ଅନୁପ୍ରବେଶ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଆସାମ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା ଆଦି ରାଜ୍ୟରେ ଏହି ଅନୁପ୍ରବେଶକାରୀମାନେ ଦେଶର ଭାର ବଢ଼ାଉଛନ୍ତି। ସେମାନଙ୍କୁ ଚିହ୍ନଟ କରି ପୁନଃ ବାଂଲାଦେଶ ପଠାଇବା ଜରୁରୀ। ସେମାନଙ୍କ ଯୋଗୁ ଅପରାଧ ପ୍ରବଣତା ବୃଦ୍ଧି ପାଉଛି। ରାଜ୍ୟ ସରକାର ଏପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଶ୍ୱହିନ୍ଦୁ ପରିଷଦ ଅନ୍ତଃରାଷ୍ଟ୍ରୀୟ ଅଧ୍ୟକ୍ଷ ଡା. ପ୍ରବୀଣ ଭାଇ ତୋଗାଡିଆ କହିଛନ୍ତି। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ରାଉରକେଲା, ରାଷ୍ଟ୍ରୀୟ ମହିଳ ସଙ୍ଗଠନ ଓ ଛାତ୍ର ସଙ୍ଗଠନ ପକ୍ଷରୁ ହିନ୍ଦୁ ନବବର୍ଷ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହିନ୍ଦୁ ଧର୍ମକୁ ଆଗକୁ ନେବା, ସେମାନଙ୍କୁ ନିଃଶୁଳ୍କ ଚିକିତ୍ସାସେବା, ରୋଜଗାର, ଶିକ୍ଷା ପ୍ରଦାନ ଆଦି ସମ୍ପର୍କରେ ସଚେତନତା କରିବା ପାଇଁ ହିନ୍ଦୁବାଦୀ ନେତା ତୋଗାଡିଆ ୮ଦିବସୀୟ ଓଡ଼ିଶା ଗସ୍ତରେ ଆସି ଶନିବାର ରାଉରକେଲାରେ ପହଞ୍ଚିଛନ୍ତି। ଶନିବାର ଅପରାହ୍ନ ୩ଟାରେ ଝାଡଖଣ୍ଡ ରାଞ୍ଚିରୁ ବୀରମିତ୍ରପୁର ଦେଇ ସେ ରାଉରକେଲାରେ ପହଞ୍ଚି ସଭାରେ ଉଦ୍‌ବୋଧନ ଦେଇଥିଲେ। ପ୍ରଥମେ ତାଙ୍କୁ ବିଶାଳ ଓ ଭବ୍ୟ ବାଇକ ରାଲିରେ ବେଦବ୍ୟାସରୁ ଅଭ୍ୟର୍ଥନ କରି ପାନପୋଷ ଛକ, ମେନରୋଡ, ସେକ୍ଟର-୨ ଅତିକ୍ରମ କରି କୋଏଲନଗର ଅଣାଯାଇଥିଲା। ଏହା ସହ ପ୍ରମୁଖ ଛକମାନଙ୍କରେ ଲୋକଙ୍କୁ ହିନ୍ଦୁ ଧର୍ମ ସୁରକ୍ଷା ପାଇଁ ସେ ଆହ୍ୱାନ ଦେଇଥିଲେ। ଅପରାହ୍ନ ୫ଟା ୩୦ରେ କୋଏଲନଗର ସି ବ୍ଲକ କମ୍ୟୁନିଟି ସେଣ୍ଟରରେ ପହଞ୍ଚିବା ପରେ ତୋଗାଡିଆ ସ୍ଥାନୀୟ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ତୋଗାଡିଆ କହିଲେ, ସମ୍ପ୍ରତି ଦେଶରେ ହିନ୍ଦୁମାନଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ରାଜ୍ୟରେ ବ୍ୟାପକ ଧର୍ମାନ୍ତୀକରଣ ହେଉଛି। ଭାଜପା ସରକାର ଓଡ଼ିଶାରେ ରହିଛି। କାନୁନର ଉପଯୋଗ କରି ଉକ୍ତ ଧର୍ମାନ୍ତୀକରଣକୁ ରୋକାଯାଇପାରିବ। ଏହା ସହ ହିନ୍ଦୁ ସମାଜର ମଧ୍ୟ ପ୍ରମୁଖ ସହଭାଗିତା ରହିବା ଉଚିତ। ଜନଜାତିମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଉପରେ ଗୁରୁତ୍ୱ ଦେବା ଓ ସହାୟତା କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ମଙ୍ଗଳବାର ଓ ଶନିବାର ହନୁମାନ ଚାଲିଶା ପାଠ, ମାଗଣା ଚାଉଳ ଆବଣ୍ଟନ, ମାଗଣା ଘରୋଇ ଡାକ୍ତର ଚିକିତ୍ସା ସେବା ଆଦି କରାଯାଉଛି। ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ହନୁମାନ ଚାଲିଶାରେ ରୋଜଗାର ଅବସର ଉତ୍ପନ୍ନ କରାଯିବ। ପୂର୍ବରୁ ହିନ୍ଦୁତ୍ୱ ସଂଖ୍ୟା ଅଧିକ ଥିଲା। କ୍ରମଶଃ ତାହା ହ୍ରାସ ପାଇବାରେ ଲାଗିଛି। ତେଣୁ ସମସ୍ତେ ହିନ୍ଦୁ ଧର୍ମ ସୁରକ୍ଷା ପାଇଁ କାର୍ଯ୍ୟକରନ୍ତୁ ଓ ଦାୟିତ୍ୱ ନିଅନ୍ତୁ ବୋଲି ତୋଗାଡିଆ କହିଥିଲେ। ଅନ୍ତଃରାଷ୍ଟ୍ରୀୟ ବଜରଙ୍ଗ ଦଳର ରାଜୁ ସିଂହଙ୍କ ନେତୃତ୍ୱରେ ହିନ୍ଦୁ ପରିଷଦ ଜିଲା ସଭାପତି ସନ୍ଦୀପ ଶର୍ମା, ସମ୍ପାଦକ ସ୍ୱାମୀ ନିତ୍ୟାନନ୍ଦ, ମାନସ ପରିଷଦର ଗୌରୀଶଙ୍କର ସିଂହ, ସୁନ୍ଦରଗଡ଼ ଗାୟତ୍ରୀ ପରିବାରର ପ୍ରମୁଖ ନିତ୍ୟାନନ୍ଦ ଦାସ, ରାଜା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଦୀପକ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ଧ୍ୟା ୭ଟାରେ ତୋଗାଡିଆ କୋଏଲନଗରରୁ ପ୍ରସ୍ଥାନ ଗ୍ରହଣ କରିଥିଲେ। ରବିବାର ରାଉରକେଲାରୁ ବାହାରି ତୋଗାଡିଆ ରାଜଗାଙ୍ଗପୁର, କୁତ୍ରା ହୋଇ ଅନ୍ୟ ଜିଲା ଗସ୍ତ କରିବେ। ଶେଷରେ ଭୁବନେଶ୍ୱରରେ ତାଙ୍କ ଗସ୍ତ ଶେଷ ହେବ ବୋଲି ଜଣାପଡ଼ିଛି।



କୋଏଲନଗର ସଭାରେ ବିଶ୍ୱହିନ୍ଦୁ ପରିଷଦ ଅନ୍ତଃରାଷ୍ଟ୍ରୀୟ ଅଧ୍ୟକ୍ଷ ଡା. ପ୍ରବୀଣ ଭାଇ ତୋଗାଡିଆ ଓ ଅନ୍ୟମାନେ ମଞ୍ଚାସୀନ।

# ଭାଇଚାରାର ପର୍ବ ଇଦ୍



ନମାଜପାଠ ପାଇଁ ମୁସ୍‌ଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଏକତ୍ରିତ ହୋଇଛନ୍ତି।

## ବିଶ୍ୱଶାନ୍ତି ପାଇଁ ସାମୂହିକ ନମାଜପାଠ କଲେ ମୁସ୍‌ଲିମ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁ

ରାଉରକେଲା, ୨୧।୩(ଦିନେଶ ମିଶ୍ର)

ରାଉରକେଲା ସହରରେ ଇଦ୍ ପର୍ବକୁ ନେଇ ମୁସ୍‌ଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ପ୍ରାୟ ଏକ ମାସ ତମାମ ରୋଜା ରଖିବା ପରେ ପ୍ଲାଣ୍ଟସାଇଟ୍ ସ୍ଥିତ ଇଦ୍‌ଗା ପଡିଆରେ ମୁସଲିମ୍ ସମ୍ପ୍ରଦାୟର ବ୍ୟକ୍ତି ବିଶ୍ୱଶାନ୍ତି ପାଇଁ ସାମୂହିକ ନମାଜପାଠ କରିଥିଲେ। ସକାଳ ୮ଟା ୩୦ରେ ଇଦ୍‌ଗା ପଡିଆରେ ସମସ୍ତ ଶ୍ରଦ୍ଧାଳୁ ଉପସ୍ଥିତ ରହି ନମାଜ ପାଠ ପରେ ପରସ୍ପରକୁ ଗଲେ ଲଗାଇ ଇଦ୍‌ର ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହି ଉତ୍ସବରେ ଇଜାଜ୍ ଅଖତର, ଏମ୍‌ଡି ଆଫରୋଜ, ଏମ୍‌ଡି ଆନସାରୀ, ମହମ୍ମଦ ଅସଲମ୍, ନବୀବ ଗୁଲାବ, ସେରା ଖାନ, ଏମ୍‌ଡି ଇମ୍‌ତିହାଜ୍, ଫାରୁକ୍ ଅବଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ତାରିଣୀ ମନ୍ଦିରରେ ମା'ଙ୍କ ନବରାତ୍ରି ଉତ୍ସବ

**ରାଉରକେଲା, ୨୧।୩(ବିପ୍ଲବ ରଞ୍ଜନ ଦାଶ):** ନବରାତ୍ରି ଅବସରରେ ରାଉରକେଲା ସିଭିଲ୍ ଟାଉନଶିପ୍ ପାନପୋଷସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ନବରାତ୍ରି ଉତ୍ସବ ଶନିବାର ଆରମ୍ଭ ହୋଇଛି। ଏହି ନବରାତ୍ର ଉତ୍ସବରେ ହଜାର ହଜାର ଭକ୍ତ ଅଂଶଗ୍ରହଣ କରିଛନ୍ତି। ନବରାତ୍ର ୯ଦିନ ଧରି ୯ଦେବୀଙ୍କ ପୂଜା ସହିତ ପାଳିତ ହେଉଛି। ବହୁ ସଂଖ୍ୟାରେ ଭକ୍ତ ଅଖଣ୍ଡ ଦୀପ, ଯଜ୍ଞ, ଚଣ୍ଡୀପାଠ ଇତ୍ୟାଦିରେ ଅଂଶଗ୍ରହଣ କରିଛନ୍ତି। ଶନିବାର ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଦିଲ୍ଲୀପ ରାୟ ବିଜୟୀ ଶୋଭାଯାତ୍ରା ସହିତ ମନ୍ଦିରକୁ ଆସିଥିଲେ। ତାଙ୍କ ସହିତ ପତ୍ନୀ ପୂଜା ରାୟ ଏବଂ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମା' ତାରିଣୀଙ୍କ ଆଶୀର୍ବାଦ ନେଇଥିଲେ। ମା' ତାରିଣୀ ଠାକୁରାଣୀ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ନିର୍ମଳଚନ୍ଦ୍ର ରାଉତରାୟଙ୍କ ସମେତ ଟ୍ରଷ୍ଟି ପ୍ରଭାତ କୁମାର ମିଶ୍ର, ଦେବବ୍ରତ ବିହାରୀ, ବିଜୟ ସାମଲ, ବୁଧିରାମ ମହାନ୍ତି, ଅଖିଳ ଦାଶ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ। ପଣ୍ଡିତ ତଥା ପୂଜକ ଅନ୍ତର୍ଯ୍ୟାମୀ ଦାଶ, ଲକ୍ଷ୍ମଣ ପରିଡାଙ୍କ ସମେତ ଶହଶହ ଭକ୍ତ ଉପସ୍ଥିତ ଥିଲେ।

### ଏପ୍ରିଲ ୮ରେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ
### ମା' ତାରିଣୀ ଶାନ୍ତିକମିଟିର ବୈଠକ

**ରାଉରକେଲା, ୨୧।୩(ଦିନେଶ ମିଶ୍ର):** ବାସନ୍ତୀ କଲୋନୀସ୍ଥିତ ଡିଏଭି ଛକରେ ଥିବା ମା' ତାରିଣୀ ଶାନ୍ତିକମିଟି ପକ୍ଷରୁ ସହ କୋଷାଧ୍ୟକ୍ଷ କହରା ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଚଳିତବର୍ଷ ମା' ତାରିଣୀଙ୍କ ବାର୍ଷିକ ଉତ୍ସବକୁ କିଭଳି ଶାନ୍ତିଶୃଙ୍ଖଳା ସହ ପାଳନ କରାଯାଇ ପାରିବ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ଆସନ୍ତା ଏପ୍ରିଲ ୮ରେ ଡିଏଭି ଛକରେ ଥିବା ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ ହେବାକୁ ଏହି ବୈଠକରେ ସ୍ଥିତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ୫୧ ମହିଳାଙ୍କୁ ନେଇ ଏକ ଭବ୍ୟ କଳସଯାତ୍ରା ସାଙ୍ଗକୁ ମା'ଙ୍କ ଷୋଡଶ ଉପଚାର ପୂଜା କରାଯିବାକୁ ନେଇ ନିଷ୍ପତି ନିଆଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଦିନ କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଓ ପ୍ରସାଦ ବିତରଣର ବ୍ୟବସ୍ଥା ଶ୍ରଦ୍ଧାଳୁମାନଙ୍କ ପାଇଁ ଆୟୋଜନ କରାଯିବ ବୋଲି ସହ କୋଷାଧକ୍ଷ ଜେନା କହିଥିଲେ।





ମ୍ୟୁଜିକ ସର୍କଲ ପକ୍ଷରୁ ବସନ୍ତ ମହୋତ୍ସବ ଅବସରରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମ୍ୟୁଜିକ୍ ସର୍କଲର ବସନ୍ତ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା, ୨୧।୩(ଦିନେଶ ମିଶ୍ର)

ରାଉରକେଲା ସହରର କଳା-ସଂସ୍କୃତି ଅନୁଷ୍ଠାନ ମ୍ୟୁଜିକ ସର୍କଲ ପକ୍ଷରୁ ଆୟୋଜିତ ୪୯ତମ ବସନ୍ତମହୋତ୍ସବ-୨୦୨୬ ଶୁକ୍ରବାର ବହୁ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ୩ ଦିନିଆ ଉତ୍ସବକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମ୍ୟୁଜିକ ସର୍କଲ କଳା ସଂସ୍କୃତିକୁ ବଞ୍ଚାଇ ରଖିବାରେ ଏକ ଅନନ୍ୟ ସଂସ୍ଥା ବୋଲି ମନ୍ତ୍ରୀ ଓରାମ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିପିୟୁଟିର କୁଳସଚିବ ପ୍ରଫେସର ଅମୀୟ କୁମାର ରଥ, ଉପଦେଷ୍ଟା ମହେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଉତ୍ସବରେ ଯୋଗଦେଇ ଥିବା କଳାକାରମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସାରଦା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମ୍ୟୁଜିକ ସର୍କଲ କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ରାଗମାଳାରେ ତବଲା ବାଦନ, ଓଡିଶୀ ନୃତ୍ୟ, ବିହୁ ସହ ସାଗର ଡେକନ୍ସ ରିଦମ୍ ଗ୍ରୁପ ପକ୍ଷରୁ ସିଂହାରୀ ଆଦିବାସୀ ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସକାଳ ଅଧିବେଶନରେ ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କନିଷ୍ଠ ବର୍ଗରେ କିଷ୍ଣା ବିକାଶ ସ୍କୁଲର ସ୍ୱୟମ ସାର୍ଥକ ପଶାୟତ, କେନ୍ଦ୍ର ବିଦ୍ୟାଳୟର ପ୍ରତ୍ୟୁଷା ରାଉଳ, ଚିନ୍ମୟ ଇଂରାଜୀ ବିଦ୍ୟାଳୟର ସାଇସ୍ରିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ବରିଷ୍ଠ ବର୍ଗରେ ଡିଏଭି ବିଦ୍ୟାଳୟର ପୂଜିତା ପଟ୍ଟନାୟକ, ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଲିଶା ବିଶ୍ୱାଳ, ସପ୍ତସୁର କଳା ନିକେତନ ବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶନୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ମାନପତ୍ର ସହ ମେଡାଲ ଓ ପ୍ରଥମ ପୁରସ୍କାର ଭାବେ ୩ ହଜାର, ଦ୍ୱିତୀୟ ପୁରସ୍କାର ଭାବେ ୨ ହଜାର ଓ ତୃତୀୟ ପୁରସ୍କାର ପାଇଁ ୧୫ଶହ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ, ମୁଖ୍ୟ ଉପଦେଷ୍ଟା ଡ. ସମର ମୁଦାଲ, ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା, ସହ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ଉପଦେଷ୍ଟା ଲକ୍ଷ୍ମଣନାଥ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପାଧ୍ୟକ୍ଷ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାନଗର ନିଗମ ଅଞ୍ଚଳର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା କାୟାକଳ୍ପ ପୁରସ୍କାର

**ରାଉରକେଲା, ୨୧।୩(ବିପ୍ଳବରଞ୍ଜନ ଦାଶ):** ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ୧୦ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପାନପୋଷସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭାରତ ସରକାରଙ୍କ ପକ୍ଷରୁ ମିଳିଛି ସମ୍ମାନଜନକ କାୟାକଳ୍ପ ପୁରସ୍କାର। ତନ୍ମଧ୍ୟରୁ ତିଳକାନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମଗ୍ର ସୁନ୍ଦରଗଡ଼ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ସହ ସଂକ୍ରମଣ ନିୟନ୍ତ୍ରଣ କରି ଗୁଣାତ୍ମକ ରୋଗୀ ସେବାକୁ ସୁନିଶ୍ଚିତ କରିବା ହେତୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିପାଇଁ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନାଃ ଦସ୍ତଗୀର୍ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ପାରାମେଡ଼ିକାଲ ଷ୍ଟାଫ୍ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ତୃଣମୂଳ ସ୍ତରରେ ରୋଗୀଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ତଥା ଟିକାକରଣକୁ ଆହୁରି ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଏନ୍‌ଆଇଟି ରାଉରକେଲାର ସେଲିବ୍ରିଟି ନାଇଟ୍

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

## ମନୋରଞ୍ଜନ କଲେ ବଲିଉଡ୍ କଣ୍ଠଶିଳ୍ପୀ ଶାନ



ରାଉରକେଲାସ୍ଥିତ ନ୍ୟାଶନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି)ର ବାର୍ଷିକ ସେଲିବ୍ରିଟି ନାଇଟ୍ ଶନିବାର ସନ୍ଧ୍ୟାରେ ପ୍ରସିଦ୍ଧ ବଲିଉଡ୍ ଗାୟକ ଶାନ୍ ମନୋରଞ୍ଜନ କରିଥିଲେ। ପ୍ରତିଷ୍ଠାନର ଦିଲୀପ ତିର୍କୀ ଗ୍ରାଉଣ୍ଡ (ଡିଟିଏସ)ରେ ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଏଥିରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ଅତିଥିମାନଙ୍କର ଏକ ବିଶାଳ ସମାବେଶ ହୋଇଥିଲା। ଶାନ୍‌ଙ୍କ ପ୍ରଦର୍ଶନ କ୍ୟାମ୍ପସକୁ ଏକ ଜୀବନ୍ତ ସଙ୍ଗୀତ କ୍ଷେତ୍ରରେ ପରିଣତ କରିଥିଲା। ଭାରତର ପ୍ରଶଂସିତ ପ୍ଲେବ୍ୟାକ୍ ଗାୟକମାନଙ୍କ ମଧ୍ୟରୁ ଶାନ୍ ତାଙ୍କର ସ୍ୱତନ୍ତ୍ର ସ୍ୱର, ଅଭିବ୍ୟକ୍ତିପୂର୍ଣ୍ଣ ଗାୟନ ଶୈଳୀ ଏବଂ ବିଭିନ୍ନ ପ୍ରକାର ବିସ୍ତୃତ ପ୍ରଦର୍ଶନ ପାଇଁ ଜଣାଶୁଣା। ୨ଦଶନ୍ଧିରୁ ଅଧିକ ସମୟ ଧରି କ୍ୟାରିୟରରେ ସେ ହିନ୍ଦୀ, ବଙ୍ଗାଳୀ, କନ୍ନଡ, ତେଲୁଗୁ ଏବଂ ମରାଠୀ ସମେତ ବିଭିନ୍ନ ଭାରତୀୟ ଭାଷାରେ ୧ ହଜାରରୁ ଅଧିକ ଗୀତ ଗାଇଛନ୍ତି। ସେଲିବ୍ରିଟି ନାଇଟ ପୂର୍ବ ସଂସ୍କରଣଗୁଡ଼ିକରେ ସୋନୁ ନିଗମ, କୈଳାସ ଖେର, ବିଶାଲ-ଶେଖର, ସୁନିଧି ଚୌହାନ, ସଲିମ୍-ସୁଲେମାନ, କେକେ, ଜାଭେଦ ଅଲ୍ଲୀ, ପାପୋନ୍, ଜୋନିତା ଗାନ୍ଧୀ, ମହମ୍ମଦ ଇରଫାନ୍, ଜୁବିନ୍ ନୌଟିୟାଲ୍, ଅମିତ ତ୍ରିବେଦୀ ଏବଂ କନିକା କପୁରଙ୍କ ସମେତ ପ୍ରମୁଖ କଳାକାରମାନେ ଅଭିନୟ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସେ ଚାନ୍ଦ ସିତାରେ, ହମ୍ ଜୋ ଚଲ୍ନେ ଲଗେ, ଏ ଶୋନା, ଇଟ୍ସ ଟାଇମ୍ ଟୁ ଡିସ୍କୋ, ହମ୍ ଦମ୍ ସୁନିୟୋରେ ଏବଂ ଓଡ଼ିଆ ଗୀତ ପରି ଅନେକ ଗୀତ ଗାଇଥିଲେ। ଶାନ୍‌ଙ୍କୁ ସମ୍ମାନିତ କରିଥିଲେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ। ଅତିଥି ଭାବରେ ସୁନ୍ଦରଗଡ଼ ଜିଲାପାଳ ଶୁଭଙ୍କର ମହାପାତ୍ର, ଆରଏସପି ଇଡି ବିଶ୍ୱରଞ୍ଜନ ପଲାଇ ଏବଂ ଏସିଏଫ ଜି. ପି. ମାଥୁର ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ରବିବାରରୁ ୪ ଦିବସୀୟ ଚୈତ୍ର ଛଟ୍ ପୂଜା

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

## ୩ ଘାଟରେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ

ଉତ୍ତରଭାରତୀୟମାନଙ୍କ ଆସ୍ଥାର ପର୍ବ ବର୍ଷର ଦ୍ୱିତୀୟ ପାଳିରେ ହେଉଥିବା ଚୈତ୍ରମାସ ଛଟ୍‌ପୂଜା ରବିବାର ଠାରୁ ଆରମ୍ଭ ହେବାକୁ ଯାଉଛି। ରବିବାର ଏକ ବାର, ସୋମବାର ଖରନା, ମଙ୍ଗଳବାର ସନ୍ଧ୍ୟା ଆରତୀ ଓ ବୁଧବାର ପ୍ରାତଃ ଆରତୀରେ ସମ୍ପନ୍ନ ହେବ। ଉକ୍ତ ପର୍ବ ରାଉରକେଲାର ୩ଟି ଘାଟ ଯଥା: ରୁପୁଟୋଲା, ବେଦବ୍ୟାସ ଓ ଝିରପାଣି ଘାଟରେ ପାଳନ କରାଯିବ। ହଜାର ହଜାର ବ୍ରତୀଙ୍କ ସୁବିଧା ପୂଜାବିଧାନ ପାଇଁ ଶନିବାର ଘାଟଗୁଡ଼ିକ ଜିଲାପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟ ହାତକୁ ନିଆଯାଇଛି। ଘାଟ ସଫେଇ, ରାସ୍ତା ମରାମତି, ଅସ୍ଥାୟୀ ପୂଜାସାମଗ୍ରୀ ଦୋକାନ ଆୟୋଜନ, ବ୍ରତୀମାନଙ୍କ ବସିବା ବ୍ୟବସ୍ଥା ଆଦି କରାଯାଉଛି। କେନ୍ଦ୍ରୀୟ ଛଟ୍ କମିଟି ସଦସ୍ୟ ଓ ଜିଲାପ୍ରଶାସନ ଅଧିକାରୀ ତଥା ଜନପ୍ରତିନିଧି ଶନିବାର ପୂର୍ବାହ୍ନ ୧୧ଟାରେ ଉକ୍ତ ଘାଟଗୁଡ଼ିକ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ରାଉରକେଲାରେ ଅଧିକ ସଂଖ୍ୟାରେ ଉତ୍ତରଭାରତୀୟ ଲୋକେ ବସବାସ କରୁଥିବା ଯୋଗୁ ଉକ୍ତ ପୂଜାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥାଏ।

# ଏଆଇ ସମ୍ପର୍କିତ କର୍ମଶାଳା

**ରାଉରକେଲା, ୨୧।୩(ବିପ୍ଳବ ରଞ୍ଜନ ଦାଶ):** ଏଆଇ ସମ୍ପର୍କୀତ ଏକ କର୍ମଶାଳା ସେକ୍ଟର ୨୦ସ୍ଥିତ ଏସ୍‌ଏସ୍‌ଆର୍‌ଭିଏମ୍ ପରିଚାଳିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଗିରିଜା ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଏନ୍‌ଆଇଟିର କମ୍ପ୍ୟୁଟର ବିଜ୍ଞାନର ପ୍ରାଧ୍ୟାପକ ଡ.ପବିତ୍ର ମୋହନ ଖିଲାର ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଏଆଇର ଉପଯୋଗିତା ଓ ସାମ୍ପ୍ରତିକ ସମୟରେ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଡାଟା ପ୍ରସ୍ତୁତି ସହ ଏହାର ଅନୁଶୀଳନ ଏହାସହ ଏହାର ଭିତ୍ତିଭୂମି ଓ ବିଶେଷକରି ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ କେତେ ଜରୁରୀ ସେ ସମ୍ପର୍କରେ ଏହାର ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ କେବଳ ଥିଓରୀ ନୁହଁ, ପ୍ରାକ୍ଟିକାଲ ଉପରେ ଡ. ଖିଲାର ମତରଖି ନିକଟ ଭବିଷ୍ୟତରେ ଲାବୋରେଟୋରୀ ସୁବିଧା ସହ ଏକ ସିଲାବସ୍ ଆରମ୍ଭ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଦାସ ଏହି ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର କିପରି ଅଧିକ ଉପକୃତ ହେବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଖୁସବୁଜ୍ୟୋତି, ବିତ୍ତପ୍ରବନ୍ଧକ ସୁଚିନ୍ଦ୍ରନ ସେନଗୁପ୍ତ, ପ୍ରଶାସନିକ ଅଧିକାରୀ ଯଶବିନ୍ଦର କୌର, ବରିଷ୍ଠ ଶିକ୍ଷୟିତ୍ରୀ ମୀନାକ୍ଷୀ ପାଢ଼ୀ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ଗ୍ରାମବାସୀଙ୍କୁ ଛତୁଚାଷ ତାଲିମ





ପ୍ରଶିକ୍ଷାର୍ଥୀମାନଙ୍କ ଗହଣରେ ଆର୍‌ଏସ୍‌ପି ଅଧିକାରୀ।

ରାଉରକେଲା, ୨୧।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର୍ ବିଭାଗ ଅଧିନସ୍ଥ ଦକ୍ଷତା ବିକାଶ ଏବଂ ଜୀବିକା ନିର୍ବାହ ପଦକ୍ଷେପର ଅଂଶସ୍ୱରୂପ ବିଶ୍ରା ବ୍ଲକର ବିଜାଡିହି, ଜାମସେରା, ଜବାପାନପୋଷ, ଜବାଘାଟ ଏବଂ ଡାଲପୋଷ ଗ୍ରାମର ୨୩ ମହିଳାଙ୍କୁ ଛତୁ ଚାଷ ଉପରେ ତାଲିମ ପ୍ରଦାନ କରାଯାଇଛି। ସିଏସ୍‌ଆର୍ ବିଭାଗ ଦ୍ୱାରା ମାର୍ଚ୍ଚ ୧୬ରୁ ୧୭ ପର୍ଯ୍ୟନ୍ତ ସେକ୍ଟର-୨୦ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ (ଆଇପିଡ଼ି)ରେ ଏହି ୨ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୧୭ ଉଦ୍‌ଯାପନୀ ସମାରୋହରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଜିଏମ୍ ମନୋଜ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ତାଲିମ କାର୍ଯ୍ୟକ୍ରମର ସଫଳ ସମାପ୍ତି ନିମନ୍ତେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ନିଜ ଅଞ୍ଚଳରେ ଚାଷ କରିବା ଏବଂ ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରଣା ଦେବା ପାଇଁ ସ୍ୱୟଂ ନିର୍ମିତ ଛତୁ ଚାଷ କିଟ୍ ବ୍ୟାଗ୍ ଏବଂ ଛତୁ ବିହନର ଏକ ବୋତଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାର୍ଟିଫାଏଡ୍ ଛତୁ ଚାଷ ପ୍ରଶିକ୍ଷକ କମଳା ଟପ୍ପୋ ଏବଂ ଏନ୍‌ଆଇଟି ରାଉରକେଲାର ପରାମର୍ଶଦାତା ଗୋକୁଲ ମିଞ୍ଜ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍ ଚାର୍ଜ ମୁନମୁନ ମିତ୍ରାଙ୍କ ଉପସ୍ଥିତିରେ ଏହାର ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମିତ୍ରା ଆର୍‌ଏସ୍‌ପିର ବିଭିନ୍ନ ସିଏସ୍‌ଆର୍ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲିକ ସମାବେଶକୁ ସ୍ୱାଗତ କରିଥିଲେ। ଡିଜିଏମ୍ ପି. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର ବି.ଏକ୍କା, ସିଏସ୍‌ଆର ଦଳ ସହଯୋଗରେ ସଂଯୋଜନା କରିଥିଲେ।

# ସାରହୁଲ ପୂଜା ମହୋତ୍ସବ

ରାଉରକେଲା, ୨୧।୩(ବିପ୍ଳବ ରଞ୍ଜନ ଦାଶ)



କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସାରହୁଲ ପୂଜାର୍ଚ୍ଚନା କରୁଛନ୍ତି।

ସହରର ଉଦିତନଗର ମ୍ୟୁନିସପାଲ ମହାବିଦ୍ୟାଳୟ ସମ୍ମୁଖରେ ଥିବା ସାରନା ପୂଜା ସ୍ଥଳରେ ଶନିବାର ସାରହୁଲ (ଖାଦ୍ଦି) ପୂଜା ମହୋତ୍ସବ ପାଳିତ ହୋଇଯାଇଛି। ଆଦି ଧର୍ମରେ ଥିବା ଧରିତ୍ରୀ ଓ ପ୍ରକୃତିରୁ ଜନ୍ମ ନେଇଥିବା ବିଭିନ୍ନ ପ୍ରକାର ବୃକ୍ଷ, ଫୁଲ ଓ ଫଳକୁ ଧରିତ୍ରୀ ମାତାଙ୍କୁ ଅର୍ପଣ କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଅବସରରେ ସାରହୁଲ ବ୍ରତଧାରୀମାନେ ଖାଦ୍ଦି (ଖଦି ବସ୍ତ୍ର) ପରିଧାନ କରି ସାରହୁଲ (ଖାଦ୍ଦି) ମହୋତ୍ସବରେ ଭାଗ ନେଇଥାନ୍ତି ଏବଂ ଧରିତ୍ରୀ ମାତାଙ୍କୁ ପୂଜା କରିବା ସହିତ ସର୍ଗୀଫୁଲ ଏବଂ ଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ପିଠା ଅର୍ପଣ କରିଥାନ୍ତି। ସାରହୁଲ (ଖାଦ୍ଦି) ପୂଜା ମହୋତ୍ସବ ଅବସରରେ ବିର୍ସା ଛକରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଉଦିତନଗର ସାରନା ପୂଜା ସ୍ଥଳରେ ପହଞ୍ଚି ଥିଲା। ପାନପୋଷ ଛକରୁ ଆଉ ଗୋଟିଏ ଶୋଭାଯାତ୍ରା ବାହାରି ଉଦିତନଗର ଆମ୍ବେଦକର ଛକ ଦେଇ ସାରନା ପୂଜା ସ୍ଥଳରେ ପହଞ୍ଚିଥିଲା। ଏଥିରେ ସମସ୍ତ ବ୍ରତଧାରୀ ଖାଦ୍ଦି ବସ୍ତ୍ର ପରିଧାନ କରି ସାରନା ପୂଜା ସ୍ଥଳରେ ପହଞ୍ଚିବା ପରେ ଧରିତି ମାତାଙ୍କ ପୂଜା ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ସାରନା ପୂଜା ମଣ୍ଡପରେ ସାରହୁଲ ପୂଜାକୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଯୋଗଦେଇ ସାରହୁଲ ପୂଜାର୍ଚ୍ଚନା କରିଥିଲେ। କମିଟିର ଅଧ୍ୟକ୍ଷ ମଣି ଓରାମଙ୍କ ଯୋଗୁ ଏହି ପୂଜା ବହୁତ ଭଲ ହୋଇପାରିଛି ବୋଲି କହିଥିଲେ। ଏହି ସାରହୁଲ ପୂଜା ମହୋତ୍ସବ ପାଇଁ ସମଗ୍ର ସୁନ୍ଦରଗଡ ଜିଲାର ଆଦିବାସୀଙ୍କ ସମେତ ପଡୋଶୀ ଝାଡଖଣ୍ଡରୁ ସାରହୁଲ ବ୍ରତଧାରୀମାନେ ପହଞ୍ଚିଥିଲେ। ସାରହୁଲ ମହୋତ୍ସବରେ ପୂଜାର୍ଚ୍ଚନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବାଦ୍ୟ ଓ ଗୀତର ତାଳେ ତାଳେ ଆଦିବାସୀ ସମ୍ପ୍ରଦାୟର ଯୁବତୀଯୁବକ ନାଚିଥିଲେ।

## ସଂକ୍ଷେପରେ

### ଅଜଣା ଯୁବକଙ୍କ ଗଳିତ ମୃତଦେହ ଜବତ

ପାଟଣାଗଡ଼,୨୧।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ପାଟଣାଗଡ଼ ପଦ୍ମପୁର ମୁଖ୍ୟ ରାସ୍ତା ମରୁଆଁ ଗ୍ରାମର ଅନତି ଦୂରରେ ଥିବା ସୁନା ଡୁଙ୍ଗୁରି କେନାଲ ପାଖରୁ ଶନିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ । ମୃତକଙ୍କ ବୟସ ୫୦ରୁ ୫୫ ବର୍ଷ ମଧ୍ୟରେ ହେବ। ପ୍ରାଥମିକ ତଦନ୍ତରୁ ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ପୋଲିସ ଅନୁମାନ କରୁଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ତାମିଲନାଡୁରୁ କେତେକ ନଳକୂପ ଖନନ ଗାଡି ଏହି ନାଳ ପାଖକୁ ନଳକୂପ ଖନନ କରିବାକୁ ଆସିଥିଲା। ସେହି ଗାଡିରେ ଆସିଥିବା କର୍ମଚାରୀଙ୍କ ମଧ୍ୟରୁ କେହି ଜଣେ ହୋଇଥାଇ ପାରେ ବୋଲି ପୋଲିସ ଅନୁମାନ କରୁଛି। ଅପରପକ୍ଷରେ ବ୍ୟବଚ୍ଛେଦ ପରେ ଚିହ୍ନଟ ପାଇଁ ମୃତଦେହ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ପରିସରରେ ଥିବା ଏକ ଫ୍ରିଜରରେ ରଖାଯାଇଛି ବୋଲି ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି ।

### ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଖପ୍ରାଖୋଲ,୨୧।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଚଚରାଭଟା ଗାଁରେ ଉଦ୍ୟାନ କୃଷି ବିଭାଗ ତରଫରୁ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଏଡିବଲ ଅଏଲ ମିଶନର ଆଞ୍ଚଳିକ ମୁଖ୍ୟ ଶମ୍ଭୁନାଥ ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଦୀନବନ୍ଧୁ ବେହେରା, ହ୍ୟୁମାନ ରିସୋର୍ସ ଫାଉଣ୍ଡେଶନର ମୁଖ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀ ସିଂ, ଏଫଇଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ, ୱାଇସିଡିଏର ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା, ସରକାରୀ ପ୍ରୋତ୍ସାହନ ଉପରେ ଆଲୋଚନା ହୋଇଥିଲା । ଉଦ୍ୟାନ କୃଷିରେ ଚାଷୀ ମନୋନିବେଶ କଲେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଶେଷଦେବ ମାଝୀ, ବାସନ୍ତୀ ମୁଣ୍ଡା, କସ୍ତୁରୀ ମାଝୀ, ଏସ. ଦାସଙ୍କ ସମେତ ଶତାଧିକ ମହିଳା,ପୁରୁଷ ଚାଷୀ ଯୋଗ ଦେଇଥିଲେ।

### ୧୨୧ ପ୍ରହର ମହାନାମ ସଂକୀର୍ତ୍ତନ ଉଦ୍‌ଯାପିତ

ଲୋଇସିଂହା,୨୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗତ ୧୬ ଦିନ ଧରି ଚାଲିଥିବା ୧୨୧ ପ୍ରହର ମହାନାମ ସଂକୀର୍ତ୍ତନ୍ୟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସାରଙ୍ଗପୁର, ଘନାମାଲ, କରଡୋଲା, ବକଟି, ଲିଙ୍ଗମାର୍ଣ୍ଣି, ସିକିଡି, ରେମେଣ୍ଡା ଓ ଭଟଲି ସଂକୀର୍ତ୍ତନ୍ୟ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ ଓ ନଗର ପରିକ୍ରମା କରାଯାଇଥିଲା। ଶ୍ରୀ ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ୍ୟ ମଣ୍ଡଳୀ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଲୋଇସିଂହା ତଥା ଜିଲାରେ ୧୨୧ ପ୍ରହର ମହାନାମ ସଂକୀର୍ତ୍ତନ୍ୟ ଆୟୋଜିତ ହୋଇଥିଲା। ମାର୍ଚ୍ଚ ୫ରେ ଆୟୋଜକ କମିଟି ତରଫରୁ ତ୍ରିଶୂଳ ବନ୍ଧରୁ କଳସ ଶୋଭାଯତ୍ରା କରାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ଗତ ୬ ତାରିଖରୁ ଶନିବାର ପର୍ଯ୍ୟନ୍ତ ୧୬ ଦିନ ଧରି ନାମ ସଂକୀର୍ତ୍ତନ୍ୟ କରାଯାଇଥିଲା। ଏଥିରେ ବଲାଙ୍ଗୀର, ବରଗଡ, ସୁବର୍ଣ୍ଣପୁର, କଳାହାଣ୍ଡି ଆଦି ଜିଲାର ୧୨୦ ସଂକୀର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରିଥିଲେ । ଏଠାରେ ମୁଖ୍ୟ ପୂଜକ ସୁଧାଂଶୁ ଶେଖର ପାଣ୍ଡିଆଙ୍କ ନେତୃତ୍ୱରେ ଶଙ୍କର ବେଜ, ପ୍ରଫୁଲ୍ଲ ମିଶ୍ର ଓ ଶରତଚନ୍ଦ୍ର ହୋତା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ପୂଜାରେ ୨୭ ଯୋଡା ଦମ୍ପତି କର୍ତ୍ତା ଦାୟିତ୍ୱ ସମ୍ପାଦନା କରିଥିଲେ। ସଞ୍ଜୟ ପଧାନ ଓ ଶ୍ରୀୟା ପଧାନ ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଉଲ୍ଲେଖଯୋଗ୍ୟ, ଜଗନ୍ନାଥ ସଂକୀର୍ତ୍ତନ୍ୟ ମଣ୍ଡଳୀ ପକ୍ଷରୁ ୨୦୦୧ ମସିହାରେ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୫୬ ପ୍ରହର ୩ ଥର, ୨୦୨୫ରେ ୭୨ ପ୍ରହର ଏବଂ ଚଳିତବର୍ଷ ୧୨୧ ପ୍ରହର ମହାନାମ ଯଜ୍ଞ ସଫଳତାର ସହ ସମ୍ପନ୍ନ ହୋଇଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଚଳିତବର୍ଷ ନାମଯଜ୍ଞର ବିଭିନ୍ନ ଦିବସରେ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇଥିଲେ।

# ଜୀବନ ଯୁଦ୍ଧରେ ଏକା ଲଢୁଛନ୍ତି କରମସନି

## ଦୁଇ ଶିଶୁଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ

ଲାଠୋର,୨୧।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଲାଠୋର ଗ୍ରାମର କର୍ତ୍ତିଆପଡ଼ାରେ ରୁହନ୍ତି କରମସନି ବାଗ(୪୦)। ସ୍ୱାମୀ ଆରପାରିକୁ ଚାଲିଯିବା ପରେ ଦୁଇ ଝିଅଙ୍କୁ କେମିତି ପାଠ ପଢାଇବା ସହ ଘର ଚଳାଇବେ ସେହି ଚିନ୍ତା ତାଙ୍କୁ ଏବେ ଘାରିଛି।

ଦିନ ଥିଲା ସ୍ୱାମୀ ମଧୁସୂଦନ ବାଗ ଏବଂ ଦୁଇ ଝିଅ ଗାୟତ୍ରୀ(୧୦) ଓ ସରସ୍ୱତୀ(୬)ଙ୍କୁ ନେଇ ତାଙ୍କ ସଂସାର ଚାଲିଥିଲା। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ଏକ କୁଡ଼ିଆ ଘର କରି ସେମାନେ ରହୁଥିଲେ। ସରକାରୀ ସହାୟତା କହିଲେ ପଞ୍ଚାୟତରୁ ମିଳୁଥିବା ଚାଉଳକୁ ଛାଡ଼ି ଦେଲେ ଅନ୍ୟ କୌଣସି ସୁବିଧା ନ ଥିଲା। ଏତିକିରେ ଚଳିବା କଷ୍ଟକର ହେବାରୁ ଲୋକଙ୍କ ଠାରୁ ଧାର କରଜ ଆଣି ସ୍ୱାମୀ ମଧୁସୂଦନ ଠେଲା ଖଣ୍ଡେ କରି ସିଝା ଚଣା ବିକ୍ରୟ କରି ପରିବାର ଚଳାଉଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା କରମସନିଙ୍କ ସ୍ୱାମୀ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହୋଇ ଗତ ୨ ମାସ ତଳେ ଆରପାରିକୁ ଚାଲିଗଲେ। ସ୍ୱାମୀଙ୍କ ମୃତ୍ୟୁରେ ଦୁଇ ଝିଅଙ୍କ ଭବିଷ୍ୟତ ନେଇ କରମସନି ଭାଙ୍ଗି ପଡ଼ିଥିଲେ ସତ ହେଲେ ପରବର୍ତ୍ତୀ ସମୟରେ ସ୍ୱାମୀ କରୁଥିବା ବ୍ୟବସାୟକୁ ଆଦରି ନେଇଥିଲେ। ଗତ କିଛି ଦିନ ହେବ ସ୍ୱାମୀ କରିଥିବା ଠେଲାରେ ସେ ସକାଳୁ ସିଝା ଚଣା ବିକ୍ରୟ କରି ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି । ପଲିଥିନ ଟଣା କୁଡିଆ ଘରେ ଦୁଇ ଝିଅଙ୍କ ସହ ବିପଦଶଙ୍କୁଳ ଅବସ୍ଥାରେ ରହିଛନ୍ତି। ଏପରି ପରିସ୍ଥିତିରେ ଜୀବନ ଯୁଦ୍ଧରେ ଏକା ଲଢୁଥିବା କରମସନିଙ୍କୁ ସରକାରୀ ସାହାଯ୍ୟର ଆବଶ୍ୟକତା ରହିଛି। ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ସହ ରହିବା ପାଇଁ ଆବାସ ଯୋଜନାରେ ଗୃହ ଓ ବିଧବା ଭତ୍ତା ଯୋଗାଇ ଦେବାକୁ ଦାବି ହେଉଛି।



କରମସନି ମାର୍କେଟରେ ଚଣା ଲେମ୍ବୁ ବିକ୍ରୟ କରୁଛନ୍ତି।

## ସ୍ୱାମୀଙ୍କ ଅକାଳ ବିୟୋଗରେ ସ୍ତ୍ରୀ ଛାତରୁ ଡେଇଁ ଗୁରୁତର

କଣ୍ଟାବାଞ୍ଜି,୨୧।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା କପିଲାଭଟା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ସ୍ୱାମୀଙ୍କ ଅକାଳ ବିୟୋଗ ଘଟିବାରୁ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ଛାତରୁ ଡେଇଁପଡି ଗୁରୁତର ହୋଇଛନ୍ତି । ମିଳିଥିବା ଖବର ଅନୁଯାୟୀ, କପିଲାଭଟା ଗ୍ରାମର ନୃପ ବିଶି କୌଣସି ରୋଗରେ ଆକ୍ରାନ୍ତ ହୋଇ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ମୃତଦେହ କପିଲାଭଟା ଗ୍ରାମକୁ ଅଣାଯିବା ପରେ ସ୍ତ୍ରୀ ଦୁଃଖରେ ମ୍ରିୟମାଣ ହୋଇ ଛାତ ଉପରକୁ ଯାଇ ହଠାତ୍ ଡେଇଁ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଖରିଆର ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଖବର ମିଳିଛି। ଏ ନେଇ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ପ୍ରକାଶଥାଉ କି ନୃପ ଗତବର୍ଷ ବିବାହ କରିଥିଲେ।

## 'ଜଙ୍ଗଲ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରେ'





ବିଶ୍ୱ ବନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

### ବଲାଙ୍ଗୀରରେ ବିଶ୍ୱ ବନ ଦିବସ ପାଳିତ

ବଲାଙ୍ଗୀର,୨୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବନବିଭାଗ ପକ୍ଷରୁ ଶନିବାର ବିଶ୍ୱ ବନ ଦିବସ ପାଳିତ ହୋଇଛି। ଡିଏଫ୍ଓ ଅଜିତ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ ଯୋଷୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ବବିତା ସିଂ, ମୁଖ୍ୟବକ୍ତା ଭାବେ ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ମଞ୍ଚାସୀନ ଥିଲେ। ଚଳିତବର୍ଷ 'ଜଙ୍ଗଲ ଏବଂ ଅର୍ଥନୀତି' ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଜଙ୍ଗଲ ଆମର ଗ୍ରାମୀଣ ଅର୍ଥନୀତିକୁ କିଭଳି ସମୃଦ୍ଧ କରେ ଏବଂ ବହୁ ସଂଖ୍ୟକ ବନବାସୀଙ୍କ ଜୀବନ ଓ ଜୀବିକା ନିର୍ବାହ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରେ ସେ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ବନ ସୁରକ୍ଷା ଏବଂ ପରିବେଶ ସନ୍ତୁଳନ ଦିଗରେ ବିଶେଷ କାର୍ଯ୍ୟ କରିଥିବା ବଲାଙ୍ଗୀର, ଟିଟିଲାଗଡ ଏବଂ ପାଟଣାଗଡର ଦୁଇଟି ଗ୍ରାମ ପଞ୍ଚାୟତ ଏବଂ ତିନୋଟି ଲେଖାଏ ଶିକ୍ଷାନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ଗ୍ରାମ ପଞ୍ଚାୟତଗୁଡିକୁ ୨୦ ହଜାର ଲେଖାଏ ଏବଂ ଶିକ୍ଷାନୁଷ୍ଠାନଗୁଡିକୁ ୧୦ ହଜାର ଲେଖାଏ ପୁରସ୍କାର ରାଶି ସହ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସଭାକୁ ଏସିଏଫ୍ ମାନସ ରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ ଅର୍ଜୁନ ସାହୁ ସଂଯୋଜନା କରିଥିଲେ।

## ଡିକି ଭାଙ୍ଗି ଭତ୍ତା ଟଙ୍କା ଚୋରି ଘଟଣାର ମିଳୁନି ସୁରାକ୍

ଦେଓଗାଁ,୨୧।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ମୁଖ୍ୟାଳୟରେ ପଞ୍ଚାୟତ କର୍ମଚାରୀଙ୍କ ବାଇକ୍ ଡିକି ଭାଙ୍ଗି ଭତ୍ତା ଟଙ୍କା ଚୋରି ଘଟଣାର କୌଣସି ସୁରାକ୍ ମିଳି ନ ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଦିନ ବନ୍ଧପଡା ପଞ୍ଚାୟତର ବିଭିନ୍ନ ଗାଁ ବୁଲି ବୁଲି ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରାଯାଉଥିଲା । ଟେପ୍ରେନ ଗାଁରେ ଜଣେ ବୃଦ୍ଧାଙ୍କୁ ଭତ୍ତା ଦେବା ପରେ ବନ୍ଧପଡା ଗାଁ ମୁଣ୍ଡରେ ଥିବା ଏକ ଚା ଦୋକାନରେ ପିଇଓ ରମେଶ ବାଗଙ୍କ ସମେତ ୩ ଜଣ କର୍ମଚାରୀ ବସିଥିବା ବେଳେ କୌଣସି ଦୁର୍ବୃତ୍ତ ଡିକି ଖୋଲି ୪୫ ହଜାର ଭତ୍ତା ଟଙ୍କା ଚୋରି କରିନେଇଥିଲେ। ପରେ ପଞ୍ଚାୟତ ତରଫରୁ ସ୍ଥାନୀୟ ଫାଣ୍ଡିରେ ପିଇଓ ବାଗ ଲିଖିତ ଅଭିଯୋଗ କରିଥିଲେ । ଫାଣ୍ଡି ଅଧିକାରୀ ମଳୟ ରଞ୍ଜନ ପଣ୍ଡା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଜନଗହଳି ସ୍ଥାନରୁ କିଏ ଡିକି ଖୋଲି ଟଙ୍କା ନେଇଗଲା ତାହା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଥାଶୀଘ୍ର ଚୋରକୁ ଧରିବା ପାଇଁ ସାଧାରଣରେ ଦାବି ହେଉଛି।

## ପିଲାଚୋର ସନ୍ଦେହରେ ଯୁବକଙ୍କୁ ମାଡ଼

ବଲାଙ୍ଗୀର,୨୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଖର୍ଲିକାନି ଗାଁରେ ଶନିବାର ପିଲାଚୋର ସନ୍ଦେହରେ ଜଣେ ଯୁବକଙ୍କୁ କେତେଜଣ ବ୍ୟକ୍ତି ମାଡ ମାରୁଥିବା ଖବର ମିଳିଥିଲା। ଏହି ଖବର ପାଇବା ପରେ ସଦର ଥାନା ପୋଲିସ ଟିମ୍ ଗାଁରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରିଥିଲେ। ଯୁବକ ଜଣକ ଛତିଶଗଡ ପ୍ରଦେଶର ଏବଂ ସେ ଓଡିଆ ଭାଷା ଠିକ୍ ଭାବେ ଜାଣିନଥିବା ଜଣାପଡିଛି। ମାନସିକ ଅବସ୍ଥା ଠିକ୍ ନଥିବାରୁ ଯୁବକ ଜଣକ କୌଣସି ପ୍ରକାରେ ଏହି ଗାଁରେ ପହଞ୍ଚିଥିବା ଅନୁମାନ କରାଯାଉଛି। ସମ୍ପୃକ୍ତ ଯୁବକଙ୍କ ହାବଭାବ ଦେଖିବା ପରେ କେତେଜଣ ବ୍ୟକ୍ତି ତାଙ୍କୁ ପିଲାଚୋର ସନ୍ଦେହ କରିଥିଲେ। ସେଠାରେ ଲୋକଙ୍କ ଭିଡ ଜମିଥିଲା ଓ ଲୋକେ ତାଙ୍କୁ ମାଡ ମାରିଥଲେ। ଯୁବକଙ୍କୁ ପିଲାଚୋର ସନ୍ଦେହରେ ମାଡ ମାରୁଥିବା ନେଇ କେହି ପୋଲିସକୁ ଖବର ଦେବା ପରେ ସଦର ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲେ। ଉକ୍ତ ଯୁବକଙ୍କୁ ତାଙ୍କ ପରିଚୟ ସମ୍ପର୍କରେ ପୋଲିସ ପଚାରିଥିଲେ ମଧ୍ୟ ସେ ଠିକ୍ କରି କିଛି କହିପାରୁନାହାନ୍ତି। ବେଳେ ବେଳେ ସେ ନିଜକୁ ଛତିଶଗଡ ଅଞ୍ଚଳର ବୋଲି କହୁଥିବା ଜଣାପଡିଛି। ଉକ୍ତ ଯୁବକ ଜଣକ ଏବେ ସଦର ଥାନାରେ ଅଛନ୍ତି ଏବଂ ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।



ଖର୍ଲିକାନି ଗାଁ ନିକଟରୁ ଉଦ୍ଧାର ହୋଇଥିବା ଯୁବକ।

## ମା' ଦ୍ୱାରାଶୁଣୀ ଯୁବକ ସଂଘର ବାର୍ଷିକୋତ୍ସବ

କଣ୍ଟାବାଞ୍ଜି,୨୧।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଁଳ ପଞ୍ଚାୟତ ଦାବିରି ଗ୍ରାମରେ ମା' ଦ୍ୱାରାଶୁଣୀ ଯୁବକ ସଂଘର ଦୁଇଦିନିଆ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି,ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ତଥା ଭାଜପା ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି ଯୋଗ ଦେଇଥିଲେ। ଏହି ସଂଘ ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ବିଭିନ୍ନ ସେବା କାର୍ଯ୍ୟ କରିଥାନ୍ତି। ଏହି ଉତ୍ସବ ପାଳନରେ ଅନୁଷ୍ଠାନର ସଭାପତି ରାଜୁ ଛତ୍ରିଆ, ସମ୍ପାଦକ ରୁରେନ୍ଦ୍ର ସୁନାଙ୍କ ସହ ସମସ୍ତ ସଭ୍ୟାସଭ୍ୟ ଓ ଗ୍ରାମବାସୀ ସାମିଲ ଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅସହାୟ ବୃଦ୍ଧାଙ୍କୁ ହ୍ୱିଲ ଚେୟାର ପ୍ରଦାନ

ଦେଓଗାଁ,୨୧।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରୀମାଲ ଗାଁର ବୃଦ୍ଧା ସୁମତୀ ତାଣ୍ଡି (୮୫)ଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି । ସୁମତୀ ଚାଲି ପାରୁ ନ ଥିବାରୁ ନା ନା ସମସ୍ୟା ମଧ୍ୟରେ ଦିନ କାଟୁଥିଲେ। ଗତ ୧୧ ତାରିଖରେ ବ୍ଲକ ଲୋକ ଉନ୍ନତି ସଂଗଠନର ସାମାଜିକ କର୍ମୀ ବିଦ୍ୟାଧର ଜାଲ ତାଙ୍କ ଘରକୁ ଯାଇ ଅବସ୍ଥା ଦେଖିବା ପରେ ବ୍ଲକ ପ୍ରଶାସନକୁ ଟ୍ୱିଟ୍ ମାଧ୍ୟମରେ ଗୋଟିଏ ହ୍ୱିଲ ଚେୟାର ଯୋଗାଇ ଦେବା ପାଇଁ ନିବେଦନ କରିଥିଲେ । ବିଡିଓ ପ୍ରିୟରଞ୍ଜନ କୁମାର ତୁରନ୍ତ ଏହାର ତଦନ୍ତ କରିବା ପାଇଁ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ସେ ତଦନ୍ତ କରି ଗୁରୁବାର ସଂପୃକ୍ତ ବୃଦ୍ଧାଙ୍କ ଘରକୁ ଯାଇ ହ୍ୱିଲ ଚେୟାର ପ୍ରଦାନ କରିଥିବା ଜଣାପଡିଛି। ପଞ୍ଚାୟତଗୁଡିକରେ ହେଉଥିବା ଅଭିଯୋଗ ଶୁଣାଣି ଶିବିରରେ ଗାଁର ଏଭଳି ସମସ୍ୟା ବ୍ଲକ ପ୍ରଶାସନର ନଜରକୁ ଆଣିଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ସେଠ ସୂଚନା ଦେଇଛନ୍ତି ।

## ଏଜେନ୍ସି ଅବହେଳା ପ୍ରଦର୍ଶନରୁ ସୁରକ୍ଷା କର୍ମୀଙ୍କୁ ମିଳିନି ପ୍ରାପ୍ୟ

ଲୋଇସିଂହା,୨୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୩ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ଗତ ୫ ମାସ ହେଲା ପ୍ରାପ୍ୟ ମିଳିନାହିଁ। ଏ ସଂକ୍ରାନ୍ତରେ ଗୁରୁବାର ଧରିତ୍ରୀରେ '୫ ମାସ ହେଲା ସୁରକ୍ଷା କର୍ମୀଙ୍କୁ ମିଳିନି ପ୍ରାପ୍ୟ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଶେଖରଲାଲ ପଧାନ କହିଛନ୍ତି, ସୁରକ୍ଷା କର୍ମୀଙ୍କ ଏଜେନ୍ସି ସଂସ୍ଥାର ଅବହେଳାରୁ ସେମାନଙ୍କ ପ୍ରାପ୍ୟ ମିଳି ପାରିନାହିଁ। ଏଜେନ୍ସି ପକ୍ଷରୁ ସୁରକ୍ଷକର୍ମୀଙ୍କୁ ଡ୍ରେସ, ଜୋତା ଆଦି ଉପକରଣ ଯୋଗାଣ ହୋଇ ନଥିଲା। ଏପରି କି ଜଣାଇଲା ପରେ ସେ ସବୁ ଦିଆଯାଇଥିଲା। ଯୋଗାଣ ଡ୍ରେସ ଚିରାଫଟା ଥିବାରୁ ୨୦୨୫ ଅକ୍ଟୋବର ମାସରୁ ଏଜେନ୍ସି ନିକଟରେ ଅଭିଯୋଗ କରାଯାଇଛି। କିନ୍ତୁ ଏଜେନ୍ସି ପକ୍ଷରୁ ଅଦ୍ୟାବଧି ଉତ୍ତର ମିଳିନାହିଁ। ଏଣୁ ୨ ମାସର ପ୍ରାପ୍ୟ ବନ୍ଦ କରି ଦିଆଯାଇଛି। ପ୍ରତି ମାସ ଏଜେନ୍ସିକୁ ସୁରକ୍ଷା କର୍ମୀଙ୍କ ଉପସ୍ଥାନ ସମ୍ପର୍କରେ ଅବଗତ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଉକ୍ତ ଏଜେନ୍ସି ଅନୁବନ୍ଧିତ ହୋଇଛି। କେଉଁ ପରିସ୍ଥିତିରେ ଏଜେନ୍ସି ସେମାନଙ୍କୁ ପ୍ରାପ୍ୟ ଦେଉନାହିଁ ବୋଲି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ପଧାନ ପାଲଟା ପ୍ରଶ୍ନ କରିଛନ୍ତି ।

## ଗୋପାଳପୁର ଗାଁ ମୁଣ୍ଡରେ ବିପଦସଙ୍କୁଳ ଅବସ୍ଥାରେ ଗଛ

ଲୋଇସିଂହା,୨୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଗୋପାଳପୁର ଗ୍ରାମ ମୁଣ୍ଡରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବିପଦସଙ୍କୁଳ ଅବସ୍ଥାରେ ଏକ ଶୁଖିଲା ଗଛ ଲାଖି ରହିଛି । ଏନେଇ ଲୋଇସିଂହା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗୋପାଳପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ବିପଦସଙ୍କୁଳ ଗଛ ଗୁର୍ଜିଭଟା-ହୀରାପୁରକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଥିବାରୁ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟି ଧନଜୀବନ ହାନି ହେବା ଆଶଙ୍କା ରହିଛି। ସୂଚନା ଅନୁଯାୟୀ, ଗୋପାଳପୁର ଗାଁ ମୁଣ୍ଡରେ ଥିବା ଏକ ପିପ୍ପଳ ଗଛ ଶୁଖି ଯାଇଥିଲା। ଶୁଖିଲା ଗଛକୁ କେହି ଅଧା କାଟି ଦେଇଛନ୍ତି। ସେହି ଅଧା କଟା ଗଛ ରାସ୍ତା ପଟକୁ ଢଳି ପଡି ସେହି ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଓ କେବୁଲରେ ଲାଖି ରହିଛି। ଏହା ପ୍ରାୟ ୧୦ ଦିନ ହେଲା ଏପରି ଅବସ୍ଥାରେ ରହିଛି। ଏବେ ଖରାଦିନ ହୋଇଥିବାରୁ ଘୂର୍ଣ୍ଣିଝଡର ହେବା ଆଶଙ୍କା ରହୁଛି। ଏହି ରାସ୍ତା ଦେଇ ଲୋଇସିଂହା, ଆଗଲପୁର ଓ ସୁବର୍ଣ୍ଣପୁର ଜିଲାର ଲୋକେ ନିୟମିତ ଯିବାଆସିବା କରୁଛନ୍ତି। ଯଥାଶୀଘ୍ର ବିଦ୍ୟୁତ୍ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।



ରାସ୍ତା କଡରେ ବିପଦ ସୃଷ୍ଟି କରୁଥିବା ଶୁଖିଲା ଗଛ।

## କୁଟୁରାପାଲିରେ ସ୍ମାର୍ଟ ମିଟରକୁ ବିରୋଧ

ଲୋଇସିଂହା,୨୧।୩(ସୁଶାନ୍ତବାରିକ)

ଲୋଇସିଂହା ବ୍ଲକ ତଥା ବିଦ୍ୟୁତ୍ ସେକ୍ସନ ଅଧୀନ କୁଟୁରାପାଲି ଗ୍ରାମବାସୀ ସ୍ମାର୍ଟ ମିଟରକୁ ବିରୋଧ କରିଛନ୍ତି । ଶୁକ୍ରବାର ଗ୍ରାମକୁ ସ୍ମାର୍ଟ ମିଟର ଲଗାଇବା ପାଇଁ ଯାଇଥିବା ବିଭାଗୀୟ କର୍ମଚାରୀଙ୍କୁ ତୀବ୍ର ବିରୋଧ କରାଯାଇ ଗାଁରୁ ତଡି ଦିଆଯାଇଥିବା ଜଣାପଡିଛି।

ପ୍ରକାଶ ଯେ, ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅଧୀନ କୁଟୁରାପାଲି ଗ୍ରାମର କେତେଜଣ ଉପଭୋକ୍ତାଙ୍କ ଘରେ ସ୍ମାଟ୍ ମିଟର ସ୍ଥାପନ ପାଇଁ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଯାଇଥିଲେ। କୌଣସି ଅଭିଯୋଗ ନ ଥାଇ ଗ୍ରାମର କେତେକ ଉପଭୋକ୍ତାଙ୍କ ଘରେ ଲାଗିଥିବା ସାଧାରଣ ମିଟରକୁ ହଟାଇ ସ୍ମାଟ୍ ମିଟର ଲଗାଇଥିଲେ' ସେହିଦିନ ବିଭାଗ ପକ୍ଷରୁ ଏପରି ଭାବରେ ଗ୍ରାମର ଅନ୍ୟ କେତେଜଣ ଉପଭୋକ୍ତାଙ୍କ ଘରେ ସ୍ମାଟ୍ ମିଟର ଲଗାଇବାକୁ ଯାଉଥିବା ଜାଣି ଗ୍ରାମବାସୀ ଏକଜୁଟ ହୋଇ ବିରୋଧ କରିଥିଲେ । ଏପରି କି ସ୍ମାଟ୍ ମିଟର ଲଗାଇ ନ ଦେଇ ଗାଁରୁ ତଡି ଦେଇଥିବା ଖବର ହସ୍ତଗତ ହୋଇଛି । ଏ ନେଇ ବିଦ୍ୟୁତ୍ ବିଭାଗର ପ୍ରତିକ୍ରିୟା ହସ୍ତଗତ ହୋଇ ପାରିନାହିଁ ।

## 'ନାଟକ 'ଆଏବା ସକାଲ, ସୀତାଠାବ' ମଞ୍ଚସ୍ଥ

### ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ-ନାଟଯାତ୍ରା

ବଲାଙ୍ଗୀର,୨୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦାଇପାଲି ରାମଜୀ ଯୁବକ ସଂଘ ପକ୍ଷରୁ ପଲ୍ଲୀଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ମହାକୋଶଳ କୋଶଲି ନାଟବାଦୀ-ନାଟଯାତ୍ରାର ତୃତୀୟ ସନ୍ଧ୍ୟାରେ ନାଟକ 'ଆଏବା ସକାଲ୍ ଓ ସୀତାଠାବ' ମଞ୍ଚସ୍ଥ ହୋଇଥିଲା। ପ୍ରାରମ୍ଭରେ ସୁଲୋଚନା ମିଶ୍ର ମଞ୍ଚ ପୂଜା କରିଥିଲେ। ସାଇଟ୍ ନର୍ସିଂ କଲେଜ ଅଧକ୍ଷା ସ୍ନିଗଧା ମିନତି ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲିଟି ଅଧକ୍ଷା ଲିକା ସାହୁ ଓ ବଲାଙ୍ଗୀର ବ୍ଲକ ଅଧକ୍ଷା ସରିତା ବାଗ, ପୂର୍ବତନ ବ୍ଲକ ଅଧକ୍ଷ ଗୋଲାପ ବାଗ ମଞ୍ଚାସୀନ ଥିଲେ। ସାଇଟ୍ କଲେଜ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିଲେ। ସଭା ପରେ ବରଗଡ ଜିଲା ସମର୍ପଣ ନାଟ୍ୟ ଅନୁଷ୍ଠାନର 'ଆଏବା ସକାଲ' ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ନାଟ୍ୟକାର ନିସାର ଅହମ୍ମଦ ନିସାର, ଗୀତିକାର ଶାନ୍ତନୁ ପୁରୋହିତ ଏବଂ ଅଭିନୟ ପ୍ରତି ସମର୍ପିତ ପ୍ରତିଭା ସୁଶ୍ରୀ ନୁରଙ୍କୁ ନାଟକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେଓଗାଁ ବ୍ଲକ ଚନ୍ଦ୍ରପୁର ଶ୍ରୀରାମଜୀ କଳା ପରିଷଦର କଳାକାରମାନେ ଗୀତିନାଟ୍ୟ 'ସୀତାଠାବ' ପରିବେଷଣ କରିଥିଲେ। ହନୁମାନ ଭୂମିକାରେ ଅଭିନୟ କରିଥିବା ଶରତ ପୁଟେଲଙ୍କ ଅଭିନୟକୁ ଦର୍ଶକ ପ୍ରଶଂସା କରିଥିଲେ। ବିଏସସି ନର୍ସିଂ ଛାତ୍ରୀ ଲିପିକା ମହାକୁର, ହେମାଙ୍ଗିନୀ ରାଉତ, ଇପସିତା ପ୍ରଧାନ, ହରିପ୍ରିୟା ମହାନନ୍ଦ, ଅଭିଲାଶ ରାଣୀ ନନ୍ଦ, ପାୟଲ ବୁଡେକ, ମାମୁନୀ ରଣା, ରିଆ ଓରାମ, ଅପର୍ଣ୍ଣାରାଣୀ ପୁଟେଲ, ତ୍ରିବେଣୀ ବାଗ, ପୁଷ୍ପାଞ୍ଜଳି ଖମାରୀ, ନମିତା ଏକ୍କା ତଥା ରାମପ୍ରସାଦ ଦାଶ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରହ୍ଲାଦ ଦର୍ଜି ଧନ୍ୟବାଦ ଅର୍ପଣ କରିଥିଲେ।





ନାଟକ 'ଆଏବା ସକାଲ୍'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ବୁବୁଡ଼ାରେ ଷୋହଳ ପ୍ରହର ନାମଯଜ୍ଞ

**ପଦ୍ମପୁର,୨୧।୩ (ପ୍ରଦୀପ୍ତ ଦାଶ) :** ପଦ୍ମପୁର ବ୍ଲକ ଅଧୀନ ବୁବୁଡା ଗ୍ରାମରେ ଆୟୋଜିତ ପବିତ୍ର ଷୋହଳ ପ୍ରହରୀ ନାମଯଜ୍ଞର ଶନିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିନରେ ବିଶେଷ ଆକର୍ଷଣ ରୂପେ ସ୍ଥାନୀୟ ଗାୟକ ରାଧାକାନ୍ତ ବିଶିଙ୍କ ନେତୃତ୍ୱରେ ବୁବୁଡା ରାଧାକୃଷ୍ଣ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହାସହିତ ସୌରେନ୍ଦ୍ରୀ ଜାଲ ଓ ଶ୍ରୀୟା ମେହେର ତାଙ୍କର ସୁମଧୁର କଣ୍ଠରେ ଭକ୍ତମାନଙ୍କୁ ମନୋମୁଗ୍ଧ କରିଥିଲେ। ଏହି ନାମଯଜ୍ଞରେ ବିଭିନ୍ନ ଗ୍ରାମରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖିବାକୁ ମିଳିଛି। ରବିବାର ପୂର୍ଣ୍ଣ ଆହୁତି ଅବସରରେ କୀର୍ତ୍ତନ ବୈଠକୀ କାର୍ଯ୍ୟକ୍ରମ ଆୟୋଜିତ ହେବାର ଯୋଜନା ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ଦିନ ନାମଯଜ୍ଞର ଉଦଯାପନୀ ହେବା ନେଇ ନାମଯଜ୍ଞ କମିଟିର ବରିଷ୍ଠ ସଦସ୍ୟ ବିରେନ କୁମାର ଦାଶ ସୂଚନା ଦେଇଛନ୍ତି। ରାଜେଶ ଡନସନା,ଡିଲେଶ୍ୱର ବରିହା, ପିତବାସ ବୁଡେକ ସପତ୍ନୀକ କର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି।

### ମାଟ୍ରିକ ପରୀକ୍ଷା ଖାତା ଦେଖୁଥିବା ବେଳେ ଶିକ୍ଷକ ଅସୁସ୍ଥ

**ବୌଦ୍ଧ,୨୧।୩ (ଅଜିତ କୁମାର ବାରିକ):** ବୌଦ୍ଧ ଯୋଗେନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟଠାରେ ମାଟ୍ରିକ ପରୀକ୍ଷା ଖାତା ଦେଖୁଥିବା ବେଳେ ଶନିବାର ଦିନ ଜଣେ ଶିକ୍ଷକ ଗୁରୁତର ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଶିକ୍ଷକ ଜଣକ ହେଲେ କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ଦଧିବାମନ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ରଥ । ବୌଦ୍ଧ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ସମେତ ଶିକ୍ଷା ବିଭାଗର ଅନ୍ୟ ଅଧିକାରୀମାନେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଅସୁସ୍ଥ ଶିକ୍ଷକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ ।

### କେନାଲରୁ ଯୁବକଙ୍କ ମୃତଦେହ ଜବତ

**କଲମପୁର,୨୧।୩ (ଗଣେଶରାମ ବାଗ):** କଲମପୁର ଥାନା ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲର ପାତ୍ରବସା ଘାଟରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ପାତ୍ରବସା ଗ୍ରାମର ଝସକେତନ ନାଏକ (୩୫)। ସୂଚନା ଅନୁସାରେ ଝସକେତନ ସକାଳ ୮ଟା ସମୟରେ ମୁଖ୍ୟ କେନାଲ ପାତ୍ରବସା ଘାଟକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଖବର ପାଇ କଲମପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବାହାରକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଲମପୁର ଥାନା ଅଧିକାରୀ ସୁନିଲୋ କଣ୍ଡାଗରି, ଏସ୍‌ଆଇ ଶିବଶଙ୍କର ମହାନ୍ତି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### କଲମପୁର ଥାନାରେ ନୂଆ ଅଧିକାରୀଙ୍କ ଯୋଗଦାନ



**କଲମପୁର, ୨୧।୩ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଥାନାରେ ନୂଆ ଅଧିକାରୀ ଭାବରେ ସୁନିଲୋ କଣ୍ଡାଗରି ଯୋଗଦେଇଛନ୍ତି । ପୂର୍ବରୁ ସେ ଜୁନାଗଡ଼ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ଏଠାରେ ପୂର୍ବରୁ ଥିବା ଥାନା ଅଧିକାରୀ ବିଶ୍ୱମ୍ଭର କହଁରଙ୍କ ଭବାନୀପାଟଣା ସାଇବର ଥାନାକୁ ବଦଳି ହୋଇଛି। ନୂଆ ଥାନା ଅଧିକାରୀ କଣ୍ଡାଗରି ଦାୟିତ୍ୱ ଗ୍ରହଣ କରିବା ପରେ କଲମପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ସହ ଲୋକଙ୍କ ସହଯୋଗରେ ନିଷ୍ଠାପର ଭାବରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଜଙ୍ଗଲ ସଂରକ୍ଷଣର ଆବଶ୍ୟକତାକୁ ଗୁରୁତ୍ୱ

**ଭବାନୀପାଟଣା,୨୧।୩(ଉତ୍ତମ କୁମାର ଦାଶ)**



ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ତୁଣ୍ଡଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଉଛି

ଭବାନୀପାଟଣାସ୍ଥିତ କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଭିଜନ ଅଫିସ ସମ୍ମେଳନ କକ୍ଷରେ ଶନିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ବନଖଣ୍ଡ ପକ୍ଷରୁ ମିଳିତ ଭାବରେ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ଦକ୍ଷିଣ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଆର୍. କଲାଇ ଭାନନ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର ବିଷ୍ଣୋଇ, ଏସିଏଫ୍ (ଦକ୍ଷିଣ) ପ୍ରଭାକର ବର୍ମା, ଏସିଏଫ୍ (ଉତ୍ତର) ପ୍ରଭୁଦତ୍ତ ହିମାଂଶୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉତ୍ତର ବନଖଣ୍ଡ ଏସିଏଫ୍ ମିଶ୍ର ବିଶ୍ୱ ବନ ଦିବସ ଉପରେ ଆଲୋଚନା କରିବା ସହ ଜଙ୍ଗଲ ସଂରକ୍ଷଣର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷର ବିଷୟ ବସ୍ତୁ ରହିଥିବା 'ବନ ଏବଂ ଅର୍ଥନୀତି' ଉପରେ ବ୍ୟାଖ୍ୟା କରି ବନରୁ ମିଳୁଥିବା ଆର୍ଥିକ ଲାଭ ଏବଂ ନିରନ୍ତର ସଂରକ୍ଷଣ ପଦ୍ଧତି ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସେହିପରି ଉତ୍ତର ବନଖଣ୍ଡ ଅଧିକାରୀ ବିଷ୍ଣୋଇ ବନ ବିଭାଗ

**କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ବନଖଣ୍ଡ ପକ୍ଷରୁ ବିଶ୍ୱ ବନ ଦିବସ**

ସମ୍ମୁଖୀନ ହେଉଥିବା ଜଙ୍ଗଲ ନିଆଁ ଏବଂ ଜବରଦଖଲ ପରି ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ କହିଥିଲେ। ଏହି ସମସ୍ୟାଗୁଡ଼ିକୁ ରୋକିବାରେ ଜନ ସଚେତନତା ଉପରେ ଜୋର ଦେଇଥିଲେ। ସେ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିବା ପିଏନ୍‌ଜିଓ ଦଳର ପ୍ରୟାସ ଏବଂ ବନ ମହୋତ୍ସବ ପରି ଅଭିଯାନରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବାରେ ନିଜର ନିଷ୍ଠାପର ସେବା ପାଇଁ ସେ ଅଗ୍ନିଶମ ବାହିନୀକୁ ମଧ୍ୟ ପ୍ରଶଂସା କରିଥିଲେ। ଏହି ଅବସରରେ ବୃକ୍ଷରୋପଣ ଏବଂ ବନୀକରଣ କାର୍ଯ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଭବାନୀପାଟଣା ସବ୍‌ଡିଭିଜନ ସ୍ତରରେ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ତୁଣ୍ଡଲାର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶ୍ରେଷ୍ଠ ପଞ୍ଚାୟତ ଭାବେ କୁଲିଆମାଲ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ସେହିପରି ଧର୍ମଗଡ଼ ସବ୍‌ଡିଭିଜନ ସ୍ତରରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଧର୍ମଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଓ ଶ୍ରେଷ୍ଠ ପଞ୍ଚାୟତ ଭାବେ ତଳଜାରିଙ୍ଗ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଏଥିରେ ଉପରୋକ୍ତ ୨ ପଞ୍ଚାୟତକୁ ୨୦ ହଜାର ଲେଖାଏ ଓ ଶିକ୍ଷାନୁଷ୍ଠାନକୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କୃତ କରାଯାଇଥିଲା। ଏହାସହ ୨୦୨୫ ବର୍ଷରେ ଜଙ୍ଗଲ ନିଆଁ ପ୍ରତିରୋଧ କ୍ଷେତ୍ରରେ ପ୍ରଶଂସନୀୟ ପ୍ରୟାସ ପାଇଁ କୁଟରୁଖମାର (ବନ ସୁରକ୍ଷା ସମିତି)କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

# ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

**ଗାଇସିଲେଟ୍,୨୧।୩(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ୍‌ସ୍ଥିତ ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଗୁରୁବାର ହୋଇଥିବା ବାର୍ଷିକ ଖେଳକୁଦ ପ୍ରତିଯୋଗିତାରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସରପଞ୍ଚ ଶରତ କାଲୋ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଶୁକ୍ରବାର ପ୍ରଧାନ ଶିକ୍ଷକ ଅନିଲ କୁମାର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ସମାରୋହରେ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ଡା. ସୁନିଲ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ପୁରୋହିତ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଉତ୍ତମ ନାଗରିକ ହେବା ପାଇଁ ଆହ୍ୱାନ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଭବାନୀପାଟଣା,୨୧।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗଦେଇ ଛାତ୍ରୀମାନଙ୍କୁ ନିଜର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସମାଜରେ ପ୍ରତିଷ୍ଠିତ ହେବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ବିଶିଷ୍ଟ ଗବେଷକ ପରମେଶ୍ୱର ମୁଣ୍ଡ ଯୋଗଦେଇ ଛାତ୍ରୀମାନଙ୍କୁ ମାନବିକତାର ବାର୍ତ୍ତା ପ୍ରଦାନ କରିବା ସହ ଜଣେ ଜଣେ ଉତ୍ତମ ନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ

**ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ଡ. ଜେନା ଦେଶର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀ ବାଇ ଫୁଲେ ଓ ସମ୍ବିଧାନ ନିର୍ମାତା ଡ. ବାବାସାହେବ ଆମ୍ବେଡକରଙ୍କ ଉଦାହରଣ ଦେଇ ଛାତ୍ରୀମାନେ କିପରି ନିଜ ଲକ୍ଷ୍ୟ ହାସଲ କରିପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧ୍ୟାପକ ଶୁଭମ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ପରିଷଦ ଉପଦେଷ୍ଟା ଧୀରେଶ ଚନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନାଟ୍ୟ ସଂସଦ ସଭାପତି ଡ. ପ୍ରତାପ ସେନାପତି ଧନ୍ୟବାଦ ଦେଇଥିଲେ। ସହଯୋଗୀ ଉପଦେଷ୍ଟା ଡ. ରାଧାରାଣୀ ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଯୁକ୍ତ ୨ ସାଂସ୍କୃତିକ ପରିଷଦ ଉପସଭାପତି ଡ. ସୁରେଶ୍ୱରୀ ବାଘ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନରେ ସାହାଯ୍ୟ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ମହାବିଦ୍ୟାଳୟ ବାର୍ଷିକ ମୁଖପତ୍ର 'ମୂର୍ଚ୍ଛନା' ଓ ଅଧ୍ୟକ୍ଷ ଡ. ଜେନାଙ୍କ ରଚିତ ପୁସ୍ତକ 'ସାଧୀନୋତ୍ତର କାଳରେ ପ୍ରାଚୀନ ଓଡ଼ିଶାର ଇତିହାସ ଲିଖନୀ କଳା' ଉନ୍ମୋଚିତ ହୋଇଥିଲା। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ନାଟକ 'ହକଦାର' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବରଗଡ଼ରେ ଇଦ୍-ଉଲ୍-ଫିତର

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ରେ ଶନିବାର ଇଦ୍-ଉଲ୍-ଫିତର ପାଳିତ ହୋଇଛି। ଏହି ଅବସରରେ ସକାଳେ ଇଦ୍‌ଗାହରେ ବହୁ ସଂଖ୍ୟାରେ ମୁସଲିମ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ସାମୂହିକ ନମାଜ ପାଠ କରିଥିଲେ। ଜାମା ମସଜିଦର ଇମାମ ମୌଲାନା ମୁନୀରୁଦ୍ଦିନ ରିଜବୀଙ୍କ ତତ୍ତ୍ୱାବଧାନରେ ନମାଜ ପାଠ ହୋଇଥିଲା। ନମାଜ ପରେ ଶ୍ରଦ୍ଧାଳୁମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ବିନିମୟ କରିଥିଲେ। ଦେଶର ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ସେହିପରି ଗରିବ ଏବଂ ଅସହାୟଙ୍କୁ ସାହାଯ୍ୟ କରାଯାଇଥିଲା। ଘରେ ଘରେ ପାରମ୍ପରିକ ମିଠା ପ୍ରସ୍ତୁତ କରାଯାଇ ପରିବାର ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ବରଗଡ଼ ସୁନ୍ନି ବରଲବୀ ଜାମା ମସଜିଦ କମିଟିର ଏମ୍‌ଡି ନଇମ, ଶେଖ ଅସଗର, ଏମ୍‌ଡ଼ି ନିଜାମ, ଏମ୍‌ଡ଼ି ବବଲୁ, ଶେଖ ନସିମୁଦ୍ଦିନ, ଶେଖ ନଜିମୁଦ୍ଦିନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରି-ପ୍ରାଇମେରି ବିଭାଗର ସମାବର୍ତ୍ତନ ଉତ୍ସବ

**ଭବାନୀପାଟଣା,୨୧।୩ (ଉତ୍ତମ କୁମାର ଦାଶ):** ଚଳିତ ଶିକ୍ଷାବର୍ଷ (୨୦୨୫-୨୬) ପୂର୍ତ୍ତି ଅବସରରେ ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ପ୍ରି-ପ୍ରାଇମେରୀ ବିଭାଗର ସମାବର୍ତ୍ତନ ଉତ୍ସବ ଶନିବାର ସ୍ଥାନୀୟ ସଭାଗୃହରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାରଙ୍କ ସମେତ ଶିକ୍ଷା ପ୍ରଭାରୀ ଡି. ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର, ଶାଖା ପରିଚାଳକ ଗୁପ୍ତେଶ୍ୱର ଖୁଣ୍ଟିଆ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକ ଯୋଗ ଦେଇଥିଲେ।

# ଓଡ଼ିଆ ଅସ୍ମିତାର ପୁରୋଧା ଥିଲେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶୁକ୍ରବାର ସମ୍ବଲପୁରୀ ବସ୍ତ୍ରାଳୟର ପ୍ରତିଷ୍ଠାତା ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ୧୨୭ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ସ୍ମୃତି କମିଟିର ଅଧ୍ୟକ୍ଷ ଡ. ପ୍ରଦୀପ ହୋତା ଅଧ୍ୟକ୍ଷତା କରିଥିଲେ। ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରସନ୍ନ କୁମାର ଦାଶ କହିଥିଲେ, ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ କେବଳ ଭାରତ ନୁହେଁ, ଦେଶ ବାହାରେ ମଧ୍ୟ ସମ୍ବଲପୁରୀ ବସ୍ତ୍ରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରାଇବାରେ ସଫଳ ହୋଇଥିଲେ। ବିଶ୍ୱ ଦରବାରରେ ବରଗଡ଼ର ଗୌରବ ବୃଦ୍ଧି କରି ସେ ବରଗଡ଼ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ଓଡ଼ିଆ ଅସ୍ମିତାର ମୁଖ୍ୟ ପୁରୋଧା ଥିଲେ। ଫଳରେ ସ୍ୱର୍ଗତ ଆଚାର୍ଯ୍ୟଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରି ତାଙ୍କ ପ୍ରତି ଆମେ କୃତଜ୍ଞ ହେବା ଉଚିତ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ପ୍ରଫେସର ସୁଜିତ କୁମାର ପୃଷ୍ଟେଠ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିଦ୍ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜୀତ ନନ୍ଦୀ ବିବରଣୀ ପଠନ ଏବଂ ହେମନ୍ତ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଶରତ ଲାଲ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ କୃତି ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ସଙ୍ଗୀତାଳୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।



ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

# ନୃସିଂହନାଥ ଯିବା ରାସ୍ତାରେ ଥିବା ବ୍ରିଜ୍‌ରେ ସାଇଡ୍ ୱାଲ୍ ଦାବି

**ପାଇକମାଳ,୨୧।୩(ବଡ଼ ଶତପଥୀ):** ବରଗଡ଼ ଜିଲା ପାଇକମାଳରୁ ନୃସିଂହନାଥ ମନ୍ଦିରକୁ ଯିବାକୁ ହେଲେ ୪କି.ମି. ଅଣଓସାରିଆ ରାସ୍ତା ଅତିକ୍ରମ କରିବାକୁ ପଡ଼େ। ବର୍ତ୍ତମାନ ନୃସିଂହନାଥକୁ ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତଙ୍କ ଯିବା ଆସିବା ପାଇଁ ଗାଡି ମୋଟର ଭିଡ ଲାଗିଛି। ଏହି ୪ କି.ମି ରାସ୍ତାକୁ ୨ ଥାକିଆ ରାସ୍ତା କରାଯିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ପାଇକମାଳରୁ ନୃସିଂହନାଥ ମଧ୍ୟରେ ଦୁଇ ଗୋଟି ବ୍ରିଜ୍ ଅଛି। ଏହି ବ୍ରିଜ୍ ଦୁଇଟି ମୁକୁଳା ହୋଇପଡ଼ିଛି। ବ୍ରିଜ୍‌ର ସାଇଡ୍ ୱାଲ୍ ନାହିଁ। ବ୍ରିଜ୍ ପାଖରେ ଆଲୋକ ନ ଥିବାରୁ ଅନ୍ଧାରୁଆ ଯୋଗୁ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି କି ପ୍ରତିବର୍ଷ ଦୁଇ ତିନିଜଣ ମୃତ୍ୟୁବରଣ କରୁଛନ୍ତି। ତେଣୁ ରାସ୍ତାକୁ ଓସାରିଆ କରାଯାଇ ପାଇକମାଳରୁ ନୃସିଂହନାଥ ଯାଏ ଷ୍ଟ୍ରିଟ୍ ଲାଇଟ ଲଗାଗଲେ ଭକ୍ତମାନେ ସୁବିଧାରେ ଯାଇପାରନ୍ତେ ତଥା ଆକସ୍ମିକ ଦୁର୍ଘଟଣାରୁ ରକ୍ଷା ମିଳିପାରନ୍ତା ବୋଲି ଜନସାଧାରଣ ତଥା ସଚେତନ ନାଗରିକ ଦାବି କରିଛନ୍ତି।

# କଲମପୁରରେ ଇଦ୍-ଉଲ୍-ଫିତର ପାଳିତ

**କଲମପୁର,୨୧।୩(ଗଣେଶରାମ ବାଗ)**

କଲମପୁର ଓ ମୀନଗୁରଠାରେ ସୁନ୍ନି ମୁସଲିମ ଜମାତ ସମ୍ପ୍ରଦାୟ ପକ୍ଷରୁ ଇଦ୍-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି। ସୁନ୍ନି ମୁସଲିମ ଜମାତ ସଭାପତି ମହମ୍ମଦ ଅମିରଙ୍କ ଅଧ୍ୟକ୍ଷତାରେ ଏହି ପର୍ବ ପାଳନ କରାଯାଇଥିଲା। ଅଞ୍ଚଳରେ ବସବାସ କରୁଥିବା ମୁସଲିମ ସମ୍ପ୍ରଦାୟର ଲୋକେ ମାସେ କାଳ ନିର୍ଜଳା ଉପବାସ ରହି ଚଳିତ ତୃତୀୟ ସପ୍ତାହର ଶୁକ୍ରବାର ଅପରାହ୍ନରେ ଚନ୍ଦ୍ର ଦର୍ଶନ କରିଥିଲେ। ଶନିବାର ସକାଳେ ସମ୍ପ୍ରଦାୟର ଅନେକ ମୁସଲିମ ପରିବାର ଇଦ୍‌ଗା ପଡ଼ିଆରେ ଏକତ୍ରିତ ହୋଇ ନମାଜ ପାଠ କରିଥିଲେ। ଭାଇଚାରା ସମ୍ପର୍କ ଓ ଶାନ୍ତି ସମୃଦ୍ଧି ନିମନ୍ତେ ପ୍ରାର୍ଥନା କରି ପରସ୍ପରକୁ ଆଲିଙ୍ଗନକରି ଇଦ୍ ମୁବାରକ ଜଣାଇଥିଲେ। ସୁନ୍ନି ମୁସଲିମ ଜମାତ ସଭାପତି ମହମ୍ମଦ ଅମିର, ମସଜିତ ଖାଁ, ହାସେନ ଅଲ୍ଲୀ, ଲାଲ ଖାଁ, ରଜାକ ଖାଁ, ସବିର ମହମ୍ମଦ, ସରିଫ ଖାଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



ମୁସଲିମ ସମ୍ପ୍ରଦାୟ ଲୋକେ ନମାଜ ପାଠ କରୁଛନ୍ତି।

# ଡିଜେ ବଜାଇ ସଫେଇ ଗାଡ଼ିକୁ ସ୍ୱାଗତ

**ଗାଁ ଜମିରେ ପକାଉଥିଲେ ଆବର୍ଜନା, ଅଭିନବ ପ୍ରତିବାଦ କଲେ ଗ୍ରାମବାସୀ**

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧିନ ବିଭିନ୍ନ ୱାର୍ଡ଼ରୁ ବାହାରୁଥିବା ଆବର୍ଜନା ନିଷ୍କାସନ କରିବା ପୌର ପରିଷଦ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏପର୍ଯ୍ୟନ୍ତ ପୌର ପରିଷଦର ସ୍ଥାୟୀ ଡମ୍ପିଂୟାର୍ଡ଼ଟିଏ ନାହିଁ। ସେହିପରି ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ମଧ୍ୟ ଫେଲ୍ ମାରିଛି। ଏଭଳି ସ୍ଥଳେ ସହରରୁ ବାହାରୁଥିବା ମଇଳା ଆବର୍ଜନାକୁ ସହର ଉପକଣ୍ଠର ବିଭିନ୍ନ ଜାଗା କିମ୍ବା ଗ୍ରାମଗୁଡ଼ିକର ଜମିରେ ପକାଯାଉଛି ଏବଂ ଏଥିପାଇଁ ବିଭିନ୍ନ ସମୟରେ ପୌର ପରିଷଦକୁ ଅପଦସ୍ତ ହେବାକୁ ପଡୁଛି। ଶନିବାର ବରଗଡ଼ ସହର ଉପକଣ୍ଠ କଟାପାଲି ଗ୍ରାମରେ ଏଭଳି ଏକ ଘଟଣା ପରିଲକ୍ଷିତ ହୋଇଥିଲା। ଉକ୍ତ ଗ୍ରାମକୁ ମଇଳା, ଆବର୍ଜନା ଧରି ୪ଟି ସଫେଇ ଗାଡ଼ି(ଟ୍ରାକ୍ଟର) ଯାଇଥିବାବେଳେ ଗ୍ରାମବାସୀ ଅଭିନବ ପ୍ରତିବାଦ କରିଥିଲେ। ଗାଁ ମୁଣ୍ଡରୁ ଡିଜେ ବଜାଇ ସେହି ୪ଟ୍ରାକ୍ଟରକୁ ଗ୍ରାମବାସୀ ଗାଁ ପରିକ୍ରମା କରିବା ସହିତ ସ୍ଥାନୀୟ ରାଜୀବ ଭବନ ପର୍ଯ୍ୟନ୍ତ ନେଇଥିଲେ। ତେବେ ଏଭଳି ଅପଦସ୍ତ ହେବା ପରେ ଉପସ୍ଥିତ ପୌର କର୍ମଚାରୀମାନେ ଆଉ କେବେ ସେଭଳି ଗ୍ରାମକୁ ମଇଳା, ଆବର୍ଜନା ବୋଝେଇ ସଫେଇ ଗାଡ଼ିକୁ ଆଣିବେ ନାହିଁ ବୋଲି କହିଥିଲେ। ସେହିପରି ଗ୍ରାମବାସୀ ମଧ୍ୟ ସେଥିପ୍ରତି ସେମାନଙ୍କୁ ତାଗିଦ୍ କରିଥିଲେ ଏବଂ ଏହାପରେ ଗ୍ରାମରୁ ମଇଳା, ଆବର୍ଜନା ବୋଝେଇ ଟ୍ରାକ୍ଟରଗୁଡ଼ିକ ଫେରି ଆସିଥିଲା।



ଡିଜେ ବଜାଇ ସଫେଇ ଗାଡ଼ିକୁ ସ୍ୱାଗତ କରି ଅଭିନବ ପ୍ରତିବାଦ କରୁଛନ୍ତି।

ସୂଚନା ଅନୁଯାୟୀ, ବିଭିନ୍ନ ସମୟରେ ବରଗଡ଼ ପୌର ପରିଷଦର ଏଭଳି ଆବର୍ଜନା ବୋଝେଇ ଟ୍ରାକ୍ଟର କଟାପାଲି ଗ୍ରାମକୁ ଯାଉଥିଲା। ଗ୍ରାମର ଆଖପାଖ ଜମିରେ ସେହି ମଇଳା, ଆବର୍ଜନାକୁ ସ୍ତୁପ ଭଳି ଗଦା କରି ଟ୍ରାକ୍ଟର ଗୁଡ଼ିକ ଫେରି ଆସୁଥିଲା। ତେବେ ସେଭଳି ମଇଳା, ଆବର୍ଜନା ଯୋଗୁ ଗ୍ରାମର ପରିବେଶ ପ୍ରଦୂଷିତ ହେଉଥିବାବେଳେ ଜମିରେ ଚାଷ କରିବା ମଧ୍ୟ କଷ୍ଟସାଧ୍ୟ ହୋଇ ପଡୁଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଶନିବାର ଅନୁରୂପଭାବେ ଆବର୍ଜନା ବୋଝେଇ ୪ଟ୍ରାକ୍ଟର ଗ୍ରାମକୁ ପ୍ରବେଶ କରୁଥିବାବେଳେ ସ୍ଥାନୀୟ ସରପଞ୍ଚ ରମେଶ କୁମାର ସାହୁଙ୍କ ହାବୁଡ଼ରେ ପଡ଼ିଥିଲା। ଏହାପରେ ସରପଞ୍ଚ ସାହୁଙ୍କ ସମେତ ଅନ୍ୟ କେତେକ ସଚେତନ ଗ୍ରାମବାସୀ ସେଠାକୁ ଡିଜେ ଗାଡ଼ି ଆଣିଥିଲେ । ଡିଜେ ବଜାଇବା ସହିତ ତାଙ୍କ ପଛକୁ ଆବର୍ଜନା ବୋଝେଇ ଟ୍ରାକ୍ଟର ଚଳାଇ ଗାଁ ପରିକ୍ରମା କରି ସ୍ଥାନୀୟ ରାଜୀବ ଭବନ ପର୍ଯ୍ୟନ୍ତ ନେଇଥିଲେ। ଗ୍ରାମବାସୀଙ୍କ ଏଭଳି ପ୍ରତିବାଦ ଏବେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶଥାଉକି, ପୂର୍ବରୁ ପୌର ପରିଷଦ ଅଞ୍ଚଳରୁ ନିର୍ଗତ ମଇଳା, ଆବର୍ଜନାକୁ ସହର ଉପକଣ୍ଠ ମୁଣ୍ଡାପଡ଼ା ନିକଟ ଡମ୍ପିଂୟାର୍ଡ଼ରେ ପକାଯାଉଥିଲା। ତେବେ ମୁଣ୍ଡାପଡ଼ାବାସୀଙ୍କ ବିରୋଧ ପରେ କଥାଟି ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା ଏବଂ ଶେଷରେ ସେହି ଡମ୍ପିଂୟାର୍ଡ଼ରେ ଆବର୍ଜନା ପକାଇବାକୁ ପୌର ପରିଷଦ ବାଧ୍ୟ ହୋଇଥିଲା। ସେହିପରି ଜୀରାନଦୀ କୂଳ, ରେଳ ଷ୍ଟେଶନ ନିକଟ ଆଦି ସ୍ଥାନରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ସ୍ଥାପନ କରାଯାଇ ଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ଭଳି ହୋଇଛି। ଫଳରେ ସହରରୁ ନିର୍ଗତ ଆବର୍ଜନା ତଥା ବର୍ଜ୍ୟବସ୍ତୁ ପରିଚାଳନାର ଏକ ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

**ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ**

**ବେଲପାହାଡ଼, (ସୁବାସ ପ୍ରଧାନ):** ଗଞ୍ଜେଇ ଚୋରାଚାଲାଣ ଘଟଣାରେ ବେଲପାହାଡ଼ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବେଲପାହାଡ଼ ଥାନା ଗୁମାଡେରା ଅଞ୍ଚଳର ସନ୍ତୋଷ ମହାରାଜ (୪୫)। ତାଙ୍କ ନିକଟରୁ ୩ କେଜି ୭୦ ଗ୍ରାମ୍ ଗଞ୍ଜେଇ,୧୩ ହଜାର ୨୫୦ ଟଙ୍କା, ଗୋଟିଏ ମୋବାଇଲ, ଗୋଟିଏ ବାଇକ୍ ଜବତ କରାଯାଇଛି। ଶୁକ୍ରବାର ସେ ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ବେଲପାହାଡ଼ ଅଞ୍ଚଳରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା(ନଂ.୫୭/୨୬) ରୁଜୁ ହୋଇଛି।

## ସଂକ୍ଷେପରେ

### ଜମି ପଞ୍ଜୀକରଣ ସ୍ଲଟ୍ ବୃଦ୍ଧି ଦାବି

**ଲଖନପୁର, ୨୧।୩(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ସବ୍ ରେଜିଷ୍ଟର କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ସ୍ଲଟ୍ ବୃଦ୍ଧି କରିବା ପାଇଁ ଓକିଲମାନେ ଦାବି କରିଛନ୍ତି । ଏନେଇ ଓକିଲମାନଙ୍କ ପକ୍ଷରୁ ଏକ ଦାବିପତ୍ର ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଇଜିଆର୍ ଭୁବନେଶ୍ୱର, ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳଙ୍କ ନିକଟକୁ ଶନିବାର ପଠାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଲଖନପୁର ସବ୍ ରେଜିଷ୍ଟ୍ରାର କ୍ଷେତ୍ର ଅଧୀନରେ ୩୩ଟି ପଞ୍ଚାୟତ ଏବଂ ଗୋଟିଏ ପୌର ପରିଷଦ ରହିଛି। ହେଲେ ଜମି ପଞ୍ଜୀକରଣ ପାଇଁ ପ୍ରତିଦିନ ମାତ୍ର ୧୪ଟି ସ୍ଲଟ୍ ଉପଲବ୍ଧ ରହୁଛି। ଯାହା ପର୍ଯ୍ୟାପ୍ତ ନୁହେଁ ଏବଂ ଏହା ଲୋକଙ୍କ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ତେଣୁ ଲଖନପୁରବାସୀଙ୍କୁ ଜମି ପଞ୍ଜୀକରଣ କ୍ଷେତ୍ରରେ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ପ୍ରତିଦିନ ମିଳୁଥିବା ସ୍ଲଟ୍‌ଗୁଡିକୁ ୧୪ରୁ ୩୦କୁ ବୃଦ୍ଧି କରାଯାଉ ବୋଲି ଓକିଲମାନଙ୍କ ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ ଓକିଲ ପ୍ରଶାନ୍ତ କୁମାର ବିଶ୍ୱାଳ, ମୁରଲୀ ନାୟକ, ଈଶ୍ୱର କଉଡ଼ି, ହେମନ୍ତ କୁମାର ପ୍ରଧାନ, ଜେ.କେ. ସିଂ, ଏସ୍‌କେ ପଡିଆରୀ, ଲକ୍ଷ୍ମୀକାନ୍ତ ବାଗ୍‌ଙ୍କ ସହମତିରେ ଏହି ଦାବିପତ୍ର ପଠାଯାଇଛି।

### ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ମା' କନକଦୁର୍ଗା



**ଦେବଗଡ଼,୨୧।୩ (ଶଶାଙ୍କ ଶେଖର ଝାଙ୍କର)**

ବାସନ୍ତିକ ନବରାତ୍ର ପୂଜାର ଶନିବାର ତୃତୀୟ ଦିବସରେ ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ଏହି ଅବସରରେ ବିଭିନ୍ନ ପୂଜାର୍ଚ୍ଚନା ପରେ ମା' କନକଦୁର୍ଗାଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦର୍ଶନ କରିବା ପାଇଁ ମନ୍ଦିରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ମା' ଦକ୍ଷିଣକାଳୀ ଓ ଶନି ମନ୍ଦିରରେ ମଧ ବାସନ୍ତିକ ନବରାତ୍ର ପୂଜାର୍ଚ୍ଚନା ଚାଲିଛି।

### ବିଭିନ୍ନ ସ୍ଥାନରେ ଇଦ୍ ପାଳନ

**ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରେ ଇଦ୍ ପର୍ବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଇଦ୍‌ଗା ମସ୍‌ଜିଦ୍‌ଠାରେ ମୌଲାନା ହାଜରତ ଫରୁକି ନିଜାମି, ସଦର ମସ୍‌ଜିଦ୍‌ଠାରେ ମୌଲାନା ମସଜିଦୁଲ ହଦୀଦ୍, ହଟଲିପଡ଼ା ମସ୍‌ଜିଦ୍‌ଠାରେ ମୌଲାନା ନହୀଦ ଅଖ୍ତର, ମଙ୍ଗଳବଜାର ମସ୍‌ଜିଦ୍‌ଠାରେ ମୌଲାନା ଜୁନେଦ ଅକ୍ତର ମିସବାହାଇ, ତେଲିଭଟା ମସ୍‌ଜିଦ୍‌ଠାରେ ମୌଲାନା ଅଫ୍‌ତାବ୍ ଆଲମ ମିସବାହାଇ, ମିଲଟ୍ କଲୋନୀଠାରେ ମୌଲାନା ଇମାମ ଇତେସାମ ରେଜିଭି ନମାଜ ପାଠ କରିଥିଲେ।

### ଏମ୍‌ସିଏଲ୍ ଓରିଏଣ୍ଟ ଖଣି, ଇକୋ ପାର୍କ ପରିଦର୍ଶନ କଲେ ଜିଲାପାଳ

**ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଶୁକ୍ରବାର ଏମ୍‌ସିଏଲ୍ ଓରିଏଣ୍ଟ ଖଣି ନମ୍ବର-୪ ସହିତ ଏହା ପରିସରରେ ନିର୍ମିତ ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ, ଏଠାରେ ଥିବା ସ୍ୱତନ୍ତ୍ର ଖଣି ମ୍ୟୁଜିୟମ ପରିଦର୍ଶନ କରିଛନ୍ତି। ଜିଲାପାଳ ମ୍ୟୁଜିୟମ ବୁଲି ଦେଖିବା ସହ ଝାରସୁଗୁଡ଼ାର ସମୃଦ୍ଧ ଖଣି ଇତିହାସ ସମ୍ପର୍କରେ ଜିଲାର ଛାତ୍ରୀଛାତ୍ର କିଭଳି ଅଧିକ ସଚେତନ ହୋଇପାରିବେ ସେ ସମ୍ପର୍କରେ ଅଧିକାରୀଙ୍କ ସହ ଅଧିକ ଆଲୋଚନା କରିଥିଲେ। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ମାଟି ତଳୁ କିଭଳି କୋଇଲା ଉତ୍ତୋଳନ କରାଯାଏ, ସେ ସମ୍ବନ୍ଧରେ ଏଠାରେ ପ୍ରଦର୍ଶିତ ମଡେଲଗୁଡ଼ିକୁ ଜିଲାପାଳ ଅନୁଧ୍ୟାନ କରିଥିଲେ।

# ସମ୍ପ୍ରସାରଣ ହେବ ଝାରସୁଗୁଡ଼ା ବିମାନବନ୍ଦର

## ସ୍ଥିତି ସମୀକ୍ଷାକଲେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ



ପ୍ରମୁଖ ସଚିବ ଏନ.ବି.ଏସ୍. ରାଜପୁତ ସ୍ଥିତି ସମୀକ୍ଷା କରୁଛନ୍ତି।

**ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଏନ.ବି.ଏସ୍. ରାଜପୁତ ବିମାନବନ୍ଦର ପରିସରରେ ଶନିବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ସମ୍ପ୍ରସାରଣ ଯୋଜନାର ଅନୁଧ୍ୟାନ କରିଛନ୍ତି। ବିଶେଷକରି ଏହି ବିମାନ ବନ୍ଦରକୁ ଅନ୍ତର୍ଜାତୀୟ ମାନର କରିବା ଏବଂ ଏଠାରେ ବଡ଼ଧରଣର ବୋଇଂ-୭୭୭ ବିମାନ ଅବତରଣ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ସମୀକ୍ଷା କାର୍ଯ୍ୟକ୍ରମ ସମୟରେ ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ରହି ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଭୂମି ଏବଂ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସମ୍ପ୍ରସାରଣ ପାଇଁ ଅତିରିକ୍ତ ୨୩୫ ଏକର ଜମିର ଆବଶ୍ୟକତା ରହିଥିବାବେଳେ ଏହାର ଅଧିଗ୍ରହଣ ପ୍ରକ୍ରିୟା କିଭଳି ତ୍ୱରାନ୍ୱିତ ହେବ, ସେନେଇ ଜିଲାପାଳ ଚହ୍ୱାଣ ପ୍ରମୁଖ ସଚିବଙ୍କୁ ଅବଗତ କରାଇଛନ୍ତି। ବର୍ତ୍ତମାନ ଏହି ବିମାନବନ୍ଦର କେବଳ ଘରୋଇ ସେବା ମଧ୍ୟରେ ସୀମିତ ଥିବାବେଳେ ଅଧିକ ଜମି ଅଧିଗ୍ରହଣ ପରେ ରନ୍‌ୱେ ଏବଂ ଟର୍ମିନାଲର ସମ୍ପ୍ରସାରଣ କରାଯିବ। ଏହି ଗସ୍ତ ସମୟରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ପାଇଁ ଲୋକଙ୍କ ସହଯୋଗ ଜରୁରୀ



ବାବୁଛିପିଡ଼ିହି ସ୍କୁଲର ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)**

## ବିଶ୍ୱ ବନ ଦିବସ ପାଳିତ

ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ ଶନିବାର ପୂର୍ବାହ୍ନରେ ଏଚ୍. କଣ୍ଟାପାଲିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଅଶୋକ ମନୁଭଇ ଯୋଗଦେଇ କହିଛନ୍ତି, ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗ ଜରୁରୀ। ଏଥିରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ, ଜିଲା ପରିବେଶ ସମିତିର ସଦସ୍ୟ ତ୍ରିନାଥ ଗୁଆଲ, ନରେଶ ନାୟକ, ସଚିନ୍ଦ୍ର ପଟେଲ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିରେ ଝାରସୁଗୁଡ଼ା ରେଞ୍ଜର ବିଜୟ କୁମାର ପ୍ରଧାନ ଏବଂ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଚଳିତବର୍ଷ ଉଲ୍ଲେଖନୀୟ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନିକ୍ତିମାଲ ପଞ୍ଚାୟତକୁ ସର୍ବଶ୍ରେଷ୍ଠ ପଞ୍ଚାୟତ ଏବଂ ବାବୁଛିପିଡ଼ିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ନିକ୍ତିମାଲ ସରପଞ୍ଚ ଏବଂ ବାବୁଛିପିଡ଼ିହି ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୋଠା ଉଦ୍‌ଘାଟନ, ନୂତନ ସେକ୍ସନ ଖୋଲାଯାଉ

**ଦେବଗଡ଼,୨୧।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ଦୁଇଟି ଲେଖାଏ ସେକ୍ସନ ଖୋଲିବା ସହ ନୂତନ କୋଠା ଉଦ୍‌ଘାଟନ ପାଇଁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଛେଣ୍ଡିପଦାଠାରେ ଆଲୋଚନା କରିଛନ୍ତି। ଏଥିସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୦ ମସିହାରୁ ଅସ୍ଥାୟୀ ଭାବେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଚାଲୁଛି। ତେବେ ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ନବନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ କୋଠା ନିର୍ମାଣ ସରିଥିବାରୁ ସେଠାରେ ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ରୁ ଦୁଇଟି ଲେଖାଏ ସେକ୍ସନ ଖୋଲିବା ପାଇଁ ବିଧାୟକ ବିଶ୍ୱାଳ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ତେବେ ଆସନ୍ତା ଏପ୍ରିଲରେ ନୁତନ କୋଠା



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦିଆଯାଉଛି।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର

ଉଦ୍‌ଘାଟନ ସହିତ ଦୁଇଟି ଲେଖାଏ ସେକ୍ସନ ଖୋଲାଯିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ସହିତ ଦେବଗଡ଼ ଜିଲା ବରିଷ୍ଠ ନାଗରିକ କମିଟି ପକ୍ଷରୁ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ଦୁଇଟି ଲେଖାଏ ସେକ୍ସନ ଖୋଲିବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ଲେଖାଏ ସେକ୍ସନ ଥିବାରୁ ଜିଲାର ବହୁ ମେଧାବୀ ଛାତ୍ରୀଛାତ୍ର ନାମ ଲେଖାରୁ ବଞ୍ଚିତ ହେଉଛନ୍ତି। ନୂତନ କୋଠାରେ ଦୁଇଟି ସେକ୍ସନ ଖୋଲାଗଲେ ବହୁ ଛାତ୍ରୀଛାତ୍ର ପାଠ ପଢିପାରିବେ ବୋଲି କୁହାଯାଉଛି ।

# ଜମି ଅଧିଗ୍ରହଣ, ଥଇଥାନ ସମ୍ପର୍କିତ ଜନଶୁଣାଣି

**ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟସ୍ଥିତ ବୈଠକ ଗୃହରେ ବେଦାନ୍ତ ଲିମିଟେଡ୍‌ର ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ସମ୍ପର୍କିତ ଜନଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାତିକେଲା ଓ ଭୁର୍କାମୁଣ୍ଡା ଗ୍ରାମର ଜମି ଅଧିଗ୍ରହଣ ଜନିତ ସମସ୍ୟା ଏବଂ ଗ୍ରାମବାସୀଙ୍କ ଦାବି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ବିସ୍ଥାପନ ପ୍ରକ୍ରିୟା ଏବଂ କମ୍ପାନୀ ପକ୍ଷରୁ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଉପରେ ଗ୍ରାମବାସୀ ମତାମତ ଉପସ୍ଥାପନ କରିଥିଲେ। ବୈଠକରେ ଜିଲାପାଳ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗ ଶୁଣିବା ପରେ କହିଥିଲେ, ଏହି ସମସ୍ୟାର ସମାଧାନ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। କମିଟିର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ନିଯୁକ୍ତି ସମ୍ବନ୍ଧୀୟ ଦାବି ସମ୍ପର୍କରେ ଆସନ୍ତା ଆର୍‌ପିଡିଏସି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଉଚିତ୍ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ଏହାସହ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲାପାଳ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହେବା ପର୍ଯ୍ୟନ୍ତ ବେଦାନ୍ତ ଲିମିଟେଡ୍ ନିଜର ସିଏସ୍‌ଆର୍ ପାଣ୍ଠି ମାଧ୍ୟମରେ ବାୟୁ ଏବଂ ଜଳ ପ୍ରଦୂଷଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି। ଏହି ଜନଶୁଣାଣିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ), ସହକାରୀ ଜିଲାପାଳ, କାତିକେଲା ସରପଞ୍ଚଙ୍କ ସମେତ ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ଏବଂ ବେଦାନ୍ତ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେବଗଡ଼,୨୧।୩ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ସଦର କଲ୍ୟାଣ ମଣ୍ଡପଠାରେ ରିଆମାଳ ଭାଜପା ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡଳ ସଭାପତି ସଞ୍ଜୀବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ଅରୁଣ ସାହୁ, ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ଉପସଭାପତି ନିରଞ୍ଜନ ବେହେରା ଓ ସାଧାରଣ ସମ୍ପାଦକ ତଥା ମଣ୍ଡଳ ପ୍ରଭାରୀ ମହନ୍ତ ବେହେରା ଯୋଗଦେଇଥିଲେ। ପୂର୍ବତନ ବ୍ଲକ୍ ସଭାପତି ରାକେଶ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୮ଟି ସ୍ତରରେ ମଣ୍ଡଳର ୧୨ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

# ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟରେ ଉନ୍ନତ ସେବା ପ୍ରଦାନକୁ ଗୁରୁତ୍ୱ

## ପିଏମ୍‌ଶ୍ରୀ ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ବିକାଶ ସମ୍ପର୍କିତ ସମୀକ୍ଷା ବୈଠକ

**ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟସ୍ଥିତ ଓସ୍ୱାନ ଭିସି କୋଠରିରେ ସମୀକ୍ଷା ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ଜିଲାରେ ଚାଲିଥିବା ପିଏମ୍‌ଶ୍ରୀ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ଜନହିତକର ପ୍ରକଳ୍ପର ପରିଚାଳନା ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରିଛନ୍ତି। ବିଶେଷକରି ସରକାରୀ ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟଗୁଡ଼ିକରେ ଉନ୍ନତମାନର ସେବା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଣିକି ପ୍ରତି ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ଯୋଗଦେଇ ସେମାନଙ୍କ ଅଞ୍ଚଳରେ ଥିବା ପିଏମ୍‌ଶ୍ରୀ ସ୍କୁଲ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଆଦର୍ଶ ପଞ୍ଚାୟତଗୁଡ଼ିକରେ ଚାଲିଥିବା କାର୍ଯ୍ୟର ରିପୋର୍ଟ ପ୍ରଦାନ କରିବେ। ଜିଲାର ପ୍ରତି ବ୍ଲକ୍‌ରେ ଅନ୍ତତଃ ପକ୍ଷେ ଗୋଟିଏ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ବା ମଡେଲ ଜିପି ଭାବେ ଗଢ଼ିତୋଳିବା ପାଇଁ ବ୍ଲକ୍‌ଗୁଡ଼ିକ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରକଳ୍ପଗୁଡ଼ିକର ଗୁଣବତ୍ତା ଯାଞ୍ଚ ପାଇଁ ଜିଲାପାଳ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ନିୟୋଜିତ ବରିଷ୍ଠ ଅଧିକାରୀମାନେ ନିଜ ଭିତରେ ଆବଣ୍ଟିତ ବ୍ଲକ୍ ପରିଦର୍ଶନ କରି କ୍ଷେତ୍ରସ୍ତରରେ କାର୍ଯ୍ୟର ମାନ ତଦାରଖ କରିବେ। ସମୟସୀମା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ଜିଲାପାଳ

**ବ୍ରଜରାଜନଗର, ୨୧।୩ (ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଶନିବାର ବ୍ରଜରାଜନଗର ପୌରାଞ୍ଚଳ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବିଶେଷକରି ସହରର ଗମନାଗମନ ସୁବିଧା ଏବଂ ଶିକ୍ଷାର ବିକାଶ ପାଇଁ ପ୍ରସ୍ତାବିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରି ଆଲୋଚନା କରିଛନ୍ତି। ଜିଲାପାଳ ପ୍ରଥମେ ଖାଲିଆକାନି ଅଞ୍ଚଳ ଗସ୍ତକରି ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଚିହ୍ନଟ ହୋଇଥିବା ଜମି ଦେଖିଥିଲେ। ସହରରେ ବଢୁଥିବା ଜନସଂଖ୍ୟା ଓ ଯାତାୟାତ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ବସ୍‌ଷ୍ଟାଣ୍ଡର ଆବଶ୍ୟକତା ରହିଥିବାବେଳେ ଏହାର ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଆରମ୍ଭ ହୋଇପାରିବ ସେ ସମ୍ପର୍କରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏହାପରେ ଜିଲାପାଳ ବ୍ରଜରାଜନଗର ମହିଳା ମହାବିଦ୍ୟାଳୟ ନିକଟକୁ ଯାଇ ପ୍ରସ୍ତାବିତ ପାଠାଗାର ସ୍ଥାନ ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଏକ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ପାଠାଗାର ନିର୍ମାଣ ପାଇଁ ଯୋଜନା ରହିଛି। ସ୍ଥାନୀୟ ଅଞ୍ଚଳର ପିଲାମାନେ ଯେପରି ଏହାର ସୁଫଳ ପାଇପାରିବେ, ସେଥିପାଇଁ ତୁରନ୍ତ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଉପସ୍ଥିତ ରହି ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ଦେବଗଡ଼,୨୧।୩ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ଦୁଧିଆନାଳି ଗ୍ରାମପଞ୍ଚାୟତ ଅଧୀନ ଖଜୁରୀଦର୍ହ ଗ୍ରାମରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସହକାରୀ ମତ୍ସ୍ୟ ଅଧିକାରୀ ଭୁବନେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ଝସକେତନ ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ କିରଣ କୁମାର ମାଝୀ ଓ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମାନସ ରଞ୍ଜନ ପରିଡ଼ା ଯୋଗଦେଇଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସାହୁ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ବିଭାଗୀୟ ଯୋଜନାଗୁଡିକ ଉପରେ ସୂଚନା ଦେଇଥିଲେ। ଏହି କର୍ମଶାଳାରେ ବହୁସଂଖ୍ୟକ ଚାଷୀ, ସ୍ୱୟଂ ସହାୟିକ ଗୋଷ୍ଠୀର ସଦସ୍ୟା ଓ କର୍ମକର୍ତ୍ତା ଏବଂ ଉଦ୍ୟାନ କୃଷି ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଦେବଗଡ଼ ବନଖଣ୍ଡର ୪ ଅଧିକାରୀ, କର୍ମଚାରୀ ରାଜ୍ୟସ୍ତରରେ ପୁରସ୍କୃତ

**ଦେବଗଡ଼,୨୧।୩(ଶଶାଙ୍କ ଶେଖର ଝାଙ୍କର)**

ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ସେବା ଏବଂ ବଳିଷ୍ଠ ଅବଦାନ ପାଇଁ ଦେବଗଡ଼ ବନଖଣ୍ଡର ୪ ଜଣ ଅଧିକାରୀ ଓ କର୍ମଚାରୀ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଶନିବାର ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ମାନିତ କରାଯାଇଛି। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ, ଠିଆନାଳ ସେକ୍ସନ ବନପାଳ ଭୀମସେନ ଶତପଥୀ, ଖମାର ବନାଞ୍ଚଳ ଅନ୍ତର୍ଗତ ବନରକ୍ଷୀ ବବିତା ନାୟକ ଏବଂ ପାଲଲହଡ଼ା ବନାଞ୍ଚଳ ଅନ୍ତର୍ଗତ ବନରକ୍ଷୀ ଯଶୋବନ୍ତ ଦାସ ନିଜ କାର୍ଯ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମସ୍ତଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ସେମାନଙ୍କ ସଫଳତା ପାଇଁ ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମି ଜୀ, ସ୍ୱାଧୀନତା ସାହାଣୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରାଜ୍ୟସ୍ତରରେ ପୁରସ୍କୃତ ହେଇଥିବା ୪ ଅଧିକାରୀ ଓ କର୍ମଚାରୀ।

# ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

## ବିଶ୍ୱ ବନ ଦିବସ ପାଳିତ

**ଦେବଗଡ଼,୨୧।୩(ଶଶାଙ୍କ ଶେଖର ଝାଙ୍କର)**



କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତିକୁ ପୁରସ୍କୃତ କରାଯାଉଛି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସ୍ଥାନୀୟ ବନ ବିଭାଗ ସମ୍ମିଳନୀ କକ୍ଷରେ ଶନିବାର ବନଖଣ୍ଡସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମି ଜିଙ୍କ ଅଧ୍ୟକ୍ଷତା ଓ ସହକାରୀ ବନ ସଂରକ୍ଷକ ଅରୁଣ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ପି ଅନିଲ କୁମାର ମିଶ୍ର ଯୋଗଦେଇ ଆଲୋଚ୍ୟ ବିଷୟବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ଉପରେ ବକ୍ତବ୍ୟ ଦେଇଥିଲେ। ଅର୍ଥନୀତି କ୍ଷେତ୍ରରେ ମହୁଲ, କେନ୍ଦୁପତ୍ର, ଝୁଣା ଓ ଚାର ମଞ୍ଜି ଆଦି ଜଙ୍ଗଲଜାତ ଦ୍ରବ୍ୟର ଉପାଦେୟତା, ମଣିଷ ବଞ୍ଚି ରହିବା ନିମନ୍ତେ ପ୍ରକୃତିର ଭୂମିକା ସମେତ ଜଙ୍ଗଲ ସୁରକ୍ଷା ଓ ସୁସ୍ଥ ଜଳବାୟୁର ଆବଶ୍ୟକତା ଉପରେ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ବନସେବା ପାଇଁ ପ୍ରଶିକ୍ଷଣରତ ଅଧିକାରିଣୀ ମେଧା ସିହ୍ନା, ସହକାରୀ ବନ ସଂରକ୍ଷକ ଅରୁଣ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ଦେବଗଡ଼ ଜିଲାରେ ଜଙ୍ଗଲ ବୃଦ୍ଧି ଏବଂ ଜଙ୍ଗଲକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଏବଂ ବନ ବିଭାଗ ଅର୍ଥକୁ ସୁପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ବାରକୋଟ ବନାଞ୍ଚଳ ଠିଆନାଳ ସେକ୍ସନ ମଧୁପୁର ପଞ୍ଚାୟତ, ପାଲଲହଡ଼ା ବନାଞ୍ଚଳର ସଇଡ଼ା ପଞ୍ଚାୟତ ସମେତ ଦେବଗଡ଼ ବନାଞ୍ଚଳ କଂସର ସରକାରୀ ଉଚ୍ଚ ବିଦ୍ୟାଳୟ, ପାଲଲହଡ଼ା ବନାଞ୍ଚଳ ଝାରବେଡ଼ା ଉଚ୍ଚ ବିଦ୍ୟାଳୟ ଏବଂ ବନାଗ୍ନି ଆୟତ୍ତ ଓ ଜଙ୍ଗଲ ସୁରକ୍ଷା ପାଇଁ ମେଞ୍ଚାରିବାହାଲ, ଦେଓଝରନ, ଦମିତା, କୃତ୍ତିବାସପୁର, ବାଲିପଶି ବନ ସୁରକ୍ଷା ସମିତିକୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବନବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସ୍ୱାଧୀନତା ସାହାଣୀ ଧନ୍ୟବାଦ ଦେଇଥିଲେ।

# ଜଙ୍ଗଲ ସଂରକ୍ଷଣର ଆବଶ୍ୟକତାକୁ ଗୁରୁତ୍ୱ

ଭବାନୀପାଟଣା,୨୧।୩(ଉତ୍ତମ କୁମାର ଦାଶ)



ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ତୁଣ୍ଡଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଉଛି

ଭବାନୀପାଟଣାସ୍ଥିତ କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଭିଜନ ଅଫିସ ସମ୍ମେଳନ କକ୍ଷରେ ଶନିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ବନଖଣ୍ଡ ପକ୍ଷରୁ ମିଳିତ ଭାବରେ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ଦକ୍ଷିଣ ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ଆର୍. କଲାଇ ଭାନନ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର ବିଷ୍ଣୋଇ, ଏସିଏଫ୍ (ଦକ୍ଷିଣ) ପ୍ରଭାକର ବର୍ମା, ଏସିଏଫ୍ (ଉତ୍ତର) ପ୍ରଭୁଦତ୍ତ ହିମାଂଶୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉତ୍ତର ବନଖଣ୍ଡ ଏସିଏଫ୍ ମିଶ୍ର ବିଶ୍ୱ ବନ ଦିବସ ଉପରେ ଆଲୋଚନା କରିବା ସହ ଜଙ୍ଗଲ ସଂରକ୍ଷଣର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷର ବିଷୟ ବସ୍ତୁ ରହିଥିବା 'ବନ ଏବଂ ଅର୍ଥନୀତି' ଉପରେ ବ୍ୟାଖ୍ୟା କରି ବନରୁ ମିଳୁଥିବା ଆର୍ଥିକ ଲାଭ ଏବଂ ନିରନ୍ତର ସଂରକ୍ଷଣ ପଦ୍ଧତି ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସେହିପରି ଉତ୍ତର ବନଖଣ୍ଡ ଅଧିକାରୀ ବିଷ୍ଣୋଇ ବନ ବିଭାଗ

**କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ବନଖଣ୍ଡ ପକ୍ଷରୁ ବିଶ୍ୱ ବନ ଦିବସ**

ସମ୍ମୁଖୀନ ହେଉଥିବା ଜଙ୍ଗଲ ନିଆଁ ଏବଂ ଜବରଦଖଲ ପରି ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ କହିଥିଲେ। ଏହି ସମସ୍ୟାଗୁଡ଼ିକୁ ରୋକିବାରେ ଜନ ସଚେତନତା ଉପରେ ଜୋର ଦେଇଥିଲେ। ସେ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିବା ପିଏନ୍‌ଜିଓ ଦଳର ପ୍ରୟାସ ଏବଂ ବନ ମହୋତ୍ସବ ପରି ଅଭିଯାନରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବାରେ ନିଜର ନିଷ୍ଠାପର ସେବା ପାଇଁ ସେ ଅଗ୍ନିଶମ ବାହିନୀକୁ ମଧ୍ୟ ପ୍ରଶଂସା କରିଥିଲେ। ଏହି ଅବସରରେ ବୃକ୍ଷରୋପଣ ଏବଂ ବନୀକରଣ କାର୍ଯ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଭବାନୀପାଟଣା ସବ୍‌ଡିଭିଜନ ସ୍ତରରେ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ତୁଣ୍ଡଲାର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶ୍ରେଷ୍ଠ ପଞ୍ଚାୟତ ଭାବେ କୁଳିଆମାଲ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ସେହିପରି ଧର୍ମଗଡ଼ ସବ୍‌ଡିଭିଜନ ସ୍ତରରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଧର୍ମଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଓ ଶ୍ରେଷ୍ଠ ପଞ୍ଚାୟତ ଭାବେ ତଳଜାରିଙ୍ଗ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଏଥିରେ ଉପରୋକ୍ତ ୨ ପଞ୍ଚାୟତକୁ ୨୦ ହଜାର ଲେଖାଏ ଓ ଶିକ୍ଷାନୁଷ୍ଠାନକୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କୃତ କରାଯାଇଥିଲା। ଏହାସହ ୨୦୨୫ ବର୍ଷରେ ଜଙ୍ଗଲ ନିଆଁ ପ୍ରତିରୋଧ କ୍ଷେତ୍ରରେ ପ୍ରଶଂସନୀୟ ପ୍ରୟାସ ପାଇଁ କୁଟରୁଖମାର (ବନ ସୁରକ୍ଷା ସମିତି)କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

# କେନାଲରୁ ଯୁବକଙ୍କ ମୃତଦେହ ଜବତ

କଲମପୁର,୨୧।୩ (ଗଣେଶରାମ ବାଗ)

କଲମପୁର ଥାନା ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲର ପାତ୍ରବସା ଘାଟରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ପାତ୍ରବସା ଗ୍ରାମର ଝସକେତନ ନାଏକ (୩୫)। ସୂଚନା ଅନୁସାରେ ଝସକେତନ ସକାଳ ୮ଟା ସମୟରେ ମୁଖ୍ୟ କେନାଲ ପାତ୍ରବସା ଘାଟକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଖବର ପାଇ କଲମପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବାହାରକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଲମପୁର ଥାନା ଅଧିକାରୀ ସୁନିଲୋ କଣ୍ଡାଗରି, ଏସ୍ଆଇ ଶିବଶଙ୍କର ମହାନ୍ତି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଥୁଆମୂଳ ରାମପୁର, ୨୧।୩ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ସୀତାରାମ ମାଝୀ। ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବଡ଼ବଣ୍ଡେଲ ଗ୍ରାମରେ ଘଟିଥିବା ଏହି ଜଘନ୍ୟ କାଣ୍ଡ ପରେ ଗତ ୧୭।୦୫।୨୦୨୪ ରିଖରେ ମୃତା ମହିଳାଙ୍କ ଭାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନମ୍ବର ୯୨/୨୦୨୪ ଅନୁଯାୟୀ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାଟି ସିଟି କେସ୍ ନମ୍ବର ୧୦୪/୨୦୨୪ ଭାବେ କୋର୍ଟରେ ବିଚାରାଧୀନ ଥିଲା। ଅଦାଲତ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ସୀତାରାମଙ୍କୁ ଆଇପିସି ଦଫା ୩୦୨ ଅନୁଯାୟୀ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ଯୌତୁକ ଜନିତ ମୃତ୍ୟୁ ପାଇଁ ଦଫା ୩୦୪-ବି ଅନୁଯାୟୀ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୫,୦୦୦ ଟଙ୍କା ଜରିମାନା ଏବଂ ଦଫା ୪୯୮-ଏ ଅନୁଯାୟୀ ୨ ବର୍ଷ ଜେଲଦଣ୍ଡ ସହ ୪୯୦ ଟଙ୍କା ଜରିମାନା କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ମନୋଜ କୁମାର ମେହେର ପରିଚାଳନା କରୁଥିଲେ।

# ନୂଆପଡ଼ାରେ ଇଦ୍-ଉଲ୍-ଫିତର ପାଳିତ



ମୁସଲିମ ସମ୍ପ୍ରଦାୟ ଲୋକେ ଇଦ୍ ପାଳନ କରି ଖୁସି ମନାଉଛନ୍ତି।

ନୂଆପଡ଼ା,୨୧।୩(ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ମହକୁମାରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ଇଦ୍ ଉଲ ଫିତର ପର୍ବ ପାଳିତ ହୋଇଯାଇଛି। ପ୍ରାୟ ଏକମାସ ଧରି ରୋଜା ରଖିବା ପରେ ଶନିବାର ସେମାନେ ଚନ୍ଦ୍ର ଦର୍ଶନ କରି ଉପବାସ ଭଙ୍ଗ କରିଛନ୍ତି। ଏହି ପର୍ବକୁ ନେଇ ନୂଆପଡ଼ା ସହର ଚଳଚଞ୍ଚଳ ହୋଇଉଠିଥିଲା। ସକାଳୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ଏକତାଚ୍ଛକସ୍ଥିତ ମସଜିଦରେ ରୁଣ୍ଡ ହୋଇ ସାମୂହିକ ନମାଜ ପାଠ କରିଥିଲେ। ପରେ ସମସ୍ତେ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଏହି ଅବସରରେ ମୁସଲିମ ସମ୍ପ୍ରଦାୟର ସଭାପତି ମହମ୍ମଦ ଗୁଲାମ, ଆସିକ ରେହମାନ, ନୂଆପଡା ଏନ୍ଏସି ଅଧ୍ୟକ୍ଷ ମହମ୍ମଦ ଆଦମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆପଡାର ବିଶିଷ୍ଟ କ୍ରୀଡାବିତ୍ ସରୋଜ କୁମାର ସାହୁ, କ୍ଷିରୋଦ ପାଢୀ, ପ୍ରଦିପ ରାଉତ ପ୍ରମୁଖ ସାମିଲ ହୋଇ ମୁସଲିମ ଭାଇମାନଙ୍କୁ ଇଦ୍‌ର ଶୁଭକାମନା ଜଣାଇଥିଲେ। ଏହା ପରେ ସମସ୍ତେ ମିଳିତ ଭାବରେ ମିଷ୍ଟାନ୍ନ ଖାଇ ଖୁସି ମନାଇଥିଲେ।

# ଷୋହଳପ୍ରହର ନାମଯଜ୍ଞ ଉଦ୍‌ଯାପିତ

ନୂଆପଡ଼ା, ୨୧।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ କଲୋନିପଡାଠାରେ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଆସି ବେଦୀରେ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ତିନିଦିନ ଧରି ଚାଲିଥିବା ନାମଯଜ୍ଞରେ ନୂଆପଡ଼ା ଜିଲା ସମେତ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ପଡୋଶୀ ରାଜ୍ୟ ଛତିଶଗଡ଼ର ମହିଳା ଓ ପୁରୁଷ ୮ ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଟିପନ ବେମାଲ ଓ ତାଙ୍କ ଧର୍ମପତ୍ନୀ ମହାରାଣୀ ବେମାଲ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ପୂଜକ ମାନଭଞ୍ଜନ ତ୍ରିପାଠୀ ଓ ଜପକ ଘନଶ୍ୟାମ ମହାପାତ୍ର ରହିଥିଲେ। ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ଅଭିଯାନ ଜାରି ରହିଥିବାବେଳେ ନାମ ଯଜ୍ଞରେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ପତ୍ର ଖଲିଦାନ ବ୍ୟବହାର ନ କରି ଟ୍ରେ ଥାଳି, ଗ୍ଲାସ ବ୍ୟବହାର କରାଯାଇ ବାର୍ତ୍ତା ଦିଆଯାଇଥିଲା। ଏଭଳି ଅଭିନବ ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଆୟୋଜକ କମିଟି ସଭାପତି ବିଶ୍ୱମ୍ବର ରାଉତରାୟ, ସଞ୍ଜୀବ ପାଣିଗ୍ରାହୀ, ସତ୍ୟବ୍ରତ ସାମଲ, ବସନ୍ତ ସାହାଣୀ, ନୂତନ ପ୍ରଧାନ, ସନ୍ତୋଷ ଶାଗରିଆଙ୍କ ସମେତ ଗ୍ରାମବାସୀ ଆୟୋଜନ କରିଥିଲେ।

# ଉତ୍ତମ ନାଗରିକ ହେବା ପାଇଁ ଆହ୍ୱାନ





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ଭବାନୀପାଟଣା,୨୧।୩ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗଦେଇ ଛାତ୍ରୀମାନଙ୍କୁ ନିଜର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସମାଜରେ ପ୍ରତିଷ୍ଠିତ ହେବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ବିଶିଷ୍ଟ ଗବେଷକ ପରମେଶ୍ୱର ମୁଣ୍ଡ ଯୋଗଦେଇ ଛାତ୍ରୀମାନଙ୍କୁ ମାନବିକତାର ବାର୍ତ୍ତା ପ୍ରଦାନ କରିବା ସହ ଜଣେ ଜଣେ ଉତ୍ତମ ନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ

**ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ଡ. ଜେନା ଦେଶର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀ ବାଈ ଫୁଲେ ଓ ସମ୍ବିଧାନ ନିର୍ମାତା ଡ. ବାବାସାହେବ ଆମ୍ବେଡକରଙ୍କ ଉଦାହରଣ ଦେଇ ଛାତ୍ରୀମାନେ କିପରି ନିଜ ଲକ୍ଷ୍ୟ ହାସଲ କରିପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧ୍ୟାପକ ଶୁଭମ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ପରିଷଦ ଉପଦେଷ୍ଟା ଧୀରେଶ ଚନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନାଟ୍ୟ ସଂସଦ ସଭାପତି ଡ. ପ୍ରତାପ ସେନାପତି ଧନ୍ୟବାଦ ଦେଇଥିଲେ। ସହଯୋଗୀ ଉପଦେଷ୍ଟା ଡ. ରାଧାରାଣୀ ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଯୁକ୍ତ ୨ ସାଂସ୍କୃତିକ ପରିଷଦ ଉପସଭାପତି ଡ. ସୁରେଶ୍ୱରୀ ବାଘ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନରେ ସାହାଯ୍ୟ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ମହାବିଦ୍ୟାଳୟ ବାର୍ଷିକ ମୁଖପତ୍ର 'ମୂର୍ଚ୍ଛନା' ଓ ଅଧ୍ୟକ୍ଷ ଡ. ଜେନାଙ୍କ ରଚିତ ପୁସ୍ତକ 'ସାଧୀନୋତ୍ତର କାଳରେ ପ୍ରାଚୀନ ଓଡ଼ିଶାର ଇତିହାସ ଲିଖନୀ କଳା' ଉନ୍ମୋଚିତ ହୋଇଥିଲା। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ନାଟକ 'ହକଦାର' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# କାଳୀକୃଷ୍ଣ ସଂଘର ମହାବିଷ୍ଣୁଯଜ୍ଞ ଉଦ୍‌ଯାପିତ



ମହାବିଷ୍ଣୁଯଜ୍ଞରେ ସାମିଲ ସ୍ୱାମୀ ଜଗଦାନନ୍ଦଜୀ ସରସ୍ୱତୀ ମହାରାଜ।

ଜୁନାଗଡ଼,୨୧।୩ (ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନକଟିଗୁଡାଠାରେ ଗତ ୧୭ ମାର୍ଚ୍ଚରୁ ଚାଲିଥିବା କାଳୀକୃଷ୍ଣ ସଂଘର ୪୩ତମ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା, ପୂଜନ, ହବନ, ମୁଣ୍ଡନ, କୁଣ୍ଡାବୋରୀ, ବିବାହ, ବ୍ରତ, ମନ୍ତ୍ର ଦୀକ୍ଷା ସଂସ୍କାର କାର୍ଯ୍ୟକ୍ରମ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ସଂଘ ପରିଚାଳକ ସ୍ୱାମୀ ଜଗଦାନନ୍ଦଜୀ ସରସ୍ୱତୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯଜ୍ଞକାର୍ଯ୍ୟ ପ୍ରାରମ୍ଭ ହୋଇ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଯଜ୍ଞ ପୂଜନ ଓ ହବନ କାର୍ଯ୍ୟକ୍ରମକୁ ସଂଘର ବେଦବ୍ରହ୍ମା ଓ ଆଚାର୍ଯ୍ୟମାନେ ତ୍ୱରାନ୍ୱିତ କରିଥିଲେ। ଏହି ଅବସରରେ ପୂଜ୍ୟ ଶ୍ରୀ ଜଗଦାନନ୍ଦଜୀ ମହାରାଜଙ୍କ ଲିଖିତ 'ମନ୍ଥନ' ଓ 'ଆନନ୍ଦ ହିଁ ଆନନ୍ଦ'ର ଇଂରାଜୀ ଅନୁବାଦ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଯଜ୍ଞ ପାଇଁ ଗତ ୪ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଯଜ୍ଞ ସ୍ଥଳରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଛତିଶଗଡ଼, ଆନ୍ଧ୍ରପ୍ରଦେଶରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାଳୀକୃଷ୍ଣ ସଂଘ ତଥା ନକଟିଗୁଡା ଶାଖା ସଂଘ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞକାର୍ଯ୍ୟ ଆୟୋଜନ ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁମନ୍ଦିରରେ କଣ୍ଢେଇ ଦିବସ



ଛାତ୍ରୀଛାତ୍ର ନିଜେ ପ୍ରସ୍ତୁତ କରିଥିବା କଣ୍ଢେଇ ପ୍ରଦର୍ଶନ କରୁଛନ୍ତି।

ରୁପ୍ରାରୋଡ୍,୨୧।୩(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ରୁପ୍ରାରୋଡ୍ ସରସ୍ୱତୀ ଶିଶୁମନ୍ଦିରରେ ଆଚାର୍ଯ୍ୟ ବିମଲ ଭୋଇ ଓ ଅର୍ପିତା ଗୁରୁମାଙ୍କ ସହଯୋଗରେ କଣ୍ଢେଇ ଦିବସ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାର କଣ୍ଢେଇ ପ୍ରଦର୍ଶନକରି ସମସ୍ତଙ୍କୁ ଆକର୍ଷିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇ ପିଲାମାନଙ୍କୁ ସୃଜନଶୀଳ ଶିକ୍ଷା ଓ ନିଜେ କିଛି ତିଆରି କରିବାର ଆଗ୍ରହ ବଢ଼ାଇବା ପାଇଁ ପ୍ରେରଣା ଦେଇଥିଲେ। ଏହାସହ ଏପରି କାର୍ଯ୍ୟକ୍ରମ ଶିକ୍ଷାକୁ ଆନନ୍ଦମୟ କରିଥାଏ ଓ ପିଲାମାନଙ୍କର ସାମଗ୍ରିକ ବିକାଶରେ ସହାୟକ ହୁଏ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ନିଜ ହାତରେ କଣ୍ଢେଇ ପ୍ରସ୍ତୁତ କରିବା ପାଇଁ ଗୁରୁଜୀ ଗୁରୁମା ଉତ୍ସାହିତ କରିଥିଲେ।

# ପ୍ରି-ପ୍ରାଇମେରି ବିଭାଗର ସମାବର୍ତ୍ତନ ଉତ୍ସବ

ଭବାନୀପାଟଣା,୨୧।୩ (ଉତ୍ତମ କୁମାର ଦାଶ)

ଚଳିତ ଶିକ୍ଷାବର୍ଷ (୨୦୨୫-୨୬) ପୂର୍ତ୍ତି ଅବସରରେ ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ପ୍ରି-ପ୍ରାଇମେରୀ ବିଭାଗର ସମାବର୍ତ୍ତନ ଉତ୍ସବ ଶନିବାର ସ୍ଥାନୀୟ ସଭାଗୃହରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାରଙ୍କ ସମେତ ଶିକ୍ଷା ପ୍ରଭାରୀ ଡି. ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର, ଶାଖା ପରିଚାଳକ ଗୁପ୍ତେଶ୍ୱର ଖୁଣ୍ଟିଆ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ବହୁସଂଖ୍ୟାରେ ଅଭିଭାବକ ଯୋଗଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସମସ୍ତ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶିଶୁମାନଙ୍କୁ ଅଭିନନ୍ଦନ ଜ୍ଞାପନ କରି ବିକାଶ ଆବାସିକ ବିଦ୍ୟାଳୟର ପରିଚାଳନା ଓ ଅବଦାନ ଉପରେ ଆଲୋକପାତ କରିଥିଲେ।

# କଲମପୁର ଥାନାରେ ନୂଆ ଅଧିକାରୀଙ୍କ ଯୋଗଦାନ



**କଲମପୁର, ୨୧।୩ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଥାନାରେ ନୂଆ ଅଧିକାରୀ ଭାବରେ ସୁନିଲୋ କଣ୍ଡାଗରି ଯୋଗଦେଇଛନ୍ତି । ପୂର୍ବରୁ ସେ ଜୁନାଗଡ଼ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ଏଠାରେ ପୂର୍ବରୁ ଥିବା ଥାନା ଅଧିକାରୀ ବିଶ୍ୱମ୍ବର କହଁରଙ୍କ ଭବାନୀପାଟଣା ସାଇବର ଥାନାକୁ ବଦଳି ହୋଇଛି। ନୂଆ ଥାନା ଅଧିକାରୀ କଣ୍ଡାଗରି ଦାୟିତ୍ୱ ଗ୍ରହଣ କରିବା ପରେ କଲମପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ସହ ଲୋକଙ୍କ ସହଯୋଗରେ ନିଷ୍ଠାପର ଭାବରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# କଲମପୁରରେ ଇଦ୍-ଉଲ୍-ଫିତର ପାଳିତ

କଲମପୁର,୨୧।୩(ଗଣେଶରାମ ବାଗ)

କଲମପୁର ଓ ମୀନଗୁରଠାରେ ସୁନ୍ନି ମୁସଲିମ ଜମାତ ସମ୍ପ୍ରଦାୟ ପକ୍ଷରୁ ଇଦ୍-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି। ସୁନ୍ନି ମୁସଲିମ ଜମାତ ସଭାପତି ମହମ୍ମଦ ଅମିରଙ୍କ ଅଧ୍ୟକ୍ଷତାରେ ଏହି ପର୍ବ ପାଳନ କରାଯାଇଥିଲା। ଅଞ୍ଚଳରେ ବସବାସ କରୁଥିବା ମୁସଲିମ ସମ୍ପ୍ରଦାୟର ଲୋକେ ମାସେ କାଳ ନିର୍ଜଳା ଉପବାସ ରହି ଚଳିତ ତୃତୀୟ ସପ୍ତାହର ଶୁକ୍ରବାର ଅପରାହ୍ନରେ ଚନ୍ଦ୍ର ଦର୍ଶନ କରିଥିଲେ। ଶନିବାର ସକାଳେ ସମ୍ପ୍ରଦାୟର ଅନେକ ମୁସଲିମ ପରିବାର ଇଦ୍‌ଗା ପଡ଼ିଆରେ ଏକତ୍ରିତ ହୋଇ ନମାଜ ପାଠ କରିଥିଲେ। ଭାଇଚାରା ସମ୍ପର୍କ ଓ ଶାନ୍ତି ସମୃଦ୍ଧି ନିମନ୍ତେ ପ୍ରାର୍ଥନା କରି ପରସ୍ପରକୁ ଆଲିଙ୍ଗନକରି ଇଦ୍ ମୁବାରକ ଜଣାଇଥିଲେ। ସୁନ୍ନି ମୁସଲିମ ଜମାତ ସଭାପତି ମହମ୍ମଦ ଅମିର, ମସଜିତ ଖାଁ, ହାସେନ ଅଲ୍ଲୀ, ଲାଲ ଖାଁ, ରଜାକ ଖାଁ, ସବିର ମହମ୍ମଦ, ସରିଫ ଖାଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



ମୁସଲିମ ସମ୍ପ୍ରଦାୟ ଲୋକେ ନମାଜ ପାଠ କରୁଛନ୍ତି।

# କ୍ଷତି ଆଶଙ୍କାରେ ଚିନାବାଦାମ ଚାଷୀ

ଖଡ଼ିଆଳ,୨୧।୩ (ସୁଜିତ କୁମାର ପ୍ରଧାନ)



ମରିବାକୁ ବସିଥିବା ଚିନାବାଦାମ ଗଛ ଦେଖାଉଛନ୍ତି ଚାଷୀ।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବିଭିନ୍ନ ଗ୍ରାମର ଚିନାବାଦାମ ଚାଷ କ୍ଷତି ହେବା ଆଶଙ୍କା କରି ଚାଷୀମାନେ ଚିନ୍ତାରେ ଅଛନ୍ତି। ବ୍ଲକର ବିଶେଷ କରି ନଦୀକୂଳିଆ ଗାଁରେ ବହୁ ପରିମାଣରେ ଚିନାବାଦାମ ଚାଷ କରାଯାଏ। ତୁକଲା ଗ୍ରାମ ପଞ୍ଚାୟତର ତୁକଲା ଓ ମାଲପଡ଼ା ଗ୍ରାମରେ ଶତାଧିକ ଏକର ଜମିରେ ଚାଷୀମାନେ ଚିନାବାଦାମ ଚାଷ କରିଛନ୍ତି। ଜଳସେଚନ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ଭରସାରେ ଏମାନେ ଚାଷ କରିଥାନ୍ତି। ଏବର୍ଷ ମଧ୍ୟ ବହୁତ ଆଶା ନେଇ ଚାଷୀମାନେ ଚାଷ କରିଥିଲେ। ସରକାରୀ ବିହନ ମିଳୁ ନ ଥିବାରୁ ନିଜେ କିଣି ରୋପଣ କରିଥିଲେ। ଅନେକ ଚାଷୀ ଧାରକରଜ ମଧ୍ୟ କରିଥିଲେ। ଗୋଟିଏ ଏକର ଜମିରେ ପ୍ରାୟ ୧୦ରୁ ୧୫ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨୦ରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। କିନ୍ତୁ ଏବର୍ଷ ମୂଳ ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଠିକ୍ ସମୟରେ ବର୍ଷା ହେଲାନାହିଁ। ଏଣୁ ଚିନାବାଦାମ ଗଛ ମରିବାକୁ ବସିଥିଲେ ମଧ୍ୟ ଫଳ ଧରି ନାହିଁ। ଉତ୍ପାଦନ କମିବା ଆଶଙ୍କା କରି ଚାଷୀମାନେ କିଭଳି ଧାରକରଜ ଶୁଝିବେ ସେହି ଚିନ୍ତାରେ ଅଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଚିନାବାଦାମ ଚାଷ ପାଇଁ ସରକାରୀ ସହଯୋଗ ବ୍ୟବସ୍ଥା ରହିଥିଲେ ବି ପ୍ରକୃତ ଚାଷୀଙ୍କୁ କୌଣସି ସହାୟତା ମିଳିପାରୁ ନାହିଁ। ବାହାରୁ ଚାଷୀ କିଣୁଥିବା ବିହନ ଠିକ ଫଳ ଧରୁନି। କୌଣସି ବୀମାରେ ମଧ୍ୟ ସେମାନଙ୍କୁ ସାମିଲ କରାଯାଉନାହିଁ। ଫଳରେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ବେପାରୀଙ୍କୁ କମ ମୂଲ୍ୟରେ ବିକିଦେବାକୁ ବାଧ୍ୟ ହେଉଛି। ସବୁପ୍ରକାର ସହଯୋଗ ସହିତ ଜଳସେଚନ ବ୍ୟବସ୍ଥା କରାଗଲେ ଭଲ ରୋଜଗାର ମିଳିପାରନ୍ତା ବୋଲି କହିଥିଲେ। ଏ ସମ୍ପର୍କରେ ଖଡ଼ିଆଳ ବ୍ଲକ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଚାଷୀମାନଙ୍କ ପାଇଁ ସବୁପ୍ରକାର ବ୍ୟବସ୍ଥା ରହିଥିବା କହିଥିଲେ।

## ପରିତ୍ୟକ୍ତ କୂଅରୁ ନାଗ ସାପ ଉଦ୍ଧାର

ବଡ଼ଗାଁ (ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗ୍ରାମ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ଶନିବାର ବଡ଼ଗାଁ ବନ ବିଭାଗ କର୍ମଚାରୀମାନେ ଏକ ସାଢ଼େ ୫ ଫୁଟ ଲମ୍ବର ନାଗ ସାପକୁ ଉଦ୍ଧାର କରିଛନ୍ତି। ପରେ ତାକୁ ମହାବୀର ପାହାଡ଼ ତଳି ଜଙ୍ଗଲରେ ଛାଡ଼ିଛନ୍ତି। ଘଟଣା ଅନୁଯାୟୀ, ଗ୍ରାମର ବଳରାମ ପୃଷେଟ ଗାଁ ନିକଟସ୍ଥ ପରିତ୍ୟକ୍ତ କୂଅରେ ଏକ ନାଗ ସାପ ପଡ଼ିଥିବା ଦେଖି ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବନ କର୍ମଚାରୀ ବିଜୁ ନାଏକ ଓ ହୃଦାନନ୍ଦ ପଟ୍ଟା କୂଅରୁ ନାଗ ସାପକୁ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରୁ ପଡ଼ି ଯୁବକ ମୃତ

ରାଜଗାଙ୍ଗପୁର,୨୧।୩( ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର କାଂଶବାହାଲ ଠୁଙ୍ଗୁପଡା ନିକଟରେ ଟ୍ରେନରୁ ଖସି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ରାଉରକେଲା ହମିରପୁର ସେକ୍ଟର-୧୮ର ଧିରେନ୍ଦ୍ର ସେନାପତି (୨୭)। ଏନେଇ ରାଉରକେଲା ଜିଆରପି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜିଆରପି ଅଧିକାରୀ ଲିଙ୍ଗରାଜ ସାହୁ ଏହାର ତଦନ୍ତ କରୁଛନ୍ତି। ସୂଚନା ଅନୁଯାୟୀ, ଧିରେନ୍ଦ୍ର ଜଗଦଲପୁର ଇଣ୍ଟର ସିଟି ଏକ୍ସପ୍ରେସରେ ଯାଉଥିବା ସମୟରେ ରାଜଗାଙ୍ଗପୁରର କାଂଶବାହାଲ ଠୁଙ୍ଗୁପଡା ନିକଟରେ ହଠାତ୍ ତଳକୁ ପଡି ଯାଇଥିଲେ। ଗଭୀର ଆଘାତ ଯୋଗୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଳବାଇ ପୋଲିସ ଶନିବାର ସକାଳେ ଖବର ପାଇବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସୁନ୍ଦରଗଡ଼ରେ ରାଷ୍ଟ୍ରୀୟ ନବବର୍ଷ ପାଳନ

ସୁନ୍ଦରଗଡ଼,୨୧।୩(ଜୟ ନାରାୟଣ ମେଣ୍ଡୁଲି): ସ୍ଥାନୀୟ ଶିଶୁ ମନ୍ଦିର ପରିସରରେ ଗୁରୁବାର ରାଷ୍ଟ୍ରୀୟ ନବ ବର୍ଷ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ପାଳିତ ହୋଇଯାଇଛି। ମୁଖ୍ୟ ବକ୍ତାଭାବେ ଝାରସୁଗୁଡ଼ା ଜିଲା ଗ୍ରାମ ବିକାଶ ପ୍ରମୁଖ ପ୍ରଫୁଲ୍ଲ ନାଏକ, ମୁଖ୍ୟଅତିଥି ମନମୋହନ ପୁରୋହିତ ଓ ସଂଯୋଜକ ଭାବେ ଡ. ନାରାୟଣ ପଟେଲ ଉପସ୍ଥିତ ଥିଲେ। ସ୍ଥାନୀୟ ଶିଶୁ ମନ୍ଦିର, ବନବାସୀ କଲ୍ୟାଣ ଆଶ୍ରମ ଏବଂ ଶ୍ରଦ୍ଧା ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଶୋଭିତ ଅଗ୍ରୱାଲ, ସାଜନ ଭାଇ, ସୁରଭି ଗୁରୁମା ଆଦି ସହାୟତା କରିଥିଲେ। ଶେଷରେ ଅଜୟ ପଟେଲ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ସମସ୍ତ ସହଭାଗୀ କଳାକାରଙ୍କୁ ପୁରସ୍କୃତ କରି ଉତ୍ସାହ ବର୍ଦ୍ଧନ କରିଥିଲେ।

### ଜିଲାସ୍ତରୀୟ ବିଶ୍ୱ ବନ ଦିବସ

ସୁନ୍ଦରଗଡ଼,୨୧।୩(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ବନଖଣ୍ଡ କାର୍ଯ୍ୟାଳୟ ତରଫରୁ ଶନିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକ ସଂଘର ସଦସ୍ୟ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାକୁ ଡିଏଫଓ ଖୁସୱନ୍ତ ସିଂ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସହକାରୀ ବନ ସଂରକ୍ଷକ ମାନସ ରଞ୍ଜନ ମୁର୍ମୁ, ରାଜକୁମାର ସେଠୀ, ପ୍ରକୃତି ପ୍ରେମୀ ସୁଧାନଂଶୁ ଚୌଧୁରୀ, ଚିତ୍ତରଞ୍ଜନ ବାରିକ, ଅବସରପ୍ରାପ୍ତ ପ୍ରଶାସକ ନବୀନ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ବନ ବିଭାଗର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ, ବନ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱ ବନ ଦିବସରେ ସଚେତନତାର ସ୍ୱର

ସୁନ୍ଦରଗଡ,୨୧।୩(ଜୟ ନାରାୟଣ ମେଣ୍ଡୁଲି)

## ସେବକ ତରଫରୁ ବିଶ୍ୱ ବନ ଦିବସ



କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେବକର କର୍ମକର୍ତ୍ତା।

ଜଙ୍ଗଲ ସୁରକ୍ଷା ଓ ପରିବେଶ ସଚେତନତାକୁ ବୃଦ୍ଧି ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ସେବକ ଓ କମନ ଗ୍ରାଉଣ୍ଡର ମିଳିତ ଉଦ୍ୟମରେ ଶନିବାର ବିଶ୍ୱ ବନ ଦିବସ ଜିଲାର ବିଭିନ୍ନ ବ୍ଲକରେ ପାଳିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା ବିଭିନ୍ନ ବ୍ଲକ ଯଥା ଲେଫ୍ରିପଡାର ଝୁଲେନ, ହେମଗିରର କୁଚେଡେଗା, ସଦର ବ୍ଲକର ମହୁଲଜୋର, ଟାଙ୍ଗରପାଳିର ଡୁଙ୍ଗିନାଳା, ବାଲିଶଙ୍କରାର ଘୋଘର ହାଇସ୍କୁଲ ଓ ବାଲିଶଙ୍କରା ହାଇସ୍କୁଲ ସହିତ ସବଡେଗାର ଗୋପପୁର ଗ୍ରାମରେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡୁଙ୍ଗିନାଳାଠାରେ ଉଜ୍ଜଳପୁର ବନପାଳ ବନିତା ପ୍ରଧାନ, ଗୋପପୁରଠାରେ ବନପାଳ ଅଞ୍ଜନା ଗର୍ଡିଆ, କୁଚେଡେଗା ଠାରେ ସରପଞ୍ଚ ଲିଜା ନାଏକ, ମହୁଲଜୋର ଠାରେ ସରପଞ୍ଚ ରାଜକିଶୋରୀ ଏକ୍କା, ଘୋଘର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନିରାଳି କିସପଟା, ବାଲିଶଙ୍କରା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଆତିଶ ମାଝୀ ସ୍ୱତନ୍ତ୍ର ଅତିଥି ଭାବରେ ଉପସ୍ଥିତ ଥିଲେ। ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ଯୋଗଦାନ କରି କହିଥିଲେ, ୨୦୨୬ ମସିହାର ଆନ୍ତର୍ଜାତୀୟ ବନ ଦିବସର ଥିମ ହେଉଛି ବନ ଓ ଅର୍ଥନୀତି, ଯାହା ବନର ଅର୍ଥନୈତିକ ସମୃଦ୍ଧିରେ ଅପରିହାର୍ଯ୍ୟ ଭୂମିକାକୁ ଉଜାଗର କରେ। ଏହି ଭୂମିକାଗୁଡ଼ିକ ଜଙ୍ଗଲ ଉତ୍ପାଦନ ଏବଂ ନବୀକରଣୀୟ କଞ୍ଚାମାଲ ଏବଂ ଖାଦ୍ୟ ବାଣିଜ୍ୟରୁ ଆୟ ଏବଂ ଚାକିରିଠାରୁ ବହୁତ ଆଗକୁ ବଢ଼ିଥାଏ। ଜଙ୍ଗଲ ପରିବାର ଏବଂ ସମ୍ପ୍ରଦାୟ କୃଷିକୁ ମଧ ବଜାୟ ରଖେ। କୃଷି ଉତ୍ପାଦକତା ବୃଦ୍ଧି କରେ ଏବଂ ସୁସ୍ଥ ଜଳଛାୟାକୁ ସୁରକ୍ଷା ଦିଏ। ଏହି ଅବସରରେ ଗ୍ରାମବାସୀ, ଛାତ୍ରୀଛାତ୍ର ଏବଂ ସ୍ୱୟଂସାହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ସମ୍ମିଳିତ କରି ସଚେତନତା ବୈଠକ, ପଦଯାତ୍ରା ଏବଂ ପରିବେଶ ସୁରକ୍ଷା ଶପଥ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜଙ୍ଗଲରେ ନିଆଁ ଲାଗିବାର କାରଣ ଓ ତାହାର ପ୍ରତିରୋଧ, ବନ୍ୟଜନ୍ତୁ ସୁରକ୍ଷା ଏବଂ ଗୋଷ୍ଠୀ ଭିତ୍ତିକ ଜଙ୍ଗଲ ପରିଚାଳନା ଉପରେ ବ୍ୟାପକ ଆଲୋଚନା ହୋଇଥିଲା ଓ ଏହାକୁ ରୋକିବା ନିମନ୍ତେ ସାମୂହିକ ଶପଥ ପାଠ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ସେବକର କମନ ଗ୍ରାଉଣ୍ଡ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨, ଗୋଷ୍ଠୀ ଜଙ୍ଗଲ ଅଧିକାର, ଶ୍ରୀ ଅନ୍ନ ଅଭିଯାନ, ମା ଗୃହ, କଳିକା କେନ୍ଦ୍ର, କୃଷି ଉତ୍ପାଦକ କ୍ଲଷ୍ଟର ପ୍ରକଳ୍ପର କର୍ମକର୍ତ୍ତାମାନେ ଆୟୋଜନ କରିଥିଲେ। ଯଦି ଆମେ ଆଜି ଜଙ୍ଗଲକୁ ସୁରକ୍ଷିତ କରିପାରିବା, ତେବେ ଆସନ୍ତା ପିଢ଼ି ପାଇଁ ଏକ ସୁସ୍ଥ ଓ ସୁନ୍ଦର ପୃଥିବୀ ଦାନ କରିପାରିବା ବୋଲି ଅତିଥିମାନେ ଆୟୋଜିତ କାର୍ଯ୍ୟକ୍ରମ ଗୁଡିକରେ ମତବ୍ୟକ୍ତ କରିଥିଲେ।

# ବନ୍ଧମୁଣ୍ଡାରେ ବାହାରିଲା ସରହୁଲ ଯାତ୍ରା



ମହିଳାଙ୍କ ତରଫରୁ ବାହାରିଥିବା ଶୋଭାଯାତ୍ରା।

ବନ୍ଧମୁଣ୍ଡା,୨୧।୩(ସୁବ୍ରତ ଦେ)

ବନ୍ଧମୁଣ୍ଡାଠାରେ ପ୍ରକୃତି ପର୍ବ ସରହୁଲ ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ଡିଜେଲ ଛକରୁ ଏକ ଭବ୍ୟ ସରହୁଲ ଶୋଭାଯାତ୍ରା ବାହାରିଥିଲା। ଯେଉଁଥିରେ ଶତାଧିକ ମହିଳା ଓ ପୁରୁଷ ପାରମ୍ପରିକ ପୋଷାକ ପିନ୍ଧି ଏହି ଯାତ୍ରାରେ ଭାଗ ନେଇଥିଲେ। ଶୋଭାଯାତ୍ରା ସମୟରେ ସମଗ୍ର ଅଞ୍ଚଳରେ ଉତ୍ସବମୟ ପରିବେଶ ଦେଖିବାକୁ ମିଳିଥିଲା। ଅଂଶ ଗ୍ରହଣ କରିଥିବା ଲୋକେ ନୃତ୍ୟ-ଗୀତ ମାଧ୍ୟମରେ ନିଜ ସାଂସ୍କୃତିକ ପରମ୍ପରାକୁ ଜୀବନ୍ତ ଭାବେ ପ୍ରଦର୍ଶନ କରିଥିଲେ ଏବଂ ପରସ୍ପରକୁ ସରହୁଲ ପର୍ବର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ବିଲ୍ଲୁ ତିର୍କୀ କହିଥିଲେ ଯେ, ଏହି ଶୋଭାଯାତ୍ରାରେ ବନ୍ଧମୁଣ୍ଡା, ବରକାନୀ, କପାଟମୁଣ୍ଡା, ତିଲକନଗର ଆଦି ଅଞ୍ଚଳରୁ ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ବିଶ୍ରା ଛକ ମାର୍ଗ ଦେଇ ରାଉରକେଲା ସାରନା ପୂଜା ସ୍ଥଳକୁ ପହଞ୍ଚିଥିଲା। ଯେଉଁଠାରେ ପାରମ୍ପରିକ ରୀତି-ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା।

# ସୁନ୍ଦରଗଡ଼ ସରକାରୀ ମହିଳା କଲେଜର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି, ଅଧ୍ୟକ୍ଷା ଓ ଛାତ୍ରୀ ସଂସଦର ଉପଦେଷ୍ଟା ଓ କର୍ମକର୍ତ୍ତା।

ସୁନ୍ଦରଗଡ,୨୧।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ୪୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିଙ୍କଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଛାତ୍ର ସଂସଦର ପରାମର୍ଶଦାତା ଡ. ଭାନୁପ୍ରିୟା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ସଂସଦର ସଭାପତି ନିତୁ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି ଦର୍ଲିପାଲିର ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜିତ କୁମାର ମିଞ୍ଜ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ କିଭଳି ଭାବେ ସଫଳତା ପ୍ରାପ୍ତ କରିବେ ପ୍ରେରଣା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ମ୍ୟୁନିସିପାଲଟିର ଅଧ୍ୟକ୍ଷା ତନୟା ମିଶ୍ର ଉପସ୍ଥିତ ରହି ମହାବିଦ୍ୟାଳୟର କିପରି ବିକାଶ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ମୁଖ୍ୟବକ୍ତାଭାବେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀପ୍ରିୟା ବେହେରା ଛାତ୍ରୀମାନଙ୍କୁ ଚେଷ୍ଟା, ପ୍ରଚେଷ୍ଟା ଓ ନିଷ୍ଠା ବିଷୟରେ ଅବଗତ କରିଥିଲେ। ମହାବିଦ୍ୟାଳୟ ସଂଚାଳକ ମଣ୍ଡଳର ସଭ୍ୟ ଜୟ ନାରାୟଣ ତ୍ରିପାଠୀ ସଭାରେ ଉପସ୍ଥିତ ରହି ଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ଅନ୍ୟଏକ ମୁଖ୍ୟ ଆକର୍ଷଣ ଥିଲା ମହାବିଦ୍ୟାଳୟର ବାର୍ଷିକ ପତ୍ରିକା 'ମଧୁରୁତା ' ଓ କଲେଜ କ୍ୟାଲେଣ୍ଡର ଉନ୍ମୋଚନ।ପରିଶେଷରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାସହ ଶିକ୍ଷା, ସାହିତ୍ୟ, କ୍ରୀଡା ଓ ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଡ.ସଞ୍ଜୟ ବେହେରା, ଡ. ସୁସ୍ମିତା ନାଏକ ଓ ସଲିଲା କୁଜୁର ପରିଚାଳନା କରିଥିଲେ। ଶେଷରେ ଛାତ୍ରୀ ସ୍ୱେଚ୍ଛାସେବୀ ରିଙ୍କିଲ ଛାନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ବାର୍ଷିକ ଉତ୍ସବରେ ବହୁ ସଂଖ୍ୟାରେ ଛାତ୍ରୀ ଏବଂ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କଣ୍ଢେଇ ଦିବସ

ବନ୍ଧମୁଣ୍ଡା,୨୧।୩(ସୁବ୍ରତ ଦେ) : ବନ୍ଧମୁଣ୍ଡାର ବି- ସେକ୍ଟର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶନିବାର ଉତ୍ସାହ ସହିତ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗିରିଧାରୀ ଦୋଲେଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀମାନେ ସୁନା କଣ୍ଢେଇ ଓ ରୁପା କଣ୍ଢେଇ ଉପରେ ଏକ ଆକର୍ଷଣୀୟ ନାଟକ ପରିବେଷଣ କରିଥିଲେ। ଯାହା ଦର୍ଶକମାନଙ୍କର ମନକୁ ଛୁଇଁ ଯାଇଥିଲା। ଏହା ସହିତ ଶିଶୁମାନେ ମାଟି, କାଠ, କାଗଜ, ତୁଳା ଭଳି ବିଭିନ୍ନ ସାମଗ୍ରୀରେ ସୁନ୍ଦର ତଥା ଆକର୍ଷଣୀୟ କଣ୍ଢେଇ ତିଆରି କରି ପ୍ରଦର୍ଶନ କରିଥିଲେ। ସେମାନଙ୍କର କୌଶଳ ଦେଖି ଉପସ୍ଥିତ ଅଭିଭାବକମାନେ ମଧ ବହୁତ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଅଭିଭାବକ ଓ ଶିଶୁମାନଙ୍କ ସହଯୋଗ ଫଳରେ ସମଗ୍ର ଆୟୋଜନ ସଫଳ ହୋଇଥିଲା। ଏହା ଶିଶୁମାନଙ୍କର ଦକ୍ଷତା ବିକାଶ ସହିତ ସାମୂହିକ କାର୍ଯ୍ୟର ଗୁରୁତ୍ୱକୁ ମଧ ଉଜାଗର କରିଛି।

# ଜାତୀୟସ୍ତରୀୟ କନିଷ୍ଠ ସିପକ୍‌ଟାକ୍ରୋ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ୩ ଖେଳାଳି



ଜାତୀୟ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ୩ ଖେଳାଳି।

ସୁନ୍ଦରଗଡ଼,୨୧।୩(ଜୟ ନାରାୟଣ ମେଣ୍ଡୁଲି)

ଆସନ୍ତା ୨୩ ରୁ ୨୭ ତାରିଖ ପର୍ଯ୍ୟନ୍ତ ୨୮ ତମ କନିଷ୍ଠ ଜାତୀୟ ସ୍ତରୀୟ ସିପକଟାକ୍ରୋ ପ୍ରତିଯୋଗିତା ଝାଡ଼ଖଣ୍ଡର ରାଞ୍ଚିରେ ଅବସ୍ଥିତ ମେଗା ସ୍ପୋର୍ଟ୍ସ କଂପ୍ଲେକ୍ସରେ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲାର ୩ ଜଣ ବାଳକ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବେ। ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ରୀତିକ ମାଝୀ, ଲେଡିମଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ନିଖିଳ କିଷାନ ଏବଂ ରାଜ କୁମୁରା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଚୟନ ହୋଇଥିଲେ । ଚୟନ ପରେ ଭଦ୍ରକ ଜିଲାର ଚାନ୍ଦବାଲିରେ ଦୀର୍ଘ ଏକ ମାସ କ୍ୟାମ୍ପରେ ରହି ତାଲିମ ନେଇଥିଲେ । ପରେ ଓଡିଶା ଟିମ ସହିତ ରାଞ୍ଚିକୁ ଯାତ୍ରା କରିଛନ୍ତି । ଏମାନେ ଜିଲାର ଯୋଗୀମାଲ ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଏବଂ ଭବାନୀ ଭବନ ସ୍ପୋର୍ଟ୍ସ କଂପ୍ଲେକ୍ସରେ ପ୍ରତ୍ୟେକ ଦିନ ତାଲିମ ନେଇ ଜାତୀୟ ସ୍ତରରେ ଭାଗ ନେବା ପାଇଁ ବିବେଚିତ ହୋଇଛନ୍ତି । ଏମାନଙ୍କୁ ଟ୍ରେନର ଲିପ୍ସା ଷଡ଼ଙ୍ଗୀ ପ୍ରତ୍ୟେକ ଦିନ ତାଲିମ ଦେଉଥିଲେ । ଓଡିଶା ଟିମରେ ମ୍ୟାନେଜେର ଭାବରେ ସୁନ୍ଦରଗଡ଼ର ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ ଦାୟିତ୍ୱ ନେଇଛନ୍ତି । ଖେଳାଳିମାନଙ୍କୁ ଜନ ସେବା ସମିତିର ସଭାପତି ନଳିନ ପଟେଲ ଏବଂ ସମସ୍ତ ସଭ୍ୟ, ସୁନ୍ଦରଗଡ ଜିଲା ସିପକଟାକ୍ରୋ ସଂଘର ସମସ୍ତ ସଦସ୍ୟ, ଜିଲା କ୍ରୀଡା ଅଧିକାରୀ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଶୁଭେଚ୍ଛା ଜଣାଇଛନ୍ତି।

## ବାଲିଶଙ୍କରା ବ୍ଲକରେ ଇଦ୍ ଉଲ୍ ଫିତର

ବାଲିଶଙ୍କରା,୨୧।୩(ହୃଦାନନ୍ଦ ବାରିକ): ବାଲିଶଙ୍କରା ବ୍ଲକର ରାମପୁର, ବନଡେଗା, ଶାଗବାହାଲ, କଣ୍ଟାବାହାଲ, ଟିଙ୍କିଲିପଡା, ଶିକାଯୋର ଭଳି ମୁସଲିମ ବହୁଳ ଅଞ୍ଚଳରେ ଧୁମଧାମରେ ଇଦ ଉଲ ଫିତର ପାଳିତ ହୋଇଯାଇଛି। ମୁସଲିମ ସମ୍ପ୍ରଦାୟ ଭାଇଭଉଣୀ ୩୦ଦିନ ରୋଜା ରଖିବା ପରେ ଶୁକ୍ରବାର ଇଦ ଚାନ୍ଦ ଦେଖି ରୋଜା ଭାଙ୍ଗିଥିଲେ। ମସଜିଦରେ ସକାଳ ସାଢେ ୮ଟାରେ ମୁସଲିମ ସମ୍ପ୍ରଦାୟ ଭାଇଭଉଣୀ ଏକତ୍ରିତ ହୋଇ ନମାଜ ପାଠ କରିଥିଲେ। ମୌଲନା ନମାଜ ପାଠ କରାଇଥିଲେ। ନମାଜ ପାଠ ସାରିବା ପରେ ପରେ ପରସ୍ପରକୁ ଆଲିଙ୍ଗନ କରି ମିଷ୍ଟାନ ବଣ୍ଟନ କରି ଇଦର ଶୁଭେଚ୍ଛା ଜଣାଇଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଚୋରା ଶାଳକାଠ ଜବତ ଘଟଣା, ମାମଲା ରୁଜୁ

ବଡ଼ଗାଁ,୨୧।୩(ଅଶୋକ ଷଡଙ୍ଗୀ)

## ଅଭିଯୁକ୍ତ ଫେରାର

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପ୍ରଚୁର ପରିମାଣର ଚୋରା ଶାଳ କାଠ ଥିବା ସମ୍ପର୍କରେ କେତେଜଣ ଗ୍ରାମବାସୀ ଡିଏଫଓଙ୍କୁ ଜଣାଇଥିଲେ। ଅଭିଯୋଗ ହେବା ପରେ ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ରାଜ କୁମାର ସେଠୀଙ୍କ ନେତୃତ୍ୱରେ ବଡ଼ଗାଁ ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତି, ଫରେଷ୍ଟର ହେମବତି ସିଂ, ନୀତିନ କଛରୀଆ, ରିଙ୍କି ନାଏକ, ଏପିଆର ପୋଲିସ ଫୋର୍ସ ଉପସ୍ଥିତିରେ ଚୋରା କାଠ ରଖିଥିବା ବ୍ୟକ୍ତିଙ୍କ ଘରେ ଓ ସେ ରଖିଥିବା ଆଖପାଖ ଗ୍ରାମର କେତୋଟି ସ୍ଥାନରେ ଗୁରୁବାର ଓ ଶୁକ୍ରବାର ଚଢ଼ାଉ କରିଥିଲେ। ବ୍ୟକ୍ତିଙ୍କ ଘରେ, ବାଡ଼ି ପଟେ ଏବଂ କେତେକ ସ୍ଥାନରେ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ଶାଳ କାଠ ଜବତ କରି ମାମଲା ରୁଜୁ କରାଯାଇଛି। ୯୪ ସିଏଫଟିରୁ ଅଧିକ ଶାଳ ଓ ମୂଲ୍ୟବାନ କାଠ ଜବତ କରାଯାଇଛି। ଏ ସଂପର୍କରେ ଫରେଷ୍ଟର ରିଙ୍କି ନାଏକଙ୍କୁ ପଚାରିବାରୁ, ସେ ବଡ଼ଗାଁ ବନାଞ୍ଚଳ ଓଆର କେସ ନଂ. ୧୫୯/୨୬ରେ ମାମଲା ରୁଜୁ ହୋଇଥିବା ଓ ଅଭିଯୁକ୍ତ ଫେରାର ଥିବା କହିଛନ୍ତି। ଏହି ଘଟଣା ରେ ବ୍ୟବହୃତ ୨ଟି ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ଡାଲାର ନମ୍ବର ସ୍କ୍ରିରେ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଆରଟିଓଙ୍କୁ ଚିଠି କରାଯାଇଥିବା ଫରେଷ୍ଟର ନାଏକ ସୂଚନା ଦେଇଛନ୍ତି।

# ହିନ୍ଦୁ ସମ୍ପ୍ରଦାୟକୁ ସୁଦୃଢ଼ କରିବାକୁ ପରାମର୍ଶ

କୁଆଁରମୁଣ୍ଡା,୨୧।୩(ମହେନ୍ଦ୍ର କୁମାର ସାହୁ)

## ବିଶ୍ୱ ହିନ୍ଦୁ ପରିଷଦ ଅନ୍ତରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରବୀଣ ଭାଇ ତୋଗାଡିଆଙ୍କ ବୀରମିତ୍ରପୁର ଗସ୍ତ

ବିଶ୍ୱହିନ୍ଦୁ ପରିଷଦ ଅନ୍ତଃରାଷ୍ଟ୍ରୀୟ ଅଧ୍ୟକ୍ଷ ଡା. ପ୍ରବୀଣ ଭାଇ ତୋଗାଡିଆ ଶନିବାର ବୀରମିତ୍ରପୁର ଗସ୍ତ କରିଛନ୍ତି। ଦେଶର ସୁରକ୍ଷା ପାଇଁ ହିନ୍ଦୁ ସମ୍ପ୍ରଦାୟକୁ ସୁଦୃଢ଼ ହେବାକୁ ପଡିବ। ସେଥିପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକମାନେ ସଜାଗ ରହି ସମସ୍ତ ହିନ୍ଦୁମାନଙ୍କୁ ଏକଜୁଟ କରିବା ସହ ଗରିବ, ନିଷ୍ପେଷିତ ବର୍ଗଙ୍କ କଲ୍ୟାଣ ନିମନ୍ତେ ସମସ୍ତ ପ୍ରକାରର ସହାୟତା କରିବାକୁ ବୀରମିତ୍ରପୁର ମାରୱାଡି ଧର୍ମଶାଳାରେ ଅନୁଷ୍ଠିତ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଡା.ତୋଗାଡିଆ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ତାଙ୍କର ଏହି ପ୍ରୟାସ ସର୍ବଦା ଜାରି ରହିବା ସହ ହିନ୍ଦୁମାନେ ଗୋମାତା ସେବା, ହନୁମାନ ଚାଳିଶା ପଠନ, ତୁଳସୀ ଗଛ ମୂଳରେ ଜଳ ଦେବା, ପ୍ରାତଃ ଶଯ୍ୟା ତ୍ୟାଗ, ପୂଜାପାଠ ଆଦି ଭଳି ହିନ୍ଦୁ ସଂସ୍କୃତିକୁ ପାଳନ କରିବାକୁ ତୋଗାଡିଆ ଏହି ଅବସରରେ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ୨୦୧୫ ମସିହାରେ ଏକ କାର ଦୁର୍ଘଟଣାରେ ଝାଡ଼ଖଣ୍ଡରେ ବୀରମିତ୍ରପୁରର ୫ରୁ ଉର୍ଦ୍ଧ୍ୱ ଆରଏସଏସ କାର୍ଯ୍ୟକର୍ତ୍ତାଙ୍କ ମୃତ୍ୟୁ ହୋଇଥିବା ସ୍ମୃତି ଫଳକରେ ତୋଗାଡିଆ ପୁଷ୍ପମାଲ୍ୟ ଅର୍ପଣ ଆତ୍ମାର ସଦଗତି କାମନା କରିଥିଲେ। ମଧ୍ୟାହ୍ନ ୧୨ଟାରେ ତୋଗାଡିଆ ଝାଡ଼ଖଣ୍ଡ - ଓଡ଼ିଶା ସୀମାନ୍ତ ବୀରମିତ୍ରପୁର ସୀମାନ୍ତରେ ପହଞ୍ଚିବା ସମୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦ ବରିଷ୍ଠ କାର୍ଯ୍ୟକର୍ତ୍ତା ଦୀପକ କୁମାର ମହାନ୍ତ, ମନୋଜ ସାହୁ, ସୁନିଲ ତିୱାରୀ, ବ୍ରିଜଲାଲ କେଶରୀ, ସୁରେନ୍ଦ୍ର ଜୀ, ଲଭ ରାଣା, ଉଗ୍ର ନାରାୟଣ ଝା ପ୍ରମୁଖଙ୍କ ସହ ଶତାଧିକ ବ୍ୟକ୍ତି ଏକ ବାଇକ ଶୋଭାଯାତ୍ରା କରି ତୋଗାଡିଆଙ୍କୁ ମାରୱାଡି ଧର୍ମଶାଳାରେ ପହଞ୍ଚାଇଥିଲେ। ଏହି ସମୟରେ ବୀରମିତ୍ରପୁର ପୋଲିସ ସେଠାରେ ପହଞ୍ଚି ସମସ୍ତ ପ୍ରକାର ସହାୟତା କରିଥିଲା। ଅପରାହ୍ନ ୩ଟାରେ ତୋଗାଡିଆ ବୀରମିତ୍ରପୁରରୁ ରାଉରକେଲା ଅଭିମୁଖେ ବାହାରିଥିଲେ।



ବୀରମିତ୍ରପୁର ମାରୱାଡି ଧର୍ମଶାଳାରେ ବିଶ୍ୱହିନ୍ଦୁ ପରିଷଦ ଅନ୍ତଃରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରବୀଣ ଭାଇ ତୋଗାଡିଆଙ୍କୁ ଶୋଭାଯାତ୍ରାକୁ ନିଆଯାଉଛି।

# ଜଡିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ

ଲହୁଣୀପଡା,୨୧।୩(ଦାଶରଥି ପଣ୍ଡା)



କାର୍ଯକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ହୋଇଥିବା ଜଣେ ଛାତ୍ରୀ।

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ଅନ୍ତର୍ଗତ ଜଡିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ୨ଟି ପର୍ଯ୍ୟାୟରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ସିହିଡିହା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନି, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟା ଶୁଶିଳା ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ,ଲହୁଣୀପଡା ବିଇଓ ଭଗବାନ ବାଙ୍କିରା ଯୋଗ ଦେଇଥିଲେ। ସଭା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭରାମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ଖୁଣ୍ଟଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗଣନାଥ ବାରିକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏହାର ଦ୍ୱିତୀୟ ପର୍ଯ୍ୟାୟ ସଭାରେ ମୁଖ୍ୟ ଅତିଥିଭାବେ ଖଲ୍ଲିକୋଟ ୟୁନିଭରସିଟିର ରେଜିଷ୍ଟ୍ରାର ପାର୍ବତୀ ମଞ୍ଜରୀ ମହାଳିକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଖୁଣ୍ଟଗାଁ ପଞ୍ଚାୟତ ସରପଞ୍ଚ ସୁମିତ୍ରା ଚାରଦିଆ,ସମ୍ମାନିତ ଅତିଥିଭାବେ ଖୁଣ୍ଟଗାଁ ପିଁଡିଏ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ଜେନା, ହଳଦୀକୁଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁବାଳା ମାହାନ୍ତ, ଖୁଣ୍ଟଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗଣନାଥ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ କୃତି ଓ ମେଧାବୀ ଛାତ୍ରୀଛାତ୍ର ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସମୀର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକଦେ ପଲେଇ ଓ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହୀରକ ଜୟନ୍ତୀ ପାଳନର ପୂର୍ବତନ ଛାତ୍ର ପରିଷଦର ସଭାପତି ରହିନୁ ନାୟକ, ଉପସଭାପତି ଚନ୍ଦ୍ରମଣି ମାଝୀ, ସମ୍ପାଦକ ହୃଦୟନାଥ ବଗର୍ତ୍ତି, ସହ ସମ୍ପାଦକ ସମୀର କୁମାର ନାୟକ, କୋଷାଧ୍ୟକ୍ଷ ପିତ୍ର ମୋହନ ନାୟକଙ୍କ ସମେତ ସଞ୍ଜୟ କୁମାର କୁମରା, ରଣଜିତ ନାୟକ, ବିଷ୍ଣୁ ନାୟକ, ନେତ୍ର ନାୟକ, ପ୍ରହ୍ଲାଦ ଚରଦିଆ, ହରିହର ପାତ୍ର, ରଷି ପାତ୍ର, ପବିତ୍ର ନାୟକ, ହରେକୃଷ୍ଣ ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ପୂର୍ବତନ ଶିକ୍ଷକଙ୍କ ସମେତ ଜଡିବାହାଲ, ଗଡପାଲି, ଧୁଡି ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ୧ ଘଣ୍ଟା ମଧ୍ୟରେ ମା' ପୁଅଙ୍କ ମୃତ୍ୟୁ

ଡୁଙ୍ଗୁରିପାଲି, ୨୧।୩ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ୧ଘଣ୍ଟା ମଧ୍ୟରେ ଗୋଟିଏ ପରିବାରର ୧ ଘଣ୍ଟା ମଧ୍ୟରେ ମା' ଓ ପୁଅର ମୃତ୍ୟୁ ଘଟିଛି। ମୃତକ ବିଳାସ ବାରିକ(୭୨) ଓ ତାଙ୍କ ପୁଅ ରମେଶ ବାରିକ(୫୩)। ସୂଚନା ଅନୁଯାୟୀ ସହଲା ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଦୁଇଦିନ ତଳେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର ପ୍ରାୟ ୫ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ରମେଶଙ୍କ ମା' ବିଳାସ ବାର୍ଦ୍ଧକ୍ୟଜନିତ କାରଣରୁ ଘରେ ଶଯ୍ୟାଶାୟୀ ଥିଲେ। ସକାଳ ପ୍ରାୟ ୬ଟାରେ ତାଙ୍କର ମୃତ୍ୟୁ ଘଟଥିବା ପରିବାର ଲୋକଙ୍କ ସୂତ୍ରରୁ ଜଣାପଡିଛି। ଅପରାହ୍ନରେ ଗାଁ ଶ୍ମଶାନରେ ମା ପୁଅଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ସୌମ୍ୟରଞ୍ଜନ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ

ବିନିକା, ୨୧।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଭାଜପାର ସକ୍ରିୟ କାର୍ଯ୍ୟକର୍ତ୍ତା ଯୁବନେତା ସୌମ୍ୟରଞ୍ଜନ ନାଇକଙ୍କୁ ଯୁବମୋର୍ଚ୍ଚା ସମ୍ପାଦକ ଭାବେ ମନୋନୟନ କରାଯାଇଛି। ରାଜ୍ୟ ଭାଜପା କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ଘୋଷଣା ପରେ ସେ ବଲାଙ୍ଗୀର ଲୋକ ସଭା ଏମ୍‌ପି ସଙ୍ଗୀତା ସିଂଦେଓ, ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଖପ୍ରାଖୋଲ, ୨୧।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଚଚରାଭଟା ଗାଁରେ ଉଦ୍ୟାନ କୃଷି ବିଭାଗ ତରଫରୁ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଏଡିବଲ ଅଏଲ ମିଶନର ଆଞ୍ଚଳିକ ମୁଖ୍ୟ ଶମ୍ଭୁନାଥ ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଦୀନବନ୍ଧୁ ବେହେରା, ହ୍ୟୁମାନ ରିସୋର୍ସ ଫାଉଣ୍ଡେଶନର ମୁଖ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀ ସିଂ, ଏଫଇଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ, ୱାଇସିଡିଏର ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା, ସରକାରୀ ପ୍ରୋତ୍ସାହନ ଉପରେ ଆଲୋଚନା ହୋଇଥିଲା। ଉଦ୍ୟାନ କୃଷିରେ ଚାଷୀ ମନୋନିବେଶ କଲେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଶେଷଦେବ ମାଝୀ, ବାସନ୍ତୀ ମୁଣ୍ଡା, କସ୍ତୁରୀ ମାଝୀ, ଏସ. ଦାସଙ୍କ ସମେତ ଶତାଧିକ ମହିଳା,ପୁରୁଷ ଚାଷୀ ଯୋଗ ଦେଇଥିଲେ।

# ନିଶାମୁକ୍ତ ଭାରତ ପାଇଁ ଆହ୍ୱାନ

ସୋନପୁର, ୨୧।୩(ମୃତ୍ୟୁଞ୍ଜୟ ଶତପଥୀ)



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମାରୁତି କଲ୍ୟାଣ ମଣ୍ଡପ ପରିସରରେ ନିଶାମୁକ୍ତ ଭାରତ ପାଇଁ ଜନସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ରାଧା ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଯୋଗଦାନ କରି ନିଶାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଉଲୁଣ୍ଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୀତିକା ପଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ନିଶା ପାଇଁ କିଭଳି ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି ସେ ନେଇ ଆଲୋଚନା କରିଥିଲେ। ସାମାଜିକ କର୍ମୀ ଧର୍ମନିରଞ୍ଜନ ପଣ୍ଡା, ଅଚ୍ୟୁତାନନ୍ଦ ବେହେରା, କଦୋଦରସ୍ଥିତ ମା' ଉମାଦେବୀ କଲେଜ ଇତିହାସ ବିଭାଗ ଅଧ୍ୟାପକ କୈଳାସ ପୁରୋହିତ ଓ ବିନୋଦ ବେହେରା ଉପସ୍ଥିତ ରହି ନିଶାସେବନରୁ ଲୋକଙ୍କୁ ଦୂରେଇ ରଖିବାକୁ ଏଭଳି ସଚେତନତା କାର୍ଯ୍ୟକ୍ରମ ଅୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସାମାଜିକ କର୍ମୀ ଶମ୍ଭୁରାଜ କର୍ଣ୍ଣ। ଧନ୍ୟବାଦ ଦେଇଥିଲେ ଉଲୁଣ୍ଡା ଯୁବ ମହାସଂଘ ପୂର୍ବତନ ସଭାପତି ପ୍ରମୋଦ ପଧାନ। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଛାତ୍ରୀଛାତ୍ର, ମେରା ଯୁବା ଭାରତର ସ୍ୱେଚ୍ଛାସେବୀ ଓ ଯୁବକ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ପାରିବାରିକ ଗଣ୍ଡଗୋଳ, ଜଣେ ଗିରଫ

ବୀରମହାରାଜପୁର, ୨୧।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ସଦର ମୁଖ୍ୟ ଛକଠାରେ ଜମିବାଡ଼ିକୁ ନେଇ ଗୋଟିଏ ପରିବାର ମଧ୍ୟରେ ମାରପିଟ ଘଟଣାରେ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ବାସୁଦେବ ପଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି। ଅଭିଯୋଗ ଅନୁସାରେ ବୀରମହାରାଜପୁର ମୁଖ୍ୟ ଛକ ବାସିନ୍ଦା ବାସୁଦେବ ପଣ୍ଡା ଓ ତାଙ୍କ କାକା ପୁଅ ଭାଇ ବାଗବର ବାସିନ୍ଦା ଅଶୋକ ପଣ୍ଡାଙ୍କ ପରିବାର ମଧ୍ୟରେ ଜମି ବାଡ଼ିକୁ ନେଇ ବିବାଦ ଲାଗି ରହିଛି। ଗତ ଗୁରୁବାର ବାସୁଦେବଙ୍କ ଘର ପାଖରେ ଥିବା ଏକ ଚପଲ ଦୋକାନକୁ ଅଶୋକ ଆସିଥିବା ବେଳେ ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ଏଥିରେ କ୍ରୋଧିତ ହୋଇ ବାସୁଦେବ ଏକ ଧାରୁଆ ଅସ୍ତ୍ରରେ ଅଶୋକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଅଶୋକ ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଶୋକଙ୍କ ଏତଲା ଆଧାରରେ ଥାନାରେ ଏକ ମାମଲା(ନଂ.୬୮.୨୬) ରୁଜୁ କରି ପୋଲିସ ବାସୁଦେବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅପରପକ୍ଷରେ ବାସୁଦେବ ଅଶୋକଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଅଶୋକ ତାଙ୍କ ବାସଭବନକୁ ଆସି ତାଙ୍କୁ ମାଡ ମାରିବା ସହ ସ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଏତଲାରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ.୬୯/୨୬) ରୁଜୁ ହୋଇଥିବା ଏସଆଇ ଆର୍ତ୍ତତ୍ରାଣ ସାହୁ କହିଛନ୍ତି।

# ବୌଦ୍ଧରେ ଇଦ୍-ଉଲ୍-ଫିତର ପାଳିତ


ଇଦ୍ ଉପଲକ୍ଷେ ମୁସଲମାନ ଭାଇମାନେ ଏକାଠି ହୋଇଛନ୍ତି।

ବୌଦ୍ଧ, ୨୧।୩(ଅଜିତ କୁମାର ବାରିକ)

ଶନିବାର ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ଲୋକେ ଧୂମଧାମରେ ଇଦ୍ ପର୍ବ ପାଳନ କରିଛନ୍ତି। ଜାମିଆ ମସଜିଦ କମିଟି ପକ୍ଷରୁ ସ୍ଥାନୀୟ ଜାମିଆ ମସ୍‌ଜିଦଠାରେ ଏହି ପର୍ବ ପାଳିତ ହୋଇଛି। ମସ୍‌ଜିଦର ପେଶୀମାମ ହାଫିଜ ଶାହାବୁଦ୍ଦିନ ମସଜିଦରେ ଶତାଧିକ ମୁସଲମାନ ଭାଇଙ୍କୁ ନମାଜ ପାଠ କରାଇଛନ୍ତି । ରମଜାନ ମାସ ୨୯ କିମ୍ବା ୩୦ ଦିନର ହୋଇଥାଏ । ଚଳିତବର୍ଷ ୩୦ ଦିନରେ ଇଦ୍ ଚାନ୍ଦ ଦେଖାଯିବାରୁ ରମଜାନ ୩୦ ଦିନ ପାଳିତ ହୋଇଛି। ଇଦ୍ ପାଳନ ପାଇଁ ବୌଦ୍ଧ ଜିଲାର ଇସଲାମ ଧର୍ମାବଲମ୍ବୀମାନେ ବେଶ୍ ଉତ୍ସାହିତ ଥିବା ବେଳେ ବିଭିନ୍ନ ମସଜିଦରେ ସାମୁହିକ ନମାଜ ପାଠ କରିଛନ୍ତି । ଗତ ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହୋଇଥିଲା ପବିତ୍ର ରମଜାନ ମାସ। ରମଜାନ ମାସରେ 'ରୋଜା' ରଖୁଥିବା ଭଉଣୀ ଭାଇମାନେ ସୂର୍ଯ୍ୟୋଦୟ ପୂର୍ବରୁ ଏବଂ ସୂର୍ଯ୍ୟାସ୍ତ ପରେ ଖାଇଥାନ୍ତି । ଇଦ୍-ଉଲ-ଫିତର ଉପଲକ୍ଷେ ବୌଦ୍ଧ ମୁସଲିମ ବସ୍ତି ଉତ୍ସବମୁଖର ହୋଇ ଉଠିଥିବା ବେଳେ ଘରେ ଘରେ ଭଲ ବ୍ୟଞ୍ଜନ ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ଘରର ଆବାଳ ବୃଦ୍ଧ ବନିତା ସମସ୍ତେ ନୂତନ ପୋଷାକ ପିନ୍ଧି ପରସ୍ପରକୁ ଆଲିଙ୍ଗନ କରି ମିଳିମିଶି ଏହି ପର୍ବ ପାଳନ କରିଛନ୍ତି। ତେବେ ଆଜିର ଇଦ୍ ନମାଜରେ ସଭାପତି ଅବଦୁଲ କଲିମ ଖାନ, ଉପ ସଭାପତି ମହମ୍ମଦ ସଫିୟୁଲ, ସମ୍ପାଦକ ଜାହିର ଖାନ, ଅବଦୁଲ ମହସିନ ଖାନ, ସର୍ଫୁଦିନ ଖାନ, ସାବିର ଖାନ, ସାହିଦ ଖାନ, ଲିଆକତ ଅଲ୍ଲୀ, ନିଉଦ୍ଦିନ ଖାନ, ନିଜାର ଖାନ, ଅବଦୁଲ ସଲାମ, ଅବଦୁଲ ରହିମ, ନିୟାଜ ହୁସେନ, ଫୀୟାଜ ହୁସେନ, ଶେଖ ସମିଉଲ୍ଲା, ଶେଖ ଶାହାଜାହାନ, ଶେଖ ଆୟାନ, ଆଖାରୁଦ୍ଦିନ ଖାନ, ମୁଶୱିର ଖାନ, ମୁଜକ୍କିର ଖାନ, ମୋଇଜ ଖାନଙ୍କ ସମେତ ଶତାଧିକ ମୁସଲମାନ ଭାଇ ସାମିଲ ହୋଇଥିଲେ।

## ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଉଦ୍‌ଘାଟିତ

ବାଉଁଶୁଣୀ, ୨୧।୩(ଦେବାଶିଷ ନେପାକ)

ଶନିବାର ଦିନ ବୌଦ୍ଧ ବ୍ଲକ ବାଉଁଶୁଣୀର ଏକ କଲ୍ୟାଣମଣ୍ଡପଠାରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ବାଉଁଶୁଣୀ ମଣ୍ଡଳ ଭାଜପା ପକ୍ଷରୁ ଆୟୋଜିତ ହୋଇଯାଇଛି। କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସଭାପତି ଶରତ ରଣାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ର, ସମ୍ପାଦକ ପିନାକ ଧର ରଣା, ଜିଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ଦାଶ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଉପସଭାପତି ସୁଶାନ୍ତ ବାଘ ସଂଯୋଜନା କରିଥିଲେ।

## ଗ୍ରାମ୍ୟ ଜଙ୍ଗଲରେ ବାର୍‌ହା ଶିକାର, ମାଂସ ଜବତ


ଶିକାର ପାଇଁ ମାରି ଦିଆଯାଇଥିବା ବାର୍‌ହା।

ଅମରପାଲି, ୨୧।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ବନଖଣ୍ଡ ଅଧିନ ବୀରମହାରାଜପୁର ବନାଞ୍ଚଳ କେନ୍‌ଝିରିଆପାଲି ପଞ୍ଚାୟତର ଖଇରମାଲ ଗ୍ରାମ୍ୟ ଜଙ୍ଗଲରେ ହୋଇଛି ବାର୍‌ହା ଶିକାର। ଶିକାର ହୋଇଥିବା ଏକ ବାର୍‌ହାର ମୃତଦେହ ସହ ଅନ୍ୟ ଏକ ବାର୍‌ହାର ମାଂସକୁ ଜବତ କରିଛି ବୀରମହାରାଜପୁର ବନ ବିଭାଗ। ଶନିବାର ସକାଳୁ କୌଣସି ସୂତ୍ରରୁ ଖବର ପାଇ ବୀରମହାରାଜପୁର ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ ତଥା ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କ ନେତୃତ୍ୱରେ ହାତିଲିମୁଣ୍ଡା ବନପାଳ ଶଙ୍କର ବନରକ୍ଷୀ ରାମେଶ୍ୱର ମୁର୍ମୁ, ଶିବଶମ୍ଭୁ ସା, ସଂଗ୍ରାମ କେଶରୀ ପାଣିଗ୍ରାହୀ ଓ ଟିମ୍ ମିଳିତ ଭାବେ ଚଢ଼ାଉ କରିଥିଲେ। ସେହି ସମୟରେ ଗ୍ରାମର ଏକ ପୁଆଳ ଗଦା ନିକଟରୁ ଶିକାର କରାଯାଇଥିବା ଏକ ବାର୍‌ହା ଓ ଆଉ କିଛି ବାରହା ମାଂସ ଜବତ କରିଥିଲା। ଜବତ ବାର୍‌ହାର ଓଜନ ପ୍ରାୟ ୫୦ରୁ ୬୦କିଲୋ ହେବ ବୋଲି ସୂଚନା ଦିଆଯାଇଛି। ଜବତ ବାର୍‌ହାର ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ଏନେଇ ଜଙ୍ଗଲ ଆଇନ ଅନୁଯାୟୀ ବୀରମହାରାଜପୁର ରେଞ୍ଜରେ ଏକ ମାମଲା ରୁଜୁହୋଇଛି। ଫେରାର ଶିକାରୀଙ୍କୁ ଧରିବା ପାଇଁ ବନ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ଏସିଏଫ ବରିହା ପ୍ରକାଶ କରିଛନ୍ତି।

# 'ସକରାତ୍ମକ ଚିନ୍ତନ ଦ୍ୱାରା ସୁଖ ଶାନ୍ତିମୟ ଜୀବନ ସମ୍ଭବ'



ସଭାରେ ମଞ୍ଚାସୀନ ଅତିଥି।

ବାଉଁଶୁଣୀ, ୨୧।୩(ଦେବାଶିଷ ନେପାକ)

ଶନିବାର ପୂର୍ବାହ୍ନରେ ବୌଦ୍ଧ ବ୍ଲକ ମାଉଲିମୁଣ୍ଡାଠାରେ ସକରାତ୍ମକ ଚିନ୍ତନ ଦ୍ୱାରା ସୁଖ ଶାନ୍ତିମୟ ଜୀବନ ସମ୍ପର୍କିତ ଏକ ଆଧ୍ୟାତ୍ମିକ ସଭା ବାଉଁଶୁଣୀ ବ୍ରହ୍ମା କୁମାରୀ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ପିଙ୍କିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପ ସଞ୍ଚାଳିକା ରାଜଯୋଗିନୀ ବିକେ ପାର୍ବତୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ବିଭିନ୍ନ କେନ୍ଦ୍ରରୁ ଆସିଥିବା ବ୍ରହ୍ମାକୁମାରୀ ଭଉଣୀମାନେ ମଞ୍ଚାସୀନ ଥିଲେ । ସକରାତ୍ମକ ଚିନ୍ତାଧାରା ଦ୍ୱାରା ସୁଖ ଶାନ୍ତିମୟ ଜୀବନ ଅତିବାହିତ କରିହେବ ବୋଲି ବକ୍ତାମାନେ ନିଜ ବକ୍ତବ୍ୟରେ ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବାଉଁଶୁଣୀ ଦମକଳ କେନ୍ଦ୍ରଠାରୁ ଏକ ଶୋଭାଯାତ୍ରା ବାଉଁଶୁଣୀ ଛକ ଓ ବଜାର ଦେଇ ମାଉଲୀମୁଣ୍ଡା ସେବା କେନ୍ଦ୍ର ପର୍ଯ୍ୟନ୍ତ ପରିକ୍ରମା କରିଥିଲା।

## ମସିଣାଗୋରା ଶିଶୁମନ୍ଦିରରେ କଣ୍ଢେଇ ଦିବସ ପାଳନ


କଣ୍ଢେଇ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର।

ଘଣ୍ଟାପଡ଼ା, ୨୧।୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଦିନ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ କଣ୍ଢେଇ ଦିବସ ପାଳନ କରାଯାଇଥିଲା। ଶିଶୁ ବାଟିକା ପ୍ରମୁଖ ସାଇବାନି ପାତ୍ର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରକାରର କଣ୍ଢେଇ ପ୍ରଦର୍ଶନୀ କରି ପରିଚୟ କରାଇଥିଲେ । ମମିତା ରଣା ସହଯୋଗ କରିଥିଲେ। ଶିଶୁ ଭଉଣୀଭାଇମାନେ କଣ୍ଢେଇ ଖେଳିଥିଲେ। ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ, ବିକାଶ ସାହୁ, ନେପାଳ ପ୍ରଧାନ, ଶିରୋମଣି ପାତ୍ର, ଏସ.କେ. ମାଝୀ ,ବେଦମତି କୁଦେଇ,ଝରଣା ପ୍ରଧାନ ,ସନ୍ଧ୍ୟାରାଣୀ ମନ୍‌ହିରା, ସୁରୁସୂତା ଭୋଇ,ରାଜକୁମାର ରଣା ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ମଧ୍ୟ ସହଯୋଗ କରିଥିଲେ।

# ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅନ୍ୱେଷଙ୍କୁ ରୌପ୍ୟ

ବୀରମହାରାଜପୁର, ୨୧।୩(ଯୁଗଳ କିଶୋର ମିଶ୍ର)


ଅନ୍ୱେଷ ହୋତା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଅନ୍ୱେଷ ହୋତାଙ୍କୁ ଜାତୀୟ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗୀତାରେ ରୌପ୍ୟ ପଦକ ମିଳିଛି। ଗତ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଡିଏଭି ବିଶ୍ୱବିଦ୍ୟାଳୟ ଜଲନ୍ଧର ପଞ୍ଜାବରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତାଙ୍କୁ ମିଳିଛି ଏହି ସଫଳତା। ବଡଭାଇ ଅନ୍ତର୍ଜାତୀୟ କ୍ରୀଡାବିତ୍ ଏହେସାସ ହୋତାଙ୍କ କୋଚିଂରେ ଅନ୍ୱେଷ ଏହି ସଫଳତା ପାଇଛନ୍ତି। ସେ ବର୍ତ୍ତମାନ ସମ୍ବଲପୁର ଜିଲା ଧମାସ୍ଥିତ ଝାଡେଶ୍ୱରୀ ମହାବିଦ୍ୟାଳୟରେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ମ୍ୟାନେଜର ତଥା ବରଷ୍ଠ କ୍ରୀଡା ଶିକ୍ଷକ ରାମକୁମାର ସାହୁ ଏବଂ କୋଚ ଏହେସାସ ହୋତାଙ୍କ ନେତୃତ୍ୱରେ ୬ ଜଣିଆ ଟିମ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନ୍ୱେଷଙ୍କ ଏହି ସଫଳତା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ସୁବର୍ଣ୍ଣପୁର ଜିଲାପାଳ ଡ.ନୃପରାଜ ସାହୁ, ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କାଉନସିଲ ମୁଖ୍ୟ ଦେବେନ୍ଦ୍ର ମହାଲିକ, ପିଇଓ ଡ.ଅବିନାଶ କର, ଝାଡେଶ୍ୱରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅନିଲ ପଧାନ, ଜିଲା କ୍ରୀଡା ଅଧିକାରୀ ଚତରଞ୍ଜନ ମିଶ୍ର, ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା, ଜିଲା ସଂଘ ଆଇନପରାମର୍ଶଦାତା ଶେଷଦେବ ବାରିକ ଅନ୍ୱେଷଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ସାଂସ୍କୃତିକ କ୍ଷେତ୍ରରେ ବୀରମହାରାଜପୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବୀରମହାରାଜପୁର, ୨୧।୩(ଯୁଗଳ କିଶୋର ମିଶ୍ର)



ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଲୋକ ମହୋତ୍ସବ ମାଳେଶ୍ରୀର ଦ୍ୱିତୀୟ ସନ୍ଧ୍ୟା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ନବମ ଲୋକ ମହୋତ୍ସବ ମାଳେଶ୍ରୀର ଶନିବାର ଥିଲା ଦ୍ୱିତୀୟ ଦିବସ। ଲୋକ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବୀରମହାରାଜପୁରକୁ ସାଂସ୍କୃତିକର ନାଭିକେନ୍ଦ୍ର ବୋଲି କହିଥିଲେ। ବିଶିଷ୍ଟ ସିନେମା ନିର୍ମାତା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅଟଳ ପଣ୍ଡା, ନୀଳମାଧବ ପଣ୍ଡାଙ୍କ ଭଳି ବ୍ୟକ୍ତି ଏ ଅଞ୍ଚଳର ଗର୍ବ ଓ ଗୌରବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଉପାଧ୍ୟକ୍ଷ ଝସକେତନ ବଘାର, ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଙ୍କୁ ସଭାପତି ସମ୍ବର୍ଦ୍ଧିତ କରିଥିବାବେଳେ ଅନ୍ୟ ଅତିଥିମାନଙ୍କୁ ଯଥାକ୍ରମେ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ଏବିଡିଓ ପୁରୁଷୋତ୍ତମ ଧରୁଆ, ଉଲୁଣ୍ଡା ବିଡିଓ ଦିଲୀପ କୁମାର ବାଡା ସମ୍ବର୍ଦ୍ଧିତ କରିଥିଲେ। ଭୂଷଣ କୁମାର ପାତ୍ର ସ୍ୱାଗତ ଅଭିଭାଷଣ, କିଶୋର ହୋତା ମଞ୍ଚ ପରିଚାଳନା ଓ ହୃଷୀକେଶ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଇପ୍ସିତା ପ୍ରିୟଦର୍ଶିନୀ ପାଢ଼ୀଙ୍କ ମାଳେଶ୍ରୀ ବନ୍ଦନାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ରୁଦ୍ର ଭୈରବୀ କ୍ଲବ, ବାହୁବଳୀ ହନୁମାନ, ପଞ୍ଚବାଦ୍ୟ ସମ୍ବଲପୁର,ପଇଁରୀ, ସୋନପୁର, ଭୀମଭୋଇ କଳା ପରିଷଦ, ବୀରମହାରାଜପୁର, ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ, ବୀରମହାରାଜପୁର, ବିକେଏସଏସ ବୀରମହାରାଜପୁର ଦଳ ଭାଗନେଇଥିଲେ।

## ଯୁବ, ଛାତ୍ର ବିଜେଡିର ପ୍ରତିବାଦ

ସମ୍ବଲପୁର(ବି.ଶଙ୍କର): ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଗୃହରେ ଶୁକ୍ରବାର ରାତିରେ ଆକ୍ରମଣକୁ ସମ୍ବଲପୁର ଯୁବ ଛାତ୍ର ବିଜେଡି ନିନ୍ଦା କରିଛି । ଶନିବାର ଏନେଇ ସମ୍ବଲପୁର ଚର୍ଚ୍ଚ ଛକଠାରେ ସଂଗଠନର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପଟେଲ, ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଚୁମନ୍ ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରତାପ ଶର୍ମା, ଦେବଜ୍ୟୋତି ପଟ୍ଟନାୟକ, ମଣ୍ଟୁ ମହାନ୍ତି, ଆର୍ଯ୍ୟନ୍ ବହିଦାର, ଶୁଭମ୍ ସାହୁ, ଅସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କଳୁଷିତ ରାଜନୀତିରୁ ଦୂରେଇ ରୁହନ୍ତୁ ରାଜନେତା

## ପୂର୍ବତନ ମନ୍ତ୍ରୀ ବନମାଳୀ ବାବୁଙ୍କ ୧୦୯ ତମ ଜୟନ୍ତୀ

ସମ୍ବଲପୁର,୨୧।୩(ବି.ଶଙ୍କର)

ବିଶିଷ୍ଟ ଜନନେତା, ପୂର୍ବତନ ମନ୍ତ୍ରୀ, ଏମ୍‌ପି ବନମାଳୀ ବାବୁଙ୍କ ୧୦୯ ତମ ଜୟନ୍ତୀ ଶନିବାର ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ପାଳିତ ହୋଇଯାଇଛି । ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ । ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ପ୍ରାକ୍ତନ ସାଂସଦ ଭବାନୀ ଶଙ୍କର ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜନୀତିରେ ନୀତି ଓ ନୈତିକତା ଉପରେ ଆଲୋଚନା କରିଥିଲେ । ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନୈତିକ ସ୍ଖଳନ ଚିନ୍ତାର ବିଷୟ ହୋଇଛି । ଏହି ସମୟରେ ବନମାଳୀ ବାବୁଙ୍କ ଭଳି ପୂରସୁରୀମାନଙ୍କ ଆଦର୍ଶ, ସତର୍କତା ଓ ଆଚରଣର ଆବଶ୍ୟକତା ରହିଛି । ସ୍ୱର୍ଗତ ବାବୁ ନିଜେ ଜଣେ ବିଶାଳ ଅନୁଷ୍ଠାନ ଏବଂ ପ୍ରଚଣ୍ଡ ସ୍ୱାଭିମାନୀ ବ୍ୟକ୍ତି ଭାବେ ଜନସ୍ୱାର୍ଥ ପ୍ରସଙ୍ଗରେ ସାଲିସ କରୁ ନ ଥିଲେ । ଅନେକ ଶିକ୍ଷାନୁଷ୍ଠାନ ଗଠନ କରିଥିଲେ । ସମ୍ବଲପୁରରେ ହୋମିଓପାଥି ମହାବିଦ୍ୟାଳୟ ଓ ଚିପିଲିମା ଓୟୁଏଟି ମହାବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତାବସ୍ଥାରେ ବନମାଳୀ ବାବୁଙ୍କ ଭଳି ବ୍ୟକ୍ତିଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ପ୍ରକୃତି ଓ ପରିବେଶ ସୁରକ୍ଷା ଦିଗରେ ତାଙ୍କର ଦୁରଦୃଷ୍ଟି ସ୍ମରଣୀୟ ହୋଇରହିବ । ତାଙ୍କ ନାମରେ ଉକ୍ତ ଶିକ୍ଷାନୁଷ୍ଠାନକୁ ନାମିତ କରି ବହୁମୁଖୀ ପ୍ରତିଭାଙ୍କ ସ୍ମୃତିରକ୍ଷା ଜରୁରୀ ବୋଲି ହୋତା ମତ ଦେଇଥିଲେ ।



ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଆୟୋଜିତ ପୂର୍ବତନ ମନ୍ତ୍ରୀ ବନମାଳୀ ବାବୁଙ୍କ ୧୦୯ ତମ ଜୟନ୍ତୀରେ ଅତିଥି ଓ ବକ୍ତାମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର କହିଥିଲେ, ବନମାଳୀ ବାବୁ ସାଧୁତା ଓ ସଚ୍ଚୋଟତା ପାଇଁ ରାଜନୀତିରେ ବିରଳ ବ୍ୟତିକ୍ରମ ଥିଲେ । ସେ ଦୀର୍ଘ ସମୟ ଧରି ରାଜନୈତିକ ଓ ସାଧାରଣ ଜୀବନରେ ଥିଲେ ମଧ୍ୟ ଦୁର୍ନୀତି ଏବଂ ଅପରାଧକୁ ପ୍ରଶ୍ରୟ ଦେଇନାହାନ୍ତି । ଅଞ୍ଚଳର ସ୍ୱାର୍ଥ ନେଇ ସାଲିସ କରିନାହାନ୍ତି । ବୟସ ଓ ମତବାଦ ନିର୍ବିଶେଷରେ ସେ ସମସ୍ତଙ୍କୁ ଆଦର କରି ସମ୍ମାନ ଅଧିକାର କରୁଥିଲେ । ତାଙ୍କ ସମୟର ଇତିହାସ ଓ ଜୀବନୀର ଅଧ୍ୟୟନରୁ ଏହା ପ୍ରତିଫଳିତ ହୋଇଥାଏ । ବନମାଳୀ ବାବୁ କ୍ଷମତାକୁ ଜନସେବା ପାଇଁ ବ୍ୟବହାର କରିଛନ୍ତି । ମନ୍ତ୍ରୀ ଓ ସାଂସଦ ଥିଲେ ମଧ୍ୟ ସେ ଲୋଭର ବଶବର୍ତ୍ତୀ ହୋଇଥିବା ନଜିର ନାହିଁ । ଏହି ବହୁମୁଖୀ ରାଜନେତାଙ୍କୁ କ୍ଷମତା କଳୁଷିତ କରିପାରି ନ ଥିଲା । ତେଣୁ ବର୍ତ୍ତମାନର ରାଜନେତାମାନେ କଳୁଷିତ ରାଜୀତିରୁ ଦୂରେଇ ରହିଲେ ସୁସ୍ଥ ସମାଜ ଗଠନ ହେଇପାରିବ ବୋଲି ମହାପାତ୍ର କହିଥିଲେ ।

ସଭାପତି ପ୍ରଫେସର ପାଢ଼ୀ କହିଥିଲେ, କଂଗ୍ରେସର ଇତିହାସରେ ଅନେକ ଉଦଥାନ ପତନ ହୋଇଛି । ହେଲେ ସ୍ୱର୍ଗତ ବାବୁ ଦଳ ନ ଛାଡ଼ି ଆଜୀବନ କଂଗ୍ରେସ ମ୍ୟାନ ହୋଇ ରାଜନୀତିରେ ଉତ୍କୃଷ୍ଟ ବ୍ୟକ୍ତିତ୍ୱର ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଅଧ୍ୟାପକ ଅଶ୍ୱିନୀ କୁମାର ବାରିକଙ୍କ ଦ୍ୱାରା ଲିଖିତ ଓ ନୃସିଂହ ଗୁରୁ ସ୍ମୃତି ସମିତି ପ୍ରକାଶିତ ପୁସ୍ତକ ନୃସିଂହ ଗୁରୁ : ଜୀବନ ଓ ବ୍ରତ ଉନ୍ମୋଚିତ ହୋଇଥିଲା । ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଇଂ. ବିଭୂତି ଭୂଷଣ ମାଝୀ, ଇଂ. ସୁଶାନ୍ତ କୁମାର ଗୁରୁ, ବରିଷ୍ଟ ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ରତ୍ନ ଭୂଷଣ ପୃଷେଠ, ହରିନାରାୟଣ ପଣ୍ଡା, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ପୁସ୍ତକ ଉନ୍ମୋଚନ କରିଥିଲେ । ପବ୍ଲିକ ଲାଇବ୍ରେରୀର ସଭ୍ୟ ସମ୍ପାଦକ ରଘୁନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଠଚକ୍ର ଦ୍ୱାରା ପିଲାଙ୍କ ବୌଦ୍ଧିକ ଜ୍ଞାନ ବଢ଼ିଥାଏ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

କୁଚିଣ୍ଡା,୨୧।୩(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର କଲେଜ ପ୍ରେକ୍ଷାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ଓଡ଼ିଆ ବିଭାଗ ଅଧ୍ୟାପକ ଡ. ପ୍ରମୋଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ପୁଷ୍ପିତା କମାର ମାନବାତର ଗଳ୍ପ ମାଂସର ବିଳାପ ଶୀର୍ଷକ ନିବନ୍ଧ ଉପସ୍ଥାପନ କରିଥିଲେ । ଲାଡା ଦୁତିକା ସାହୁ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଶାନ୍ତ ପଟେଲ ମୁଖ୍ୟଅତିଥି, କୁଚିଣ୍ଡା ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼.ସଞ୍ଜୁଶ୍ରୀ ସାହୁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ଼.ସୁଧାଂଶୁ ମହାପାତ୍ର, ଅଧ୍ୟାପକ ମନୋଜ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ଆଲୋଚନାଚକ୍ର ଦ୍ୱାରା ପିଲାଙ୍କ ବୌଦ୍ଧିକ ଜ୍ଞାନ ସହ ଶିକ୍ଷା ପ୍ରତି ରୁଚି ବଢ଼ିଥାଏ । କାର୍ଯ୍ୟକ୍ରମକୁ ଦ୍ୱିତୀୟ ବର୍ଷ ଛାତ୍ରୀ ବିନିତା ରଣା ଓ ନିକିତା ପ୍ରଧାନ ପରିଚାଳନା କରିଥିଲେ । ଅଧ୍ୟାପିକା ଡ଼.ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଗଜମତି କୁମୁରା, ଡ଼. ସସ୍ମିତା ମିଞ୍ଜ, ଅଧ୍ୟାପକ ଗଣନାଥ ନାଏକଙ୍କ ସମେତ ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ପ୍ରକୃତି ଶିବିର

ନାକଟିଦେଉଳ,୨୧।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଜଙ୍ଗଲ ଭିତରେ ଏକ ପ୍ରକୃତି ଶିବିର (ନେଚର କ୍ୟାମ୍ପ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅନ୍ତର୍ଗତ ଗୌଡ଼ପାଲି ଗ୍ରାମ ନିକଟ ଗୁଡୁଗୁଡାଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ବିଦ୍ୟାଳୟର ୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରକୃତି ଉପରେ ଅଧ୍ୟୟନ କରିଥିଲେ । ଶିବିରରେ ରେଢ଼ାଖୋଲ ସହକାରୀ ବନ ସଂରକ୍ଷକ ମାଳତୀଲତା ହାଁସଦା, ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଫରେଷ୍ଟର ପ୍ରବୀଣ କୁମାର ପ୍ରଧାନ, ଖଳାଶୁଣି ବନ୍ୟପ୍ରାଣୀ ଅଭୟାରଣ୍ୟ କିସିଣ୍ଡା ବନାଞ୍ଚଳ ଅଧିକାରୀ ମହେନ୍ଦ୍ର କୁମାର ସାହୁ ଅତିଥି ବିଶେଷଜ୍ଞଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରକୃତି ସହିତ ଜଡିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ କାହ୍ନୁ ଚରଣ ବେହେରାଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ପରିଚାଳନା କମିଟି ସଭ୍ୟାସଭ୍ୟ ସହଯୋଗ କରିଥିଲେ ।

# ପଣ୍ଡିତ ଲକ୍ଷ୍ମୀନାରାୟଣଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ


ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## ରାଜ୍ୟସ୍ତରୀୟ ଜୟନ୍ତୀ ପାଇଁ ପ୍ରସ୍ତୁତି

ସମ୍ବଲପୁର,୨୧।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ପରମାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିରମାଏଲ ସାହିତ୍ୟ ସଂସଦ ପକ୍ଷରୁ ଶନିବାର ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ମିଶ୍ରଙ୍କୁ ଯେତିକି ସମ୍ମାନ ଦିଆଯିବା କଥା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଦିଆଯାଇ ପାରି ନ ଥିବା ବୈଠକରେ ମତପ୍ରକାଶ ପାଇଥିଲା । ଏପରିକି ତାଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଏବଂ ସାହିତ୍ୟ କୃତୀ ଉପରେ ମଧ୍ୟ ଯଥେଷ୍ଟ ଆଲୋଚନା ହୋଇପାରିନାହିଁ ।ସେଥିପାଇଁ ପ୍ରଥମେ ଜନ୍ମମାଟି ପରମାଣପୁରରେ ତାଙ୍କର ସ୍ମୃତିରକ୍ଷା କରାଯିବାର ଆବଶ୍ୟକତା ରହିଥିବା ବକ୍ତାମାନେ ମତ ଦେଇଥିଲେ । ପଣ୍ଡିତ ଲକ୍ଷ୍ମୀ ନାରାୟଣ କେବଳ ଓଡ଼ିଶା ନୁହେଁ, ସାରା ଭାରତର ଜଣେ ଜ୍ଞାନୀ ବ୍ୟକ୍ତିଭାବେ ପରିଗଣିତ ହେଉଥିଲେ । ତାଙ୍କ ରଚିତ ଗୀତା ଔର ଇସଲାମ ଦେଶର ଧାର୍ମିକ ସଦ୍‌ଭାବନାର ଏକ ଉଦାହରଣ ବୋଲି ଆକାଶବାଣୀ ଗୀତିକାର ବିଭୂତି ଭୂଷଣ ନାଥ କହିଥିଲେ । ସେ ସ୍ୱାଧୀନତା ସଂଗ୍ରାମରେ କାରାଦଣ୍ଡ ସମୟକୁ ପଠନ ଏବଂ ସାହିତ୍ୟ ସର୍ଜନାରେ ଉପଯୋଗ କରିଥିବା ନାଥ କହିଥିଲେ । ବୈଠକରେ ପଣ୍ଡିତ ଲକ୍ଷ୍ମୀନାରାୟଣ ଯୁବକ ସଂଘ ସଭାପତି ସବୀର ରଞ୍ଜନ ନାଥ ଜୟନ୍ତୀ ଆୟୋଜନ ଉପରେ କହିଥିଲେ । ପଣ୍ଡିତ ମିଶ୍ରଙ୍କ ପରମାଣପୁରସ୍ଥିତ ପୈତୃକ ବାସଭବନ ଭାଙ୍ଗି ମାଟିରେ ମିଶି ସାରିଥିବାରୁ ସେଠାରେ ତାଙ୍କର ସ୍ମୃତିକେନ୍ଦ୍ର ନିର୍ମାଣ ପାଇଁ ମତପ୍ରକାଶ ପାଇଥିଲା । ଏହାସହ ପରମାଣପୁରର ସମ୍ପର୍କ, ସ୍ୱାଧୀନତା ସଂଗ୍ରାମ ଏବଂ ସାହିତ୍ୟରେ ତାଙ୍କର ଯୋଗଦାନକୁ ନେଇ ନିରମାଏଲ ସାହିତ୍ୟ ସଂସଦ ପକ୍ଷରୁ ତଥ୍ୟ ପ୍ରକାଶନ ଉପରେ ଅଞ୍ଚଳର କବି ଏବଂ ଲେଖକମାନେ ମତ ଦେଇଥିଲେ । ଆସନ୍ତା ଏପ୍ରିଲ ୧୧ ତାରିଖରେ ପଣ୍ଡିତ ମିଶ୍ରଙ୍କ ପରମାଣପୁରରେ ରାଜ୍ୟସ୍ତରୀୟ ଜୟନ୍ତୀ ଆୟୋଜନ କରାଯାଇ ଅଞ୍ଚଳର କବି କଳାକାର ଏବଂ ସାହିତ୍ୟକ ମାନଙ୍କୁ ଏକଜୁଟ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ରାଜଲକ୍ଷ୍ମୀ ମିଶ୍ର, ନିରୂପମା ନାଥ, ତ୍ରିଲୋଚନ ସାହୁ, କାହ୍ନୁଚରଣ ନାଥ, ସନଥ କୁମାର ବାଗ, ଲଳିତ ମୋହନ ପ୍ରଧାନ, ମହେଶ୍ୱର ନାୟକ, ରାହାସ ବିହାରୀ ନାଥ, କୈଳାସ ବାରିକ, ବିଭୂତି ଭୂଷଣ ନାଥ ବୈଠକରେ ଉପସ୍ଥିତ ଥିଲେ । ସମ୍ପାଦକ ପ୍ରଦ୍ୟୁମ୍ନ ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଣ୍ଡାବଜାର ସ୍ୱତନ୍ତ୍ରତା ବଜାୟ ରଖିବାକୁ ଦାବି

## ସଂସ୍କୃତି ବିକୃତିକରଣକୁ ଗଣ୍ଡା ସମାଜ କଲ୍ୟାଣ ପରିଷଦର ବିରୋଧ

ସମ୍ବଲପୁର,୨୧।୩(ପ୍ରମୋଦ ବହିଦାର)

ପାରମ୍ପରିକ ଗଣ୍ଡାବଜାର ମୌଳିକତା ଓ ସ୍ୱତନ୍ତ୍ରତା ରକ୍ଷା ପାଇଁ ସମ୍ବଲପୁର ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଦାବି କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସାମ୍ବାଦିଦ ଭଵନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପରିଷଦର ସଭାପତି ନିହାଲ ସିଂ 'ଗଣ୍ଡାବଜା' ଭଳି ସଂସ୍କୃତିର ବିକୃତିକରଣ ପ୍ରୟାସକୁ ତୀବ୍ର ବିରୋଧ କରିଛନ୍ତି । ସେ ଅଭିଯୋଗ କରିଛନ୍ତି, ମା' ସଲଲେଇଙ୍କ ପୀଠରେ ପାରମ୍ପରିକ ଗଣ୍ଡାବଜାକୁ ଦୁଲଦୁଲି ନାମରେ ନାମିତ କରି ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯାହା ଗଣ୍ଡା ସଂସ୍କୃତିର ପ୍ରକୃତ ପରିଚୟକୁ ବିକୃତ କରିବାର ପ୍ରୟାସ । ଏହି ଅବସରରେ ସମ୍ବଲପୁରୀ ଭାଷା ଓ ସଂସ୍କୃତିର ସୁରକ୍ଷା ସହ ଆବହମାନ କାଳରୁ ଗଣ୍ଡା ସଂସ୍କୃତି ସହ ଜଡ଼ିତ ଏହି ବାଜାର ସୁରକ୍ଷା ସହିତ ଏହାକୁ ତାର ନିଜସ୍ୱ ନାମରେ ହିଁ ସ୍ୱୀକୃତି ପ୍ରଦାନ କରାଯାଉ ବୋଲି ଗଣ୍ଡା ସମାଜ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି । ଖବରଦାତା ସମ୍ମିଳନୀରେ ପରିଷଦ ଉପଦେଷ୍ଟା ପୁରନ୍ଦର ସୁନା, ଉପସଭାପତି ରାମକୃଷ୍ଣ ଶାସନୀ, ସଙ୍ଗଠନ ସମ୍ପାଦିକା ପିଙ୍କି ଲୁହା, ସଭ୍ୟ ଚୈତନ୍ୟ ମୁନା ଉପସ୍ଥିତ ଥିଲେ ।

# ବିଜ୍ଞାନ, ଗଣିତଚକ୍ରରେ ୩୦ ପ୍ରକଳ୍ପ


ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର ।

ନାକଟିଦେଉଳ,୨୧।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ ଓ ବିଜ୍ଞାନଚକ୍ର ଆୟୋଜିତ ହୋଇଯାଇଛି । ବିଜ୍ଞାନଚକ୍ରରେ ୧୭ଟି ଏବଂ ଗଣିତ ଚକ୍ରରେ ୧୩ଟି ଗ୍ରୁପ ପକ୍ଷରୁ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକଭାବେ ବିଭିନ୍ନ ବିଦ୍ୟାଳୟର ଆକାଶ ସାହୁ, ନୃସିଂହ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ଦେବସ୍ମିତା ଧଳ, ଶୋଭାଗିନୀ ମାଝୀ, ଶରତ ମାଝୀ, ପ୍ରଜ୍ଞାପାରମିତା ପ୍ରଧାନ, ପଦ୍ମିନୀ ସେଠ, ନଭେଶ ଧଳ, ମୀନାରାଣୀ ଧଳ, ବିଜୟ ସାହୁ ଏବଂ ମହେନ୍ଦ୍ର କୁମାର ମାଝୀ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ । ଉଚ୍ଚ ବିଦ୍ୟାଳୟସ୍ତରରେ ବିଜ୍ଞାନଚକ୍ରରେ ମେଣ୍ଡେଲି ଗ୍ରୁପ ପ୍ରଥମ, ମାଇକେଲ ଫାରାଡେ ଗ୍ରୁପ ଦ୍ୱିତୀୟ ଏବଂ କେପଲର ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଗଣିତଚକ୍ରରେ ଉଇଲର ଗ୍ରୁପ ପ୍ରଥମ, ଆର୍କ ମେଡିସ ଗ୍ରୁପ ଦ୍ୱିତୀୟ ଏବଂ ଏବେଲ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଉଚ୍ଚ ପ୍ରାଥମିକସ୍ତରରେ ବିଜ୍ଞାନ ଚକ୍ରରେ ଡ଼ପଲର ଗ୍ରୁପ ପ୍ରଥମ, ଲିଣ୍ଡ ମ୍ୟାନ ଗ୍ରୁପ ଦ୍ୱିତୀୟ ଏବଂ ବୁଲାଡ଼ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଗଣିତଚକ୍ରରେ ଉଇକ୍ଲିଡ଼ ଗ୍ରୁପ ପ୍ରଥମ, ପାଇଥା ବରାଶ ଗ୍ରୁପ ଦ୍ୱିତୀୟ ଏବଂ ହେରନ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ମୁଖ୍ୟବକ୍ତାଭାବେ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ସରାପାଲି ସରପଞ୍ଚ ଶିବାନୀ ବାରିକ, ପୂର୍ବତନ ଶିକ୍ଷକ ଲୋକନାଥ ପ୍ରଧାନ ଏବଂ ସିଆରସିସି ସୁନୀଲ ଏକ୍କା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସହକାରୀ ଶିକ୍ଷକ ତପନ କୁମାର ସାହୁ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟ ସହାୟକ ଦିବ୍ୟକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ପର୍ଯ୍ୟଟନର ବିକାଶ ଘୋଷଣାରେ ସୀମିତ

## ଭାଜପା ସରକାରଙ୍କୁ ରୋହିତ ପୂଜାରୀଙ୍କ ସମାଲୋଚନା

ସମ୍ବଲପୁର,୨୧।୩(ପ୍ରମୋଦ ବହିଦାର)

ରାଜ୍ୟର ଭାଜପା ସରକାର ସମ୍ବଲପୁର ଜିଲାର ପର୍ଯ୍ୟଟନ ବିକାଶକୁ ଅବହେଳା କରୁଥିବା ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ଅଭିଯୋଗ କରିଛନ୍ତି । ଏକ ପ୍ରେସ ବିବୃତିରେ ସେ କହିଛନ୍ତି, ନିର୍ବାଚନ ସମୟରେ ଭାଜପା ଦେଇଥିବା ପ୍ରତିଶ୍ରୁତି ଅନୁସାରେ ସମ୍ବଲପୁର ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ମହାନଦୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା ବୈଠକରେ କେବଳ କଟକର ରିଭର ଫ୍ରଣ୍ଟ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସମ୍ବଲପୁରକୁ ଅଣଦେଖା କରାଯିବା ଦୁର୍ଭାଗ୍ୟଜନକ । ସେ କ୍ଷୋଭର ସହିତ କହିଛନ୍ତି, ୨୦୨୫ରୁ ଏହି ପ୍ରକଳ୍ପ ଘୋଷଣା ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ । ସେହିପରି ରେଢ଼ାଖୋଲଠାରେ ବିଜେଡ଼ି ସରକାର ସମୟରେ ନିର୍ମିତ ଅତ୍ୟାଧୁନିକ ଇକୋ ପାର୍କର ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଇଛି । ପ୍ରାୟ ୨ କୋଟି ୭୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ସୁନ୍ଦର ପାର୍କ ଏବେ ଅବହେଳିତ ହୋଇ ପଡ଼ିଛି ବୋଲି ଇଂ ପୂଜାରୀ କହିଛନ୍ତି ।

# ଗବେଷଣା ତଥ୍ୟ ଆଧାରିତ ହେବା ଆବଶ୍ୟକ

## ଜିଏମ୍‌ୟୁ ନୃତତ୍ତ୍ୱ ବିଜ୍ଞାନ ବିଭାଗରେ ଜାତୀୟ ସମ୍ମାନ ଉଦ୍‌ଯାପିତ

ସମ୍ବଲପୁର,୨୧।୩(ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ର ନୃତତ୍ତ୍ୱ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିଦିନିଆ ଜାତୀୟ ସମ୍ମାନ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ମୁଖ୍ୟବକ୍ତାଭାବେ ଯୋଗଦେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗ ସହକାରୀ ପ୍ରଫେସର୍ ଡ. ରାଜେନ୍ଦ୍ର ଗଡ଼ତିଆ 'ଉନ୍ନତ ଗବେଷଣାରେ ପରିସଂଖ୍ୟାନମୂଳକ ଉପାଦାନ' ଶୀର୍ଷକ ଆଲୋଚନାରେ ଗବେଷଣାତ୍ମକ ସଜନଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ବକ୍ତାଭାବେ ଡ. ବିଭୁକଲ୍ୟାଣ ମହାନ୍ତି ଉନ୍ନତ ଗବେଷଣା ଶୈଳୀ ଉପରେ ଆଲୋଚନା କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଗବେଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଶିକ୍ଷଣୀୟ ହୋଇଥିଲା । ଡ. କଲ୍ୟାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଶୁକ୍ରବାର 'ଉନ୍ନତ ଗବେଷଣା ଏବଂ ପରିସଂଖ୍ୟାନ ବିଶ୍ଳେଷଣ' ଶୀର୍ଷକ ଜାତୀୟ ସମ୍ମାନ ପ୍ରଥମ ଦିବସରେ ମୁଖ୍ୟବକ୍ତାଭାବେ ଯୋଗଦେଇ କୋଲକାତା ପରିସଂଖ୍ୟାନ ସଂସ୍ଥାର ଜୈବିକ ବିଜ୍ଞାନ ୟୁନିଟ ପ୍ରଫେସର୍ ଶୁଭୋ ରାୟ ଆଧୁନିକ ଜ୍ଞାନ ସୃଷ୍ଟିର ଯୁଗରେ ଗବେଷଣା କେବଳ ବର୍ଣ୍ଣନାତ୍ମକ ନ ହୋଇ କିଭଳି ଦୃଢ଼ ତଥ୍ୟ ଆଧାରିତ ହେବା ଆବଶ୍ୟକ ବୋଲି କହିଛନ୍ତି । ଏହାର ଶୈକ୍ଷିକ ଅଧିବେଶନ ପ୍ରାରମ୍ଭରେ ବିଭାଗର ସହକାରୀ ପ୍ରଫେସର୍ ଡ. ମୀନକେତନ ବାଗ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଡ. ମୀରା ସ୍ୱାଇଁ ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥିଭାବେ ପ୍ରଫେସର୍ ଦୀପକ କୁମାର ବେହେରା ଉପସ୍ଥିତ ଥିଲେ । ଶେଷରେ ସଚିନ୍ ପୂଜାହାରୀ ଧନ୍ୟବାଦ ଅର୍ପଣ କରିଥିଲେ ।


ଆୟୋଜିତ ଜାତୀୟ ସମ୍ମାନରେ ଉପସ୍ଥିତ ଅତିଥିବୃନ୍ଦ ।

# ବିକାଶରେ ସକାରାତ୍ମକ ଚିନ୍ତନ ଆବଶ୍ୟକ

## ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ସମ୍ବଲପୁର,୨୧।୩(ବି.ଶଙ୍କର)

ଏକବିଂଶ ଶତାବ୍ଦୀର ସମୃଦ୍ଧି: ସକାରାତ୍ମକ ମନସ୍ତତ୍ତ୍ୱ ଏବଂ ମାନସିକ ସ୍ୱାସ୍ଥ୍ୟ ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ସମ୍ମାନ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଛି । ମହାବିଦ୍ୟାଳୟ ସ୍ନାତକୋତ୍ତର ମନୋବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ସମ୍ବଲପୁରସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିକାଶରେ ସକାରାତ୍ମକ ଚିନ୍ତନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

ମୁଖ୍ୟବକ୍ତାଭାବେ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗାଧ୍ୟକ୍ଷ ପ୍ରଫେସର ଅଜିତ ମହାନ୍ତି ଯୋଗଦେଇ ସମଗ୍ର ଜାଗତିକ ପରିବେଶକୁ ଯେଉଁ ହିଂସା ବିଦ୍ୱେଷ ସଂକ୍ରମିତ କରିଛି ସେଥିରୁ ମୁକ୍ତି ପାଇବା ପାଇଁ ସକାରାତ୍ମକ ଚିନ୍ତନ ଓ ଭାରତୀୟ ଜ୍ଞାନର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସାମୂହିକ ସକାରାତ୍ମକ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଫେସର ମହାନ୍ତି ଆଲୋକପାତ କରିଥିଲେ । ଜାତୀୟ ସମ୍ମାନ ଆବାହକ ଏବଂ ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସମିତା ଆଚାର୍ଯ୍ୟ ଜାତୀୟ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ ଏବଂ ସହ ଆବାହକ ପ୍ରଫେସର ବେଣୀ ପଟେଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଗବେଷଣା କ୍ଷେତ୍ରରେ ଏଭଳି ସମ୍ମାନର ଆବଶ୍ୟକତା ସହ ଉପଲବ୍ଧି ସମ୍ବନ୍ଧରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଫେସର ବିଷ୍ଣୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦଘାଟନୀ ଉତ୍ସବରର ସଂଯୋଜକ ଦାୟିତ୍ୱ ତୁଲାଇଥିଲେ । ଏହି ସଂପାନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେନ୍ଦ୍ର କୁମାର ସିଆ, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଯଶୋବନ୍ତ ମହାପାତ୍ର, ଭୀମ ଭୋଇ ଭେଷଜ ମହାବିଦ୍ୟାଳୟ ମନୋଚିକିତ୍ସକ ପ୍ରଫେସର ଆଶୀର୍ବାଦ ଶତପଥୀ, ରାଞ୍ଚି ସ୍ନାୟୁ-ମାନସିକ ଏବଂ ସହଯୋଗୀ ଚିକିତ୍ସା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅମୂଲ ରଞ୍ଜନ ସିଂହ, ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ନୈଦାନିକ ମନୋବିଜ୍ଞାନୀ ଡ. ସୁନୀତା ମିଶ୍ରଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରୀଛାତ୍ର ଭାଗନେଇ ଗବେଷଣା ପତ୍ର ପାଠ କରିବା ସହ ଭାବ ବିନିମୟ କରିଥିଲେ । ଏଥିସହ ସଂପାନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ୫୦ଟି ଗବେଷଣା ପ୍ରସ୍ତୁତ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀରସ୍ଥିତ ମନଃରୋଗ ବିଶେଷଜ୍ଞ ପ୍ରଫେସର ଆଶୀର୍ବାଦ ଶତପଥୀ ଯୋଗଦାନ କରିଥିଲେ । ମହାବିଦ୍ୟାଳୟ ଅଧ୍ୟାପିକା ମନୋବିଜ୍ଞାନ ବିଭାଗର ଅଧ୍ୟାପିକା ଶୁଭ ସୌମ୍ୟା ପଟ୍ଟନାୟକ, ସମୀକ୍ଷା ପାଣିଗ୍ରାହୀ, ଅଧ୍ୟାପକ ଗୁରୁପ୍ରସାଦ ବାଗ୍ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।


ଆୟୋଜିତ ଜାତୀୟ ସମ୍ମାନରେ ଅତିଥି, ବକ୍ତା ଓ ଛାତ୍ରୀମାନେ ।

## ସଂକ୍ଷେପରେ

### ୧୦୦ ବୋତଲ୍ ନିଶା କଫ ସିରପ ଜବତ, ଜଣେ ଗିରଫ



ଜବତ ନିଶା କଫ୍ ସିରପ୍ ଏବଂ ଗିରଫ ଅଭିଯୁକ୍ତ।

**ସମ୍ବଲପୁର,୨୧।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଧନୁପାଲି ଥାନା ନକ୍ସାପାଲିରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଶହେ ମିଲିଲିଟର ବିଶିଷ୍ଟ ୧୦୦ଟି ସିଲ୍ଡ ବୋତଲ ନିଷିଦ୍ଧ ନିଶା କଫ୍‌ସିରପ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ନକ୍ସାପାଲିର ଗୋପୀନାଥ ନାୟକ(୨୯)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ କଫ୍‌ସିରପ୍ ଚାଲାଣରେ ବ୍ୟବହୃତ ଏକ ବାଇକ୍(ନଂ.ଓଡି-୧୫-ଜେ-୭୦୨୬) ଏବଂ ଗୋଟିଏ ସ୍ମାର୍ଟଫୋନ୍ ଜବତ କରାଯାଇଛି। ଅବକାରୀ ବିଭଗ ସୂଚନା ଅନୁଯାୟୀ, ଶୁକ୍ରବାର ନକ୍ସାପାଲି ଅଞ୍ଚଳରେ ନିଶା କଫ୍‌ସିରପ୍ କାରବାର ସହିତ ଚୋରା ଚଲାଣ ହେଉଥିବା ସମ୍ପର୍କରେ ସୂଚନା ମିଳିବା ପରେ ଏକ ସ୍ୱତନ୍ତ ଦଳ ଚଢାଉ କରିଥିଲା। ଏ ନେଇ ଏକ ମାମଲା ରୁଜୁ କରାଯାଇ ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବାମରାରେ ଗଣଗୌର ପର୍ବ ଉଦ୍‌ଯାପିତ

**କୁଚିଣ୍ଡା,୨୧।୩(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା ବାମରାରେ ୧୮ ଦିନ ଧରି ଚାଲିଥିବା ମହିଳାଙ୍କ ସୁହାଗ, ସମୃଦ୍ଧି, ଆସ୍ଥା ଏବଂ ବିଶ୍ୱାସର ଗଣ ଗୌର ପର୍ବ ସମ୍ପନ୍ନ ହୋଇଛି। ପାରମ୍ପରିକ ବସ୍ତ୍ର ପରିଧାନ କରି ସଧବା ମହିଳାମାନେ ଲୋକଗୀତ ମାଧ୍ୟମରେ ୧୬ଟି କୂଅରୁ ପାଣି ସଂଗ୍ରହ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଶନିବାର ଉଦ୍‌ଯାପନୀ ଦିବସରେ ବହୁ ସଂଖ୍ୟକ ରାଜସ୍ଥାନୀ ମହିଳା ଏକତ୍ରିତ ହୋଇ ସନ୍ଧ୍ୟାରେ ଗୌରୀ ଓ ଶିବଙ୍କ ପ୍ରତିମା ବିସର୍ଜନ କରିଥିଲେ। ଏହି ଅବସରରେ ମହିଳାମାନେ ଅଖଣ୍ଡ ସୌଭାଗ୍ୟବତୀ ଏବଂ କୁଆଁରୀ କନ୍ୟାମାନେ ମନ ପସନ୍ଦର ବର ପାଇଁ କାମନା କରିଥାନ୍ତି। ଫାଲଗୁନ ପୂର୍ଣ୍ଣିମା ପରଦିନଠାରୁ ଚୈତ୍ର ଶୁକ୍ଳ ପକ୍ଷ ତୃତୀୟା ତିଥି ପର୍ଯ୍ୟନ୍ତ ଏହି ପର୍ବ ପାଳିତ ହୋଇଥାଏ। ବାମରାରେ ଲାଠ ପରିବାରରେ ଗଣ ଗୌର ସ୍ଥାପିତ ହୋଇଥିବା ବେଳେ ପୂର୍ବାହ୍ନ ଓ ଅପରାହ୍ନରେ ମହିଳା ଏବଂ କୁଆଁରୀ କନ୍ୟାମାନେ ଏଥିରେ ଭାଗ ନେଇଥାନ୍ତି। ଗଣଗୌର ଆମର ସଂସ୍କୃତି ତଥା ପରମ୍ପରାର ପ୍ରତୀକ ବୋଲି ରାଧିକା ଲାଠ ଅଗ୍ରୱାଲ, ଜାଗୃତି ଲାଠ ପୋଦ୍ଦାର, ତନିଶା ଖଣ୍ଡେଲୱାଲ, ମାନସୀ ଖଣ୍ଡେଲୱାଲ ପ୍ରମୁଖ କହିଛନ୍ତି।

### ସ୍ମୃତିସଭାରେ ଦେବଦତ୍ତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୨୧।୩(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରର ଫଟୋ ଖବରଦାତା ଦେବଦତ୍ତ ପଣ୍ଡାଙ୍କୁ ସମ୍ବଲପୁର ପ୍ରେସ କ୍ଲବ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରେସକ୍ଲବର ସଦସ୍ୟମାନେ ଦେବଦତ୍ତଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଉଚ୍ଚ ଶିକ୍ଷିତ ଏବଂ ପ୍ରତିଷ୍ଠିତ ପରିବାରର ସଦସ୍ୟ ହୋଇଥିବା ସତ୍ତ୍ୱେ ସେ ଫଟୋଗ୍ରାଫିକୁ ନିଜ ବୃତ୍ତିଭାବେ ଗ୍ରହଣ କରିଥିଲେ ବୋଲି ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଗଣମାଧ୍ୟମରେ ଫଟୋର ଗୁରୁତ୍ୱ ରହିଥିବା ସମୟରେ ସେ ଫଟୋ ଖବରଦାତା ଭାବେ କାର୍ଯ୍ୟ କରି ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଥିବା ସଦସ୍ୟମାନେ ମତ ଦେଇଥିଲେ। ବରିଷ୍ଠ ସଦସ୍ୟ ସୁବାଷ ପାଣିଗ୍ରାହୀ ଦେବଦତ୍ତ ପଣ୍ଡାଙ୍କୁ ସମ୍ବଲପୁର ଅଞ୍ଚଳର ଜଣେ ସର୍ବଶ୍ରେଷ୍ଠ ଫଟୋଗ୍ରାଫର ଏବଂ ସରଳ ବ୍ୟକ୍ତି ଭାବେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ବିରାଜ ମିଶ୍ର, ନରେଶ ସେଠ, ତୃପ୍ତିମୟୀ ପଣ୍ଡା, ବ୍ୟୋମକେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ଉଦ୍‌ଘାଟିତ

## ଭୁବନେଶ୍ୱରର କଳାକାରଙ୍କ ଦ୍ୱାରା ନାଟକ ଅନାଗତ ମଞ୍ଚସ୍ଥ

**ସମ୍ବଲପୁର,୨୧।୩(ବି.ଶଙ୍କର)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ରେ ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ଓ ପିଏମ୍ ଉଷାର ମିଳିତ ସହଯୋଗରେ 'ବିଭିନ୍ନ ବିଷୟ ସମୂହରେ ସାମାଜିକ ଲିଙ୍ଗ: ସାମ୍ପ୍ରତିକ ପ୍ରାସଙ୍ଗିକତା ଓ ଉଦୟମାନ ଆଲୋଚନା' ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବକୁ ଜିଏମ୍‌ୟୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ମୁମ୍ବାଇସ୍ଥିତ ଟିସ୍‌ର ପୂର୍ବତନ ପ୍ରଫେସର ବିଭୂତି ପଟେଲ, ସମ୍ମାନିତ ଅତିଥିଭାବେ ରାଉରକେଲା ଇସ୍ପାତ ଜୁନିୟର କଲେଜର ପୂର୍ବତନ ଅଧକ୍ଷା ମୀନା ଶତପଥୀ ଓ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ସିଇଓ ଡ. ଉମା ଚରଣ ପତି ଯୋଗଦେଇଥିଲେ। ସମାପନ ଅଧିବେଶନରେ ତତ୍କାଳୀନ ଜିଏମ୍ କଲେଜର ପୂର୍ବତନ ଅଧକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ମୁଖ୍ୟଅତିଥି ଓ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଅପରାଜିତା ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ଲେନାରୀ ଅଧିବେଶନରେ ପ୍ରଫେସର ସିକ୍ତା ପଣ୍ଡା, ଡ. ପ୍ରଭାତୀ ଡାଲୁଅ, ଡ. ହିରଣ୍ମୟୀ ମିଶ୍ର ଓ ଡ. ମୌସୁମୀ ପଟ୍ଟନାୟକଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ଶିକ୍ଷାବିତ, ଶିକ୍ଷକ ଓ ଗବେଷକ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ଶ୍ରୀକଲଚରାଲ ଆସୋସିଏଶନ୍ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମର ପ୍ରଥମ ରଜନୀରେ ମଞ୍ଚସ୍ଥ ଅନାଗତ ନାଟକର ଏକ ଦୃଶ୍ୟ।

କାର୍ମଶାଳାରେ ରାଜନୀତି, ଅର୍ଥନୀତି, ନ୍ୟାୟିକ ବ୍ୟବସ୍ଥା, ଗଣମାଧ୍ୟମ, ପ୍ରଯୁକ୍ତିବିଦ୍ୟା, ପରିବେଶ ଓ ସାହିତ୍ୟ ଭଳି ବିଭିନ୍ନ କ୍ଷେତ୍ରରେ ସାମାଜିକ ଲିଙ୍ଗର ପ୍ରାସଙ୍ଗିକତା ଉପରେ ଚର୍ଚ୍ଚା ହୋଇଥିଲା। ବିଶେଷ କରି ଲୋକତାନ୍ତ୍ରିକ ପ୍ରକ୍ରିୟାରେ ମହିଳାଙ୍କ ଭୂମିକା, କର୍ମକ୍ଷେତ୍ରରେ ଲିଙ୍ଗଗତ ଅସମାନତା, ଅବୈତନିକ ଘରୋଇ କାମକୁ ଅର୍ଥନୈତିକ ସ୍ୱୀକୃତି ପ୍ରଦାନ ଏବଂ କିନ୍ନର ବା ତୃତୀୟ ଲିଙ୍ଗ ସମୁଦାୟର ସାମ୍ବିଧାନିକ ଅଧିକାର ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଡିଜିଟାଲ ଫେମିନିଜମ୍, ସାଇବର ହିଂସା, ଇକୋ-ଫେମିନିଜମ୍ ଏବଂ କ୍ୱିୟର ସିଦ୍ଧାନ୍ତ ଭଳି ଆଧୁନିକ ବିଷୟଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା। ଏହି ସାମଗ୍ରିକ ଆଲୋଚନା ଭବିଷ୍ୟତରେ ଗବେଷଣା ଓ ନୀତି ନିର୍ଦ୍ଧାରଣ ପାଇଁ ଏକ ନୂତନ ଦିଗ ଦେଖାଇବ ବୋଲି ଆଶାପ୍ରକାଶ ପାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ, ଅଧ୍ୟାପିକା ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ଅଧ୍ୟାପକ ପ୍ରଳୟ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଗବେଷିକା, ଗବେଷକ ଓ ଛାତ୍ରୀଛାତ୍ର ପରିଚାଳନ କରିଥିଲେ। ସହକାରୀ ପ୍ରଫେସର ଡ. ବନିତା ମହାନନ୍ଦିଆ ଓ ସିଂହ ଶୁଭଲକ୍ଷ୍ମୀ ବହିଦାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ମହିଳାଙ୍କ ସାମ୍ବିଧାନିକ ଅଧିକାର ଉପରେ ଗୁରୁତ୍ୱ

**ସମ୍ବଲପୁର,୨୧।୩(ପ୍ରମୋଦ ବହିଦାର)**

**ଜିଏମ୍‌ୟୁରେ ସାମାଜିକ ଲିଙ୍ଗ ସମ୍ପର୍କିତ କର୍ମଶାଳା**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ଓ ପିଏମ୍ ଉଷାର ମିଳିତ ସହଯୋଗରେ 'ବିଭିନ୍ନ ବିଷୟ ସମୂହରେ ସାମାଜିକ ଲିଙ୍ଗ: ସାମ୍ପ୍ରତିକ ପ୍ରାସଙ୍ଗିକତା ଓ ଉଦୟମାନ ଆଲୋଚନା' ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବକୁ ଜିଏମ୍‌ୟୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ମୁମ୍ବାଇସ୍ଥିତ ଟିସ୍‌ର ପୂର୍ବତନ ପ୍ରଫେସର ବିଭୂତି ପଟେଲ, ସମ୍ମାନିତ ଅତିଥିଭାବେ ରାଉରକେଲା ଇସ୍ପାତ ଜୁନିୟର କଲେଜର ପୂର୍ବତନ ଅଧକ୍ଷା ମୀନା ଶତପଥୀ ଓ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ସିଇଓ ଡ. ଉମା ଚରଣ ପତି ଯୋଗଦେଇଥିଲେ। ସମାପନ ଅଧିବେଶନରେ ତତ୍କାଳୀନ ଜିଏମ୍ କଲେଜର ପୂର୍ବତନ ଅଧକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ମୁଖ୍ୟଅତିଥି ଓ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଅପରାଜିତା ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ଲେନାରୀ ଅଧିବେଶନରେ ପ୍ରଫେସର ସିକ୍ତା ପଣ୍ଡା, ଡ. ପ୍ରଭାତୀ ଡାଲୁଅ, ଡ. ହିରଣ୍ମୟୀ ମିଶ୍ର ଓ ଡ. ମୌସୁମୀ ପଟ୍ଟନାୟକଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ଶିକ୍ଷାବିତ, ଶିକ୍ଷକ ଓ ଗବେଷକ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

କାର୍ମଶାଳାରେ ରାଜନୀତି, ଅର୍ଥନୀତି, ନ୍ୟାୟିକ ବ୍ୟବସ୍ଥା, ଗଣମାଧ୍ୟମ, ପ୍ରଯୁକ୍ତିବିଦ୍ୟା, ପରିବେଶ ଓ ସାହିତ୍ୟ ଭଳି ବିଭିନ୍ନ କ୍ଷେତ୍ରରେ ସାମାଜିକ ଲିଙ୍ଗର ପ୍ରାସଙ୍ଗିକତା ଉପରେ ଚର୍ଚ୍ଚା ହୋଇଥିଲା। ବିଶେଷ କରି ଲୋକତାନ୍ତ୍ରିକ ପ୍ରକ୍ରିୟାରେ ମହିଳାଙ୍କ ଭୂମିକା, କର୍ମକ୍ଷେତ୍ରରେ ଲିଙ୍ଗଗତ ଅସମାନତା, ଅବୈତନିକ ଘରୋଇ କାମକୁ ଅର୍ଥନୈତିକ ସ୍ୱୀକୃତି ପ୍ରଦାନ ଏବଂ କିନ୍ନର ବା ତୃତୀୟ ଲିଙ୍ଗ ସମୁଦାୟର ସାମ୍ବିଧାନିକ ଅଧିକାର ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ଡିଜିଟାଲ ଫେମିନିଜମ୍, ସାଇବର ହିଂସା, ଇକୋ-ଫେମିନିଜମ୍ ଏବଂ କ୍ୱିୟର ସିଦ୍ଧାନ୍ତ ଭଳି ଆଧୁନିକ ବିଷୟଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା। ଏହି ସାମଗ୍ରିକ ଆଲୋଚନା ଭବିଷ୍ୟତରେ ଗବେଷଣା ଓ ନୀତି ନିର୍ଦ୍ଧାରଣ ପାଇଁ ଏକ ନୂତନ ଦିଗ ଦେଖାଇବ ବୋଲି ଆଶାପ୍ରକାଶ ପାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ, ଅଧ୍ୟାପିକା ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ଅଧ୍ୟାପକ ପ୍ରଳୟ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଗବେଷିକା, ଗବେଷକ ଓ ଛାତ୍ରୀଛାତ୍ର ପରିଚାଳନ କରିଥିଲେ। ସହକାରୀ ପ୍ରଫେସର ଡ. ବନିତା ମହାନନ୍ଦିଆ ଓ ସିଂହ ଶୁଭଲକ୍ଷ୍ମୀ ବହିଦାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା ଗ୍ରସ୍ତ, ଜଣେ ମୃତ

**କୁଆଁରମୁଣ୍ଡା,୨୧।୩(ମହେନ୍ଦ୍ର କୁମାର ସାହୁ)**

ଶନିବାର ସନ୍ଧ୍ୟାରେ ବିରମିତ୍ରପୁରରୁ ସଲଙ୍ଗାବାହାଲ ପଟକୁ ଯାଉଥିବା ଏକ ବାଇକ ରାଏବୋଗା ଥାନା ଝମନକେରା ବୁଲାଣି ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ୨ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରୁ ଉଭୟଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ମାତ୍ର ସେଠାରେ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ।

# ତଦନ୍ତ କଲେ ବିଶେଷଜ୍ଞ ଡାକ୍ତରୀ ଟିମ୍

**ସୋନପୁର,୨୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ଜିଲାପାଳ ଡ. ନୃପରାଜ ସାହୁଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ସହରସ୍ଥିତ ଆଶା ନର୍ସିଂ ହୋମରେ ଶନିବାର ଏକ ବିଶେଷଜ୍ଞ ଡାକ୍ତରୀ ଟିମ୍ ତଦନ୍ତ କରି ଫେରି ଯାଇଛନ୍ତି। ଏହି ଟିମ୍‌ରେ ଭାରପ୍ରାପ୍ତ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ପ୍ରକାଶ ଡନସେନା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ ଓ ଶଲ୍ୟ ବିଭାଗର ବଶେଷଜ୍ଞ ଡାକ୍ତର ମାନସ ରଞ୍ଜନ ନାୟକ ସାମିଲ ଥିଲେ। ବିଶେଷଜ୍ଞ ଟିମ୍ ନର୍ସିଂହୋମର କାଗଜପତ୍ର ଯାଞ୍ଚ କରିବା ସହ ଅସ୍ତ୍ରୋପଚାର କକ୍ଷକୁ ଅନୁଧ୍ୟାନ କରିଥିଲେ। ସେହିପରି ଗୋଡଭଙ୍ଗା ଅସ୍ତ୍ରୋପଚାର ପରେ ଗୁରୁବାର ମୃତ୍ୟୁବରଣ କରିଥିବା ତରଭାର ମହାବୀର ଅଗ୍ରୱାଲ(୪୩)ଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ଦେଖିଥିଲେ। ଏହି ଟିମ୍ ତଦନ୍ତ ରିପୋର୍ଟ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣା ପରେ ମାଲିକ ନର୍ସିଂହୋମକୁ ବନ୍ଦ କରି ଦେଇଛନ୍ତି।

ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ମହାବୀରଙ୍କ ମୃତ୍ୟୁ ହୋଇଥିବା ଗୁରୁବାର ରାତିରେ ତାଙ୍କ ବଡ ଭାଇ ସୁଦର୍ଶନ ଅଭିଯୋଗ କରିଥିଲେ। ସୋନପୁର ଥାନାରେ ସମ୍ପୃକ୍ତ ଡାକ୍ତର ଓ ନର୍ସିଂହୋମ ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ଡାକ୍ତର ଓ ନର୍ସିଂହୋମ ମାଲିକ ଫେରାର ହୋଇଯାଇଛନ୍ତି। ଗୁରୁବାର ସକାଳେ ମହାବୀର ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରୁ ନିଜ ଚକ୍ଷୁ ଚିକିତ୍ସା କରି ବାଇକ୍‌ରେ ଘରକୁ ଫେରୁଥିଲେ। ସୁବର୍ଣ୍ଣପୁର ସହର ବୁଢାରଜା ଛକରେ ଏକ ପିକ୍‌ଅପ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଡାହାଣ ଗୋଡ ଭାଙ୍ଗିଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସା କରୁଥିବା ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କୃତ୍ତିବାସ ସୁବୁଦ୍ଧି ଏହି ସରକାରୀ ଡାକ୍ତରଖାନାରେ ଅସ୍ତ୍ରୋପଚାର ପାଇଁ କୌଣସି ସୁବିଧା ନାହିଁ। ତୁମେ ତୁରନ୍ତ ଆଶା ନର୍ସିଂହୋମକୁ ଯାଅ ମୁଁ ଅସ୍ତ୍ରୋପଚାର କରିବି ବୋଲି ପରାମର୍ଶ ଦେଇଥିଲେ। ପରିବାର ଲୋକେ ୩୫ହଜାର ଟଙ୍କା ଜମା କରି ତାଙ୍କୁ ସମ୍ପୃକ୍ତ ନର୍ସିଂହୋମରେ ଭର୍ତ୍ତି କରିଥିଲେ। କର୍ମଚାରୀମାନେ ତାଙ୍କୁ ଓଟିକୁ ନେଇଥିଲେ। ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସସ୍ମିତ ମହାନ୍ତି ଅପରାହ୍ନରେ ଆସି ଭାଙ୍ଗି ଯାଇଥିବା ଗୋଡରେ ଅସ୍ତ୍ରୋପଚାର ପାଇଁ ନିଶ୍ଚେତକ ଇଞ୍ଜେକ୍‌ଶନ ଦେଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମହାବୀରଙ୍କ ଚେତା ଫେରି ନ ଥିଲା। ଆଇସିୟୁ ଥିବା ଡାକ୍ତରଖାନାକୁ ତାଙ୍କୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ନର୍ସିଂହୋମ କର୍ତ୍ତୃପକ୍ଷ ଆମ୍ବୁଲାନ୍ସ ଡକାଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିବା ମୃତକଙ୍କ ବଡଭାଇ ସୁଦର୍ଶନ ଅଭିଯୋଗ କରିଥିଲେ। ଭାଙ୍ଗି ଯାଇଥିବା ଗୋଡ ଅସ୍ତ୍ରୋପଚାର କରିବାକୁ ଆସି ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ତାଙ୍କ ଭାଇଙ୍କ ମୂଲ୍ୟବାନ ଜୀବନ ଚାଲିଗଲା ବୋଲି ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏହା ଜାଣିବା ପରେ ଜିଲାପାଳ ଡ. ସାହୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସମ୍ପୃକ୍ତ ନର୍ସିଂହୋମ ପରିଦର୍ଶନ କରି ରୋଗୀସେବାରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ଏପରିକି ସମ୍ପୃକ୍ତ ନର୍ସିଂହୋମର ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ପୋଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ମିଳିବା ପରେ ତଦନ୍ତକୁ ତ୍ୱରାନ୍ୱିତ କରାଯିବ ବୋଲି ଆଇଆଇସି ଯାଦବ ବାଗ କହିଛନ୍ତି।



ମୃତ ମହାବୀର ଅଗ୍ରୱାଲ।




ବନ୍ଦ ହୋଇଥିବା ଆଶା ନର୍ସିଂହୋମ ।

**ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ ଘଟଣା**

**ବନ୍ଦ ହେଲା ଆଶା ନର୍ସିଂହୋମ**

# ଅବକାରୀ ଚଢ଼ାଉ, ୫ ଗିରଫ

**ଝାରସୁଗୁଡ଼ା,୨୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି। ଗତ ଗୁରୁବାର ଓ ଶୁକ୍ରବାର ଜିଲାର ସୁଲେହି, ନକ୍ସାପାଲି, ବାଙ୍କୀ, ପରମାନପୁର, ରେଙ୍ଗାଲପାଲି, ବଡସରୁଆ ଆଦି ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ାଉ କରି ମୋଟ ୭୬୦୦ କେଜି ମହୁଲ ପୋଚ, ୨୦୯ ଲିଟର ଦେଶୀ ମଦ, ୮୦ କେଜି କୁସୁନା ମଦ ଜବତ କରିଛି। ଏହି ଘଟଣାରେ ସୁଲେହି ଗ୍ରାମର ମମତା ବେହେରା, ନକ୍ସାପାଲି ଗ୍ରାମର ଶଙ୍କର ମୁଣ୍ଡା, ପରମାନପୁର ଗ୍ରାମର କ୍ଷୀରୋଦ କିଷାନ ଓ ରେଙ୍ଗାଲପାଲି ଗ୍ରାମର ସୁରେଶ ବଲୁଆଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ଜିଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ପକ୍ଷରୁ ଝାରସୁଗୁଡ଼ା ରେଳଷ୍ଟେଶନ ଅଞ୍ଚଳରେ ଚଢ଼ାଉ କରାଯାଇ ୮ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଜୋରାବଗା ଗୁମାଡେରା ଅଞ୍ଚଳର ଶ୍ରୀରାମ କୁମାରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଥିବା ଜିଲା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶେଷକୃତ୍ୟ ସମ୍ପନ୍ନ କଲେ ଟିମ୍ ଶ୍ମଶାନବନ୍ଧୁ

**ସୁନ୍ଦରଗଡ,୨୧।୩(ଜୟ ନାରାୟଣ ମେଣ୍ଟୁଲି)**

ସ୍ଥାନୀୟ ରାଜବାଟି ଅଞ୍ଚଳର ଶୁଶାନ୍ତ ଧରେଇ ନାମକ ଜଣେ ଯୁବକ ଯକ୍ଷ୍ମା ରୋଗରେ ପୀଡିତ ହୋଇ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଶୁକ୍ରବାର ରାତିରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି। ଏପଟେ ଶୁଶାନ୍ତଙ୍କ ମା' ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସାହା ଭରସା କେହି ନ ଥିବାରୁ ଓ ଦୀର୍ଘ ୧୨ ଘଣ୍ଟାରୁ ଅଧିକ କାଳ ସୁଶାନ୍ତଙ୍କ ମୃତଦେହ ପଡି ରହିବା ପରେ ୨ ନମ୍ବର ୱାର୍ଡ କାଉନସିଲର ଅନିଲ ମହାପାତ୍ରଙ୍କୁ ସୁଶାନ୍ତଙ୍କ କେତେଜଣ ସାଥୀ ଓ ପାଖ ପଡୋଶୀ ସମସ୍ତ ବିଷୟ କହିବା ପରେ କାଉନସିଲର ମହାପାତ୍ର ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କୁ ଯୋଗାଯୋଗ କରି ମୃତଦେହ ସତ୍କାର ନିମନ୍ତେ ଅନୁରୋଧ କରିଥିଲେ। ଟିମ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୃତଦେହ ଆଣିବା ସହିତ ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଶନିବାର ଶେଷକୃତ ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ ତରଫରୁ ଆବଶ୍ୟକ ସାମଗ୍ରୀ ଗୁଡ଼ିକ ଯୋଗାଇ ଦିଆଯାଇଥିଲା।




**ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

14001/22/2526

୨୦୨୬-୨୭ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ତା.୨୪.୦୪.୨୦୨୬ ରିଖ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ (GSP Training) | ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ ପୁରସ୍କାରପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ମେରିଟ ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ହସ୍ତଶିଳ୍ପ ନମୁନା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୁନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । ଗୁରୁଙ୍କ ମାସିକ ପାରିତୋଷିକ ଟ.୩୦,୦୦୦/- (ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଓ ଟ. ୨୫,୦୦୦/- (ରାଜ୍ୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୫,୦୦୦/- । ତାଲିମ ଅବଧି: ଗ୍ରୁପ A ହସ୍ତଶିଳ୍ପ-୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ- ୪ ମାସ । |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCP Training) | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empaneled MCP) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ । ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ । ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ ଅବଧି ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ । |
| | (ଗ) ଶିଳ୍ପୀଗ୍ରାମ ଯୋଜନା (CVP Training) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ ଓ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟକ୍ରମ ପାଇଁ ୨ ଗୋଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୁନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ- ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ । |
| ୨. | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା (Construction of Workshed for Handi-craft Artisans) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୪୦ ବର୍ଗଫୁଟର କର୍ମଶାଳା ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-) ର ଅନୁଦାନ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । କାରିଗରଙ୍କ ପରିବାର କେବଳ ଜଣେ ସଦସ୍ୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ହେବେ / ପରିବାରର କୌଣସି ସଦସ୍ୟ ସରକାରୀ ଚାକିରୀ କରିନଥିବେ/ କାରିଗରଙ୍କ ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ/କାରିଗରଙ୍କ ବାର୍ଷିକ ରୋଜଗାରର ପ୍ରାୟ ୫୦ ପ୍ରତିଶତ ଟଙ୍କା ତାଙ୍କର ହସ୍ତଶିଳ୍ପ ବୃତ୍ତିରୁ ରୋଜଗାର ହେଉଥିବା ଆବଶ୍ୟକ । |
| ୩. | ଶିଳ୍ପୀ ଉନ୍ନତି ଯୋଜନା (Silpi Unnati Yojana) | ୧୮ ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ତାଲିମ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/- ଋଣ ପ୍ରଦାନ । କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର, କଂସା ଓ ପିତ୍ତଳ କାମ, ପଥର ଖୋଦେଇ, କାଠ ଖୋଦେଇ, ଆଦିବାସୀ ଅଳଙ୍କାର ଏବଂ ଢୋକ୍ରା କାମ ପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ । ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/- ର) ଆର୍ଥିକ ଅନୁଦାନ ସହାୟତା । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । |

ବି.ଦ୍ର.: ଗ୍ରୁପ୍ A ହସ୍ତଶିଳ୍ପ- ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, କାଠ ଖୋଦେଇ, ପଥର ଖୋଦେଇ, ରୁପା ତାରକସି କାମ, କଂସା ଓ ପିତ୍ତଳ କାମ, ଢୋକ୍ରା କାମ, କଳା ଢୋକ୍ରା କାମ, ତାମ୍ର କାମ, ନମନୀୟ ପିତ୍ତଳ ମାଛ କାମ ।
ଗ୍ରୁପ୍ B ହସ୍ତଶିଳ୍ପ- ଅନୁମୋଦିତ ଅନ୍ୟାନ୍ୟ ୫୪ ଗୋଟି ହସ୍ତଶିଳ୍ପ ।
ଉପରୋକ୍ତ ସମସ୍ତ ଯୋଜନାଗୁଡିକର ସବିଶେଷ ତଥ୍ୟ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ । ଆଗ୍ରହୀ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନା ଗୁଡିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in/ ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ ରେ ପ୍ରବେଶ କରିବା ପରେ ଆବେଦନ କରିବାକୁ ଚାହୁଁଥିବା ଯୋଜନାରେ Apply Now ଉପରେ Click କରି ଆବେଦନ କରିପାରିବେ । ଏହି ୱେବସାଇଟ ତା.୧୯.୦୩.୨୦୨୬ରିଖରୁ ତା.୨୪.୦୪.୨୦୨୬ ରିଖ ପର୍ଯ୍ୟନ୍ତ ଆବେଦନ କରିବା ପାଇଁ ଉନ୍ମୁକ୍ତ ରହିବ । ଏଥିସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) / ହସ୍ତଶିଳ୍ପ ବିକାଶ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା- ୧୮୦୦ ୩୪୫ ୭୮୫୦ ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

ସ୍ୱା./- ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-14001/14008/1/25-26/0001

# ଅରବପତି ଯୁବ ଉଦ୍ୟୋଗୀ

**ଚାକିରି ହିଁ ରୋଜଗାରର ଏକମାତ୍ର ବଳିଷ୍ଠ ମାଧ୍ୟମ; ଅନେକଙ୍କ ମନରେ ଥିବା ଏହି ଭାବନାକୁ ସେମାନେ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି। ନିଜସ୍ୱ ଉଦ୍ୟମରେ ସଫଳ ବିଜ୍‌ନେସ୍ ଷ୍ଟାର୍ଟଅପ୍ ଆରମ୍ଭ କରି ପୃଥିବୀର ସବୁଠୁ ଧନୀ ଯୁବ ଅରବପତିଙ୍କ ତାଲିକାରେ ନିଜ ନାମ ସାମିଲ କରି କୋଟି କୋଟି ଯୁବପିଢ଼ିଙ୍କ ପାଇଁ ପାଲଟିଛନ୍ତି ଉଦାହରଣ ଆଉ ସେମାନଙ୍କ ମନରେ ଭରି ଦେଇଛନ୍ତି ଲକ୍ଷ୍ୟ ହାସଲ କରିବାର ସୁନେଲି ସ୍ୱପ୍ନ। ସେହିଭଳି କେତେଜଣ ସଫଳ ଯୁବ ଉଦ୍ୟୋଗୀଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



**ସୂର୍ଯ୍ୟା ମିଧା:** ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ଓ ଅହରହ ପ୍ରଚେଷ୍ଟା ଦ୍ୱାରା ମଣିଷ ସଫଳତାର ଶୀର୍ଷରେ ପହଞ୍ଚିପାରିବ, ସେ କଥାକୁ ସେ ପ୍ରମାଣ କରି ଦେଖାଇଛନ୍ତି। ପୈତୃକ ସମ୍ପତ୍ତି ନୁହେଁ, ବରଂ ନିଜସ୍ୱ ଉଦ୍ୟମରେ ପୃଥିବୀର ସବୁଠୁ କମ୍ ବୟସ୍କ ଅରବପତି ଭାବେ ଚଳିତବର୍ଷ ଅର୍ଥାତ୍ ୧୩ ମାର୍ଚ୍ଚ ୨୦୨୬ରେ ଫୋର୍ବ୍ସ ପତ୍ରିକାରେ ପ୍ରକାଶ ପାଇଥିବା ପୃଥିବୀର ସବୁଠୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ନିଜ ନାମକୁ ସାମିଲ କରିବାରେ ସଫଳ ହୋଇ ପାରିଛନ୍ତି ୨୨ ବର୍ଷୀୟ ଯୁବ ଉଦ୍ୟୋଗୀ ସୂର୍ଯ୍ୟା ମିଧା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରଥମଥର ଏହି ତାଲିକାରେ ସାମିଲ ହେବା ସହ ସେ ଫେସ୍‌ବୁକ୍‌ର କୋ-ଫାଉଣ୍ଡର ମାର୍କ ଜୁକରବର୍ଗ (୨୩ ବର୍ଷରେ ଏହି ତାଲିକାଭୁକ୍ତ ହୋଇଥିଲେ)ଙ୍କ ରେକର୍ଡ ଭାଙ୍ଗି ପାରିଛନ୍ତି। ସେ ହେଉଛନ୍ତି ଏଆଇ ଦ୍ୱାରା ନିଯୁକ୍ତି ଯୋଗାଇ ଦେଉଥିବା ଷ୍ଟାର୍ଟଅପ୍ କମ୍ପାନୀ ମେର୍‌କର୍‌ର ଚେୟାରପର୍ସନ ଏବଂ କୋ-ଫାଉଣ୍ଡର। ତାଙ୍କ ସହ ଏହି ତାଲିକାରେ ତାଙ୍କର ଅନ୍ୟ ଦୁଇ କୋ-ଫାଉଣ୍ଡର ବ୍ରେଣ୍ଡାନ୍ ଫୁଡୀ ଏବଂ ଆଦର୍ଶ ହିରେମାଥ୍‌ଙ୍କ ନାମ ବି ସାମିଲ ହୋଇଛି। ତିନିଜଣଙ୍କ ମଧ୍ୟରେ ମିଧାଙ୍କ ବୟସ ସବୁଠୁ କମ୍ ଏବଂ ସେମାନଙ୍କ ଷ୍ଟାର୍ଟଅପ୍‌ର ବର୍ତ୍ତମାନ ମୂଲ୍ୟ ପ୍ରାୟ ୧୦ ବିଲିୟନ୍ ଡଲାର ବୋଲି ଆକଳନ କରାଯାଇଛି। ତେବେ କେବଳ ମିଧାଙ୍କର ବର୍ତ୍ତମାନର ସମ୍ପତ୍ତି ୨.୨ ବିଲିଅନ୍ ଡଲାର। ମିଧାଙ୍କ ମା'ବାପା ଦିଲ୍ଲୀର ମୂଳ ବାସିନ୍ଦା ହୋଇଥିବା ବେଳେ ଆମେରିକାର ନାଗରିକତ୍ୱ ଗ୍ରହଣକରି ରହୁଛନ୍ତି। ପୃଥିବୀର ସବୁଠୁ ଇନ୍‌ଫ୍ଲୁଏନ୍ସିଆଲ୍ ଟେକ୍ନୋଲୋଜି ହବ୍ ଭାବେ ପରିଚିତ କାଲିଫର୍ନିର ସାନ୍‌ଜୋସ୍‌ଠାରେ ପିଲାବେଳୁ ରହି ବଢ଼ିଥିବାରୁ ସେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହ ଜଡିତ ଥିଲେ, ଯାହାକି ତାଙ୍କୁ ଏହି ସଫଳତା ହାସଲ କରିବାରେ ବେଶ୍ କାମରେ ଆସିଲା। ସେ ଜର୍ଜଟାଉନ୍ ୟୁନିଭର୍ସିଟିରେ ପାଠପଢ଼ା ସମାପ୍ତ କରିଛନ୍ତି।

**ଲୁସି ଗୁଓ:** ମଣିଷର ସଫଳତା ଯେ କେବଳ ଡିଗ୍ରୀ ଉପରେ ନିର୍ଭର କରେ ତା' ନୁହେଁ, ବରଂ ସାହସ, ଉଦ୍ୟମ ଏବଂ ଠିକ୍ କାମ ପାଇଁ ସମୟର ସଦୁପଯୋଗ ଜଣଙ୍କୁ ସଫଳ କରିପାରେ ଏକଥାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ନିକଟରେ ଫୋର୍ବ୍ସ ସର୍ବକନିଷ୍ଠ ଧନୀ ଯୁବତୀ ତାଲିକାରେ ନିଜ ନାମ ସାମିଲ କରିଥିବା ଲୁସି ଗୁଓ। ଲୋକପ୍ରିୟ ସିଙ୍ଗର୍ ଟେଲର୍ ସ୍ୱିଫ୍ଟ ୩୬ ବର୍ଷ ବୟସରେ ଏହି ତାଲିକାରେ ନାମ ସାମିଲ କରିଥିବା ବେଳେ ଲୁସି ନିଜସ୍ୱ ଉଦ୍ୟମରେ ମାତ୍ର ୩୦ ବର୍ଷ ବୟସରେ ୧.୩ ବିଲିୟନ୍ ଆମେରିକୀୟ ଡଲାର (ପ୍ରାୟ ୧୧,୪୪୫ କୋଟି ଟଙ୍କା)ର ସମ୍ପତ୍ତିର ମାଲିକାଣୀ ହୋଇ ତାଙ୍କ ରେକର୍ଡ ଭାଙ୍ଗିବାରେ ସଫଳ ହୋଇପାରିଛନ୍ତି। ଚାଇନାର ମୂଳବାସିନ୍ଦା ଏବଂ ପରେ ଆମେରିକାରେ ରହୁଥିବା ଏକ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ। ପିଲାବେଳୁ ନିଓପେଟ୍ସ ନାମକ ଏକ ମୋବାଇଲ୍ ଗେମ୍‌ରେ ଭର୍ଚୁଆଲ୍ ଆଇଟମ୍ ଏବଂ କରେନ୍ସି ବିକି ପ୍ରକୃତ ଟଙ୍କା ରୋଜଗାର ଆରମ୍ଭ କରିଦେଇଥିଲେ। ଧୀରେ ଧୀରେ କୋଡିଂ ଏବଂ ପ୍ରୋଗ୍ରାମିଂ ବି ଶିଖିଲେ। ଅଧିକ ପାଠ ପଢ଼ି ଚାକିରି କରିବା ଅପେକ୍ଷା ନିଜେ କିଛି କରି ଅଧିକ ରୋଜଗାର କରିବାର ନିଶା ତାଙ୍କ ଭିତରେ ସବୁବେଳେ ଥିଲା। ତେଣୁ ସେ କାର୍ନେଜି ମେଲନ୍ ୟୁନିଭର୍ସିଟିରେ କମ୍ପ୍ୟୁଟର ସାଇନ୍ସ ପଢ଼ା ଅଧାରୁ ଛାଡ଼ି ଥିଏଲ୍ ଫେଲୋଶିପ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ସେଠାରେ ଯୁବ ଉଦ୍ୟୋଗୀମାନଙ୍କୁ ନିଜସ୍ୱ କମ୍ପାନି କରିବା ଲାଗି ୨ ଲକ୍ଷ ଡଲାର୍ ଫଣ୍ଡିଂ ମିଳୁଥିଲା। ଏହି ଟଙ୍କା ବ୍ୟବହାର କରି ସେ ଟେକ୍ନୋଲୋଜି ଏବଂ ଷ୍ଟାର୍ଟଅପ୍ ଦୁନିଆରେ ପାଦ ଥାପିଥିଲେ। ସେ ଆଲେକ୍‌ଜାଣ୍ଡର ୱାଙ୍ଗ୍‌ଙ୍କ ସହ ମିଶି ୨୦୧୬ରେ 'ସ୍କେଲ୍ ଏଆଇ' ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ ଆରମ୍ଭ କରିଥିଲେ। ପରେ ସେ ଏହାକୁ ଛାଡ଼ି ୨୦୨୨ରେ 'ପାସେସ୍' ନାମକ ନିଜସ୍ୱ ଷ୍ଟାର୍ଟଅପ୍ କମ୍ପାନୀ ଆରମ୍ଭ କଲେ। ଏହା ଏକ କ୍ରିଏଟର୍ ମନିଟାଇଜେଶନ୍ ପ୍ଲାଟଫର୍ମ, ଯାହାକି କଣ୍ଟେଣ୍ଟ କ୍ରିଏଟର୍ସମାନଙ୍କ ମଧ୍ୟରେ ଖୁବ୍ ପ୍ରିୟ ପାଲଟିଛି।

**କୈବଲ୍ୟ ବୋହରା ଏବଂ ଆଦିତ୍ ପାଲିଚା:** କିଛି ଭିନ୍ନ କରି ରୋଜଗାର କରିବାର ଇଚ୍ଛା ପିଲାବେଳୁ ସେମାନଙ୍କ ଭିତରେ ଥିଲା। ଆଉ ଏହି ଆଗ୍ରହ ଓ ପ୍ରଚେଷ୍ଟା ବଳରେ ୨୦୨୪ରେ ପ୍ରକାଶ ପାଇଥିବା ହୁରୁନ୍ ରିଚ୍ ଲିଷ୍ଟ ରିପୋର୍ଟ ମୁତାବକ ଭାରତର ସବୁଠୁ ଯୁବ ଅରବପତିଙ୍କ ତାଲିକାରେ ନିଜ ନାମ ସାମିଲ କରିବାରେ ସଫଳ ହୋଇପାରିଛନ୍ତି ବେଙ୍ଗାଲୁରୁରେ ଜନ୍ମିତ କୈବଲ୍ୟ ବୋହରା(୨୧) ଏବଂ ମୁମ୍ବାଇରେ ଜନ୍ମିତ ଆଦିତ୍ ପାଲିଚା(୨୨)। ବର୍ତ୍ତମାନ କୈବଲ୍ୟଙ୍କ ସମ୍ପତ୍ତି ପ୍ରାୟ ୪,୪୮୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଆଦିତ୍‌ଙ୍କ ସମ୍ପତ୍ତିର ମୂଲ୍ୟ ୫,୩୮୦ କୋଟିରୁ ଊର୍ଦ୍ଧ୍ୱ ବୋଲି ଆକଳନ କରାଯାଇଛି। ଦୁଇଜଣ ପିଲାବେଳୁ ଏକାଠି ମୁମ୍ବାଇରେ ଏବଂ ପରେ ଦୁବାଇରେ ପାଠ ପଢ଼ିଥିଲେ। ପରେ କାଲିଫର୍ନିଆର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରେ କମ୍ପ୍ୟୁଟର ସାଇନ୍ସ ପଢୁଥିବା ବେଳେ କୋଭିଡ୍ ମହାମାରୀ ସମୟରେ ତାଙ୍କୁ ମୁମ୍ବାଇ ଫେରିବାକୁ ପଡ଼ିଥିଲା। ହେଲେ ସେମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିବା ଅପେକ୍ଷା ନିଜସ୍ୱ ବିଜ୍‌ନେସ୍ ଷ୍ଟାର୍ଟଅପ୍ କରିବାକୁ ନିଷ୍ପତ୍ତି ନେଲେ। ମହାମାରୀରେ ବାହାରକୁ ଯାଇ ଗ୍ରୋସେରି ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ କିଣିବାରେ ଲୋକଙ୍କୁ ଅସୁବିଧା ହେଉଥିବାରୁ କିଭଳି ଏସବୁ ସାମଗ୍ରୀ ସେମାନଙ୍କ ପାଖରେ ସହଜରେ ପହଞ୍ଚାଯାଇ ପାରିବ, ସେଥିପାଇଁ ଯୋଜନା କରିଥିଲେ। କଲେଜ ପାଠପଢ଼ା ଛାଡ଼ି ମାତ୍ର ୧୭ ବର୍ଷ ବୟସରେ ସେମାନେ ଆରମ୍ଭ କଲେ କିରାନାକାର୍ଟ ନାମକ ଏକ ଇ-ଶପିଂ ସାଇଟ୍। ୨୦୨୧ରେ ସେମାନେ ଏହାକୁ ପରିବର୍ତ୍ତନ କରି ଜିପ୍ଟୋ ନାମକ କ୍ୱିକ୍ କମର୍ସ କମ୍ପାନୀ ଆରମ୍ଭ କଲେ ଆଉ ମାତ୍ର ୧୦ ମିନିଟ୍‌ରେ ଗ୍ରାହକଙ୍କ ପାଖରେ ଗ୍ରୋସେରୀ ପହଞ୍ଚାଇଦେଲେ। ଉଭୟଙ୍କ ପରିବାର ସଦସ୍ୟ ଅଧାରୁ ପାଠପଢ଼ା ଛାଡ଼ିବାକୁ ନେଇ ଆଦୌ ରାଜି ନ ଥିଲେ। ହେଲେ ଜିପ୍ଟୋ ଲଞ୍ଚ୍ ହେବାର ମାତ୍ର ୫ମାସ ମଧ୍ୟରେ ୫୦୦ କୋଟିରୁ ଅଧିକ ରୋଜଗାର କରିବାରେ ସଫଳ ହୋଇପାରିଲା। ତେଣୁ ଧୀରେ ଧୀରେ ପିଲାମାନଙ୍କ ସଫଳତା ଦେଖି ଅଭିଭାବକ ମଧ୍ୟ ଖୁସି ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ସେମାନଙ୍କ କମ୍ପାନୀର ଆୟ ୫.୯ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱ ହୋଇସାରିଥିବା ବେଳେ ସେମାନେ ଭବିଷ୍ୟତରେ ଆହୁରି ଉନ୍ନତି କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ରୋଜଗାର ଯୋଗାଇଦେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି।


ସୂର୍ଯ୍ୟା ମିଧା


କୈବଲ୍ୟ ବୋହରା
ଆଦିତ୍ ପାଲିଚା
ଲୁସି ଗୁଓ

## ଏ ସପ୍ତାହର ପ୍ରଶ୍ନ ?

୧– ନିକଟରେ ଆବିଷ୍କୃତ ହୋଇଥିବା ଟାକିଡ୍ରୋମ୍ସ ଅଲ୍‌ଟ୍ରାପାନେସିସ୍ ଏକ ପ୍ରକାର .......... ପ୍ରଜାତିର ଜୀବ ?
୨– ଦି ପ୍ରେସିଜନ୍ ଷ୍ଟ୍ରାଇକ୍ ମିସାଇଲ୍ ......... ଦେଶ ଦ୍ୱାରା ନିର୍ମିତ ହୋଇଛି ?
୩– ଲୋ ଟେମ୍ପରେଚର୍ ଥର୍ମାଲ୍ ଡିସାଲାଇନେଶନ୍ ପ୍ରୋଗ୍ରାମ୍ .............. ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୪– ଭାରତ ନେଟ୍ ପ୍ରୋଜେକ୍ଟର ମୁଖ୍ୟ ଉଦ୍ଦେଶ୍ୟ .............. ?
୫– ଏଚ୍‌ଏମ୍‌ପିଭିର ଫୁଲ୍‌ଫର୍ମ ............... ?

## ଗତ ଥରର ଉତ୍ତର

୧ ଉପନଦୀ
୨ ତାମିଲନାଡୁ
୩ ତ୍ରିପୁରା
୪ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ
୫ ୨୦୧୪ ମସିହା

## ଉତ୍ତରଦାତା


ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର


ଅନ୍ନଦା ପ୍ରସାଦ ପଟ୍ଟନାୟକ,
କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ସର୍ବାଧିକ ହେଲିକପ୍ଟର ପ୍ରସ୍ତୁତକାରୀ

୧. ଏୟାରବସ୍ ହେଲିକପ୍ଟର୍ସ ........................ ଫ୍ରାନ୍ସ/ୟୁରୋପିଆନ୍ ୟୁନିଅନ୍
୨. ଲିଓନାର୍ଡୋ ହେଲିକପ୍ଟର୍ସ ...................... ଇଟାଲୀ/ୟୁନାଇଟେଡ୍ କିଙ୍ଗଡମ୍
୩. ବେଲ୍ ଟେକ୍ସଟ୍ରନ୍ ................................................ ଆମେରିକା
୪. ସିକର୍‌ସ୍କାଏ (ଲକ୍‌ହିଡ୍ ମାର୍ଟିନ୍)...................................... ଆମେରିକା
୫. ବୋଇଂ ଡିଫେନ୍ସ, ସ୍ପେଶ୍ ଆଣ୍ଡ ସିକ୍ୟୁରିଟି............................ ଆମେରିକା
୬. ରୁଷିଆନ୍ ହେଲିକପ୍ଟର୍ସ ............................................. ରୁଷିଆ
୭. ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ..................................... ଭାରତ
୮. ରବିନ୍‌ସନ୍ ହେଲିକପ୍ଟର କମ୍ପାନି ..................................... ଆମେରିକା
୯. ଆଭିଏଶନ୍ ଇଣ୍ଡଷ୍ଟ୍ରି କର୍ପୋରେଶନ୍ ଅଫ୍ ଚାଇନା....................... ଚାଇନା
୧୦. ଏମ୍‌ଡି ହେଲିକପ୍ଟର୍ସ ........................................... ଆମେରିକା

## ୟୁଥ୍ ଆଲର୍ଟ

# ଅଧିକ ସମୟ ଏସିରେ ରହୁଥିଲେ

**ଧୀରେ ଧୀରେ ଗରମ ବଢୁଛି, ଯେଉଁଥିପାଇଁ ଏସିର ବ୍ୟବହାର ବି ବଢ଼ିବା ଆରମ୍ଭ ହେଲାଣି। ଏମିତିରେ ବିଶେଷକରି ଯୁବପିଢ଼ି ଘରଠୁ କଲେଜ, ଅଫିସ୍ ଏବଂ ଗାଡ଼ି ପର୍ଯ୍ୟନ୍ତ ସବୁଠି ଏୟାର କଣ୍ଡିଶନର(ଏସି)ର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଅଧିକ ସମୟ ଏସି ବ୍ୟବହାର କରୁଥିଲେ କେତେକ ଦିଗ ପ୍ରତି ସତର୍କ ରହିବା ଜରୁରୀ...**

➤ ଅତ୍ୟଧିକ ଗରମ ବେଳେ ଏସିର ଥଣ୍ଡା ପରିବେଶରେ ରହିବାକୁ କାହାକୁ ବା ଭଲ ନ ଲାଗେ! ହେଲେ ଅଧିକ ସମୟ ଏସିରେ ରହିବା ପରେ ବାହାରକୁ ଗରମରେ ବାହାରିଲେ ହଠାତ୍ ଶରୀରର ତାପମାତ୍ରା ଅସନ୍ତୁଳିତ ହୋଇପଡ଼େ, ଯଦ୍ୱାରା ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।

➤ ଅଧିକ ସମୟ ଏସିରେ ରହିଲେ ନାକ ଶୁଖିବା, ପୋଡ଼ିବା, ବ୍ଲକ୍ ହେବା, ଗଳାରେ ଯନ୍ତ୍ରଣା ହେବା ଭଳି ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏହି ଆଲର୍ଜିକ୍ ରିଆକ୍ସନ୍ ଧୀରେ ଧୀରେ ଶ୍ୱାସଜନିତ ସମସ୍ୟାର କାରଣ ସାଜିପାରେ। ତେଣୁ ଅଧିକ ସମୟ ଏସିରେ ରହିବା ବିଶେଷକରି ପୂର୍ବରୁ କୌଣସି ଥଣ୍ଡା ଆଲର୍ଜି କିମ୍ବା ଶ୍ୱାସ ବା ଆଜ୍‌ମା ସମସ୍ୟା ଥିଲେ ଏହା କ୍ଷତିକାରକ ହୋଇପାରେ।

➤ ହେଲେ ଦୀର୍ଘ ସମୟ ଏସି ରୁମ୍‌ରେ ରହିବା ଦ୍ୱାରା ଶରୀରରୁ ଜଳୀୟାଂଶ ଖୁବ୍‌ଶୀଘ୍ର କମିଥାଏ। ଫଳରେ ଡିହାଇଡ୍ରେଶନ୍ ସମସ୍ୟା ଉପୁଜିପାରେ। ତେଣୁ ଏହି ସମସ୍ୟା ନ ହେବା ଲାଗି ଏସି ଟେମ୍ପରେଚର ବହୁତ କମ୍ ନ କରି ନର୍ମାଲ ରଖନ୍ତୁ ଏବଂ ମଝିରେ ମଝିରେ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

➤ ଅଧିକ ସମୟ ଏସିରେ ରହିବା ଦ୍ୱାରା ଡ୍ରାଏ ଆଇ ବା ଆଖି ଶୁଷ୍କ ହେବା ସମସ୍ୟା ଦେଖାଦିଏ। ଫଳରେ ଆଖି କୁଣ୍ଡେଇ ହୋଇ ଲାଲ୍ ପଡ଼ିଥାଏ। ଯେଉଁମାନଙ୍କଠାରେ ପୂର୍ବରୁ ଏଭଳି ସମସ୍ୟା ଥାଏ, ସେମାନେ ଏସିରେ ଅଧିକ ସମୟ ଆଦୌ ରହିବା ଠିକ୍ ନୁହେଁ, ନଚେତ୍ ସମସ୍ୟା ବଢ଼ିପାରେ।

➤ ସେହିପରି ଏସିରେ ଦୀର୍ଘ ସମୟ ରହିବା ଦ୍ୱାରା ମଶ୍ଚରାଇଜର କମିଯିବା ଦ୍ୱାରା ସ୍କିନ୍ ଡ୍ରାଏ ହୋଇଯାଏ। ଏଥିପାଇଁ ମଧ୍ୟ କାହା କାହାଠାରେ ତ୍ୱଚା କୁଣ୍ଡେଇ ହେବା ଭଳି ବିଭିନ୍ନ ଲକ୍ଷଣ ଦେଖାଦିଏ।

➤ କେବଳ ଏତିକି ନୁହେଁ, କାହା କାହାଠାରେ ଏସି ଯୋଗୁ ମୁଣ୍ଡବିନ୍ଧା, ମାଇଗ୍ରେନ୍ ଆଦି ସମସ୍ୟା ବି ଦେଖାଦେଇ ଥାଏ। ତେଣୁ ଏଭଳି ଅସୁବିଧା ଦୂର କରିବା ଲାଗି ଏସି ବ୍ୟବହାର କମ୍ କରନ୍ତୁ।



## ଜାଣନ୍ତୁ ଦୁନିଆ

# ଯେଉଁ ଗାଁରେ ପୁରୁଷ ପ୍ରବେଶ ମନା

**ପୃଥିବୀରେ ଏମିତି ଏକ ଗାଁ ରହିଛି, ଯେଉଁଠାକୁ ପୁରୁଷଙ୍କ ପ୍ରବେଶ ନିଷେଧ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏକଥା ସତ। ତେବେ ଉମଜା ନାମକ ଏହି ଗାଁଟି ରହିଛି କେନିଆର ସାମବୁରୁ ଅଞ୍ଚଳରେ। ଜାଣିବା ଏହା ସମ୍ପର୍କରେ ...**

➔ କେନିଆର ରାଜଧାନୀ ନାଇରୋବିଠାରୁ ୩୮୦ କିମି. ଦୂରରେ ଥିବା ଏହି ଗାଁ ସମଗ୍ର ପୃଥିବୀରେ ଏଭଳି ଏକ ଗାଁ, ଯେଉଁଠାରେ ଦୀର୍ଘ ୨୬ ବର୍ଷ ହେବ କେବଳ ମହିଳା ରହୁଛନ୍ତି।

➔ ୧୯୯୦ରେ ସମାଜସେବୀ ରେବେକା ଲୋଲୋସେଲିଙ୍କ ଦ୍ୱାରା ଏହି ଗାଁକୁ ବ୍ରିଟିଶ୍ ଯବାନଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ୧୪ ଜଣ ମହିଳାଙ୍କ ରହିବା ଲାଗି ବଛା ଯାଇଥିଲା। ସେବେଠୁ ପୁରୁଷପ୍ରଧାନ ସମାଜରେ ହିଂସାର ଶିକାର ହୋଇଥିବା ମହିଳା କିମ୍ବା ବାଲ୍ୟ ବିବାହ କରିଥିବା ମହିଳାମାନେ ରହି ଆସୁଛନ୍ତି। ବର୍ତ୍ତମାନ ଏଠାରେ ପ୍ରାୟ ୨୫୦ ଜଣ ମହିଳା ଏବଂ ସେମାନଙ୍କ ପିଲାମାନେ ରହୁଛନ୍ତି।

➔ ସେହି ମହିଳାମାନେ ଗାଁରେ ଥିବା ପାଠଶାଳା, ସାଂସ୍କୃତିକ କେନ୍ଦ୍ର ଏବଂ ସାମବୁରୁର ରାଷ୍ଟ୍ରୀୟ ଉଦ୍ୟାନକୁ ଆସୁଥିବା ପର୍ଯ୍ୟଟକଙ୍କ ଲାଗି କ୍ୟାମ୍ପିଂ ସାଇଟ୍ ଚଳାଉଛନ୍ତି। କେବଳ ଏତିକି ନୁହେଁ, ରୋଜଗାର ନିମନ୍ତେ ସେମାନେ ପାରମ୍ପରିକ ପୋଷାକ, ଆଭୂଷଣ, ହସ୍ତକଳା ସାମଗ୍ରୀ ପ୍ରସ୍ତୁତ କରି ଉମୋଜା ୱାସୋ ଓମେନ୍ସ କଲ୍‌ଚରାଲ୍ ସେଣ୍ଟରରେ ଏବଂ ୱେବ୍‌ସାଇଟ୍‌ରେ ମଧ୍ୟ ବିକ୍ରି କରିଥା'ନ୍ତି। ଏହି ସଂସ୍ଥାଗୁଡ଼ିକରୁ ହେଉଥିବା ନିୟମିତ ଆମଦାନୀରେ ସେମାନେ ଘରଖର୍ଚ୍ଚ ଚଳାଇଥାନ୍ତି।



➔ ଏଠାରେ ରହୁଥିବା ମହିଳା ପାରମ୍ପରିକ ପୋଷାକ ଓ ଆଭୂଷଣ ପିନ୍ଧିବା ବାଧ୍ୟତାମୂଳକ।

➔ ନିୟମ ଅନୁଯାୟୀ ଏଠାକୁ ପୁରୁଷ ବୁଲିବାକୁ ଆସିପାରିବେ, ହେଲେ ରହିବାର ଅନୁମତି ନାହିଁ। ଏମିତିକି ପିଲାବେଳୁ ନିଜ ମା'ଙ୍କ ସହ ରହି ଆସିଥିବା ପୁଅମାନଙ୍କୁ ମଧ୍ୟ ୧୮ ବର୍ଷ ହେବା ପରେ ଆଉ ଏଠାରେ ରହିବାର ଅନୁମତି ନାହିଁ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ